# ଲଷ କୁହୁଁର



ଡ଼ ବ ମହାପାତ୍ର

# ରଙ୍ଗ ନୁହେଁ ରସ

ନଂ ୦/୩୯
ତା ୧.୬.୮୦
ରାଉରକେଲା

ଦେବ ମହାପାତ୍ର

ପ୍ରଥମ ପ୍ରକାଶ—୧୧୦୦
ବର୍ଦ୍ଧନ—୧୯୫୮

ପ୍ରକାଶକ—

ଅଗ୍ରଦୂତ ସାହିତ୍ୟ ମନ୍ଦିର

ତେଲଙ୍ଗା ବଜାର, କଟକ-୧

ମୁଦ୍ରାକର—
ଗୌରମୋହନ ଦାସ
ଉଗର ପ୍ରେସ, କଟକ-୧

ପ୍ରଚ୍ଛଦ ଶିଳ୍ପୀ—
ଶ୍ରୀ ଦେବ ମହାପାତ୍ର

ପ୍ରଚ୍ଛଦ ମୁଦ୍ରଣ—
ଶତଦଳ ପ୍ରେସ
ତେଲଙ୍ଗା ବଜାର, କଟକ-୧

ପରିବେଷକ—

ସରସ୍ୱତୀ ପୁସ୍ତକ ଭଣ୍ଡାର

ବାଙ୍କାବଜାର, କଟକ-୨

ମୂଲ୍ୟ—ଦୁଇଟଙ୍କା ପଚସ୍ତରି ନୂଆପଇସା
ବନ୍ଧାଇ—ସସ୍ତଣ ନୂଆପଇସା ସ୍ୱତନ୍ତ୍ର

# ସୂଚୀ


| ବିଷୟ | ପୃଷ୍ଠା |
|---|---|
| ୧। ରଙ୍ଗ ନୁହେଁ ରସ ... ... | ୧ |
| ୨। ପ୍ରାଣଦା ... ... | ୧୩ |
| ୩। ପ୍ରେମ ପଥର ବାଧା ... ... | ୨୧ |
| ୪। ଅର୍ଥ ଅଉ ପ୍ରେରଣା ... ... | ୩୨ |
| ୫। ରାଜ୍ୟଲଭ ... ... | ୪୫ |
| ୬। ନଦୀର ଉତ୍ପତ୍ତି ଅର୍ଥାତ୍ ବ୍ୟୁତ୍ପତ୍ତି ... | ୫୬ |
| ୭। ଶ୍ରୀମାନ୍ ଗୋପାଳଚନ୍ଦ୍ର ... ... | ୬୫ |
| ୮। ଅନ୍ତ୍ରନାଡ଼ି ... ... | ୭୨ |
| ୯। ପ୍ରେମ ଓ ବିବାହ ... ... | ୭୫ |
| ୧୦। ଶିଳାଜିତ୍ ... ... | ୭୯ |
| ୧୧। କଳିଆ ଲେଢ଼ା ... ... | ୮୯ |
| ୧୨। ଶୁଭ ବିବାହ ... ... | ୯୯ |
| ୧୩। ମଧୁଶଯ୍ୟା ... ... | ୧୧୭ |
| ୧୪। ତମରି ପାଇଁ ଗୋ ପ୍ରିୟେ ... ... | ୧୨୪ |
| ୧୫। ସିଗାରେଟ୍ ... ... | ୧୩୦ |
| ୧୬। ଗୃହ ବିଜ୍ଞାନ ... ... | ୧୪୨ |
| ୧୭। କଲ୍କଲ୍ ବେନ୍ତ କଥା ... ... | ୧୫୦ |
| ୧୮। ବେକ୍‌ଗ୍ରାଉଣ୍ଡ ... ... | ୧୫୩ |
| ୧୯। ଶୀତ ଓ ସାହିତ୍ୟ ... ... | ୧୬୧ |
| ୨୦। ନବବର୍ଷର ସଙ୍କଳ୍ପ ... ... | ୧୭୩ |

# ରଙ୍ଗ ନୁହେଁ ରସ

ଅଫିସରୁ ଫେରି ଭରତ ବାବୁ ଭରଭର ହୋଇ ଘର ଭିତରକୁ ପଶିଗଲେ । ପହିଲେ ବେଞ୍ଚ ଉପର ଟ୍ରଙ୍କ, ବାକ୍ସ ସୁଟକେଶ ସବୁ ଦରାଣ୍ଡିଲେ, ତାପରେ ଅଣ୍ଟେଇ ପଡ଼ି ବେଞ୍ଚତଳ ପେଟେରା ସବୁ ଦେଖିସାରି ପାଟିକଲେ, "ହଇହେ କୋଉଟି ରହିଲ ସେଇଠା ?"

କିନା ବୋଉ ହାଣ୍ଡିଶାଳରେ କାମରେ ବ୍ୟସ୍ତ ଥିଲେ ।

"ହଇହେ ଶୁଣୁଚ, କୋଉଠି ରହିଲ ସେଇଠା ?"

"କୋଉଠା ? କଣ ଖୋଜୁଚ ? ବଅଁଶୀ ପରା ସେଇ ଖଟ ଉପରେ ଅଛି ।"

"ବଅଁଶୀ ନୁହେଁ । କାଲି ସେ ଯୋଉଠା ଆଣିଥିଲି, କୋଉଠି ରହିଲ ?"

"କୋଉଟା ?"

"ସେଇ ଯୋଉଟା ସକାଳେ ଏଠି ଥୁଆ ହୋଇ ନ ଥିଲା ?"

"ତାର ନାଆଁ ତ ଗୋଟାଏ ଥିବ । ସେଇ ଯୋଉଟା କହୁଚେ ମୁଁ କଣ ବୁଝିବି ?"

"ଆରେ ସେଇ ଯୋଉ ଟିନା ଭଳିଆ—ନୂଆଟା ।"

"ସେଇଟା ପଞ୍ଚା ବାପଟିଆ କଣ କରୁଥିଲ ସକାଳେ ?"

"ଲିନା ତ ଧରିଥିଲା ମୁଁ ଗଲିଗଲି ଅଫିସ । କୁଆଡେ଼ ଗଲା ଲିନା—ଏ ଲିନା— ଲିନୁରେ !" ଭରତ ବାବୁ ଦାଣ୍ଡପିଣ୍ଡାକୁ ଆସି ଲିନାକୁ ଡାକିଲେ । ଲିନା ପୋଲ ଉଡ଼ରେ ଗୋଡ଼ି ପଥରରେ ଖେଳୁଥିଲା । ବାପ ଡାକକୁ ତାର ଖାତର ନାହିଁ ।

"ଲିନୁ—ଅ—ଝଲେଇ ଅ—ଆଲୋ ଆସିଲୁ !"

ଲିନା ଆସିଲା ନି । ଭରତ ବାବୁଙ୍କୁ ଯାଇ ତାକୁ ଆଣିବାକୁ ପଡ଼ିଲା ।

"ସେଇ ଯୋଉଟା ଧରିଥିଲୁ ମା ସକାଳେ କୋଉଠି ରଖିଲୁ ?"

"କୋଉଟା ?"

"ସେଇ ଯୋଉ ଗିନାଟା ।"

"କୋଉ ଟିନା ମୁଁ ତ ନେଇ ନି !"

"ସେଇ ଯୋଉ ଗିନା ଭଳିଆ—ଝିଣିଝିଣି—କୋଉଠି ରଖିଲୁ ?"

"ମୁଁ ଛେଥିଲେ ପାଣି ପିଉଥିଲି, ଲକ୍ଷି ହୋଇଚି ଲୁଚେଇ କଲି ।"

"ଭୁଲିଲୁ କୋଉଥି ଲଖିଚୁ ଦବୁ ।"

ଲିନା ଯାଇ ଜାଗା ଦେଖାଇଦେଲା "ଏଇଥି ପଲ୍ଲ ଲଖିଛି ।"

ଶରତବାବୁ ଖୋଜି କହିଲେ "କାହିଁ ଏଠି ତ ନାହିଁ; କୋଉଠି ରଖିଛୁ ?"

"ନାଇଁ ତା ଉପଲେ ଲଖିଛି ।"

"କାହା ଉପରେ ?"

"ବାକଛ ଉପଲେ ଲଖି ଦେଇଛି ।"

"କେଉଁ ବାକ୍ସ, କାଇଁ ଏଠି ତ ନାହିଁ ?"

"ମୁଁ ପଲ୍ଲ ଗାଧୁଆ ଘଲେ ପାଣି ପିଉଥିଲି, ଲଖିଦେଲି ।"

"ଗାଧୁଆ ଘରେ ? କାହିଁ ? କୋଉଠି ରଖିଚୁ ଠିକ୍ କରି କହ, ନ ହେଲେ ବାନ୍ଧି କରି ବାଡ଼େଇ ପକେଇବି । କୋଉଠି ପକେଇଲା ତମେ ଟିକଏ ଦେଖିଲ ନି ।"

ଲିନା ବୋଉ କହିଲେ, "ଅଶୁକଥା କହୁଚ—ତମେ କଣ ମୋତେ ଜମା ଦେଇ ଯାଇଥିଲ ଯେ ସେ କଣ କଲା ମୁଁ ଦେଖି ଥାଆନ୍ତି ! କି ଜିନିସ ସିଏ ମୁଁ ଜମା ଦେଖି ନି । ସକାଳେ କଣ ଗୋଟାଏ ଚିନା ଭଳିଆ ତମରି ଆଗରେ ତ ଲିନା ଧରି ଖେଳୁଥିଲା । ମୁଁ ଭାବିଲି ଚିନା କଣ ଗୋଟାଏ ଦେଇଚ ତମେ ତାକୁ ଖେଳିବାକୁ । ସେଇଟା ଧରି ଦାଣ୍ଡକୁ ଯାଇଥିଲା, କୋଉଠି ପକେଇଚି ।"

"କୋଉଠି ପକେଇଲୁ ?"

"ମୁଁ ପାଣି ପିଉଥିଲି—ପକେଇ ଦେଲି ।"

"ଆଜିହୁଁ କେତେଟା ମିଛକଥା କହିଲାଣି ! ପିଲାଟା ଜିନିଷଟା ଧରି ଦାଣ୍ଡକୁ ଚାଲିଗଲା, ତମେ ତା ହାତରୁ ଛଡ଼େଇ ରଖି ପାରିଲ ନି ?"

"ଅଚ୍ଛା କଥା ତ, ଛଡ଼େଇ କରି ରଖି ଥାଆନ୍ତ କେମିତ— ତମେ କଣ ମତେ କହିଥିଲ ?"

"ପିଲାଟା ଗୋଟାଏ ଜିନିଷ ଧରି ଖେଳୁଚ—କଣି କଲ, କୋଉଠି ପକେଇଲ ତମେ ଦେଖିବ ନି ? ପାଞ୍ଚ ମିନିଟ ଦଶ ମିନିଟ ଖେଳିଲା ପରେ ତା'ଠୁ ଭୁଲେଇକରି ଜିନିଷଟା ରଖିଦେବା, ତା ତମଦ୍ୱାରା ହେଇ ପାରିଲା ନି ।"

"ଓହୋ କଣି କରିବି ? ଯାଙ୍କ ଯୋଗୁ ମୁଁ କି ହୀନସ୍ତା ହେବି ! ଆଲୋ କୋଉଠି ରଖିଲୁ କହ ?"

"ମୁଁ ପାନି ପିଉଥିଲି ହଟେଇ ଦେଲି ।"

"କୋଉଠି ହଟେଇଲୁ ଚାଲିଲୁ ଦେଖିବା !"

"ମୁଁ ବାଡ଼ିଲେ ଖେଳୁଥିଲି । ଚିନାବାଦାମ ବାୟା ଅଚ୍ଛୁଥିଲା । ମୁଁ ଚିନାବାଦାମ ଖାଇଲି ।"

"କୋଉ ଚିନାବାଦାମ ବାଲା ! କେତେଟା ତ ଅସନ୍ତି । ସେଇତ ଉଠେଇ ନେଇଚି । ହଇହେ କୋଉ ଚିନାବାଦାମବାଲା ଆସିଥିଲା ? ସେ ନିଶୁଆ ନା ଅଉ କିଏ ?"

"ମୁଁ ଚିନାବାଦାମ ଖାଏ ନି କି ନିଶୁଆ ପିଶୁଆ କାହାକୁ ଚିହ୍ନି ନି । ଚିନାବାଦାମବାଲା ତା ନାଆଁ ଠିକଣା ମତେ ଦେଇଯାଇଚି ଯେ କହିବି କିଏ ଆସିଥିଲା ? ତମେ ଏତେ ଖରାଟାରେ ସିଝି ସିଝି ଆସିଚ, ଅସ ଖିଅପିଅ କର ପୁଣି ଖୋଜିବ ।"

"ଖାଇବ ଛଡ଼ । ସେ କୋଉଠି ତାକୁ ପକେଇଲା ନ ମିଳିବାଯାକେ ମୋ ଖିଅପିଅ ବନ୍ଦ—ପର ଜିନିସ, ସଞ୍ଜବେଳକୁ ଆସିବ ନବାକୁ ।"

"କି ଜିନିସ, କଣ ସିଏ, ମୁଁ କଣ ଏତେବେଳେଯାଏ ଜାଣିଲିଣି !"

"ଅରେ ସେଇ ଗିନାଟା—ସେଇ ଗିନା ଭଳିଆ ଯୋଉଟା ଲାଗି ନ ଥାଏ ସାଇକେଲରେ, ଠିଣି ଠିଣି—ସେଇଟା ।"

"ସେଇଟା ପରା ତମର ହେଇଚି ଲାଗିଚି !"

"ସେଇଟା ନୁହେଁ, ସେଇଟା ନୁହେଁ । ସେମିତିଆ ଆଉ ଗୋଟାଏ, ନୂଆଟାଏ ଆଉ ଜଣକର ଅଣିଥିଲି ।"

"ତମର ତ ଗୋଟାଏ ଅଛି—ବାଜୁଚି । ଆଉ ଜଣକର ଅଣିଥିଲ କୋଉଥିପାଇଁ ?"

"ଅଣିଥିଲି ଚେଲରେ । କାହିଁକି ଅଣିଥିଲି ସବୁକଥା ତମକୁ କୈଫତ୍ ଦବାକୁ ହବ ନା କଣ ? ସେ ସଞ୍ଜବେଳକୁ ଆସିବ ନବାପାଇଁ ।"

"ଚେଲ ପାଇଁ ଅଣିଥିଲ, ଏଇଯିଣା ଚେଲ ବାହାରୁଚି—ଯାଅ । ପର ଜିନିସ ଘରେ ପୂରେଇଲେ—ବେଳ ଅସି ଦ'ଟା କୁ ଛନଠା ହେଲାଣି, ଭାତ ଶୁଖି ଭୁଜା ହେଲାଣି—ପର ଜିନିସ ଘରେ ପୂରେଇଲେ, ଏଯ୍ୟା ଲାଭ ।"

"ଲୋକ ଅଣିଲା ବୋଲି କଣ ଲୋକର ଦୋଷ ନା କଣ ? ନିଜର ପିଲାଟାକୁ ସମ୍ଭାଳିବା ନାହିଁ, ପିଲା ଉପରେ ଦୃଷ୍ଟି ନାହିଁ, ବାବୁଅଣୀ ହେଇ ବସି ସାଙ୍ଗସାଥିଙ୍କୁ ନେଇ ମିଟିଂ ଚାଲିଥିବ—ପିଲା ଚେତେଣେ ଯୁଅଡ଼େ ଯାଉ ଯାହା କରୁ ।"

"ହୋଉ ବାବୁଆଣୀ କରି ରଖିଚ ଜଣାନାଇଁ ଯୋଃ ଧ୍ୟାନ ନାହିଁ, ରାତି ନାହିଁ କାମ କରି କରି ଠେଙ୍ଗି ଛିଣ୍ଡିଲାଣି । ଦାସୀ ପୋଇଲି ପରି ବାସନ ମଜା, ପାଣି କଢ଼ା, ଲୁଗା କାଚ୍ଚ, ରନ୍ଧାବଢ଼ା, ଗୁହାଳ ପୋଛା, ଛୁଆ ନେଞ୍ଜରା କରୁ କରୁ ତ ମରିବାକୁ ଭର ନାହିଁ, ମୁଁ ମିଟିଂ କଲି କେତେବେଳେ ?"

"ଭୁମା ଦ'ଣ୍ଡା ମଣ୍ଡପରେ ତମକୁ ଦେଲି ଅଣ୍ଟି, ନି, ତମେ ସେମିତି ଘାରବାର ହୋଲି ! ମୁଁ ଥିଲାତକ ସବୁ ନେଞ୍ଜରି ଲାଗିଥାଏ, ମୁଁ ଗଲାଠଉଁ ଗୋଡ଼ ଉପରେ ଗୋଡ଼ ରଖି ବାବୁଆଣୀ ହୋଇ ବସିଥାଅ—ସେମିତି ଅଗଡ଼ାରେ ଛୁଡ଼ା ହେଇ ରହ ନା । କୋଉଟି ଅଛୁ ଖୋଜି ବାହାର କର !"

"ଏଇଟି ଏଇଟି ତ ସବୁ ଖୋଜି ସାରିଲିଣି ଆଉ ଖୋଜିବି କୋଉ ଗାତରେ ? ଝିଅ ଖେଳୁଥିଲା ଦାଣ୍ଡରେ, କୋଉଟି ପକେଇଥିବ, କିଏ ନେଇଗଲା ଆଉ ମିଳିବ କୋଉଠୁ ? ଆଗେ କାହାକୁ ଦେଲ, କୋଉଟି ପକେଇଲ ?"

"ମାଆ ସାଆନ୍ତାଣୀ ଘରେ ଖୁସି ଗପରେ ମାତିଚନ୍ତି ଝିଅ ଘର ଉଜାଡ଼ି କାହାକୁ ଦେଇଦେଲେ ତାଙ୍କର ହୋଲେ ନା ଡୋଲେ ?"

"ସେମିତି ଗୁଡ଼ାଏ ମିଛରେ କୁହ ନା । ପର ଜିନିସ ଘରେ ପୁରେଇଥିଲ, ହଜି ଯାଇଚି । କିଣିକରି ତ ଦବ ଆଉ ଏମିତି ଝୁଲ୍ଲାଠାରେ ରାଗି ହେଲେ କଣ ହବ ?"

"କିଣିକରି ଦେବି ! ବାଃ, ନବାବ ଘର ଝିଅ ! ଟଙ୍କା କଣ ଗଛରେ ଫଳୁଚି କି ? ସେ ଗିନାଟା ତିନିଟଙ୍କା କି ଚାରିଟଙ୍କା ହେଇଥିବ ।"

"କିଣିକରି ନ ଦେଲେ ତ ଭମଟି ତାକୁ ଦବ ଆଉ କରିବ କଣ ?"

"ମୋର ପୁରୁଣାଟା, ତାର ବାବାକୁ ନୂଆ । ସେ ମୋର ନବ କାହିଁକି ? ଆଉ ତାକୁ ଦେଲେ ମୁଁ କରିବ କଣ ?" ସାମନାରେ ରୁଣ୍ଡ ହୋଇଥିବା ପିଲାମାନଙ୍କ ଆଡ଼କୁ ଚାହିଁ ଭରତ ବାବୁ କହିଲେ—"ଅରେ ଟୁଆମାନେ, ଅଜି ଲିନା ଉମ ସାଙ୍ଗରେ

ଖେଳୁଥିଲ, ସେଇ ଘୋଡ଼ ଟିନା ଭଳିଆ ଧରିଥିଲ କିଏ ନେଇଛି କହିଲ ?"

ନାହିଁ ଲିନା ତ କିଛି ଧରି ନ ଥିଲା—ତା ହାତରେ କିଛି ନ ଥିଲା—ଅମେ ଦେଖିନୁ—ଅମେ ନେଇନୁ ।"

ଲିନାବୋଉ କହିଲେ, "ଆଲେ ଲିନା, ଭଲଗଡ଼ ଅଛୁ ଯଦି କାହାକୁ ଦେଇଛୁ କହ—କହିଲେ ପାଟି ପିଟୁନି—ଚଟକଣା-ଠାଏ ପକେଇବ ଯେ—"

"ମୁଁ ଖେଲୁଥିଲି, ଟିନାବାଦାମବାଯ୍ଯା ଆସିଥିଲା—ବାଯ୍ଯା ନେଇଯିବ ବୋଲି ଲୁଚେଇ ଦେଲି ।"

"କୋଉଠି ଲୁଚେଇ ଦେଲୁ ?"

"ମୁଁ ପାନି ପିଉଥିଲି ହଜିଗଲା ।"

"କୋଉଠି ହଜିଲା—କାହାକୁ ଦେଲୁ—କୋଉଠି ପକେଇଲୁ ?" ପରମୁହୂର୍ତ୍ତରେ ଭରତ ବାବୁଙ୍କ ମୁହଁକୁ ଚାହିଁ ଲିନାବୋଉ କହିଲେ—"ଭାତଗୁଡ଼ା ପରା ଶୁଖିଗଲା—ମୁଁ ପଖାଳ ଢାଳିଛି—ଆସ ଗଣ୍ଡେ ଖାଇବ—ଦହି ପକାଇ କାଗଜି ଦେଇ ଖାଇବ ।"

"ଖାଇବା କଥା ପଡ଼ିଛି ଆଗ—ପର ଜିନିଷ ଆଜି ଠିକଲୁ ସିଏ ଆସିବ, ନୂଆ ସାଇକେଲ ତାର—କାହାକୁ ହାତ ମାରିବାକୁ ଦିଏ ନା । ମୁଁ ଗେଲରେ ନେଇ ଆସିଥିଲି ଟିନାଠୁ, ସେ ଆସି ପଚାରୁଥିବ ଯଦି ମୁଁ କଣ କହିବି ? ମଣିଷ ଏଗୁଡ଼ାକୁ ନେଇ କି ଜଞ୍ଜାଳରେ ପଡ଼ିଲା । ଘରଣୀ ଘର ସମ୍ଭାଳିବନି !"

"ପର ଜିନିଷ ଆଣି ଛୁଆ ହାତରେ ଦେବ, ସେଥିରେ ମୋର ହେଲା ଦୋଷ ? ମୁଁ ତ ଏଇଠି ଏଇଠି ସବୁ ଖୋଜି ସାରିଲିଣି—ଘର ଭିତରେ ଥିଲେ ଆଜି ମିଳନ୍ତା ନାହିଁ ?"

"ମୁଁ ଯାଉଚି ସେ ଚିନାବାଦାମବାଲାକୁ ଦେଖେ । କିଏ ଆସିଲେ କହିଦବ ମୁଁ କାମରେ କୁଆଡ଼େ ଯାଇଚି । ମଣିଷ କି ଜଞ୍ଜାଳରେ ପଡ଼ିଲା !" ଭରତ ବାବୁ ସାଇକେଲରେ ବସି ବାହାରି-ଗଲେ ।

ଲିନା ବୋଉ ପହଞ୍ଚିଲେ ଲିନା ଉପରେ ଦି ଗୁରିଣ୍ଡା କଷିଦେଇ କହିଲେ—"ଆଲୋ ଛତରଖାଇ କାହାକୁ ଦେଲୁ—କୋଉଟି ପକେଇଲୁ ? କହିଲେ ପାଟି ଫିଟୁ ନା । ସ୍ବୈରଣୀ ଠାକୁରାଙ୍କ ସାଙ୍ଗରେ ଖେଳୁଚୁ ଯେ ସେମାନେ କୋଉ ଛଟେକରେ ଆଖିରୁ କଜଳ ନେଇଯିବେ ଜାଣି ପାରିବୁନି । ଆଜି ଦିନେ ଘରୁ ପଦ ପାଦ କାଢ଼ିଚୁ ତତେ ମାରି ମାରି ମାରି ପକେଇବି ।"

ଲିନା ଉପରେ ଦୁମଦାମ କରି ଆହୁରି ପାଞ୍ଚ ଦଶଟା ବସିଲା । ଲିନା ଭେଁ ଭେଁ ହୋଇ ରଡ଼ି ଛାଡ଼ିଲା ।

"କାନ୍ଦୁରୁ କଣ ବା ! କଣ କଲୁ ବତା, କି କେଉଁଟି ରଖିଚୁ କହ—ନ ହେଲେ ଏଇକ୍ଷଣି ତୋ ଛଣ୍ଟିରେ ଚୁଡ଼ା ହେଇଯିବ । ଆଉ ଥିବୁ ନା ଏତେ ଦହଗଞ୍ଜ କରୁଥିବୁ ?" ପୁଣି ମାଡ଼ ।

ଲିନା ପାଟିରେ ସାଇପଡ଼ିଶା ମାଇପେ ରୁଣ୍ଡ ହୋଇଗଲେ । "ପିଲାଟାକୁ ମାରି ମାରି ଦରମରା କରି ସାରିଲଣି, କଥା କଣ ? ଏମିତ କଂସେଇ ଭଳିଆ ମାରୁଚ କାହିଁକି ? ପିଲାଟା ହୋଲମାରି କଳାକାଠ ପଡ଼ିଗଲାଣି ।"

"ମରୁ ସିଏ । ଆଜି ତାର ଦିନେ କି ମୋର ଦିନେ ।"

"ଆଲୋ ନାନୀ, କଥା କଣ, ଅଜ୍ଞାନ ବାଳୁତଟା ।"

"ଆଲୋ ସେ ଯୋଉ ଚିନା ଭଳିଆଟାଏ, କାହାକୁ ଦେଇଦେଲା, କହିଲେ କିଛି କହୁନି ।"

"ଚିନା ଭଳିଆ କଣ ବା—ପରଷୁଣିଟାଏ ?"

"ଅଲେ ନାହିଁ; ସେ ଯୋଉ ସାଇକେଲରେ ଲଟେଗନ ଟିନା ଭଲଅ, ଟିଣିଟିଣି—ଘଣ୍ଟି; ସେଥିରୁ ଗୋଟାଏ କାହାର ଘିନାକର ଅସିଥିଲେ—ଏ ଗୁଣମଣି ଖେଳୁଥିଲେ; କୋଉଠି ପକେଇ ଦେଲ କିଏ ନେଇଗଲା। ଅଉ ପାଇବା କୋଉଠୁ! ସେଠୁ ଖରାରେ ଅସି ଅଖିଆ ଅପିଆ ଖୋଜି ଖୋଜି ଥକିଲେ। ଏଇକ୍ଷିଣା ନ ଖାଇ ନ ପିଇ ଯାଇଚନ୍ତି।"

"କୋଉଠିକି ଯାଇଚନ୍ତି ?"

"ସେ କୋଉ ଚିନାବାଦାମବାଲା ଅସିଥିଲା—କାଲେ ନେଇଥିବ ପଗୁରବେ—କି ଅଉ କୋଉଠିକି ଗଲେ, ସେ କଣ କେବେ କିଛି କହନ୍ତି ନା ରାଗବେଲେ କହୁବେ ?"

"ଏଇଲେ କଣ ହେବ ?"

"ହବ କଣ—ଗାଳି ଖାଇବି ମୁଁ। ଗୁରୁବାର ରାଗରୁଷା ଲୋକ ଉପାସରେ କଲବଲ ହବୁ। ଅଉ କଣ! ଝିଅ ଗଣ୍ଡାଏ ଅପୁର୍ବ ହେଇଚି ଯେ ଘର ଜିନିସ ପରକୁ ଠେକିଦବ। ସେଦିନ ସେମିତି ଫାଉଣ୍ଟେନ୍‌ଟାଏ କାହାକୁ ଦେଇଦେଲା ଯେ ଅଉ ମିଳିଲା ନା। ଝିଅକୁ ତମେ ଅଳଝ କରୁନ। ଯାହା ଯଉଁଠି ତମେ ତା ହାତକୁ ବଢ଼େଇଦବ ଅଉ ହଜିଲାବେଳକୁ ମୋର ଦୋଷ, ମୁଁ କୁଅଡ଼େ ଗୋଡ଼ରେ ଗୋଡ଼ ରଖି ମିଟିଙ୍ଗ କରୁଚି।"

"ରାଗବେଲେ କଣ କହୁଦେଲେ ତାକୁ ଅଉ ଧରିଲେ ହବ! ଯା ରାନ୍ଧବାଢ଼ି ରଖ, ଦିନଯାକ କେହି ଖାଇନ!"

ସାଇଯାକ ଖବରଟା ରାଷ୍ଟ୍ର ହେଇଗଲା—ଚିନାବାଦାମବାଲା ଘଣ୍ଟି ଟିନା ନେଇ ପଳେଇଚି—ଲିନା ମାଡ଼ ଖାଇଚି। ତାଙ୍କ ଘରେ ଅଗ୍ନି ଚୁଲ୍ଲି ଜଳୁ ନି। ତାପରେ କାହାର ଗାମୁଛା, କାହାର ଲୋଟା ଦାଣ୍ଡରୁ କିଏ କେବେ ନେଇ ଯାଇଥିଲା, ସାଇରେ କିଏ କିଏ

ଶ୍ରେଣୀ, କଏ ନେଇ ଯାଇଥିବାର ସମ୍ଭାବନା; ସବୁ ଗରମାଗରମ ଆଲୋଚନା ରାତି ଘଣ୍ଟାଏ ଦ୍ୱ’ ଘଣ୍ଟା ପର୍ଯ୍ୟନ୍ତ ସାଇକେଲଙ୍କୁ ବେଶ ଆନନ୍ଦର ଖୋରାକ ଯୋଗାଇଲା ।

ବହୁତ ରାତିରେ ଭରତବାବୁ ଘରକୁ ଫେରିଲେ । ଚିନାବାଦାମବାଲାର କୌଣସି ସନ୍ଧାନ ମିଳିଲା ନା । ଯୋଉ ଚିନାବାଦାମବାଲାଙ୍କୁ ଭେଟିଲେ ସେମାନେ ଯୁାଙ୍କ ସାଇଅଡ଼େ ଆସନ୍ତି ନା । ସାଇକେଲ ଦୋକାନୀମାନେ ସ୍ପଷ୍ଟ କହିଦେଲେ, ତମେ ଯଦି ପୁରାଟା ନବ ନିଅ, ଆମେ ଉପର କପ୍ କି ତଳ ଯନ୍ତ୍ର ଅଲଗା ଅଲଗା ଦେଇ ପାରିବୁ ନା । ଦୋକାନୀଙ୍କୁ ବହୁତ କହିଲେ ଯେ ମୋର ଖାଲି ବେଲ୍ କପ୍ ଦରକାର—ଯନ୍ତ୍ର ତ ରହିଛି, ଆଉ ଗୋଟାଏ ଯନ୍ତ୍ର ଅକାରଣ ହେବ ସିନା । କପ୍‌ଟା ହଜିଯାଇଛି, କପ୍‌ଟାଏ ଦିଅ । ଦୋକାନୀ କହିଲା—ଏକା ଦାମ ପଡ଼ିବ, ଖାଲି ଉପରଟା ନିଅ କମ୍ବା ଉଭୟ ନିଅ ।” ସେଥିଯୋଗୁ ନିରସ୍ତ ହେଲେ । ସାଙ୍ଗେଲୋକଟି ଆସିବା ଟାଇମ୍ ଗତ ହେଲା ପରେ ବହୁତ ରାତିରେ ଫେରିଲେ, ମନରେ କ୍ଷୀଣ ଆଶା ଥିଲା—କାଳେ ଲିନାବୋଉ ଖୋଜାଖୋଜି କରି ପାଇଥିବ--ଆଉ ଯଦି ନ ପାଇଥାଏ, ତେବେ କାଲି ଜଣାପିବ ।

ଘରେ ଆସି କବାଟ ଧଡ଼ ଧଡ଼ କରି ଲିନାକୁ ଡାକ ପକେଇଲେ । ଲିନାବୋଉ ଉଠିଆସି କବାଟ ପିଠାଇଦେଲେ । ଭରତ ବାବୁ ପଚାରିଲେ—“କଣ ମିଳିଲା ?”

“ନାହିଁ ।”

ସାଇକେଲ ରଖିଦେଇ କବାଟ ବନ୍ଦକରି ଭରତ ବାବୁ ସିଧା ବିଛଣା ଉପରେ ଯାଇ ଲମ୍ବ ହେଇଗଲେ ।

ଧନଯାକ ଖଟାଖଟରେ ବୁଲି ବୁଲି କଳା ପଡ଼ି ଯାଇଚନ୍ତି । ଲିନା ବୋଉ ଖଟକଡ଼ରେ ଠିଆ ହୋଇ କହୁଲେ—"ଭାତ ବଢ଼ା ହେଲଣି, ଆସ, ଉଠ—"

"ମୁଁ ଅଜି କିଛି ଖାଇବି ନା ।"

"ଅସମ !"

"ମୁଁ କିଛି ଖାଇବି ନା, ଯାଅ, ମତେ ବିରକ୍ତ କର ନା ।"

ଲିନା ବୋଉ ବୈଠକ ଘର ବନ୍ଦବାନ୍ଧ କରି ଆସି ଖଟ ଉପରକୁ ନ ଯାଇ ଲିନା ଖଟ ତାଙ୍କ ଖଟ ମଝିରେ ମସିଣା ପାରି ଶୋଇଲେ ଭୂଇଁରେ । କାହାରି ମୁହଁରେ କିଛି କଥା ନାହିଁ- କେତେବେଳେ ଲିନା ବୋଉ କହିଲା—"ତମର କିଏ ସାଙ୍ଗ ଜଣେ ଆସି ସଞ୍ଜବେଳେ ଦୁ' ଥର ଖୋଜି ଯାଇଚନ୍ତି ତମକୁ ।" ଭରତ ବାବୁ ହଁ ହୁଁ ଜବାବ ଦେଲେ ନା । ଲିନା ବୋଉ କଡ଼ ଲେଉଟେଇ ଶୋଇଲେ । କେତେବେଳଯାଏ ବିଛଣାରେ ପଡ଼ି ପଡ଼ି ନିଦ ହୋଇ ଯାଇଚି ଦୁ' ଜଣଙ୍କୁ—ରାତି ଅଧରେ ନିଦ ଭାଜିଲାରେ କଡ଼ ଲେଉଟେଇ ଭରତବାବୁ ତକିଆଟା ନେଇ କୁଣ୍ଢେଇ ଶୋଇବାକୁ ଚେଷ୍ଟା କରୁଥିଲାବେଳେ ତାଙ୍କ କହୁଣୀରେ ବାଜିଲା ଗୋଲ ହୋଇ ଗୋଟାଏ ଠାଣ ପଦାର୍ଥ । ତାଙ୍କ ନିଦ ଝୁଜୁଁକିନା ଭାଜିଗଲା—ବତୀ ମିଞ୍ଜି ମିଞ୍ଜି ଜଳୁଚି । ଲିନା ବୋଉ ଅଚେତା ହୋଇ ତଳେ ଶୋଇଛନ୍ତି । ବିଛଣାରେ କିଛି ଦିଶୁନାହିଁ —ଭରତ ବାବୁ ବିଛଣା ଚଦର ଟେକି ଅନ୍ଧାରିଆ ହାତ ବୁଲେଇଲେ ।

ଟନ୍ ଠଣ୍ ଠଣ୍ । ଗୋଟାଏ ବସ୍ତୁ ଖଟ ଉପରୁ ହଠାତ୍ ତଳେ ପଡ଼ିଯାଇ ଲିନା ବୋଉର ନିଦ ଭାଙ୍ଗିଦେଲା ।

ବଣୀ ଠେକି ଲିନା ବୋଉ ସେଇ ପଦାର୍ଥଟା ଅଡ଼େ ହାତ ବଢ଼ାଇ ଧରିଲାବେଳକୁ ଖଟ ଉପରୁ ଆଉ ଗୋଟାଏ ହାତ ତାହା ଧରିବା ପାଇଁ ପହଞ୍ଚିଥିଲା ।

ତାପରେ ସିନେମା ଭଳିଆ—

ଦାଦାହୁଁ ମିଶି ଅତି ଆଗ୍ରହରେ ସେଇ ଟିଣ୍‌ଟିଣ୍‌କୁ ଧଇଲେ— ଦାଦୀଙ୍କ ମୁହଁରେ ହସ—

''କ'ଣ ଟିକେ ଖାଇବାକୁ କରିଦେବି ?'' ଲିନା ବୋଉ ପଚାରିଲେ ।

''ଦିଅ ।''

# ପ୍ରାଣଦା

"ପ୍ରାଣଦା" । ପ୍ରାଣଦା ଶୁଣିଲେ ଆପଣ ନିଶ୍ଚୟ ମନେ-କରୁଥିବେ ମୁଁ ଆପଣଙ୍କୁ ମ୍ୟାଲେରିଆ ଠାରୁ ବଞ୍ଚିବା ପାଇଁ ବୈଦ୍ୟନାଥ ପ୍ରାଣଦା 'ବ୍ୟବହାର' କରିବାପାଇଁ କହିବି । ମୋର ଉଦ୍ଦେଶ୍ୟ ତା ନୁହେଁ । ତା' ଛଡ଼ା ଆମର ସମସ୍ତ ଦୈନିକ ପତ୍ରିକା-ମାନେ ବଡ଼ ବଡ଼ ଅକ୍ଷରରେ ସର୍ବସାଧାରଣଙ୍କୁ ତାହା ଥରକୁଥର ଜଣାଇ ସାରିଲେଣି । ବର୍ତ୍ତମାନ ସାଧାରଣ ଲୋକେ ବେଶ୍ ଜାଣିଲେଣି ଯେ, 'ମ୍ୟାଲେରିଆ'ଠାରୁ ବଞ୍ଚିବାକୁ ହେଲେ ବାସସ୍ଥାନ ନିକଟ 'ବିଲ'ମାନ ଭରିବାକୁ ହେବ । 'ଅବନ୍ଧି' ଜଳରେ ମଶା ନାଶିବାକୁ 'ତେଲ' ପକାଇବାକୁ ହେବ । 'ଶୋଇବା' ବେଳେ ମଶିଣି ବ୍ୟବହାର କରିବାକୁ ହେବ । ତଥା ଏପରି 'ସ୍ଥଳ'ରେ ଯଦି ମ୍ୟାଲେରିଆ ଆକ୍ରାନ୍ତ ହୁଅନ୍ତି, ତେବେ ମ୍ୟାଲେରିଆ ଜ୍ୱରର ଅତି-

ଉତ୍ତମ ଓ ଅତି ସୁଲଭ ବୈଦ୍ୟନାଥ ପ୍ରାଣଦା ବ୍ୟବହାର କରିବେ ।

କଟକ ମଫସଲ ମ୍ୟାଲେରିଆ ଯାଗାରେ ମୋ ଘର । ଥରେ କଟକରେ ଜଣେ ବନ୍ଧୁଙ୍କୁ କହିଲି, "ଯାହାହେଉ ଦେଶରୁ ମ୍ୟାଲେ-ରିଆ ଦୂର କରିବା ପାଇଁ ଖବରକାଗଜମାନଙ୍କର ଉଦ୍ୟମ ପ୍ରଶଂସନୀୟ । ତେବେ ଏହି ଉପଦେଶମାନଙ୍କରୁ ଅନେକ କଥା ଓଡ଼ିଆରେ ଲେଖା ହେଲେ କଣ ହେଲା ମୁଁ ବୁଝିପାରୁନି । ଯେମିତି କି—ମ୍ୟାଲେରିଅ, ବାସସ୍ଥାନ ନିକଟରୁ, ବିଲ, ଅବଦ୍ଧ ଜଳ, ମଶା ନାଶିବା ତେଲ ।"

ବନ୍ଧୁ କହିଲେ "ଏତ ଅତି ସହଜ । ଯାକୁ ବୁଝିପାରୁ ନାହାନ୍ତି କେମିତି ? 'ତେଲ' ଈପ୍ସିତ ତେଲ । ଆଜିକାଲି ଖାଦ୍ୟ ସାର ନ ଥାଇ ବାରମିଶା ତେଲ ବାହାରୁଥିବାରୁ ଦେଶି ଅକ୍ଷରଟିର ଯାର, ଯେ ଲାଙ୍ଗୁଡ଼ ସେଇଟିକୁ କାଟି ଦିଆ ଯାଇଛି । ସେଥିଯୋଗୁ ତେଲ କହିଲେ ଖାଦ୍ୟସାର ରହିତ ତେଲ ବୁଝାଏ । ମ୍ୟାଲେରିଅ କହିଲେ ମ୍ୟାଲେରିଆ ବୁଝାଏ । ମାଲଅଞ୍ଚଳରେ ଏ ରୋଗର ପ୍ରାବଲ୍ୟ ଅଧିକ । ଏ ରୋଗରେ ଶୀଘ୍ର ଲୋକେ ମଲ୍ଲ ହୋଇ ପଡ଼ୁଥିବାରୁ କବି ରୋଗଟିକୁ ମ୍ୟାଲେରିଆ ନ କହି ମ୍ୟାଲେରିଅ କହୁଛନ୍ତି । ଯେପରି କି ଗୋଟିଏ ଶବ୍ଦରୁ ରୋଗର ଦେଶକାଳପାତ୍ର ବିଷୟରେ ସମ୍ୟକ ଧାରଣା କରାଯାଇ ପାରିବ । ଇଙ୍ଗିତ, ଇମ୍ପ୍ରେସନିଷ୍ଟ ଅର୍ଥ, ସଙ୍କ୍ଷିପ୍ତ ଅର୍ଥ ନାନା କଥାରେ ଭାଷା ଆଗେଇ ଚାଲିଛି । ଆପଣ ମଫସଲରେ ରହୁଛନ୍ତି ବୋଲି ବୁଝିପାରୁନାହାନ୍ତି । ଟିକିଏ ଚେଷ୍ଟା କଲେ ଚଟ୍ କରି ଧରି ନେବେ ।"

ମୁଁ ଠିକ୍‌ଏ ରେଷ୍ଟାକଣ୍ଠ ଚଢ଼ି ଧରିନେଇ କହିଲି—"ବାସସ୍ଥାନ ନିକଟ୍ରୁ ବଲ ଉରିଦିଅନ୍ତୁ"ର ଅର୍ଥ ବୋଧହୁଏ ଘରପାଖରୁ ବଲ ସବୁ ପୋଡ଼ି ପକାନ୍ତୁ ।

ବନ୍ଧୁ ଦୁଃଖୀ କରି କହିଲେ, "ନା ହେଲନାହିଁ, ଏଠି ବଲର ଅର୍ଥ ବଲ ନୁହେଁ ।"

"ତା ହେଲେ ବଲ କଣ ?"

"ବଲ ହେଉଛି ଗାଡ଼ ।"

"ଗାଡ଼ ?"

"ହଁ ଲିପଟନଙ୍କ ଗାଡ଼ ।"

"କାହା ଗାଡ଼ ?"

"ଲିପଟନଙ୍କ ଗାଡ଼ ।"

ମୁଁ ହତାଶ ହୋଇ କହିଲି, "ଭାଇ ବୁଝିପାରୁ ନି । ମଫସଲରେ ରହିବା ଭିତରେ ଭାଷା ବହୁଦୂର ଅଗେଇ ଗଲଣି । ମୁଁ ଦୌଡ଼ି ଦୌଡ଼ି ସେ ଯାକେ ପହଞ୍ଚି ପାରୁନାହିଁ । ଲିପଟନଙ୍କ ଗାଡ଼ କଣ ମୋତେ ନ ବୁଝେଇଲେ ହେବନାହିଁ ।"

ବନ୍ଧୁ ଭାବାବସ୍ଥା ପରି କହି ଉଠିଲେ "ଗାଡ଼ ସୋନାଲି ରଙ୍ଗର୍ହି ।"

ମୋର ମୂର୍ଖତା ଦୂର କରିବା ପାଇଁ ବନ୍ଧୁଙ୍କୁ ଅଉ ବିରକ୍ତ କଲି ନାହିଁ । ବନ୍ଧୁ କନ୍ତୁ ବୁଲିଗଲାବେଳେ ଗୁଣ୍ଡିଅ ଦୋକାନରେ ମରା ହୋଇଥିବା ଗୋଟାଏ ପୋଷ୍ଟାର ଦେଖାଇଦେଇ ବୁଝାଇ ଦେଇଥିଲେ ଯେ, "ଲିପଟନଙ୍କ ଗାଡ଼ ସୋନାଲି ରଙ୍ଗର୍ହି"ର ଅର୍ଥ ଲିପ୍‌ଟନଙ୍କ ଗାଢ଼ ସୁନେଲି ରଙ୍ଗର ଚା । ଆମେ ଦୋକାନରେ ଜଳଖିଆ କଲୁ । ଚା ପିଇଲୁ । ଚା'ଟା ଭଲ ହୋଇ ନଥିଲା । ମୁଁ କହିଲି, "ଏତେ ବାଜେ ହୋଇଛି ଚା'ଟା ନ ପିଇଥିଲେ ଭଲ ହୋଇ-

ଥାଅନ୍ତା ।" ବନ୍ଧୁ ଜବାବ ଦେଲେ, "ଏ ତ ଗୁଁ ନୁହେଁ, ଇଏ ହଳଦି ରି-ଗାଢ଼ ସୋନାଲି ରଙ୍ଗରରି ।" ବନ୍ଧୁଙ୍କ ସହିତ ଏକମତ ହେଲି । ବାସ୍ତବିକ୍ ଗୁଣ୍ଠା ସେମିତି ଲାଗୁଥିଲା । ମନ କଥାଟି କି ସୁନ୍ଦର ଅଗରୁ ପ୍ରକାଶ କରାଯାଇଛି । ମୁଁ ସେଇଦିନୁ ବୁଝିଲି ବସ୍ତୁର ସ୍ୱାଦ ବା ଗୁଣର ଅଭାବ ବା ଆଧିକ୍ୟ ହୃଦୟଙ୍ଗମ କରାଇବା ଉଦ୍ଦେଶ୍ୟରେ ଅକ୍ଷର ଓ ଶବ୍ଦରୁ କିୟଦଂଶ ବାଦଦେଇ ବା ଯୋଗ-କରି ବାକ୍ୟ ଲେଖିବାର ଏ ଯୁଗର ଏ ନୂତନ ଶୈଳୀ—ସଂକ୍ଷିପ୍ତ ଭ ରାଇଟିଂ ବାସ୍ତବିକ ଅତି ଚମତ୍କାର !

ବର୍ତ୍ତମାନ ମୁଁ ଯେଉଁ ପ୍ରାଣଦା ବିଷୟରେ ଆପଣଙ୍କ ସହିତ ପରାମର୍ଶ କରିବାକୁ ବସିଛି, ସେ ପ୍ରାଣଦା ବୈଦ୍ୟନାଥ ପ୍ରାଣଦା ନୁହେଁ ବା ଖବରକାଗଜରେ ପ୍ରସ୍ତୁତ ସୁଖଦା, ପୁଷ୍ଟଦା ଭଳି ଔଷଧ ନୁହେଁ, କିମ୍ବା ଧନଦା ଭଳି କବଚ ନୁହେଁ । ସେ ହୁଏତ ବଡ଼ଭାଇର କବଚ "ଦାଦା ।" ମୋର ଇଚ୍ଛା ଅଧ୍ୟାପକ ପ୍ରାଣବନ୍ଧୁ କରଙ୍କୁ କୁଳପତି ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କୁ ଗୁଲନ୍ତୁ ଆମେ 'ପ୍ରାଣଦା' ବୋଲି ସମ୍ବୋଧନ କରିବା । ସେମାନେ ରାଗିବେ ବୋଲି ଆପଣ ଭାବୁଛନ୍ତି ? ମୋର ମତେନ ହେଉନାହିଁ । ଗାର୍ଲ୍‌ଷ୍ଟୁଡେଣ୍ଟମାନେ ବାଁ ହାତ କାଣୀ ଅଙ୍ଗୁଠିରେ ଭାଇ ଫୋଁଟା ଦେଲାପରେ କଣ ଆଉ ରାଗ ରହିବ ?

ଶାନ୍ତିନିକେତନରେ ଏଇ କଥାଟି ମୋର ବେଶ ମନକୁ ଆସିଲା । ଶାନ୍ତିନିକେତନ ଦେଖି ମୁଁ ମୁଗ୍‌ଧ ହେଲି । ସେଠି ଅମ୍ବଗଛ; ପିଜୁଳିଗଛ ଲତା ଭଳି ଲଟେଇ ଲଟେଇ ମାଡ଼ିଥିବା ଦେଖି ମୁଁ ବିସ୍ମିତ ହେଲି । ମୁଁ ଦେଖିଲି ସୌନ୍ଦର୍ଯ୍ୟ ସୃଷ୍ଟି ଅଭିପ୍ରାୟରେ କଳାବିତ୍ କଠିନ ବୃକ୍ଷକୁ ଜବରଦସ୍ତ ଓଟାରି ବାନ୍ଧି କୋମଳ ଲତା ବୋଲି ଦେଖାଇ ଦେଇପାରୁଛି । ସେଠାର ପ୍ରଫେସର ଓ

ଛାତ୍ରମହଲ ଏଥିରୁ ବାଦ ଯାଇନାହାନ୍ତି । ମୁଁ ଯେତେବେଳେ ଡକ୍ଟର କୁଞ୍ଜବିହାରୀ ଦାଶଙ୍କୁ ଖୋଜିଲି, ଜଣେ ଛାତ୍ର କହିଲେ— "କୁଞ୍ଜଦା ତୋ ଘୁଁ କଚ୍ଛେନ, ଅସୁନ ଅମି ନିଏ ଯାଚ୍ଛି ।" କୁଞ୍ଜଦା ! ବାସ୍ତବିକ କି ଆତ୍ମୀୟତା ! ମତେ ଭାରି ଖୁସି ଲାଗିଲା । ଅଧ୍ୟାପକ ଅଧ୍ୟାପିକା, ଛାତ୍ର ଛାତ୍ରୀମାନଙ୍କ ଭିତରେ ଭାଇ ଭଉଣୀ, ନଣନ୍ଦ ଭାଉଜ, ଦିଅର ସମ୍ବନ୍ଧ ମତେ ଖୁବ୍ ନୂଆ ଲାଗିଲା । ଆମ ଗାଆଁରେ ଥରେ ଜଣକୁ ଦସ୍ତଖତ କରିବାକୁ କହିଲି । ସେ ହସି ହସି ବାଁ ହାତ ବୁଢ଼ାଆଙ୍ଗୁଠି ବଢ଼େଇ କହିଲା, "ଝଞ୍ଜଟ ନାହିଁ, ବେତ ନାହିଁ, ଏଇ ଟୋଡ଼କଥା ନାହିଁ, ଗାଳିମାଡ଼ ନାହିଁ, କିଛିନାହିଁ ଟିକାଏ କାଳି ଦେଇ ଚିପିଦେଲେ ସରିଲା ।" ମାଷ୍ଟରଙ୍କ ମାଡ଼ ଭୟରେ ବହୁ ବୁଢ଼ା ପିଲାବେଳେ ପାଠ ପଢ଼ି ନାହାନ୍ତି । ଗୁରୁଶିଷ୍ୟ ଭିତରେ ପୂର୍ବରୁ ଏମିତି ଭାଇ ଭାଇ ଭାବ ରହୁଥିଲେ ଦେଶର କଣ ଏଇ ଦୁର୍ଦ୍ଦଶା ହୋଇଥାନ୍ତା ?

ଡକ୍ଟର ଦାଶ ବା ଡକ୍ଟର ପରିଡ଼ା କହିଲେ ଆମ ମନରେ ଯେମିତି ଗୋଟାଏ ସମ୍ଭ୍ରମ, ଭୟ, ସମ୍ମାନ, ସଙ୍କୋଚ ଓ ଦୂରତା ରହୁଚି, କୁଞ୍ଜଦା କହିଲେ ସେ ଡରଭୟ ରହୁ ନି । ଯେମିତି ସେ ଆମର ଅତି ନିକଟର । ତାଙ୍କ ପାଖକୁ ଆମେ ବେଶ୍ ଭରସି ଯାଇ ପାରିବା । ଦାଦା ଡାକିଲେ କେହି ଜଣ ଅତି କଠିନ ହୋଇ ପାରିବେ ନା ଗମ୍ଭୀର ହୋଇ ପାରିବେ ! ସେ ନିଶ୍ଚୟ କଅଁଳ ହୋଇ ସାନ ଭାଇ ଭଉଣୀଙ୍କି ଆଦର କରିବେ । ମୁଁ ସେଟି ସେଠା ଲକ୍ଷ୍ୟ କଲି । ସମସ୍ତେ ଦାଦା, ସମସ୍ତେ ଭାଇ —କେଡ଼େ ସୁନ୍ଦର ଗୀତଟିଏ ସମସ୍ତେ ମିଶି ଗାଆନ୍ତି—

"ଅମାଦେର ଶାନ୍ତିନିକେତନ
ଅମାଦେର ସବ ହତେ ଆପନ୍

ତାର ଅକାଶ ଭରା କୋଲେ ମୋଦେର୍ ଦୋଲେ
ହୃଦୟ ଦୋଲେ
ମୋରା ବାରେ ବାରେ ଦେଖି ତାରେ ନିତ୍ୟଇ ନୂତନ ।
ମୋଦେର ତରୁ ମୂଲେର ମେଲା,
ମୋଦେର ଖୋଲା ମାଠେର ଖେଲା
ମୋଦେର ନୀଲ୍ ଗଗନେର ସୋହାଗମାଖା
ସକାଲ ସନ୍ଧ୍ୟା ବେଲା
ମୋଦେର ପ୍ରାଣେର ସଙ୍ଗେ ପ୍ରାଣେ ସେ ଯେ
ମିଲ୍ଏଛେ ଏକ୍ ତାନେ
ମୋଦେର ଭାଇଏର ସଙ୍ଗେ ଭାଇକେ ସେ ସେ
କରିଏଛେ ଏକ ମନ୍ ।"

ଅହା କି ମଧୁର ଭାବ ! ପ୍ରାଣ ସଙ୍ଗରେ ପ୍ରାଣର ଆଉ ଭାଇ ସଙ୍ଗରେ ଭାଇର ଏକମନ ହେବାର ଏହି ଯେ ଶିକ୍ଷା ପ୍ରକୃତରେ ଆମ୍ଭମାନଙ୍କର ଶିକ୍ଷଣୀୟ । ଆମର ବର୍ଷକୁ ବର୍ଷ ପିଲାମାନେ ଓଡ଼ିଶା ବାହାରକୁ ଶିକ୍ଷା ପାଇବାକୁ ଯାଉଛନ୍ତି—ଶାନ୍ତିନିକେତନ ଯାଉଛନ୍ତି । ଶାନ୍ତିନିକେତନରେ ଆମର ଓଡ଼ିଆ ଅଧ୍ୟାପକ ମଧ୍ୟ ଅଛନ୍ତି । କିନ୍ତୁ କାହିଁ କର୍ତ୍ତୃପକ୍ଷଙ୍କର ତ ଏ ଦିଗରେ ଦୃଷ୍ଟି ପଡ଼ୁ ନାହିଁ । ମୋର ଅନୁରୋଧ ଓଡ଼ିଶାରେ ଶିକ୍ଷାର ପ୍ରସାର ଓ ବିସ୍ତାର ଉଦ୍ଦେଶ୍ୟରେ ଗୁରୁ ଶିଷ୍ୟଙ୍କ ମଧ୍ୟରେ ଏହି ମଧୁର ଭ୍ରାତୃଭାବ ସ୍ଥାପିତ ହେଉ । ଅବଶ୍ୟ ଝିଅମାନଙ୍କ ସ୍କୁଲ୍ କଲେଜରେ ଦିଦି ବ୍ୟବହାର କରା ଗଲାଣି । ଅଧ୍ୟାପିକା ଶାନ୍ତିଲତା ମିଶ୍ରଙ୍କୁ ଶାନ୍ତିନାନୀ ଡାକିବାର ମୁଁ ଶୁଣିଛି—କିନ୍ତୁ ସଂଖ୍ୟାଧିକ ପୁରୁଷ କଲେଜରେ ଏ ଭ୍ରାତୃଭାବ କାହିଁ ? ଏ ପର୍ଯ୍ୟନ୍ତ କଲେଜ ଛାତ୍ରମାନେ ସାର୍, ସାର୍, ଡାକୁଛନ୍ତି । ସାର୍ ଡାକିବା ଦିନ ଆଉ ନାହିଁ । ବର୍ତ୍ତମାନ ଦାଦା ଡାକିବାର

କଥା । ଅଧ୍ୟାପକ ଅଭିବଲ୍ଲଭ ମହାନ୍ତିଙ୍କୁ ଅଭିଦା—ଡକ୍ଟର ସଦାଶିବ ମିଶ୍ରଙ୍କୁ ସଦାଦା । ପ୍ରଫେସର ସର୍ବେଶ୍ୱରମିଶ୍ରଙ୍କୁ ସର୍ବଦା ଡାକିବା ଦରକାର । କିନ୍ତୁ ଏମିତ ସଦାସର୍ବଦା ଡାକିଲେ ଅନେକେ ଆପତ୍ତି କରି ପାରନ୍ତି । ଆମର କଣ ଓଡ଼ିଆରେ କିଛି ନାହିଁ ? ଆମର 'ଭାଇ' 'ଭାଇନା' ଥାଉ ଥାଉ 'ଦାଦା' କାହିଁକି ଡାକିବା ? ଅଚ୍ଛା, ସେଯା ହେଉ । ଡକ୍ଟର ଶ୍ରୀରାମ ଦାଶଙ୍କୁ 'ଶିରିଆନା' ଅଧ୍ୟାପକ ଜୟକୃଷ୍ଣ ମିଶ୍ରଙ୍କୁ 'ଜୟାନା', ପ୍ରଫେସର ବିଧୁଭୂଷଣ ଦାସଙ୍କୁ 'ବିଧୂଭାଇ' ଅଧ୍ୟାପକ ଜାନକୀ ବଲ୍ଲଭ ମହାନ୍ତିଙ୍କୁ 'ଜାନୁଭାଇ', ପ୍ରଫେସର ଓବ୍ରାଏନଙ୍କୁ 'ଓବ୍ରାଏନାଇନା' ଡକାଯାଉ ।

କିନ୍ତୁ ଆଉ ଗୋଟିଏ କଥା । ବର୍ତ୍ତମାନ ସ୍ୱାଧୀନ ଭାରତରେ ପ୍ରାଚୀନ ସଭ୍ୟତା, ପ୍ରାଚୀନ ସଂସ୍କୃତି ପ୍ରତି ଶିକ୍ଷିତ ସମାଜର ଯେପରି ଦୃଷ୍ଟି ପଡ଼ିଛି, ଅନେକେ କହି ପାରନ୍ତି, ପ୍ରାଚୀନ କାଳରେ ଗୁରୁଙ୍କୁ ପିତୃତୁଲ୍ୟ ଭକ୍ତି ଓ ସେବା କରୁଥିଲେ । କିଏ କିଏ ପିତୃତୁଲ୍ୟ ବୋଲି ଯେଉଁ ସଂସ୍କୃତ ଶ୍ଳୋକ ଅଛି, ସେ ତାଲିକାରେ ଗୁରୁଙ୍କ ନାମ ଅଛି । ତେଣୁ 'ଭାଇ' 'ଭାଇନା' ଡାକିବା ଅପେକ୍ଷା ପିତୃତୁଲ୍ୟ କୌଣସି ସମ୍ବୋଧନ ଅଧିକ ଉପଯୁକ୍ତ ହୁଅନ୍ତା । ଏ ପ୍ରସ୍ତାବରେ ମୋର ଆପତ୍ତି କରିବାର କିଛି ନାହିଁ । ବରଂ ଭଲ ହେବ ସେୟା କରାଯାଉ । ତାହେଲେ ଆମକୁ କେହି ଦୋଷ ଦେଇ ପାରିବେ ନାହିଁ । ତାହେଲେ ଛାତ୍ରମାନେ ନିଜର ବାପାଙ୍କ ବୟସ ତୁଳନା କରି କାହାକୁ ଦଦେଇ, କାହାକୁ ବଡେଇ, କାହାକୁ ମାମୁଁ, କାହାକୁ ମଉସା ସମ୍ବୋଧନ କରନ୍ତୁ । ପ୍ରଫେସର ଡାଭେଙ୍କୁ 'ଡାଭେବଡେଇ', ଅଧ୍ୟାପକ ବ୍ରହ୍ମାନନ୍ଦ ମିଶ୍ରଙ୍କୁ 'ବ୍ରହ୍ମାବଡେଇ', ଅଧ୍ୟାପକ ମହାପାତ୍ର ନୀଳମଣି ସାହୁଙ୍କୁ 'ନୀଳାବଡେଇ' ପ୍ରିନ୍ସିପାଲ ବାମାଚରଣ ଦାସଙ୍କୁ 'ବାମ୍ବାଉସା' ଡାକନ୍ତୁ ।

ମୁଁ କହୁଚି ଯାହା କରିବେ ଶୀଘ୍ର କରନ୍ତୁ । ଆଜି ବିଳମ୍ବ କରିବା ଠିକ୍ ହେବନାହିଁ—ମରାଠୀ, ଗୁଜରାତ, ତେଲୁଗୁମାନେ ତାଙ୍କ କଲେଜରେ ଏକଥା ପ୍ରଚଳିତ କରିବା ପୂର୍ବରୁ ଚାଲନ୍ତୁ ଆମେ ଆଗରୁ ପ୍ରଚଳିତ କରିଦେବା କାହାକୁ ନ ଜଣାଇ । ତାହେଲେ ଆମର ଓଡ଼ିଅତ୍ୱ ବଜାୟ ରହିବ । ଆଜି ବିଶ୍ୱଭାରତୀ ଜାଣିବ ଯେ ପ୍ରଗତି ପଥରେ ତାଙ୍କଠାରୁ ଆମେ କିଛି ଉଣା ଗତି କରିନାହୁଁ ।

# ପ୍ରେମ ପଥର ବାଧା

ଭାଗ୍ୟକୁ ମୁଁ ଏକାଳରେ ଜନ୍ମ ହୋଇଚି, ତା ନହୋଇ ଯଦି ପୁରାକାଳରେ ଜନ୍ମ ହୋଇଥାନ୍ତି, ତେବେ ମୋ ଅବସ୍ଥା ବାରଗଣ୍ଡା ଦ' କଡ଼ା ହୋଇ ଥାଅନ୍ତା । ପୁରାକାଳରେ ପ୍ରେମ କରିବା କଥା ଛାଡ଼ନ୍ତୁ ଝିଅଙ୍କୁ ଦେଖିବା ସାତ ସପନ । ତାଙ୍କ ବାପାଙ୍କୁ ଯାଇକରି ଦେଖା କରିବାକୁ ପଡ଼ନ୍ତା ଆଉ ସିଏ ମତେ କେତେଗୁଡ଼ାଏ କଠିନ ପ୍ରଶ୍ନ ପଚାରନ୍ତେ । ଏକେତ ଜେନେରାଲ୍ ନଲେଜରେ ଭଲକ୍, ଏମିତିଆ ପ୍ରଶ୍ନରେ ମୁଁ ଘାବୁରେଇ ଯାଆନ୍ତି । ଯଦିବା କୌଣସି ଉପାୟରେ ଉତ୍ତର ଦେଇ ପାରନ୍ତି ତ, ସେ କହନ୍ତେ, "ବାରହାତ ଖଣ୍ଡା ଧର, ଘୋଡ଼ାରେ ଚଢ଼ ଆଉ ଅଜଣା ଦେଶକୁ ଯାଇ ଅଜଣା ଚିଜ ନେଇ ଆସ, ତେବେ ଯାଇ ମୋ ଝିଅକୁ ପାଇବ ।"

ମନେର ଘୋଡ଼ା ଚଢ଼ି ଅସେ ନା, ମୁଁ କେମିତ ଯାଇ ପାରନ୍ତି ? ତାଛଡ଼ା ମୋର ହାଇଷ୍କୁଲ୍ ଜମା ସାଢ଼େ ତନିହାତ—ବାରହାତ ଖଣ୍ଡା ଧରିବା ମୋ ପାଇଁ କାଟିକର ପାଠ ହୋଇପଡ଼ନ୍ତା । ମୁଁ ଅବଶ୍ୟ ଫେଲ୍ ହୋଇ ଯାଆନ୍ତି । ଯଦି ଚେଷ୍ଟା କରି ବାହାରିଲି ତେବେ ଅଗ୍ନାଅଗ୍ନି ବନସ୍ତରେ ବାଘ ଭାଲୁ ହାବୁଡ଼ରେ ପଡ଼ି ମୋ ହାଲକୁ ଯୁଝି ଯାଆନ୍ତା ନା କି ? ଅଶୀଆ କାଳର ମଈଆ ବୁଢ଼ୀଠାରୁ ସବୁ ହାଲ ଯୋଗାଡ଼ କରିବାକୁ ପଡ଼ନ୍ତା । ସେ ମନେର ଗୋଟାଏ ପେନ୍ସିଲ୍ ଦିଅନ୍ତା—ପେନ୍ସିଲ୍ ଗଡ଼େଇ ମୁଁ ପଛେ ପଛେ ଆସନ୍ତି । ପେନ୍ସିଲ୍ ଟା ସହସ୍ର ଯୋଜନ ଯାଇ ଗୋଟାଏ ଠାପୁରେ ଲାଗନ୍ତା । ସେ ଠାପୁରେ ପଶି ମୁଁ ଅସୁର ଅସୁରୁଣୀଙ୍କୁ କେବେ ମାରି ପାରନ୍ତି ନା—ହଣା ଖାଇ ଯାଆନ୍ତି । ଯଦି ବା ତାଙ୍କୁ ନେହୁରା କରି, ତାଙ୍କର ଗୋଡ଼ ହାତ ଧରି ପ୍ରାଣଟା ବଞ୍ଚେଇ ନିଏ, ତେବେ କଣ ସେଇଟି ସରିଲା ? ଆହୁରି କେତେ କାମ ବାକି ରହି ଯାଆନ୍ତା । ଗୋଟାଏ ପୋଖରୀରେ ବୁଡ଼ି, ଗୋଟାଏ ନଅତରେ ଚଢ଼ି, ନାଗ ସାପ, ଅଜଗର ସାପ ମାରି, ଗୋଟାଏ ଫରୁଆ ପାଇ, ଫରୁଆ ଭିତରୁ ଭଅଁର ଭଣ୍ଡି ଚିପି, ଆଉ କେତେ କେତେ ପଥର କରିବାକୁ ପଡ଼ନ୍ତା, ମୁଁ ଜାଣୁଚି ମୋ ଦେଇ ଏତେ କଥା ହୁଅନ୍ତା ନା । ତୁଚ୍ଛା ଜୀବନଟା ଯାଆନ୍ତା । ପ୍ରେମ ମୁଣ୍ଡରେ ବାଡ଼ି ପଡ଼ନ୍ତା ।

ଅଜକାଲି ପ୍ରେମ କରିବା ସହଜ—ଖୁବ୍ ସହଜ । ପ୍ରତିମା ଭଳିଆ ଟୋକୀଟିଏ ମିଳିଗଲେ ଆହୁରି ଢେର ସହଜ ହୋଇ ପଡ଼ିବ । ଖାଲି ଗୋଟାଏ କଥା—ସୁବୋଧ ପଟ୍ଟନାୟକ ଭଳିଆ ନିଲଠା, ବେହିଆ ସାଙ୍ଗଟିଏ ନଥିଲେ ହେଲା । ସୁ-ବୋ-ଧ, ତା ନାଆଁ ଧରିଲାବେଳକୁ ମୋ ରକ୍ତ ଗରମ ହୋଇ ଉଠୁଚି । ମୋ ପିତ୍ତ ଚଢ଼ି ଯାଉଚି ମୁଣ୍ଡ ଉପରକୁ । ମୋଠୁଁ ତା ବଳ ବେଶି, ତା' ନ ହେଲେ

କେତେଦିନରୁ ତାକୁ ଗଡ଼ ଗଡ଼ କରି କାଟି, ତା ରକ୍ତରେ ଚିଠା ଲେଖି ଏତେବେଳକୁ ଫାସି ଯାଇ ସାରନ୍ତିଣି । ପ୍ରେମ ଭଳିଆ ସୂକ୍ଷ୍ମ ଜିନିଷର ମୂଲ୍ୟ ସେ କଣ ବୁଝିବ ? ଘଟଣା କଣ ମୁଁ ଆପଣଙ୍କୁ ଖୋଲି କରି କହି ଦେଉଛି ଶୁଣନ୍ତୁ ।

ସୁବୋଧ ମୋରି ସାଙ୍ଗରେ ଆମ ଅଫିସରେ କାମ କରେ ଆଉ ତା ଘରଟା ବି ଠିକ ମୋରି ଘରକୁ ଲାଗି କରି । ଆମ ସାଇଟା ଟାଉନରୁ ଦୁଇମାଇଲ ଦୂରରେ । ଆମ ଅଫିସର ଛ'ଟି କିରାଣୀଙ୍କ ପାଇଁ ଛ'ଟି ଘର ଛାଡ଼ିଦେଲେ ସେ ସାଇରେ ଆଉ କାହାରି ଘର ନାହିଁ । ଦିନଯାକ ଅଫିସରେ ଖଟି ଖଟି ସନ୍ଧ୍ୟାବେଳକୁ ଘରକୁ ଆସିଲା ପରେ ଆମ ଭିତରୁ ଚାରିଟି କିରାଣୀ ତାଙ୍କ ପୁଅ ମାଇପ, ବାଡ଼ି ବଗିଚା ଆଉ ଘର ଧନ୍ଦାରେ ମନ ଦିଅନ୍ତି । ବାକି ରହିଯାଉଁ ସୁବୋଧ ପଟ୍ଟନାୟକ ଆଉ ମୁଁ—ଦି'ଜଣ ଯାକ ଅବିବାହିତ । ସୁବୋଧ କଥା ଗପେ, ଗୀତ ଗାଏ, ବୁଲି ଯିବାକୁ ଡାକେ । ମୁଁ କ'ଣ ତା ଭଳିଆ ଫୁଲଫାଙ୍କିଆ ହୋଇଛି ଯେ ସବୁଦିନେ ସମୟଗୁଡ଼ାକ ଏମିତି ହତ୍ୟା କରିଦେବି ! ମୁଁ ଅଫିସରୁ ଫାଇଲ ଆଣି ଘରେ କାମ କରେ । ଆମ କିରାଣୀଙ୍କର ପ୍ରମୋସନ କୁହନ୍ତୁ, ଉନ୍ନତି କୁହନ୍ତୁ ସବୁ ନିର୍ଭର କଲା କାମ ଉପରେ । ଏକଥାଟା କିନ୍ତୁ ସୁବୋଧକୁ ଏପର୍ଯ୍ୟନ୍ତ ମାଲୁମ ନାହିଁ । ଛାଡ଼ନ୍ତୁ, ଆମ ସମୟ ଗୁଡ଼ାକ ଏମିତି ଶୁଖିଲା ଶୁଖିଲା କଟୁଥିଲା । ଏଇ ସମୟରେ ଆମ ନୂଆ ହେଡ଼କ୍ଲର୍କ ନରେଶ ବାବୁ ଆସି କାମରେ ଜଏନ୍ କଲେ । ସେ ଆସିଲାବେଳକୁ ସୁବୋଧ ଏଠି ନ ଥିଲା, ଦେଢ଼ ମାସ ଛୁଟିରେ ଗାଁକୁ ଯାଇଥିଲା । ନରେଶ ବାବୁ ଆସିଲେ, ଆଉ ତାଙ୍କ ସାଙ୍ଗରେ ଆସିଲା ପ୍ରତିମା । ମାତୃହୀନା ଗୋଟିଏ ବୋଲି ଝିଅ । ପ୍ରତିମା ଯେମିତି ଶିକ୍ଷିତା ସେମିତି ସୁନ୍ଦରୀ । ସେ ମତେ ଦେଖିଲା, ମୁଁ ତାକୁ

ଦେଖିଲି । ମତେ ଦେଖି କରି ସେ ଯେ ମତେ ଗୋଟାଏ ପ୍ରେମିକ ବୋଲି ଭାବିଥିବ, ଏ କଥା ମୁଁ କହୁନାହିଁ । ମୋ ଚେହେରାରେ ଏମିତି କିଛି ଲକ୍ଷଣ ନାହିଁ ଯେ ଦେଖିଲେ ମତେ ଗୋଟା ପ୍ରେମର-ପାତ୍ର ବୋଲି କେହି ଠଉରେଇବ ! ପ୍ରେମ କରିବା ଟେକ୍‌ନିକ୍ ବୋଲି ଆପଣ ଯାହାକୁ କହନ୍ତି· ସେମିତିଆ ମଧ୍ୟ ମତେ କିଛି ଜଣା ନାହିଁ । ଝିଅମାନେ ମତେ ଦେଖିକରି ମୋ ପଛେ ପଛେ ଗୋଡ଼ାନ୍ତି ନି କିମ୍ବା ମୁଁ ବି ବଜାରି ପରି ତାଙ୍କ ପଛେ ପଛେ ଗୋଡ଼ାଏ ନି । ଯା' ବୋଲି ମୁଁ ଝିଅଙ୍କୁ ଭଲ ପାଏ ନି, ଏକଥା କହି ପାରିବେ ନା । ମୁଁ ତାଙ୍କୁ ମନେ ମନେ ଖୁବ୍ ଭଲ ପାଏ । ମନେ ମନେ ତାଙ୍କର ପୂଜା କରେ । କୋଉ ଝିଅ କେତେ ସୁନ୍ଦର ମୁଁ ମନେ ମନେ ତୁଳନା ବି କରିଥାଏ । ତାଙ୍କୁ ପାଇବାପାଇଁ ଅନେକ ସମୟରେ ମନେ ମନେ କାମନା ବି କରିଥାଏ କିନ୍ତୁ ମନ କଥା ମନରେ ରହିଯାଏ, କାର୍ଯ୍ୟତଃ ବେଶି ଆଗେଇ ପାରେ ନି । ତାର କାରଣ ହଉଚି, ମୋ ମନରେ କିଛି ଗୋଟାଏ ଇଚ୍ଛା ହେଲାବେଳକୁ, ତାଙ୍କ ମୋ ଭିତରେ ବରାବର ଗୋଟାଏ ପାଚେରି ଆସି ଠିଆ ହୋଇଯାଏ । ଏଇ ପାଚେରିଟାକୁ ଭାଙ୍ଗିଭୁଙ୍ଗି ସମତଳ କରି ଦେଇଥିଲା— ପ୍ରତିମା ।

ଅମ୍ଭମାନଙ୍କର ଚିହ୍ନାପରିଚୟ ହେଲା, ଦୁଃଖ ସୁଖ ପଡ଼ିଲା, କିଏ କୋଉଠି ରହନ୍ତି, କାହା ଘରେ କେତୋଟି ପିଲାଛିଲା, ପ୍ରତିମା ବୁଝି ନେଲା । ଦିନେ ଗଲା, ଦି' ଦିନ ଗଲା, ଦିନାଦିନ ଦିନ ଆମେ ସବୁ କିରାଣୀମାନେ ସନ୍ଧ୍ୟାବେଳଟା ତା ବାପାଙ୍କ କଣ୍ଠରେ ବସି କଥାବାର୍ତ୍ତା ହଉଥିଲୁ—ପ୍ରତିମା ବସି ବସି ଶୁଣୁଥିଲା । ତା ସାହସକୁ ଧନ୍ୟ କହିବେ ! ଏତେ ଲୋକଙ୍କ ଆଗରେ ହଠାତ୍ ମୋତେ କହିଲା "ଜଗୁବାବୁ, ଏଠି ସାଙ୍ଗ ସାଥି କେହି ନାହାନ୍ତି, ଆପଣଙ୍କ ପୁରସତ

ସମୟରେ ମତେ ଟିକିଏ ଟାଉନଅଡ଼େ ବୁଲେଇ ନେବେ ନା ?"

ସାଙ୍ଗେ ସାଙ୍ଗେ ତା' ବାପା ନରେଶ ବାବୁ କହିଲେ, "ହଁ ଜଗୁବାବୁ, ତାକୁ ଟିକିଏ ବୁଲେଇ ନେବେ । ଆପଣଙ୍କ ଉପରେ ଘରର ଭାର ବେଶି କିଛି ନାହିଁ ବୋଲି ଅନୁରୋଧ କରୁଛି । ପ୍ରତିମା ପିଲାଟି ଦିନରୁ ବଡ଼ ବଡ଼ ଟାଉନରେ ବହୁତ ସାଙ୍ଗ ସାଥି ମେଳରେ ରହି ଆସିଛି । ରୋଜ ବୁଲି ନ ଗଲେ ତା ଦିହ ଭଲ ରହେ ନା । ଆପଣ ତାକୁ ଟିକିଏ ଏଠିକାର ବଜାର ହାଟ ଆଉ, କଣ କଣ ଦେଖିବାର ଜାଗା ଅଛି ବୁଲେଇ ଆଣିଲେ ଖୁବ୍ ଉପକାର କରିବେ ।"

ସେଇଦିନଠୁ ମୁଁ ଜାଣିପାରିଲି ଯେ ପ୍ରତିମା ମତେ ଦେଖୁ ଦେଖୁ ମୋ ପ୍ରେମରେ ପଡ଼ି ଯାଇଛି, ତା ନ ହେଲେ ଏମିତିକା ଅନୁରୋଧ କରନ୍ତା ନା । ସୁଯୋଗ ସୁବିଧା ନ ପାଉଥିବାରୁ ଯୋଉ ପ୍ରେମକରିବା ଇଚ୍ଛାଟା ମୋ ମନ ଭିତରେ ଏ ପର୍ଯ୍ୟନ୍ତ ଘୁମେଇ ରହିଥିଲା, ବର୍ତ୍ତମାନ ସୁଉଁକିନା ରେଇଁ ଉଠିଲା । ମୁଁ ମନେ ମନେ ପ୍ରତିମାକୁ ମୋର ପ୍ରିୟା ବୋଲି ବାଛି ନେଲି । ବଜାରରୁ ବାସନା ତେଲ ବୋତଲଟିଏ ଆଉ ସ୍ନୋ ଡବାଟିଏ କିଣି ଆଣିଲି ସେଇଦିନ ଏବଂ ତା ପରଦିନଠୁ ଅଫିସରୁ ଫେରି ମୁହଁହାତ ଧୋଇ ଟିକିଏ ବାସନା ତେଲ ନେଇ, ଚିରେଇ କାଟି, ସ୍ନୋ ଟିକିଏ ମୁହଁରେ ମାରି ପ୍ରତିମାକୁ ବୁଲି ଯିବାପାଇଁ ଡାକିବା ହେଲା ମୋର କାମ । ପ୍ରତିମା ଅନେକଦିନ ଆସେ, ଅନେକ ଦିନ ମତେ ଏଡ଼ଏଡ଼ି କରେ । ଜାଣନ୍ତି ତ ଝିଅମାନେ ଯେତେ ପାଠ ପଢ଼ିଲେ ସୁଦ୍ଧା ଲାଜଟା ଛାଡ଼ି ପାରିବା ସହଜ ନୁହେଁ ।

ଆମେ କଥା ହେଉ । ଋତୁଦେବ୍ ଠଉଁ ଆରମ୍ଭ କରି ହୋଟେଲର ଯାକେ ଅନେକ କଥା । ଅନେକ ସମୟରେ ମୁଁ ଅଫିସ କଥା

ପକାଏ—ମୋର ଇଚ୍ଛା ଅମର ବନ୍ଧୁତା ଅତୁଟ ଘନିଷ୍ଠ ହେଉ ।
ପ୍ରତିମାଙ୍କୁ ଦେଖିଲି ଅଫିସରେ କଣ ଘଟଣା ଘଟେ ସବୁ ଖବର
ରଖିଛି । କିଏ କେମିତି କାମ କରେ, କାହାର କେବେ ବଦଳି
ହେବ, କିଏ କେବେ ପ୍ରମୋସନ ପାଇବ, ସବୁ କଥା ସେ ଜାଣେ ।
ସେ କହିଲା, ତାର ବାପା କୁଆଡ଼େ ରାତିରେ ସବୁକଥା ତା'ର
ଆଗରେ କହି ଦିଅନ୍ତି, ଏମିତି କି ସାହେବଙ୍କ ସାଙ୍ଗରେ ଯୋଉ
ଗୁପ୍‌ଚୁପିଆ କଥା ହୁଏ ସେ ସବୁ ବି । ଏଇଟା ମୋ ପାଇଁ ଖୁବ୍
ସୁବିଧା ହୋଇଗଲା; ଅନ୍ୟ କିରାଣୀମାନେ କୌଣସି କଥା ଜାଣିବା
ଆଗରୁ ମୁଁ ଜାଣି ନେଇ ପାରିଲି ।

(ପ୍ରତିମା ଯେମିତି ଭାବରେ ଶାଢ଼ୀ ପିନ୍ଧେ ଆଉ ଥରେ ଥରେ
ଯେଉଁ ହାତକଟା ବ୍ଲାଉଜ ପିନ୍ଧେ, ତା ସାଥିରେ ଚାଲିବୁଲି କଲା-
ବେଳକୁ ଅଧିକାଂଶ ସମୟରେ ମୋ ମନ ଭିତରେ ପୁରୁଷୋଚିତ
ସମସ୍ତ ଦୁର୍ବଳତାଗୁଡ଼ାକ ଆସି ଉଙ୍କି ମାରନ୍ତି—ମୁଁ କିନ୍ତୁ ସେ ବାସନା
ସବୁ ଦମନ କରେ । ମୋର ତା ପ୍ରତି ପ୍ରେମ ଗୁଡ଼ାକ ତା ଆଗରେ
କହେ ନି । ମୁଁ ଖାଲି ଅପେଇ ରହିଥାଏ, କେବେ ବସନ୍ତକାଳ
ହେବ, କହିବି । ଆପଣ ଜାଣିଥିବେ, ବସନ୍ତ କାଳ ପ୍ରେମ କରିବା
ପାଇଁ ଉପଯୁକ୍ତ ସମୟ । ଶୀତ ଦିନରେ ଗୋଡ଼ହାତ ଥରୁଥିବ,
ଦାନ୍ତରେ ଦାନ୍ତ ବାଜୁଥିବ; ଥଣ୍ଡାରେ ପ୍ରେମ କରିବା ବଡ଼ ଅଡ଼ୁଆ ।
ବର୍ଷାଦିନରେ ବି ସେଇକଥା—କାଦୁଅ ଚପର ଚପରରେ କଣ
ପ୍ରେମ କରି ହୁଏ ? ଖରାଦିନେ ବି ଗରମରେ ଝାଳ ବୋହି ପଡ଼ୁ-
ଥିବ ଦେହରୁ, ପ୍ରେମ କଥା କହିବା ଅପେକ୍ଷା ବାଉଁଶ ଖଣ୍ଡିଏ ଧରି
ବାଢ଼ି ହେଲେ ଅଧିକ ଆନନ୍ଦ ମିଳେ । କିନ୍ତୁ ବସନ୍ତ କାଳ କଥା
ଅଲଗା—ବସନ୍ତ କାଳଟା କାଲେଣ୍ଡରରେ ନାହିଁ କିନ୍ତୁ କେବେ
ପଡ଼େ ମୁଁ ଜାଣିଛି । ବସନ୍ତ କାଳରେ ଜହ୍ନରାତି ହେଉଥିବ, ପ୍ରତିମା

ସାଥିରେ ହାତ ଧରାଧରି ହେଇ ବୁଲୁଥିବ । ଦିନେ କହି ଦେବ, "ପ୍ରି ପ୍ରତିମା ମୋର—ମୁଁ ତମକୁ କେତେ ଭଲପାଏ, ତମେ ମତେ—" ପ୍ରତିମା ପ୍ରେମ ବିବାହ ପସନ୍ଦ କରେ, ସେଇଯୋଗୁଁ ରାଜି ହୋଇଯିବ ଅବଶ୍ୟ ।

ଅନେକ କଥା ମନରେ ଥିଲା ଆଜି ମୁଁ ଜାଣିଥିଲି ସବୁ କଥା ଦିନେ ସତ ହୋଇ ଯାଇ ଥାଆନ୍ତା । କିନ୍ତୁ ମଝିରେ ଆସି ବାଟାଡ଼ି ଦେଲା ସୁବୋଧ । ତାର ଛୁଟି ସରିଗଲା, ସେ ଆସି କାମରେ ଯୋଗ ଦେଲା । ସେ ଯୋଉଦିନ ଆସି ପହଞ୍ଚିଲା, ସେଇଦିନ ସାତଟାବେଳେ ନରେଶ ବାବୁ ସବୁଦିନ ପରି ଟାଉନ କ୍ଲବକୁ ଯାଇଥିଲେ ଟେନିସ୍ ଖେଳିବା ପାଇଁ—ପ୍ରତିମା ଆଉ ମୁଁ ଦାଣ୍ଡରେ ବସି କଥାବାର୍ତ୍ତା ହେଉଥିଲୁ, ସୁବୋଧ ପଟ୍ଟନାୟକ ବେହିଆ ପରି ସିଧି ବଗେଇ ବଗେଇ ସାମନା ରାସ୍ତାରେ ଲହର ପହର ହେଉଛି ପନ୍ଦର ଥର । ସେ ଈର୍ଷାରେ ନିଶ୍ଚୟ ଜଳି ପୋଡ଼ି ଯାଉଥିବ । ତାର କେମିତି ବେଶି ଈର୍ଷା ହଉ ସେଥିପାଇଁ ସେ ଗଲାବେଳକୁ ମୁଁ ଖୁବ୍ ହସି ହସି ପ୍ରତିମା ସାଙ୍ଗରେ କଥା କହୁଛି ।

ତହିଁ ଆରଦିନ ବି ସେମିତି ସେ ଯାଉଥିଲା ସେବାଟେ—ଆମେ ବସି କଥା ହଉଥିଲୁ । ପ୍ରତିମା ଡାକିଲା, "ଟିକିଏ ଶୁଣିଯିବେ !" ସୁବୋଧ ଆସି ହାଜର । ପ୍ରତିମା କହିଲା—"ସମସ୍ତଙ୍କ ସାଙ୍ଗେ ଚିହ୍ନା ହେଲା, ଆପଣଙ୍କ ସାଙ୍ଗେ ଚିହ୍ନା ହେଇନି, ଆପଣ କାଲି ଆସିଚନ୍ତି ନା ?"

ପ୍ରତିମା ଶିକ୍ଷିତା ଝିଅ, ତା ବାପାଙ୍କ ଅଫିସର କିରାଣି ବୋଲି ଟିକିଏ ସହାନୁଭୂତି ଦେଖେଇ ପଚାରିଦେଲା । ତା କଥାର ଉତ୍ତର ଦେଇ ଏଥର ଆପଣା ରାସ୍ତା ଦେଖି ଭଲା ସୁବୋଧ ! ଭଦ୍ରଲୋକ ହୋଇଥିଲେ ସିନା ଏ କଥା କରନ୍ତା ! ସେ ସେଇଠି ଚଉକି ଟାଣି

ନେଇ ବସି ପଡ଼ି ଗପ ଆରମ୍ଭ କରିଦେଲ । ତା ହସ ଦେଖିବେ କଣ ? ତା କଥା ଦେଖିବେ କଣ ! ସାହିତ୍ୟ, ସଂଗୀତ, ସିନେମା, ଥିଏଟର ପ୍ରଭୃତି କେତେଗୁଡ଼ାଏ ଅବାନ୍ତର କଥା ପକେଇଲ । ପ୍ରତିମା ଉପରକୁ ଦେଖିବାକୁ ଖୁବ୍ ଖୁସି ହୋଇ ଶୁଣୁଚି ବୋଲି ଜଣା ପଡୁଥିଲ କିନ୍ତୁ ମୁଁ ଜାଣୁଚି, ସେ ମନେ ମନେ ନିଶ୍ଚୟ ଜାଣି ପାରିଥିବ—ସୁବୋଧ ଜୀବନର ଆଦର୍ଶ କେତେ ନୀଚ !

ସୁବୋଧର ଏଇ ଉପରପଡ଼ା ଢଙ୍ଗ ଅସଭ୍ୟତାର ପରିଚୟସୂଚକ ଏବଂ ମୁଁ ନାପସନ୍ଦ କରୁଚି, ଏଇ କଥାଟା ତାକୁ ଜଣାଇବା ଉଦ୍ଦେଶ୍ୟରେ ମୁଁ ସେଠୁ ଉଠି ଚାଲି ଆସିଲି । ପ୍ରତିମାକୁ କହିଲି, "ମୋତେ ଟିକିଏ ଟାଉନକୁ ଯିବାକୁ ପଡ଼ିବ କେତେଟା ଜିନିଷ କିଣିବା ପାଇଁ ।" ମୁଁ ଚାଲିଗଲି, ଫେରିଲି ରାତି ଦଶଟାରେ । ଶୁଣିବେ, ସୁବୋଧଟା ଏତେ ନିର୍ଲଜ, ସେ ସେପର୍ଯ୍ୟନ୍ତ ସେଇଠି ବସି ଗପ କରୁଥିଲ ପ୍ରତିମା ସାଙ୍ଗରେ । ନରେଶ ବାବୁ ବି ବସିଥିଲେ ପାଖରେ । ସେମାନେ ଭଦ୍ରଲୋକ ବୋଲି ତତେ ତଣ୍ଟିଅ ମାରି ବାହାର କରିଦେଇ ନାହାନ୍ତି, ତୁ କୋଉ ବୁଦ୍ଧିରେ, କଣ ବାଗୁର କରି ସେଠି ବସି କରି ଗପ କରୁଚୁ କହିଲୁ ?

ଆଉଦିନେ—ସୁବୋଧ କଣ କାମରେ ଟାଉନଆଡ଼େ ଯାଇ-ଥିଲ । ମୁଁ ଯାଇ ପ୍ରତିମା ସାଙ୍ଗେ ଗପ କରୁଥିଲି, ଏତିକିବେଳେ ଠିକ୍ ସମୟ ପଡ଼ିଚି ଜାଣି ମୁଁ ସୁବୋଧର ସବୁ ଗୁଣଗ୍ରାମ ପ୍ରତିମାକୁ କହିଦେଲି । ମୁଁ କହିଲି ଯେ ସୁବୋଧର ମୋଟେ ଭବିଷ୍ୟତ ବିଷୟରେ କିଛି ଚିନ୍ତା ନାହିଁ । ସେ ଘରକୁ ପଇସାଟିଏ ପଠାଏ ନି କିମ୍ବା ସେଭିଙ୍ଗ୍ସ ବ୍ୟାଙ୍କରେ ଜମା କରେ ନି, ସବୁ ପଇସା ନିଜେ ଉଡ଼ାଏ । ଦାୟିତ୍ୱଜ୍ଞାନ ତାର ଏ ପର୍ଯ୍ୟନ୍ତ ହୋଇ ନି । ବାଜେ ଉପନ୍ୟାସ ପଢ଼େ, ଗୀତ ଗାଏ । ପ୍ରତିମା ମୁରୁକି ମୁରୁକି ହସୁଥିଲ ।

ସୁବୋଧ କେତେ ବଡ଼ ଅପଦାର୍ଥ ସେଇକଥା ଭାବି ପ୍ରତିମା ହସୁଚି ମୁଁ ଜାଣି ପାରିଲି । ତାପରେ ପ୍ରତିମା କହିଲା, "ଆସନ୍ତୁ ଟିକିଏ ବୁଲି ଯିବା ।" ଆମେ ବୁଲି ଗଲାବେଳେ ଅନେକ ବିଷୟ ପଡ଼ିଲା—ଅଫିସ କଥା ବେଶି । ପ୍ରତିମା କହିଲା, "ଜଗୁବାବୁ, କାଲି ରାତିରେ ବାପା ଗୋଟାଏ କଥା କହୁଥିଲେ ଆପଣମାନଙ୍କ ବିଷୟରେ, ମୁଁ କିନ୍ତୁ ଆପଣଙ୍କୁ କହିବି ନା ।"

ମୁଁ ପଚାରିଲି, "କାହିଁକି କହିବାରେ କଣ ଆପତ୍ତି ଅଛି ?"

ସେ କହିଲା, "କଥାଟା ଭାରି କନ୍‌ଫିଡେନ୍‌ସିଆଲ୍, ସେଇ ଯୋଗୁ ମୁଁ କହିବି ନା ।"

ମୁଁ କିନ୍ତୁ କଣ ଛାଡ଼ୁଚି ! ଝିଅମାନଙ୍କ ମୁହଁରୁ ତାଙ୍କର ମନ କଥା କେମିତି କାଢ଼ି ନବାକୁ ହୁଏ, ସେ ବାଟ ମୁଁ ଜାଣେ—ସେଇ ଯୋଗୁ ଶେଷରେ ପ୍ରତିମା ବାଧ୍ୟ ହୋଇ କହିଲା, "ଜଗୁବାବୁ, ମୁଁ ଆପଣଙ୍କୁ ବୋଲି କହୁଛି, ଖୁବ୍ ସତର୍କ ହୋଇ ଚଳନ୍ତୁ । ଆପଣ ଦୁଇଜଣଙ୍କର ପ୍ରମୋସନ ବିଷୟରେ ସାହେବ ବାପାଙ୍କଠାରୁ ଗୋଟାଏ ରିପୋର୍ଟ ମାଗିଚନ୍ତି । ବାପା ଆପଣ ଦୁହିଁଙ୍କର କାର୍ଯ୍ୟ-କଳାପ ଲକ୍ଷ୍ୟ କରି ଗୋଟାଏ କାଗଜରେ ନମ୍ବର ଦେଇ ରଖୁଚନ୍ତି, ସାହେବଙ୍କୁ ଦେଖାଇବେ ।"

ମୁଁ ଏଇ କଥାଟା ଜାଣି ଖୁବ୍ ଖୁସି ହେଲି । ପ୍ରତିମାକୁ କହିଲି, "ଆପଣଙ୍କର ଏଇ ଉପକାର କେବେ ଭୁଲି ପାରିବି ନା । ଆପଣଙ୍କୁ ଅଶେଷ ଧନ୍ୟବାଦ । ଆପଣ ଦିନେ ଦେଖିବେ ଯେ ମୁଁ ଆପଣଙ୍କର ଏଇ ଦୟା ପାଇଁ ପ୍ରକୃତରେ ଉପଯୁକ୍ତ ।"

ସେଇ ରାତିରେ ଶୋଇଲାବେଳେ ମୋର ଆଖି ଆଗରେ ଭାସି ଉଠୁଥିଲା ପ୍ରତିମାର ଛବି । ସେ ମୋତେ କେତେ ଭଲ ପାଏ ! କେତେ ନିଜର ଭାବୁଚି ! ସେ ଗୁଟିହିଁ ମୁଁ କିପରି କାର୍ଯ୍ୟରେ ଉନ୍ନତି

କରେ । ସୁବୋଧଙ୍କୁ ଛପି ମୁଁ କିପରି ଅଧିକ ଆଗେଇ ଯାଏ, ସେ ଦେଖିବାକୁ ଚାହେଁ । ତାର ପ୍ରେମ ପାଇବା ପାଇଁ ମୁଁ ଉପଯୁକ୍ତ, ଏ କଥା ଦେଖେଇବା ତାକୁ । ଯେପରି ମୋ ଲାଗି ତାର ମନରେ ଗର୍ବ ଆସିବ । ସେଦିନ କହିବ, "ପ୍ରିୟେ, ଦେଖ ଜଗବନ୍ଧୁ ଯାହା କହେ, ସେୟା କରେ ।"

ତା ପରଦିନଠାରୁ ମୁଁ ଅଫିସରେ ଖୁବ୍ ମନ ଦେଇ କାମ କଲି । ମୋ କାର୍ଯ୍ୟ ଉପରେ ମୋର ଭବିଷ୍ୟତ ନିର୍ଭର କରୁଛି, ମୋର ଉନ୍ନତି ନିର୍ଭର କରୁଛି । ହେଡ଼କ୍ଲାର୍କ ଦେଖି ନିଅନ୍ତୁ, ସାହେବ ଦେଖି ନିଅନ୍ତୁ, କିଏ କେତେ ଗୁଣର, କିଏ କେତେ କାମ କରିପାରେ ଆପେ ବାଛି ନିଅନ୍ତୁ । ଅପର୍ଚ୍ୟୁନିଟି ହଠାତ୍ ଆସି ପହଞ୍ଚିଯାଏ ବୋଲି କହନ୍ତି । ଖୁବ୍ ସତ କଥା—ମୁଁ ସେୟା ଦେଖିଲି । ଦୁଇ ତିନିଦିନ ପରେ ଗୋଟାଏ ମସ୍ତ ବଡ଼ ସୁଯୋଗ ଆସି ପହଞ୍ଚିଗଲା । ମୁଁ ଜାଣିଲି ଯେ ମୋର କାର୍ଯ୍ୟକୁଶଳତା ଦେଖାଇବାପାଇଁ ଏଇଟା ହେଉଛି ସୁବର୍ଣ୍ଣ ସୁଯୋଗ । ହେଡ଼କ୍ଲାର୍କ ବାବୁ ମତେ ଆଉ ସୁବୋଧଙ୍କୁ ଡାକି କରି କହିଲେ, "ଏଇ ପୁରୁଣା ରେକର୍ଡ଼ଗୁଡ଼ାକ କପି କରିବା କଥା ଅଛି—ଆପଣ ଦୁହିଁଙ୍କ ଭିତରୁ କିଏ ସୁନ୍ଦର ଅକ୍ଷରରେ ଉତାରି ପାରିବ ?" ସୁବୋଧ ପାଟି ଫିଟାଇବା ପୂର୍ବରୁ ମୁଁ ଆଗତୁରା କହିଲି, "ଆଜ୍ଞା ମତେ ଦିଅନ୍ତୁ, ମୁଁ କରିବ ।"

ହେଡ଼କ୍ଲାର୍କ ବାବୁ କହିଲେ, "ବହୁତ ଗୁଡ଼ାଏ ଅଛି, ଆପଣଙ୍କ ପୁରସତ ଦେଖି କପି କରିବେ, ଯେତେ ଜଲଦି ଦିଅନ୍ତି ଭଲ କଥା, ଘରକୁ ନେଇ ଯାଆନ୍ତୁ ।"

ମୁଁ କିନ୍ତୁ ଘରକୁ ଆଣିଲି । ସୁବୋଧ ଆସି ଗୋଳମାଳ କରିପାରେ ଏୟା ଭାବି ମୁଁ ଅଫିସରୁ ଛ'ଟା ବେଳେ ନ ଆସି ରାତି

ନଅଟା ପର୍ଯ୍ୟନ୍ତ ବସି ଯାହାହେଉ, ମାସ ଗୋଟାକ ଭିତରେ କାମଟା ଶେଷ କରିଦେଲି । ସବୁ ଡକୁମେଣ୍ଟ ଗୁଡ଼ିକ ଖୁବ୍ ବସେଇ ବସେଇ ସୁନ୍ଦର ଅକ୍ଷରରେ କପିକରି ଦେଲି । ତାପରେ ସ୍ୱସ୍ତିର ନିଶ୍ୱାସ ମାରିଲାବେଳକୁ ଯାହା ଶୁଣିଲି ସେଥିରେ ମୋ ମୁଣ୍ଡରେ ଚଡ଼କ ପଡ଼ିଲା । ପ୍ରତିମା ବାହାହେଉଛି ଅଯୋଗ୍ୟ ସୁବୋଧଟାକୁ । ନରେଶ ବାବୁ ରାଜି ହୋଇଛନ୍ତି । ଆରମାସ ଦଶ ତାରିଖରେ ତାଙ୍କ ବାହାଘର ହେବା ପକ୍କା ହୋଇ ଯାଇଛି ।

ପ୍ରମୋସନ ପ୍ରମୋସନ କଥା ମିଛ । ମତେ ଭଣ୍ଡିକରି ସେ ଦୁହେଁ କେମିତି ଅବାଧରେ ବୁଲି ପାରିବେ, ସେଇଥିପାଇଁ ଏ ଷଡ଼ଯନ୍ତ୍ର କରିଥିଲେ । ପ୍ରମୋସନ ପାଇବା ଆଶାରେ ମୁଁ ମାସଟା-ଯାକ ଲେଖି ଲେଖି ମରୁଛି, ଯ୍ୟାଡ଼େ ଏ ଟୋକା ଟୋକୀ ମାସଟାଯାକ ଫୁର୍ତ୍ତି କରି ବାହାହବାକୁ ବସିଲେଣି ।।

ପ୍ରତିମା କେବେ ମିଛ କଥା କହନ୍ତା ନି—ଏ ସବୁ ସୁବୋଧର କାଣ୍ଡ । ବର୍ତ୍ତମାନ କଥାଟା ଯୋଉଯାକେ ଗଲାଣି, ମୁଁ ଖାଲି ପ୍ରତିମା ମୁହଁକୁ ଅନେଇ କିଛି କରି ପାରୁନି । ତେବେ ସବୁଦିନ ସମାନ ଯାଏ ନି, ମୋର ବି ଦିନ ଆସିବ ଯେ, ଦାଗ ପଡ଼ିବ ଯେ, ଆଉ ସେଇଦିନ ଦେଖିବେ ସୁବୋଧକୁ ଏମିତି ଚେଙ୍ଗାଏ ଦେବି ଯେ କାଳକାଳକୁ ମନେ ରଖୁଥିବ, ସେତିକିବେଳେ ଯାଇ ଜାଣିବ—ମୋ ନାଆଁ ଜ-ଗ-ବ-ନ୍ଧୁ !

ମନେ ମନେ ଖୋଜୁଚି, ରାତି ଦିନ ମନେ ଭାବୁଚି, ଏପରି କି ଥରେ ଥରେ ସ୍ୱପ୍ନ ଦେଖେ ଯେ "ମୁଁ ହୁଏତ ଗୋଟାଏ ପାହାଡ଼ ତଳେ ବସିଚି—ପାହାଡ଼ ଉପରେ ଗୋଟାଏ ହୀରା ନୀଳାର କୋଠା—କୋଠା ଉପରକୁ ଯିବାକୁ ବହୁତଗୁଡ଼ାଏ ପାହାଚ—ମୁଁ ଚୁପ୍‌ଚି ହୋଇ ବସିଚି, ହଠାତ୍ ଆସି ବାଜିଲା ମୋ ପିଠିରେ ଗୋଟାଏ ଶକ୍ତ ଭାରି ପିଣ୍ଡା ହାତ—ସେଇ ହାତଟା ମତେ ପଛରୁ ଠେଲିଲା ଆଉ ମୁଁ ପାହାଚକୁ ପାହାଚ ଉଠି ଉଠିକା ଚଳି।"—ତାପରେ ନିଦ ଭାଙ୍ଗିଯାଏ। ଆପଣ ସ୍ୱପ୍ନ ବିଶ୍ୱାସ କରନ୍ତି କି ନାହିଁ କେଜାଣି ମୋର ଷୋଳଅଣା ବିଶ୍ୱାସ। ମୁଁ ଏତିକି ଜାଣି ପାରେ ଯେ ମୋର ଉନ୍ନତି ଅବଶ୍ୟ ହେବ, ତେବେ ସେ ହାତଟା ହେବ କାହାର? କେଉଁ ନାରୀର ହାତ ମୋ ପଛରେ ଥାଇ ମତେ ଉନ୍ନତି ମାର୍ଗରେ ଠେଲିବ ଆଉ ପାହାଚକୁ ପାହାଚ ଆଗେଇ ଯିବି?

ଏଇ ପ୍ରଶ୍ନର ସମାଧାନ ହୋଇଗଲା ଦିନେ—

ଦିନେ ମୁଁ ଇସ୍କୁଲରୁ ଫେରି ପଖାଳ କଂସା ପାଖରେ ବସିଚି, ମୋ ସାନ ଭଉଣୀ ଟିମି ମତେ ଟିକିଏ ଅଚୁର୍ ଆଉ ପିଆଜ କୋଷାଏ ଦଉ ଦଉ କହିଲା—

"ଅନୁଭାଇ, ଜାଣିଚ ଆମ ଘରକୁ ଆଜି କିଏ ବୁଲି ଆସିଥିଲେ?"

"କିଏ?" ମୁଁ ପଚାରିଲି।

"ସୋଉଁ ନୂଆ ଓଭରସିଅର ଆସିନାହାନ୍ତି ଭୋଲାନାଥ ବାବୁ, ତାଙ୍କ ଭାର୍ଯ୍ୟା, ତାଙ୍କ ବୁଢ଼ୀମା, ଆଉ ତାଙ୍କ ଝିଅ ଇନ୍ଦୁ—ମୁଁ ତାକୁ ଇନ୍ଦୁ ଅପା ବୋଲି ଡାକୁଚି।"

ଶୁଣିବାକୁ ଟିକିଏ ଆଗ୍ରହ ହେଲା, ପଚାରିଲି, "କେତେବେଳେ ଆସିଥିଲେ?"

ଟିମି କହୁଲା, "ଖରାବେଳେ—ଆଜି ଖରାବେଳ ଗୋଠାକଯାକ ସେମାନେ ଆମ ଘରେ ଥିଲେ । ଇନ୍ଦୁ ଅପା ଆମ ସବୁ ଘର ବୁଲି କରି ଦେଖିଲା—ତୁମ ପଢ଼ା ଘରେ ତମର ଯେଉଁ ଫଟୋ ଟଙ୍ଗା ହୋଇଛି ତାକୁ ଦେଖିକରି କହୁଲା 'ଏ କିଏ କି ? ମୁଁ କହୁଲି, 'ଅନୁଭାଇ' । ସେଥିରୁ ପଚାରିଲା, 'କଣ ପଢ଼ୁଛନ୍ତି ?' ମୁଁ କହୁଲି, 'ନାଇନ୍‌ଥ କ୍ଲାସରେ ।' ସେଥିରୁ ସିଏ କହୁଲା ଯେ ତାର ଗୋଟିଏ ଭାଇ ବି ନାଇନ୍‌ଥ କ୍ଲାସରେ ନାଁଅ ଲେଖେଇଛି ।"

ମୁଁ କହୁଲି, "ଅରେ ଠିକ୍ ତ, ହଁ ଭୋଲାନାଥ ବାବୁଙ୍କ ପୁଅ । ତା ନାଁଅ ବ୍ରଜ—କାଲି ନାଁଅ ଲେଖେଇଛି ।"

ଟିମି କହୁଲା—"ଅନୁଭାଇ, ଆଉ ଜାଣିଚ, ତମ ପଢ଼ା ଘର କାନ୍ଥରେ ତମେ ଯେଉଁ ଛବିଗୁଡ଼ା ଅଙ୍କିନ, ତାକୁ ଦେଖି କରି ଖୁବ୍ ହସିଲା । କହୁଲା, 'କିଏ ଅଙ୍କିଚି ?' ମୁଁ କହୁଲି, 'ଅନୁଭାଇ' । ସେଇଥିରୁ କହୁଲା, 'ତମ ଭାଇ ତ ଖୁବ୍ ଆର୍ଟିଷ୍ଟ' ।"

ମୁଁ ମନେ ମନେ ଟିକାଏ ଖୁସି ହୋଇ ପଚାରିଲି "ସତ ?"

ଟିମି 'ହୁଁ' ମାଇଲା । ମୁଁ ପଚାରିଲି, "ଆଲୋ ଟିମି, ଇନ୍ଦୁ ଦେଖିବାକୁ କେମିତ ?"

ଟିମି କହୁଲା, "ଦେଖିବାକୁ ଟିକାଏ ସାବନା ବର୍ଣ୍ଣ, ହେଲେ କଣ ହବ କାଠିକି ଭଲ, ଆଉ ଜାଣିଚ ଅନୁଭାଇ, ଇନ୍ଦୁ ଅପା ଏତେ ସୁନ୍ଦର ବୁଣାବୁଣି କାମ ଜାଣେ କଣ କହୁବି ! କମ୍ପଟ, ମୋଜା, ସ୍ୱେଟର ସବୁ କରି ଜାଣେ । ଆଉ କନାରେ ଏତେ ସୁନ୍ଦର ଓଢ଼ାଇନ ଫୁଲ ଆଉ ଫଟୋ କରିପାରେ—ଚମତ୍କାର ! ସେ କହୁଚି ମତେ ଶିଖେଇ ଦବ ।"

ସେଦିନ ଟିମି ଆଉ କଣ ସବୁ ଇନ୍ଦୁ ଅପାର ଗୁଣ ଗାଇଲା ମୋର ମନେ ନାହିଁ । ତେବେ ଆପଣ କହିଲେ ମିଛ କହିବେ ସେଇଦିନୁ ସେ କଥାଗୁଡ଼ାକ ପଛରେ ମୁଁ ଯେଉଁ 'ପ୍ରେରଣା'ର ସନ୍ଧାନ ପାଇଲି, ମନେ ମନେ ସ୍ଥିର କଲି — "ଯାଉଛି ବଡ଼ ହେଲେ ଗୋଟାଏ ଆର୍ଟିଷ୍ଟ ହେବି ।" କାନ୍ଥରେ ଫୁଲ, ହାତୀ ଆଉ ଚଢ଼େଇ ତ ସମସ୍ତେ ଅଙ୍କି ପାରନ୍ତି କିନ୍ତୁ ତା ଭିତରୁ ପ୍ରତିଭାର ସନ୍ଧାନ କରି କାଂଣ ଯୁବତୀ ଯଦି ପ୍ରଶଂସା କରେ ତେବେ ସେଇଟା କଣ କମ୍ ପ୍ରେରଣା !! ତହିଁଆର ଦିନ ଡ୍ରଇଂ ପିରିୟଡ଼ରେ ମୁଁ ଖୁବ୍ ମନ ଦେଇ ଡ୍ରଇଂ କଲି । ବ୍ରଜ ସାଙ୍ଗରେ ଉପରେ ପଡ଼ି ବନ୍ଧୁତା କରି ପକେଇଲି । ଆଉ ଇସ୍କୁଲରୁ ଆସିଲାବେଳେ ତାଙ୍କର ଘର ବାଟେ ଦେଇ ଆସିଲି — ତାଙ୍କ ଘର ପିଣ୍ଡାରେ ଗୋଟିଏ ଝିଅ ସାଦା କଳା ଧଡ଼ିଆ ଶାଢ଼ୀ ପିନ୍ଧି ରାସ୍ତା ଆଡ଼କୁ ପଛ କରି ଠିଆ ହୋଇଥିଲା । ମୁଁ ତାର ପଛଆଡ଼ଟା ଦେଖିଲି, ସିଏ ଯେମିତି ଷ୍ଟାଇଲରେ ପଛ କରି ଠିଆ ହୋଇଥିଲା ମୁଁ ଜାଣିନେଲି ସିଏ ନିଶ୍ଚୟ ଇନ୍ଦୁ ହୋଇଥିବ । ତାପରେ କଣ ହେଲା ? ତାପରେ ମୁଁ ଯେତେବେଳେ ଇନ୍ଦୁକୁ ଦେଖେ ତାର ପଛଆଡ଼ଟା ଅଧିକ ନଜରରେ ପଡ଼େ । ମୁଁ ଭାବିଲି ଯାହାର ପିଠିପାଖ ଏତେ ଆର୍ଟିଷ୍ଟିକ, ତା ମୁହଁପାଖ କେତେ ସୁନ୍ଦର ହୋଇ ନ ଥିବ — ବାସ୍ତବିକ ସତ । ମୁଁ ଦିନେ ଲୁଚି ଲୁଚି ତାକୁ ଦେଖି ନେଲି । ଦେଖିବାକୁ ସିଏ ଟିକଏ ସାବନା ହେଲେ କଣ ହେବ, ତାର ଆଖି ଦୁଇଟି ଯେମିତି ସତେ ଦୁଇଟି କଣ ନା କଣ — ତାର ନାକ ଯେମିତି ସତେ···ମୁଁ କହି ପାରୁନି କାହା ଭଳିଆ । ତାର ଓଠ ଯେପରି କି···ମୁଁ ଜାଣେ ନି କାହାପରି, ଆଉ ତାର ଗଢ଼ନ — ଆହା ହା ! ମୁଁ ତାର ପ୍ରେମରେ ପଡ଼ିଗଲି ମନେ ମନେ । ତାକୁ ମତେ ଭାରି ଭଲ ଲାଗିଲା — ସେଇଦିନୁ ତା ଭାଇ ବାପ

ସମସ୍ତଙ୍କୁ ଦେଖିଲାବେଳକୁ ମୋ ମନରେ ପୁଲକ ଆସିଲା । ତାଙ୍କ ଗାଈ ବାଛୁରୀ ଦେଖିକରି ମୁଁ ମନେମନେ ଖୁସି ହୁଏ, ଇନ୍ଦୁ ଘର ଗାଈ ବୋଲି । ତାଙ୍କ ବାଡ଼ି, ତାଙ୍କ କମଳା ଲେମ୍ବୁ ବଗିଚା ଦେଖି ମୋ ମନରେ ଆନନ୍ଦ ଆସେ, ଆଉ ମୁଁ ଇନ୍ଦୁକୁ...

ଇନ୍ଦୁ କିନ୍ତୁ ମୋ ଆଗରେ କେବେ ବାହାରେ ନି—ଦେଖିଲେ ଲୁଚେ—ମୁହଁ ବୁଲେଇ ଦେଇ ଚାଲିଯାଏ—ମତେ କିନ୍ତୁ ତା ବ୍ୟବହାର କିଛି ଖରାପ ଲାଗେନି; କାହିଁକି ଜାଣେନି ? ମୁଁ ତାର ଦ୍ୱାରା ପ୍ରେରିତ ହୋଇ ଡ୍ରଇଂ ଅଙ୍କକୁ ଏତେ ମନ ଦେଲି ଅପତା ଦେଖିଥାଆନ୍ତେ ଯଦି ଜାଣିଥାଆନ୍ତେ ! ସବୁବେଳେ ଡ୍ରଇଂ କଲି । କାନ୍ଥ ବାଡ଼ ସବୁ ଡ୍ରଇଂ—ସବୁ ଖାତା ଦଣ୍ଡରେ ଡ୍ରଇଂ—ଡ୍ରଇଂ ଉପରେ ଖୁବ୍ ଜୋର ଦେଲି । ସେଇଯୋଗୁଁ କ୍ଲାସରେ ଡ୍ରଇଂରେ ଫାଷ୍ଟ ନମ୍ବର ରଖିଲି । ମୁଁ ଗୋଟାଏ ଆର୍ଟିଷ୍ଟ ବୋଲି ଟିମି ଜାଣିଲା, ମୋ ବୋଉ ଜାଣିଲା, ଇନ୍ଦୁ ଜାଣିଲା, ବ୍ରଜ ଜାଣିଲା । ପ୍ରସ୍ତର ବାକ୍ସଟା ରହିଲା ଟିମି ହାତରେ । ସିଏ ତାର ସାଙ୍ଗ ସାଥି ସବୁ ଝିଅଙ୍କୁ କହିଲା ଯେ "ଅନୁଭାଇ ଆମର ଗୋଟାଏ ବଡ଼ ଆର୍ଟିଷ୍ଟ ।" ସାଇପଡ଼ିଶାରେ ନାଆଁ ହେଇଯିବାକୁ କେତେ ବେଳ ! କାହାର ଯଦି କାନ୍ଥରେ ଚିତା ଦେବାକୁ ପଡ଼େ ସିଏ ଡାକେ ମତେ—ଓଷା ପର୍ବରେ ମୁରୁଜ ଦେବା ପାଇଁ ନୂଆ ନୂଆ ଡିଜାଇନ ବାହାର କଲି—ତାପରେ ଆରମ୍ଭ ହେଲା ରୁମାଲରେ ଫୁଲ କରିବା, ସେମିଜ, ବ୍ଲାଉଜ ପାଇଁ ଡିଜାଇନ କରିବା, ଶାଢ଼ୀରେ ଧଡ଼ି କରିବା ପ୍ରଭୃତି । ଇନ୍ଦୁ ତା ଭାଇ ହାତରେ କହି ପଠେଇ ମୋ ପାଖରୁ ଅନେକ ଡିଜାଇନ କରାଇ ନେଇଚି ଆଉ ମୁଁ ରାତିରେ ପଢ଼ିଲାବେଳେ ବାପା ବୋଉ ଆଉ ଟିମିକି ଲୁଚେଇ ଲୁଚେଇ ଖାତା ତଳେ କାଗଜ ରଖି ଡିଜାଇନ ସବୁ ଆଙ୍କି ଦେଇଚି । ମୁଁ କାହିଁକି ଆଙ୍କେ ? ଏଇଟା

ଗୋଟାଏ ବଡ଼ କଠିନ ପ୍ରଶ୍ନ । ଅତି ବଡ଼ ଭାବିବାର ଜିନିଷ । ଆର୍ଟିଷ୍ଟ କାହିଁକି ଆଙ୍କେ ? ପ୍ରକୃତ **ଆର୍ଟିଷ୍ଟ** ଯିଏ ସିଏ କଣ ଟଙ୍କା ସୁନା ପାଇଁ ଆଙ୍କେ ? ସିଏ କଣ ମାନସମ୍ମାନ ପାଇଁ ଆଙ୍କେ, ନା ତା ନାଁଆ ଖବର କାଗଜରେ ଛପା ହବା ପାଇଁ ଆଙ୍କେ ? ସିଏ ଆଙ୍କେ ତା ପ୍ରିୟା ପାଇଁ—ମୋ କଥା ବି ସେୟା । ମୁଁ ଆଙ୍କେ ମୋ ପ୍ରିୟା ପାଇଁ—ମୁଁ ଧନ ଲୋଡ଼େଁନି, ରତ୍ନ ଲୋଡ଼େଁନି, ନାଁଆ ଲୋଡ଼େଁନି, ଗାଁଆ ଲୋଡ଼େଁନି—ଖାଲି ଏତିକି ଲୋଡ଼େଁ ମୋ ପ୍ରିୟା ଭୋଳାନାଥ ବାବୁଙ୍କ ଝିଅ ଇନ୍ଦୁ ଯଦି ଏଇ ଡିଜାଇନ ଗୁଡ଼ା ଦେଖି କହିବ 'ଭଲ ହୋଇଚି', ତାହେଲେ ମତେ ସବୁ ମିଳିଗଲା ବୋଲି ଜାଣି—କିଛି ନ ମିଳିଲେ ବି । ମୁଁ ଡିଜାଇନଗୁଡ଼ା ନେଇ ବ୍ରଜକୁ ଦିଏ—ବ୍ରଜ ତାଙ୍କ ଦାଣ୍ଡ ଘରେ ମତେ ବସେଇ ଦେଇ ଭିତରକୁ ଯାଏ ଇନ୍ଦୁକୁ ଦେଖେଇବା ପାଇଁ । ଫେରି ଆସି କହେ, "କହିଲା ଭଲ ହୋଇଚି ।" "କହିଲା ଭଲ ହୋଇଚି" ଏଇ ପଦକ କଥା ମୋ କାନରେ, ଯୋଉଠିକୁ କହନ୍ତି ଅମୃତ ଢାଳିଦିଏ, ମୋ ପରିଶ୍ରମ ସାର୍ଥକ ହୋଇଯାଏ, ମତେ ଲାଗେ ଯେମିତି ମତେ ମିଳିଗଲା କଣ ନାଇଁ କ'ଣ—ମୁଁ ତୃପ୍ତ ହୋଇଯାଏ ।

ମୁଁ ତୃପ୍ତ ହଉଥିଲି—ନାଇନ୍‌ଥ କ୍ଲାସ, ଟେନ୍‌ଥ କ୍ଲାସ, ଇଲେଭନ୍‌ଥ୍ କ୍ଲାସ ତିନିବର୍ଷ ଧରି ତୃପ୍ତ ହେଲି । କିନ୍ତୁ ମଣିଷ ଯେତେ ବଡ଼ ଆର୍ଟିଷ୍ଟ ହେଉ ପଛକେ ଖାଲି ଖାଲି କାହିଁ ତକ ତୃପ୍ତ ହଉଥିବ ? ମୁଁ ମାଟ୍ରିକ ପରୀକ୍ଷା ଦେବା ପରେ ଅସମ୍ଭାଳ ହୋଇ ପଡ଼ିଲି । ମୁଁ କହିଲି ଯାହା ହବ ହବ ପଛକେ ଏ ବିଷୟରେ କିଛି ଗୋଟାଏ ନ କଲେ ହଉନି, କିଛି ନ ହେଲାବେଳକୁ ଠିକିଏ କଥାବାର୍ତ୍ତା । ମୋର ଜବବନ୍ଧୁ ଶ୍ରୀକାନ୍ତ ମୋ ମନକଥା ଅଳ୍ପ ବହୁତ ଜାଣେ । ମୋ ମନ ଭିତରେ ଯେତେବେଳେ ପ୍ରେମ ଉଚ୍ଛୁଳା

ପଡ଼େ ମୁଁ ତାର ଆଗରେ ଓଲଗି ପଡ଼ାଏଁ । ମୁଁ ଦିନେ ଶ୍ରୀକାନ୍ତକୁ କହିଲି, "ଭାଇ ଏମିତଅ ଏମିତଅ କଥା—ମୁଁ ତାକୁ ଏତେ ପ୍ରେମ କରୁଚି, ସେ ଜାଣି ପାରୁ ନି, ମୁଁ କଣ କରିବି କହ—?" ଶ୍ରୀକାନ୍ତ କବି କନା, ସେଇଯୋଗୁଁ ପ୍ରେମ ବିଷୟରେ ଅଧିକ ଜାଣେ । ସିଏ କହିଲା, "ଗୋଟାଏ ଚିଠି ଲେଖ—।" ଚିଠି ଲେଖାଗଲା ଆଉ ଗୋଟିଏ ଦୂତୀ ହାତରେ ପଠାଗଲା—ଚିଠିର ଉତ୍ତର ଆସିଲା ନି, କିନ୍ତୁ ଏତିକି ଶୁଣିଲି ଯେ ଇନ୍ଦୁ କୁଅଡ଼େ କହିଲା, "ଏଠି ତ ସୋରିଷ ଫୁଟିଲେ ବାସ ଚହଟି ଯାଉଚି—ଏ ଜାଗାରେ ପୁଅ ଝିଅଙ୍କର କଥାବାର୍ତ୍ତା ହେଲେ ବଦନାମି ହେବା କଥା ।" ମୁଁ ଶୁଣିକରି ଟିକିଏ ଦବି ଗଲି କିନ୍ତୁ ହାଲ୍ ଛାଡ଼ି ନି । ମୁଁ ଶ୍ରୀକାନ୍ତକୁ ଫେର୍ କହିଲି, "ଭାଇ ସେ ଉତ୍ତର ଦେଲା ନି, କହିଲା ଯେ "ଏଠି ସୋରିଷ ଫୁଟିଲେ ବାସ ଚହଟୁଚି । ସେଇଯୋଗୁ ବନ୍ଧୁତା ବା କଥାବାର୍ତ୍ତା କରିବା ଅସମ୍ଭବ ।" ମୁଁ ବର୍ତ୍ତମାନ କଣ କରିବି କହ । ଅଳ୍ପଦିନ ପରେ ତ ଆମର ରେଜଲ୍ଟ ବାହାରିବ, ପାସ କଲେ ତ ଆର୍ଟ ପଢ଼ିବା ପାଇଁ କଲିକତା ଚାଲିଯିବି । ତା ଆଗରୁ ଇନ୍ଦୁ ସାଙ୍ଗରେ ପଦେ..."

ଶ୍ରୀକାନ୍ତ ମୋ କଥାଗୁଡ଼ାକ ଭିତରେ ଗୋଟାଏ ପ୍ରେରଣା ପାଇଲା । ମତେ କହିଲା, "ପ୍ରେମ ଜିନିଷଟା ହଉଚି ମୂଲ୍ୟବାନ୍ ଜିନିଷ । ତୁ ଗଦ୍ୟରେ ଚିଠି ଲେଖି ଉତ୍ତର ପାଇବୁ ବୋଲି କେମିତି ଆଶା କରିଚୁ ? କବିତା ଲେଖ, ଦେଖିବୁ ସାଥେ ସାଥେ ଉତ୍ତର ଆସି ପହଞ୍ଚିବ ।" ତାପରେ ସାଙ୍ଗେ ସାଙ୍ଗେ କାଗଜ ପେନ୍‌ସିଲ ଧରି ମୋପାଇଁ ଲେଖି ବସିଲା—

"ବନ୍ଧୁ ବୋଲି ଡାକିବା ପାଇଁ
ଥରେ ମୋ ଛାତି

ଥରେ ମୋ ହୁଅ
କେଜାଣି କାହିଁ !
ତମେ ଯେ ଆସି ବହୁତ ଦନୁ ମହନ ହେଲ
ବୁଝି ପାରୁନ ମୋ ବୁକେ ଏ କି ଝଞ୍ଜା ଖେଳ ?
ଦର୍ଶଟି ବୁକେ ପୀରତ ଉଠା
ଭ୍ରକୁଟ ଏଠି ସୋରଷ ଫୁଟା ?
ନାହିଁ ଗୋ ନାହିଁ,
ଖବର ନାହିଁ,
ଫୁଲଛୁ ମୁହିଁ ହେବ ବୋଲି ଚିନ୍ତା କର
ଖୋସିବ ନାହିଁ ତୁଲୀ ମୋ ଖସେ ଥରକୁ ଥର ।
ବନ୍ଧୁ ମୋର, ଏତିକି ମାଗେ,
ତୁଲୀରେ ମୋର ଖୋସିବ ଦେବ ସେମିତ ଲାଗେ ।
ଦେବଟି ଏଇ ଅଧିକାର,
ମୋର ଏଇ ବଲେଇପଣ। ତଙ୍ଗ ଲାଗି କରିବନାହିଁ ଧିକ୍କାର ।

ଶ୍ରୀକାନ୍ତା ଗୋଟାଏ ଜନ୍ତୁଅସ୍—ତା ନ ହେଲେ କି ମୋ ମନ କଥାଟା ତା ଭାଷାରେ ଏମିତ ଫୁଟେଇ ପାରନ୍ତା ? କିନ୍ତୁ ମୋ ପ୍ରିୟା ମୋ ତୁଲୀରେ ଖୋସିକ ଦେଲ କି ? ଦେଲ ନା—ଯିଏ ଦବ ନ ବୋଲି ଏକା ଜିଦ୍ ଧରି ବସିଚ ତା ପେଇଁ ଗଦ୍ୟ ପଦ୍ୟ ସବୁ ସମାନ । ସେମିତ ଚୁପ ରହିଲ—ଖୋସିବ ଫୋପାଡ ଦବା ଦୂରେ ଥାଉ, କବିତାଟା ପାଇଚ ବୋଲି ବି କହି ପଠେଇଲ ନା, ବୋଧହୁଏ ମୋର ବଲେଇପଣ। ତଙ୍ଗ ପାଇଁ ମନେ ମନେ ଅଜସ୍ର ଧିକ୍କାର ଦେଉଥିବ ।

ତା'ପରେ ଯାହା ହୁଏ ସେୟା ହେଲ—ମୁଁ ପାସ୍ କଲି, କଲିକତା ଗଲି ନା । କାରଣ ପାସ୍ ସାଙ୍ଗେ ସାଙ୍ଗେ ଗୋଟାଏ କରାଣୀ

ଘୁଳୁକସି ପାଇଗଲି ଅମର ଚାଉନରେ—ଧ୍ରୁବକୁ ଛାଡ଼ିବାକୁ ଇଚ୍ଛା ହେଲା ନା । ବିସ୍ତାର କରି ଦେଖିଲି ଯେ ଯିଏ ପ୍ରକୃତ ଆର୍ଟିଷ୍ଟ, ତାର କଲିକତା ଯାଇ ଟଙ୍କା ଅପବ୍ୟୟ କରିବା କିଛି ଦରକାର ନାହିଁ । ଘରେ ଥାଇ ସୁଦ୍ଧା ମୁଁ ଆର୍ଟରେ ଉନ୍ନତି କରି ପାରିବି—ସେଯା କରିଚି ବି । ମୋର ବାପା ଭୋଳ ଅଉ ଟିମିକୁ ପସୃରନ୍ତୁ ସତ କି ନା !

ଇନ୍ଦୁ—ଇନ୍ଦୁ ବାହା ହେଇ ଗ୍ଲଲିଗଲା । ମୋର ଦୁଃଖ ହେଇ ନା । କାରଣ ମୋର ସେ ସତ୍ୟ ପ୍ରେମ, ନିଃସ୍ୱାର୍ଥ ପ୍ରେମ ! ତା ସୁଖରେ ନିଜକୁ ସୁଖୀ ମନେ କଲି । ବିଚ୍ଛେଦରେ ତା କଥା ମୁଁ ଅଧିକ ଭାବେ । ସିଏ କୋଉଠି ଥିବ ? ବ୍ଲାଉଜ୍ ସେମିଜ ପିନ୍ଧୁଥିବ ତ ଉଡ଼ାଇନସୁଡ଼ା ଦେଖି ମତେ ମନେ ପକଉଥିବ । ଖଟ ଉପରେ ଶୋଇଲା ବେଳକୁ ମୋର ଉଡ଼ାଇନ ଉପରେ ଶୋଇ କରି ମୋ କଥା ଭାବୁଥିବ । କାନ୍ଥ ଆଡ଼କୁ ଆଖି ପକାଉଥିବ ତ ମୋର ଅଙ୍କା ଫଟଗୁଡ଼ାକ ଦେଖୁଥିବ । ନାକ ପୋଛୁଥିବ ତ ରୁମାଲରେ ମୋ'ର ଫୁଲ ଦେଖି ମତେ ମନେ ପକଉଥିବ । ମୁଁ ପାଖରେ ନ ଥିଲେ ବି ସେ ବରାବର ମୋର ସ୍ପର୍ଶ ପାଉଥିବ, ମୁଁ ଯେମିତି ତା'ର ସ୍ପର୍ଶ ପାଉଚି ମୋ ମନ ଭିତରେ ତାକୁ ନ ପାଇଲେ ବି—ଯାହାଠାରୁ ଅଧିକ ଆର୍ଟିଷ୍ଟ ଆଉ କଣ ଗ୍ଲହେଁ ? ଆଉ ବେଶି କଣ ଲୋଡ଼ା ?

ଗ୍ଲରିବର୍ଷ କଟି ଯାଇଚି । ମୁଁ ସେଇ ଆର୍ଟିଷ୍ଟ ଆଉ ସେଇ କାରିମୀ ହେଇ ଅଛି—ଗଲା ବଡ଼ଦିନ ଛୁଟିରେ ପୁରୀ ଯାଇଥିଲି ଆଉ ଗୋଟାଏ ନୂତନ ପ୍ରେରଣା ପାଇ ଫେରି ଆସିଲି—କାହା- ଠାରୁ ପାଇଛି ଜାଣନ୍ତି ? ସେଇ ଭୋଲାନାଥ ବାବୁଙ୍କ ଝିଅ ଇନ୍ଦୁଠାରୁ । ଗାଡ଼ିରୁ ଓହ୍ଲାଇଚି କି ନାହିଁ ଅକସ୍ମାତ୍‌ ଭାବରେ ତା ସାଙ୍ଗରେ ଦେଖା ହେଇଗଲା—କେମିତି ଅକସ୍ମାତ୍‌ ଭାବରେ

ମୋତେ ପଚାରନ୍ତୁ ନି—ନଭେଲ୍‌ରେ ଯେମିତି ଆକସ୍ମିକ ଭାବରେ ଦେଖାହୁଏ ସେମିତିଆ । ଇନ୍ଦୁ ଟିକିଏ ପାତଳା ହୋଇ ଯାଇଛି । ତା କୋଳରେ ଗୋଟିଏ ପୁଅ । ସେ ମତେ ଚାହିଁ ପକାଇଲା । କହିଲା, "ତୁମେ !" ମୁଁ 'ଥତମତ' ହୋଇଗଲି । ପାଟିରୁ ଭାଷା ବାହାରିଲା ନି, ତା ସାଙ୍ଗରେ ଆଗରୁ କେବେ କଥା ହୋଇ ନ ଥିଲି ନା, ସେଇଥିପାଇଁ । ସିଏ ମତେ ଲାଜ କଲା ନି । ମୁଁ ଭାବିଲି ଯେ ସେଇ 'ମୁଁ' ଅଛି, ଆଉ ସେଇ 'ସିଏ' ଅଛି—ମୋ ମନ ଭାବଗୁଡ଼ାକ ପୂର୍ବପରି ରହିଛି—ସେ ଆଗ ଲାଜ କରୁଥିଲା ଆଉ ବର୍ତ୍ତମାନ ଲାଜ କରୁ ନି କିପରି ? ଇନ୍ଦୁ ମୋ କୋଳକୁ ତା ପୁଅକୁ ବଢ଼େଇ ଦେଲା । ମୁଁ ପୁଅଟିକୁ କାଖେଇ ଜାଣିପାରିଲି ଯେ ବର୍ତ୍ତମାନ ସେ ଲାଜ କେମିତି କରିବ ? ବର୍ତ୍ତମାନ ସେ ଯେ ବାହା ହୋଇ ଗଲାଣି ଆଉ କୋଳରେ ଗୋଟିଏ ପୁଅ ଆଉ ଲାଜ କରାଯାଇ ନ ପାରେ ! ମୁଁ ପୁଅର ଗାଲ ଟିପି ଦେଇ ପଚାରିଲି, "ନାଆଁ କ'ଣ ରଖିଛ ?"

ଇନ୍ଦୁ କହିଲା, "ରୁନୁ", ତା ଭଲ ନାଁଆ ରଣଜିତ୍ । ଲଢ଼େଇ ଲାଗିଛି କି ନା ସେଇଥିପାଇଁ ତା ବାପା ରଖିଛନ୍ତି ।" ମୁଁ ହସିଲି ।

ଇନ୍ଦୁର ପ୍ରଶ୍ନର ଉତ୍ତରରେ ମୁଁ କହିଲି, "ଜମା ଦିନୁଟାଏ ଲାଗି ପୁରୀ ଆସିଛି ।"

"ଆମ ଘରେ ଆସି ରହିବ"—ଇନ୍ଦୁ ଅନୁରୋଧ କଲା ।

ମୁଁ କହିଲି—"ନାଇଁ ଧର୍ମଶାଳାରେ ରହିବି ।"

"ମୋର ଏଇ ଛୋଟ ଅନୁରୋଧଟି ରଖିବ ନି ?" ଇନ୍ଦୁ ଜିଦ୍ କଲା । ମୁଁ ରଖିଲି । ତା ସ୍ୱାମୀ ଗସ୍ତରେ ଯାଇଥିଲେ । ଏତେ ଦିନର ଛଡ଼ାଛଡ଼ି ହବାର ସବୁ ଦୁଃଖ ସୁଖ ପଡ଼ିଲା, ଅବଶ୍ୟ ସେଉଟା ପ୍ରେମକଥା ନୁହେଁ—ମୋର ବାପା ମୋର ବୋଉ ଆଉ ଟିପି କଥା । କି ଗୁଜବ କରୁଛି ସେଇ କଥା । ତା ସ୍ୱାମୀ କଥା, ନିଜ

କଥା, କେବେ ପୁସି ଆସିଲେ ସେଇ କଥା । ଇନ୍ଦୁ ମୋର ରହିବା ପାଇଁ ତାଙ୍କ ଡାଣ୍ଡଘରେ ବ୍ୟବସ୍ଥା କରିଦେଲା । ସତକୁ ସତ ମୋର ଅଙ୍କା କେତେଟା ଓଲାଇନ କାନ୍ଥରେ, ଟେବୁଲ କ୍ଲଥରେ ଦେଖିଲି । ଏତେ ଖୁସି ହେଲି କୁହନ୍ତୁ ନି—ଅର୍ଥର ସାର୍ଥକତା ଯାକୁଇ କହନ୍ତି ।

ରାତିରେ ଶୋଇଲାବେଳକୁ ଅନେକ କଥା ଭାବିଲି । ଏଇ ସେଇ ଇନ୍ଦୁ ଆଜି ଗୋଟିଏ ମାଆ ହେଇ ସାରିଲାଣି—ମୋ ମନ ଭିତରେ ତା ପେଇଁ ଏତେ ପ୍ରେମ ଅଛି, ତା ମନ ଭିତରେ ମୋ ପେଇଁ କଣ ସେମିତିଆ କିଛି ଗୋଟାଏ ନ ଥିବ ? ତାର ସ୍ୱାମୀ ଗସ୍ତରେ ଯାଇଛନ୍ତି ଆଉ ସେ ମତେ ଏତେ ଆଦର କରି ଆଣି ଘରେ ରଖିଛି—ଯାର ଅର୍ଥ କଣ ? ସତେ କଣ ସିଏ—

ମୋ ଭାବନାରେ ବାଧା ପଡ଼ିଲା—ଆର ଘରୁ ଇନ୍ଦୁ ପୁଅ ଭେଁ କରି ରଡ଼ି ଛାଡ଼ିଲା—ଇନ୍ଦୁ ତାକୁ ବୋଧ କରୁଥାଏ ଜମା ପାରୁ ନ ଥାଏ, ରୁନୁ ସିଧା ଧରି କାନ୍ଦୁଥାଏ । ଇନ୍ଦୁ ହଠାତ୍ ମୋ ଘରକୁ ପଶି ଆସିଲା—ମୁଁ ଟିକିଏ ଅସ୍ତବ୍ୟସ୍ତ ହେଇଗଲି । ଇନ୍ଦୁ କହିଲା, "ଏଇ ନିଅ ଏଇ କମ୍ବଳଟା ଘୋଡ଼ି ହେଇପଡ଼, ଆଉ ମୁଁ ଯେତେବେଳେ ଡାକିବି—ଆସି ବୁଟିରେ ମାଙ୍କଡ଼, ତମେ ହାଉଁ ହାଉଁ କରି ପାଟି କରି ଆସିବ ।"

ଇନ୍ଦୁକୁ ମୋର ପ୍ରତିଭା ଦେଖେଇବାର ଇଏ ଗୋଟାଏ ସୁଯୋଗ ମିଳିଲା ମତେ । ତା'ର ପ୍ରେରଣାରେ ମୁଁ ଆର୍ଟିଷ୍ଟ ହୋଇ ଓଲାଇନ ଦ୍ୱାରା ବହୁତ ଥର ଆତ୍ମପ୍ରକାଶ କରିଛି, ବର୍ତ୍ତମାନ ନଟ ହୋଇ ଭାବଭଙ୍ଗୀ ଓ ସ୍ୱରଦ୍ୱାରା ଆତ୍ମପ୍ରକାଶ କରିବାକୁ ପଡ଼ିବ । ମୁଁ ତାର ଆହ୍ୱାନକୁ ପ୍ରତୀକ୍ଷା କରି ରହିଲି—ସେ ଡାକିଲେ ମୁଁ ଅଭିନୟ କରିବି । ମୁଁ ମୋର ନିଜର ଅସ୍ତିତ୍ୱ ଭୁଲିଯାଇ ମାଙ୍କଡ଼ର

ପ୍ରାଣ ନେଇ ଠିଆ ହେବ, ମାଙ୍କଡ଼ ପରି ଘୁଲିବ । ତାପରେ ଡେଇଁବ, ତାପରେ ନାଚକୁଦ କରିବ । ତାର ମନୋଭାବ ନିଜ ମନରେ ଅନୁଭବ କରିବ ଆଉ ଅଙ୍ଗଭଙ୍ଗୀ ଦ୍ୱାରା ପ୍ରକାଶ କରିବ ।

ଇନ୍ଦୁ ଆର ଘରୁ ଡାକିଲା, "ଆସିବୁଟିରେ ମାଙ୍କଡ଼ !" ମୋର ସାରା ଦେହରେ ବିଜୁଳି ଖେଳିଗଲା—ମୁଁ କମ୍ବଳ ଘୋଡ଼େଇ ହୋଇ ଆସିଲି । ଆଉ ଆତ୍ମବିସ୍ମୃତ ହୋଇ ଆଙ୍ଗିକ ଅଭିବ୍ୟକ୍ତି ଦ୍ୱାରା ମାଙ୍କଡ଼ର ଭାବ ପ୍ରକାଶ କରୁକରୁ ମର୍ମଭେଦୀ ଚିତ୍କାର କଲି "ହାଉଁ" । ବ୍ରେକ ଦେଲା ଭଳିଆ ରୁନୁର କାନ୍ଦଣା ବନ୍ଦ ହୋଇଗଲା ତତ୍‌କ୍ଷଣାତ୍ । ଇନ୍ଦୁ କମ୍ବଳ ସହିତ ମୋ ହାତଟାକୁ ଜାବୁଡ଼ି ଧରି କହିଲା, "ଅନୁଭାଇ, ତମେ ଗ୍ରେଟ୍—ତମେ ଏତେ ସୁନ୍ଦର ଏକ୍‌ଟିଂ କରିପାର, ମୁଁ ଜାଣି ନ ଥିଲି—ତମେ ବାସ୍ତବିକ ଗୋଟାଏ ବଡ଼ ଆର୍ଟିଷ୍ଟ ।"

"ଅନୁଭାଇ ! ଅନୁଭାଇ" ଡାକଟା ହଜମ କରିବାକୁ ମତେ କେତେ ମିନିଟ ଲାଗିଲା । ଇନ୍ଦୁର ଆଖିରେ ଦେଖିଲି ପ୍ରଶଂସା ଆଉ ମୁହଁରେ ଦୟା, ମାୟା, ମମତା, ସ୍ନେହ, ପ୍ରେମ ସବୁ ଯେମିତି ଏକାଠି ଉଚ୍ଛୁଳି ପଡ଼ୁଛି—ଭାଇ ହବା ହିଁ ସୁନ୍ଦର, ବେଶୀ ମିଠା । ଛି, ଛି, ମୁଁ କଣ ସବୁ ଭାବୁଥିଲି କେତେ ସମୟ ଆଗରୁ ।

ମୁଁ ପୁରୀରୁ ଫେରି ଆସି ଆମ ଟାଉନ ଡ୍ରାମାଟିକ କ୍ଲବରେ ମେମ୍ବର ହୋଇଛି—ଏଣିକି ସ୍ଥିର କରିଛି—ଯାଉଛି ଗୋଟାଏ ଏକ୍‌ଟର ହେବି—କାହିଁକି ନ ହେବି କହିଲେ—ମୋ ପଛରେ ଯେତେବେଳେ ଏତେ ବଡ଼ ପ୍ରେରଣା ରହିଛି—ଇନ୍ଦୁର, ମୋ ଭଉଣୀ ଇନ୍ଦୁର !!

# ରାଜ୍ୟ ଲାଭ

ଆଜିକାଲି ରେଲ ମଟରର ହବା ଦ୍ୱାରା ଗୋଟାଏ ବଡ଼ ସୁବିଧା ହୋଇଛି, ଆମକୁ ଅତି ଦୂର ଜାଗାକୁ ଚାଲିକରି ଯିବାକୁ ପଡ଼ୁନି । ସେଇ ଯୋଗୁ ଚାଲି ଚାଲି କ୍ଲାନ୍ତ ହବାକୁ ପଡ଼ୁନି କିମ୍ବା କ୍ଲାନ୍ତ ହୋଇ ଗଛ ମୂଳେ ଶୋଇବାକୁ ପଡ଼ୁନି — ତା ଛଡ଼ା ରେଲ ମଟର ଇତ୍ୟାଦିରେ ହାତୀମାନଙ୍କର ଯିବାର ଅର୍ଡର ନାହିଁ ଯୋଉଥିପାଇଁ ଆମର ଅଦ୍ଭୁତ ଆନନ୍ଦ ହବାର କଥା । ମନେ କରନ୍ତୁ ଆଜି ଯଦି ହାତୀମାନେ ଆମ ମେଲରେ ବସି ଯାଉ ଥାଆନ୍ତେ, ତେବେ ଖାଲି ଯେ ଥାନ ଅଭାବ ବେଳେ ଅଦ୍ଭୁତ ଥାନ ନିଅଣ୍ଟିଆ ପଡ଼ନ୍ତା ତା ନୁହେଁ, ଆମେ ଯେ ହାତୀମାନଙ୍କ ସଂସ୍ପର୍ଶରୁ ଦୂରରେ ରହୁଛେ ତା ଆଉ ହୋଇ ପାରନ୍ତା ନି । ତାଛଡ଼ା ରେଲ ମଟର ହେବାଦ୍ୱାରେ

ତୁଚ୍ଛାକୃତ ଅଙ୍ଗୀକୃତ ହୋଇ ଅଛେ । ମନେ କରନ୍ତୁ ନିଦ ହୋଇଗଲା, ତା ହେଲେ ?

ହାତୀଙ୍କୁ ଯେ ମୋ ଡର ତା ନୁହେଁ, ନିଦ ହୋଇଗଲେ ଯେ ହାତୀ ଆମକୁ ଚକଟି ପକେଇବ ସେମିତିଆ ବା ଡର ମୋର ନାହିଁ—ମୋର ପ୍ରକୃତ ଡର ହଉଚି ସୁନା କଳସୀକି । ଦୂର ଦେଶକୁ ଗଲାବେଳେ କ୍ଳାନ୍ତ ହୋଇ ଗଛମୂଳେ ଶୋଇଲେ ହାତୀ ଆସି ସୁନା କଳସୀ ଢାଳିବା ଆମ ଦେଶରେ ନୂଆ କଥା ନୁହେ—ଅଜ ହାତୀ କଳସୀ ଢାଳିଲେ ଲୋକେ ଧରି ନେଇ ଗାଦିରେ ବସେଇ ରଜା କରିଦେବା ମଧ୍ୟ ନୂଆ କଥା ନୁହେ—ସବୁ ପୁରୁଣା କଥା—ଅନେକ ସେମିତି ରଜା ହୋଇଛନ୍ତି—ମୋର କିନ୍ତୁ ରଜାହବାକୁ ଜମାରୁ ଇଚ୍ଛା ନାହିଁ । ସେଇ ଯୋଗୁ ସୁନାକଳସୀ ଓ ହାତୀ ଦନ୍ତିଙ୍କି ମନେ ମନେ ବରାବର ଭୟ କରି ଆସିଚି—ଆପଣ ବିଚାର କରନ୍ତୁ ଆମେ ଆମର କାମରେ ଯାଉଛୁ, ଟିକିଏ ହାଲିଆ ହୋଇ ବାଟରେ ଶୋଇ ପଡ଼ିଲୁ, ଯା ଭିତରେ ଯଦି ଗୋଟାଏ ହାତୀ ଆସି ସୁନା କଳସୀରେ କଳସୀଏ ପାଣି ଢାଳି ଆମ ଜାମା ଲୁଗା ପଟା ଭିଜେଇ ଦବ ଆଉ ସେମିତି ଓଦା ସଡ଼ସଡ଼ ଅବସ୍ଥାରେ ଆମେ ଗାଦିକୁ ଟେଣା ହୋଇ ରଜା କରାଯିବୁ, ସେତେବେ ତାହାକୁ ଭଲ ଲାଗିବ କହିଲେ ଦେଖି ? ମତେ ଓଦା ନକରି ଶୁଖିଲା ଟାଣିଲେ ବି ମୁଁ ଯିବି ନି । ପିଲାଦିନେ ଅଜ୍ଞାନ ଅବସ୍ଥାରେ କେଜାଣି ଗଲେ ଯାଇଥାନ୍ତି, ଆଜିକାଲି ଯିବି ନି —ମୋର କେତେଗୁଡ଼ିଏ ନିଜର ଘରୋଇ କାରଣ ରହିଚି ଯୋଉଥିପାଇଁ ଯିବି ନି । ଅବଶ୍ୟ ଏ କଥାଟା ମୁଁ ଏମିତି ଉପର ଠାଉରିଆ ଭାବରେ କହୁ ନି । ମୁଁ ବେଶ ଭାବିଚିନ୍ତି କହୁଚି—ଗଲା ଦେଢ଼ମାସ କି ଦି'ମାସ ହେଲାଣି ମୁଁ ଏଇ କଥା ଗୁଡ଼େଇ ତୁଡ଼େଇ ହୋଇ ଭାବୁଚି ଯେ, "କଣ କରିବି ?" "ମତେ ହାତୀ ସୁନାକଳସୀ

ଥାଳିଲେ ମୁଁ କଣ କରିବି ?" କେତେବେଳେ ଭାବେ ଯାଉଛି ରଜାହୋଇ ଯିବି କଣ ଭାସି ଯିବ ବା, କିନ୍ତୁ ରଜାଙ୍କ ଢଙ୍ଗ ଢାଙ୍ଗ ଗୁଳିଚରଣ କଥା ଭାବିଲେ ମନ ଛାଡ଼ି ଯାଏ । ମୁଁ ଯାହା ଦେଖୁଛି ବାସ୍ତବିକ ରଜା ହବା ମୋ ଧାତୁରେ ଯିବ ନା ।

କାହିଁକି ମୋ ଧାତୁରେ ଯିବ ନା କହୁଛି ଶୁଣନ୍ତୁ—ପ୍ରଥମେ ଦେଖନ୍ତୁ ଦିନସାରା ଚବିଶ ଘଣ୍ଟା ଶହେ କି ଦି'ଶହ ତୋଳା ଓଜନର ସୁନା ରୁପା ଥିବା କୌଣସି ଧାତୁର ମୁକୁଟ ପିନ୍ଧିବା କଣ ସହଜ କଥା ? ଆପଣ କହି ପାରନ୍ତି ସହଜ କିନ୍ତୁ ମୁଁ ଆମ ଇସ୍କୁଲ ଥିଏଟରରେ ପାର୍ଟ ନେଇ ଦେଖିଛି ସେଥିରୁ ଗୁଡ଼ାଏ ପିନ୍ଧିବା ବଡ଼ ହଇରାଣ କଥା—ଓଜନ ଯେମିତିଆ, ଝାଲ ବି ସେମିତି ବାହାରେ । କେମିତି ତଳକୁ ମାଡ଼ି ମାଡ଼ି ପଟକାଇଲା ଭଳିଆ ଲାଗେ । ତା ଛଡ଼ା ମୁକୁଟ ତଳେ ଯେଉଁ ପରଚୁଳା ପିନ୍ଧାଯାଏ ସେ କାହା ନା କାହା ବାଳ, କୌଣସି ମଲା ମଣିଷ ବାଳରୁ ତିଆରି କରାଯାଇ ଥାଏ—ଭାରି ଦୁର୍ଗନ୍ଧ କରେ । ବାସନା ତେଲ ଦେଇ କୁଣ୍ଡେଇ ରଖିଲେ ବି ଗନ୍ଧ ଯାଏ ନା—ଭାରି କଣ୍ଟ୍ କଣ୍ଟ୍ କରି କୁଣ୍ଡେଇ ହୁଏ ମଧ । ଆଉ ମୁହଁରେ ବହଳିଆ ଭାବରେ ଯେଉଁ ପେଣ୍ଟିଂ କରାଯାଏ, ନଡ଼ିଆ ତେଲ ଦେଇ ଘଣ୍ଟାଏ ଦି'ଘଣ୍ଟା ନ ରଗଡ଼ିଲେ ପେଣ୍ଟିଂ ଛାଡ଼େ ନା—ଏଇସବୁ ବିସ୍ତୁର କରିବାର କଥା । ମୁଁ ରଜା ହୋଇ ଦେଖିଛି ଯଦି ମନେକରନ୍ତୁ ପରଚୁଲା ଭିତରେ ଗୋଟିଏ ଷ୍ଟେଟ-ଫୋକ ରହି ମନ୍ଦିରେ ମନ୍ଦିରେ କାମୁଡ଼େ ବା କେଶରୁ ଅଠା ଛାଡ଼ିଯାଇ ନିଶ ପବନରେ ଉଡ଼ି ଯିବାକୁ ବସେ, ତେବେ ପରଚୁଲା ଠେକା ମୁଣ୍ଡ କୁଣ୍ଡେଇଲେ କିମ୍ବା ଉଡ଼ନ୍ତା ନିଶକୁ ଅଣି ଯଥା ସ୍ଥାନରେ ଚିପି ଧରିବାକୁ ଚେଷ୍ଟାକଲେ ରଜା ଭଳିଆ ଆଉ ପୋଜ୍ ଦେଇ ହୁଏ ନି; ପାର୍ଟ ମଧ ମନେ ପଡ଼େ ନି ସେତେବେଳେ । ରଜାଙ୍କ ପରି ପୋଜ୍‌ରେ

ବସିବା, ଚାଲିବା, କଥା କହିବା, ହସିବା ଏବଂ ସଙ୍ଗେ ସଙ୍ଗେ ଡ୍ରେସିଂ ପେଣ୍ଟିଂ ଉପରେ ଲକ୍ଷ୍ୟ ରଖିବା ଇତ୍ୟାଦି କଥା ଏକ ସମୟରେ ଏତେ କଥା ମୋଦ୍ୱାରା କେବେ ହୋଇ ପାରି ନି ଏବଂ ହୋଇ ପାରିବ ନି ମଧ୍ୟ । ରଜାଙ୍କ ପୋଷାକ ବି ମତେ ଓଜନ ଲାଗେ—ମଖମଲର ବହଳିଆ ବେକଚାପା ପୋଷାକ ପିନ୍ଧିଲେ ମୋ ନିଶ୍ୱାସ ରୁଦ୍ଧ ହୋଇଯାଏ, ତା ଉପରେ ଜରି ଚୁମ୍‌କିର କାରୁକାର୍ଯ୍ୟ କରାଯାଇ ଥାଏ, ଉପରେ ଯେଉଁଟି ଲାଗେ ଗୁଣ୍ଡି ହୋଇଯାଏ । ତାଛଡ଼ା ଖଣ୍ଡା, ତରୁଆଲ ଆଉ ସାଜ ସରଞ୍ଜାମ ତ ରହିଛି । ମୁଁ କହୁଛି ଏତେ ଦର୍‌ବାରକୁ ଯିବାକୁ ମନ ଡାକିବ କି ? ଖାଲି ବେଶ ପୋଷାକ କଥା ନୁହେଁ ରଜାଙ୍କ ଜୀବନରେ କଣ ଏମିତି ଅଛି ଯେ ରଜା ହବାକୁ ମନ ସକସକ ହବ ମୁଁ ଦେଖୁନି ତ । ମୁଁ ଆମ ଗଡ଼ଜାତ ରଜାଙ୍କଠୁଁ ଆରମ୍ଭ କରି ସମ୍ରାଟ ଷଷ୍ଠ ଜର୍ଜଙ୍କ କଥା ଭାବି ଦେଖିଛି ଅଉ ତାଙ୍କମାନଙ୍କ କଥା ଭାବିକରି ମୋର ରଜା ହବାକୁ ମୋଟେ ମନନାହିଁ—ଦେଖନ୍ତୁ ତାଙ୍କ ଜୀବନରେ ଗୁପ୍ତ କଥା ବୋଲି କିଛି ରହିବ ନି—ସେ ବସିଲେ କେମିତି, ଉଠିଲେ କେମିତି, ପହଁରିଲେ କେମିତି, କୁକୁରଙ୍କ ସାଙ୍ଗରେ ଖେଳିଲେ କେମିତି, ଘୋଡ଼ାରେ ବସିଲେ କେମିତି ଇତ୍ୟାଦି କଥା ଦୁନିଆ-ଯାକ ଲୋକ ଜାଣିବେ—ଦୁନିଆଯାକ ତାଙ୍କ ଫଟୋ ଦେଖିବେ—ଆମ ଜୀବନରେ ଗୁପ୍ତକଥା ବୋଲି ଯଦି କିଛି ନ ରହିଲା ତେବେ ଆମର ରଜାପଣିଆ କୋଉ କାମକୁ ? ତା ଛଡ଼ା ଗୋଟାଏ ଲୋକ ଖଣ୍ଡା ତରୁଆଲ ବା ବନ୍ଧୁକ ଧରି ଚବିଶ ଘଣ୍ଟା ଜଗି ରହିଥିବ ରଜାଙ୍କୁ, ଠିକିଏ ଘୁଞ୍ଚି ସେ ପାଖକୁ ଯାଅ, ଆମେ କାହା ସାଙ୍ଗରେ ଦୁଃଖ ସୁଖ ହବା, ତା ଆଉ ହୋଇ ପାରିବ ନି—ବଡ଼ିଗାର୍ଡ଼ ଆଖିର ଆଢ଼ୁଆଳକୁ ଯିବ ନି—କାହାରି ସାଙ୍ଗରେ କିଛି ଦୁଃଖ ସୁଖ

ହବାର ବାଟ ନାହିଁ—ଜଣେ ଦୁ'ଜଣ ଲୋକ ବରାବର ଅଧିକ
ଦେଲ ଭଳିଆ ପଡ଼ିଥିବେ, ସବୁ କଥା ଠିକ ନକଲ କରି ଶୁଣୁଥିବେ ।
ମୋର ତ ଏକଥା ସହ୍ୟ ହବ ନି କେବେ, ମୁଁ ରଜା ନା ଚୋର
ଡକାଏତ ଯେ ମତେ ହରଦମ ଗୋଟାଏ ସିପେହି ପହରା ଦଉଥିବ ?
ତାପରେ ତାଙ୍କ ଘର ଆଡ଼ କଥା ଦେଖନ୍ତୁ । ତାଙ୍କ ସ୍ତ୍ରୀ ଯାହା
ହାତ ଧରି ବାହାହେଇଚନ୍ତି, ତା ଉପରେ ବି ଅଧିକାର ଖଟିବ ନି—
ଦୁଇଜଣ ଅଲଗା ଅଲଗା ହୋଇ ରହିବେ— ଅପଣା ସ୍ତ୍ରୀକୁ ଦେଖା
କରିବାକୁ ହେଲେ ଅନୁମତି ନବାକୁ ପଡ଼ିବ—ସେ ତାଙ୍କ
ପ୍ରାଇଭେଟ୍ ସେକ୍ରେଟେରିକୁ କହିବେ ସିଏ ଗୋଟାଏ ଦାସୀ ପଠେଇ
ରାଣୀଙ୍କ ଦାସୀ ଦ୍ୱାରା ରାଣୀଙ୍କ ପାଖରୁ ଅନୁମତି ମାଗିବେ ଯେ
ମହାରାଜା ଭେଟ କରିବାକୁ ଇଚ୍ଛା କରନ୍ତି—ରାଣୀ ଯଦି କହିବେ—
ନାହିଁ ମତେ ଏଇକ୍ଷଣି ସମୟ ନାହିଁ, ମହାରାଜାଙ୍କ ରଜା ପଣିଆ
ରହିଲା କେଉଁଠି ? ତାଙ୍କ ମୁହଁଟି ଏତିକିଟିଏ ହୋଇଯିବ ସିନା ! ତା
ଅପେକ୍ଷା ଆମମାନଙ୍କ ଘରେ ତ ହଜାର ଗୁଣେ ଭଲ । ଆମେ
ଦିନରାତି ଯୋଉ ମୁହୂର୍ତ୍ତରେ ରୁହିଲୁ ଆମ ମହାରାଣୀଙ୍କି ଅଙ୍ଗୁଠି
ଅଗରେ ନଚେଇ ପାରିବୁ, ଉଠ୍ କହିଲେ ଉଠିବ ବସ କହିଲେ
ବସିବ । ରଜାଙ୍କ ପିଲାପିଲି କଥା ଦେଖନ୍ତୁ । ସେମାନେ ବଢ଼ିବେ
ଦାସୀ ଆଉ ଅୟାମାନଙ୍କ ଦ୍ୱାରା—ବାପ ମା ଯିଏ ଜନ୍ମ ଦେଲେ
ସେମାନଙ୍କୁ ପିଲାଙ୍କ ଛୁଇଁ ମାଡ଼ିବାକୁ ଦିଆଯିବ ନି—ସେମାନେ
ପିଲାଙ୍କ ଚେହେରା ବି ଦେଖିବେ ନାହିଁ—ଅୟା ଦ୍ୱାରା ମାତୃତ୍ୱ
ପିତୃତ୍ୱର କଣ ବିକାଶ ହେବ ! ଆପଣାର ପିଲା ତାକୁ ଟିକିଏ
କାଖେଇ ଗେହ୍ଲା କରିବା, ଜହ୍ନମାମୁଁ ଦେଖାଇବା ବା ଧୋଉରେ
ବାଥ୍ରା କରିବା ତା ହେଇ ପାରିବ ନି । ପିଲାମାନେ ସବୁବେଳେ
ରହିବେ ଦୂରରେ ! ଦାସୀ ଟୋଇଲାଙ୍କ ଦ୍ୱାରା ବଢ଼ିବେ । ତଦ୍ୱାରା

ଯେଉଁ ଆଦର୍ଶ ଟ୍ରେନିଂ ପାଇବେ ସ୍କୁଲ୍‌ରୁ — ତା ଛଡ଼ା ଯଦିନେ ହେଲେ ବି ବାପ ହୋଇ କହ୍ନିରୁକର ପିଲାଙ୍କୁ ଚଟକଣାଟାଏ ମାରିବାର ବାଟ ନାହିଁ ।

ରଜାଙ୍କ ଖାଇବା ପିଇବା କଥା ଦେଖନ୍ତୁ — ତାଙ୍କ ଖାଇବା ପିଇବା କଥା ନେଇକରି ତ ମୋର ମନ ବେଶି ପିଡ଼ିକା ଯାଇଛି — ଆମର ଶାସ୍ତ୍ରରେ ଅଛି ଆପରୁଚି ଖାନା ଅର୍ଥାତ୍ ଖିଆ ପିଆଟା ଆପଣାର ରୁଚି ଅନୁସାରେ ହବା ଦରକାର କିନ୍ତୁ ରଜାଙ୍କର ତା ହୁଏ କି ? ତାଙ୍କର ଜଣେ କର୍ମଚାରୀ ରହିଛି ଏଥିପାଇଁ ଯିଏ କି ସକାଳ ସନ୍ଧ୍ୟା କେତେବେଳେ ରଜା କଣ ଖାଇବେ ସାତ ଦିନ ଆଗରୁ ରୁଟିନ୍ ତିଆରି କରି ରଖିବ । ମନେ କରନ୍ତୁ ମଙ୍ଗଳବାର ରାତିରେ ମାଛଝୋଳ ଖାଇବାକୁ ଲେଖା ହୋଇଛି, ଆପଣ ଆଜି ମାଛ ଭଜା ଖଣ୍ଡିଏ ଖୋଜିଲେ ପାଇବେ ନାହିଁ । ମାଛ ଭଜା ଖଣ୍ଡିଏ ଖାଇବା ପାଇଁ ରୁଟିନ୍ ଅନୁଯାୟୀ କୋଉଦିନ କେତେବେଳେ ମାଛଭଜା ଲେଖା ଅଛି ସେଇ ଦିନକୁ ଚାହିଁ ବସିବାକୁ ପଡ଼ିବ — ତାଛଡ଼ା ରଜାମାନେ ପୁଣି ଖାଇବା ଆଗରୁ ତାଙ୍କ ଭାତ ତରକାରୀ ଡାକ୍ତରମାନେ ପହିଲେ ଆସି ଚାଖିକରି ଖାଇବେ — ତାଙ୍କର ଅଇଣ୍ଠା ଖାଇବେ ରଜା । ବ୍ରାହ୍ମଣଘର ପିଲା ହୋଇକରି ମତେ ଯଦି ଅଇଣ୍ଠା ଖାଇବାକୁ ପଡ଼ିଲା, ତେବେ ମୋର ରଜା ନ ହେଲି । ଖାଇବା କଥାରେ ଅନ୍ତତଃ ନିଜର ତ କିଛି ସ୍ୱାଧୀନତା ଦରକାର — ମନଇଚ୍ଛା ଯଦି କିଛି ଖାଇ ନ ପାରିଲି ରଜା ହେଲି କଣ ? ମନେ-କରନ୍ତୁ ଆଜି ଆମର ଦହି ପଖାଳ ଖାଇବାକୁ ମନ ହେଲା ବା କାକରା ପିଠା ଏଣ୍ଡୁରି ପିଠା ଖାଇବାକୁ ମନ ହେଲା ବା ରାଗି ଲଡ଼ୁ-ଟିଏ ଖାଇବାକୁ ମନ ହେଲା, ମନେ କରନ୍ତୁ ଚିଙ୍ଗୁଡ଼ି ମାଛ ଭଜା ଖାଇବାକୁ ମନ ଡାକିଲା କିମ୍ବା ଇଚ୍ଛା ହେଲା ତାଳସଜ ଖାଇବି ବା

—ଟେଇଡ଼ିଟିଏ ଭ୍ରାଙ୍ଗି ପିଇବା ବା ଟିକିଏ ପୋଦନା ଚଟେଣି ଖାଇବା କିମ୍ବା ଦ'ଠା ଗରମ ମୁଡ଼ି ଗ୍ଲେଟେଇବା, ରଜା ହେଲେ ଅଉ ତା ହବ କି ? ଅଟ୍ଟୁର ଟିକିଏ ବି ଚୁଖିବାକୁ ଦିଆ ଯିବ ନି, ଲଷ୍ଟରେ ନଥିଲେ କିମ୍ବା ଡାକ୍ତର ନ ଚୁଖିଲେ ।

ରଜାଙ୍କ ଚିଠି ପତ୍ର ବି ଦେଖନ୍ତୁ—ରଜା ଦୂରକୁ ଯାଇଚନ୍ତି, ରାଣୀ ପ୍ରେମ ଗଦ୍‌ଗଦ୍ ହୋଇ ଦ'ସ୍ତର ପୃଷ୍ଠା ପ୍ରେମ ଚିଠାଉ ଲେଖି-ଛନ୍ତି—ତାକୁ ପ୍ରଥମେ ପଢ଼ିବେ, ସେକେଟେରୀ, ତାପରେ ପଢ଼ିବେ ରଜା—ରଜାଙ୍କ ପାଖକୁ ଯେତେ କାଗଜ, ଚିଠି ପତ୍ର ଅସିବ ସବୁଲେ ସେନ୍‌ସର କରାହବ, ତାପରେ ରଜାଙ୍କ ହାତକୁ ଅସିବ—ତାଙ୍କର ଗୁପ୍ତ କଥା ବୋଲି ଯେମିତ କିଛୁ ନାହିଁ । ମୋ ଚିଠି କାହିଁକି ଖୋଲିଲ ବୋଲି ସେ ବି ରାଗି ପାରିବେ ନି କାହାରି ଉପରେ । ତା ଛଡ଼ା ଛୋଟ ବଡ଼ ସମସ୍ତ ଘରୋଇ ବିଷୟରେ ବି ପାର୍ଲିଅମେଣ୍ଟର ଅନୁମତି ନବାକୁ ପଡ଼ିବ । ରଜା ଘର ପୁଅ ଝିଅ ବାହାହେଲେ ବି ପାର୍ଲିଅମେଣ୍ଟ ନାମଞ୍ଜୁର କଲେ ବାହାଘର ହବ ନି—ରଜା ପୁଅର ଜଣକ ସାଙ୍ଗରେ ପ୍ରେମ ହୋଇଗଲା, ସେ ତାକୁ ବାହା ହବାକୁ ଚୁହିଁଲେ ପାରିବ ନି—ସବୁ କଥାରେ ସଦା ପର ଅଧୀନରେ ରହିଲ, ତାହେଲେ ରଜା ହୋଇ ବଡ଼ ପଣିଆ କଣ ରହିଲା ? ଆମର ଯେମିତ ପ୍ରେମ ହୋଇଯାଉ ଅମେ ଟୋକୀକି ନେଇ ଅସାମ କି ରେଙ୍ଗୁନ ପଳେଇ ଯାଇ ପାରୁଚେ—ବାପା ଘରୁ ବାହାର କରି ଦେଲେ ବି ଜବରଦାସ୍ତି ଟୋକୀକୁ ବାହା ହୋଇ ଭିକ ମାଗି ପାରୁଚେ । ରଜା ହେଲେ ତା ସବୁ ହୋଇ ପାରିବ ନି ।

ରଜାଙ୍କର ବେଶ ପୋଷାକ ବଦଳେଇବା କଥା ମଧ୍ୟ ମତେ ପୋଷେଇବ ନି—ଘଡ଼ି ଦେଖି ଠାଇମ ଅନୁସାରେ ଘଣ୍ଟାକୁ ଘଣ୍ଟା ମୁଁ ତ ବେଶ ବଦଳେଇ ପାରିବ ନି—ସକାଳୁ ଉଠି ଦାନ୍ତ ଘସିବା

ପାଇଁ ବାଥରୁମକୁ ଯିବାକୁ ଗୋଟାଏ ପୋଷାକ, ଲୁ ଖାଇବା ପାଇଁ ଆଉ ଗୋଟାଏ ପୋଷାକ—ସକାଳୁ କୁଆଡ଼େ ବୁଲି ବାହାରିଲେ ତ ଗୋଟାଏ ପୋଷାକ—ଯଦି ଘୋଡ଼ାରେ ଚଢ଼ିବେ ଆଉ ଗୋଟାଏ ପୋଷାକ, ଗାଧୋଇ ଗଲେ ଗୋଟାଏ ପୋଷାକ ତ ପହଁରିବାକୁ ହେଲେ ଆଉ ଗୋଟାଏ। ଦରବାରକୁ ଗଲେ ଯୋଡ଼ ପୋଷାକ ଅନ୍ୟ କୌଣସି ମିଟିଂ ବା ପ୍ରଦର୍ଶନୀକୁ ଗଲେ ତାକୁ ପାଲଟି ଆଉ ଗୋଟାଏ—ଫୁଟବଲ ଖେଳିବାକୁ ଗୋଟା ପୋଷାକ ତ ସିନେମା ଦେଖି ଯିବାକୁ ଆଉ ଗୋଟାଏ। ଡିନର ଖାଇବାକୁ ଆଉ ଗୋଟାଏ—ପୁଣି ମିଲିଟାରି, ନେଭି ଏଅର ଫୋର୍ସ ପ୍ରଭୃତି ଭିନ୍ନ ଭିନ୍ନ ସୈନ୍ୟ ପରିଦର୍ଶନ କରିଗଲାବେଳକୁ ଭିନ୍ନ ଭିନ୍ନ ପୋଷାକ—ମଣିଷ ଦିନସାରା ଯଦି ଖାଲି ପୋଷାକ ବଦଳା କରୁଥିବ ତା ହେଲେ କାମ କଣ କରିବ? ଫୁରୁସତ ମିଳିବ କେତେବେଳେ? ତା ଛଡ଼ା ଏତେ କଟକଣାରେ ତ ମୋ ଦେଇ ଚଳି ହବ ନି—ଏତେ ରୁଟିନ୍ ଦେଖି ବେଶ ବଦଳେଇବ କିଏ? ତା ଛଡ଼ା ମନେକରନ୍ତୁ ଖରାଦିନ ହୋଇଛି, ତେଜାଏ ଗରମ ହଉଛି, କେବଳ ଗେଞ୍ଜି ଗଣ୍ଡେ ପିନ୍ଧିବା କଥା ଗେଞ୍ଜି ଗଣ୍ଡେ କାଢ଼ି ଦେଇ ଖୋଲା ଦେହରେ ସପ ଘଣ୍ଟାଏ ପାରି ହେଲେ ଗଜ ପଡ଼ ହବା, ରଜା ହେଲେ ଆଉ ତା ହବ କି? ମନଇଚ୍ଛା ଖାଇବା କଥା ଯେମିତି ହେଇ ପାରିବ ନି ମନଇଚ୍ଛା ପିନ୍ଧିବା କଥାଟି ବି ସେମିତି ହେଇ ପାରିବ ନି।

ତା ପରେ ପାର୍ଟ ପଢ଼ିବା କଥା—ଅବଶ୍ୟ ସେ ବିଷୟରେ ସ୍କୁଲ ଥିଏଟର ତୁଳନାରେ ଅନେକଟା ସୁବିଧା ହବ—ଥିଏଟରରେ ଅନେକ ଗୁଡ଼ାଏ ପାର୍ଟ ମୁଖସ୍ଥ କରିବାକୁ ପଡ଼ୁଥିବ—ମୁଖସ୍ଥ ନକରି ଖାଲି ପ୍ରମ୍ପଟିଂ ଉପରେ ଭରସା ରଖିଲେ ଅନେକ ସମୟରେ

ହୀନସ୍ତା ହବାକୁ ପଡ଼ୁଥିଲା—ବର୍ତ୍ତମାନ ଅନ୍ତ ମୁଖସ୍ଥ କରିବାକୁ ପଡ଼ିବ ନି; ସେ ଗୋଟାଏ ସୁବିଧା—କେତେବେଳେ କଣ କଣ ଚୋଲଚଠି କହିବାକୁ ହବ ସେକ୍ରେଟାରୀମାନେ ପାର୍ଟ ଲେଖିଦେବେ, ସଭାରେ କାଗଜ ଦେଖି ପାର୍ଟଟା ପଢ଼ିଦେଲେ ବି ଚଳିବ । ତେବେ ପାର୍ଲିଅମେଣ୍ଟ ବା ବଡ଼ ବଡ଼ ସଭା ସମିତିମାନଙ୍କରେ ବହୁତ ବଡ଼ ବଡ଼ ଲୋକମାନଙ୍କ ମଝିରେ ଠିଆ ଭଳିଆ ଛିଡ଼ା ହୋଇ ଭାଷଣଟା ପଢ଼ିଲା ବେଳକୁ ମୁଁହଁରୁ ଭାଷା ବାହାରିବ କି ନାହିଁ ସେଇଟା ବିଚାର କରିବାର କଥା; କାରଣ ବହୁତ ମଣିଷଙ୍କ ମେଳକୁ ଯିବାକୁ, ସ୍କୁଲରେ ରେସିଟେସନ ବୋଲିଲା ବେଳକୁ ବା କ୍ଲାସରେ ଡିବେଟିଂବେଳେ ଏବଂ ଥିଏଟରରେ ପାର୍ଟ କଲାବେଳକୁ ଉପରକୁ ନ ଦେଖିଲେ ବି ଭିତରେ ଭିତରେ ମୁଁ ଗୋଟିପଣେ ଥରେଁ, ପାଟି ଅଟକି ଯାଏ, କାରଣ ମୁଁ ଟିକିଏ ନର୍ଭସ ଧରଣର ମଣିଷ । ମିଟିଂ ମିଛିଲ, ଭ୍ରମଣ, ପରିଦର୍ଶନ ଏତେ ଅଡ଼ୁକୁ ହେଇ ପାରିବ କି ? ଏଇ ସବୁ ନାନା କାରଣରୁ ମୋର ରଜା ହେବାକୁ ଜମାରୁ ଇଚ୍ଛା ନାହିଁ । ମୁଁ ସେଇଥିପାଇଁ ମନରେ ଦୃଢ଼ କରି ସ୍ଥିର କରିଚି ଯେ ହାତୀ ଯଦି କେବେ ଦେବାଡ଼ ସୁନା କଳସୀ ଢାଳି ଦିଏ ତେବେ ମୁଁ ଏଥି ନାହିଁ କରି ଦେବି ରଜା ହବାକୁ । ଯଦି ତେବେ ସୁଦ୍ଧା ଜୋର କରି ମତେ ରାଜ୍ୟ ଭାର ଦିଆଯାଏ ତେବେ ସାଙ୍ଗେ ସାଙ୍ଗେ ସୁନାର ଥାଳିରେ ମିଶେଇ ଦେବା ପାଇଁ ସଦାର ପଟେଲଙ୍କ ପାଖକୁ ଟେଲିଗ୍ରାମ କରିବି, ଆଉ ଅନୁରୋଧ କରିବି ଯେ ମତେ ଯେମିତି ରଜା ନ କରି ମୋର ବର୍ତ୍ତମାନର ମେଇ କିରାଣୀ ଗୁଣ୍ଡରିଆରେ ଦରମାଟା ଟିକିଏ ବଢ଼େଇ ଦିଆଯାଉ । ଏହା ଛଡ଼ା ଅନ୍ୟ କୃପାସୁ କିଛି ଦେବେ ନି । ରଜା ହବା ଝମେଲା

ବର୍ତ୍ତିମାନକୁ ମୋର ଦରମାଟା ଟିକିଏ ବଢ଼ିଗଲେ ମୋ ପାଇଁ ବିଶେଷ ସୁବିଧା ହେବ ଅଉ ମନଟି ବି ଖୁସି ରହିବ ।

ହୁଁ, ତେବେ ଗୋଟାଏ ଦ'ଟା ବିଷୟରେ ମୁଁ ଟିକିଏ ଜାଣିବାକୁ ଇଚ୍ଛା କରେ । ରଜା ହେଲେ ମତେ କେତୋଟି ଖୋସାମତିଆ ମିଳିବେ ? ସେମାନେ ଦିନରାତି ମୋ ପାଖରେ ଥାଇ ମତେ ଖୋସାମତି କରିବେ କି ନାହିଁ ? ତା ଛଡ଼ା ଆଗକାଳର ରଜା ବା ଶାହାନ୍‌ସା ବାଦଶାଙ୍କ ପରି ମୋର ଶହେଜଣ ରାଣୀ ବିବାହ କରିବାର ଅର୍ଦ୍ଦର ଅଛି କି ନାହିଁ ? ଯଦି ଥାଏ ତେବେ ମୋର ବିଶ୍ୱାସ ସେଇ ଶହେଜଣଙ୍କ ଖାଇବା ପିଇବା ଖର୍ଚ୍ଚ ଶାଢ଼ୀ ଗହଣା ଇତ୍ୟାଦି ଖର୍ଚ୍ଚ ବୋଧହୁଏ ଷ୍ଟେଟ୍‌ରୁ ମିଳିବ । ବୋଧହୁଏ ତାଙ୍କର ଚଳାଚଳ ପାଇଁ ମତେ କୌଣସି ମୁଣ୍ଡଖର୍ଚ୍ଚ କରିବାକୁ ପଡ଼ିବ ନି । ଯଦି ତାହା ହୋଇଥାଏ ବର୍ତ୍ତିମାନ ଭାବିବାର କଥା ମୋ ସ୍ତ୍ରୀ ବା ପାଟରାଣୀଙ୍କୁ ଛାଡ଼ିଦେଲେ ବାକି ଅନେଶ୍ୱତ ଜଣଙ୍କ ଉଆସ ପାଟରାଣୀଙ୍କ ଉଆସ ପାଖରୁ ଦୂରରେ ହେଉଥିବ କି ନା ? ମୁଁ ସେମାନଙ୍କ ସାଙ୍ଗରେ କଥାବାର୍ତ୍ତା ହେଲାବେଳେ ବା ତାଙ୍କ ଆଡ଼େ ଚାହିଁଲେ ପାଟରାଣୀ ଜାଣି ପାରିବେ କି ନାହିଁ ? ମୋର ବିଶ୍ୱାସ' ସେ ବିଷୟରେ ନିଶ୍ଚୟ କିଛି ବନ୍ଦୋବସ୍ତ ରହିଥିବ । ତା ନ ହେଲେ ରଜାମାନେ ଘରଚଳେଇ ପାରନ୍ତେ କେମିତି ? ବର୍ତ୍ତିମାନ ଆଉ ଗୋଟାଏ ଭାବିବାର କଥା — ସେ ଅନେଶ୍ୱତ ଜଣଙ୍କୁ ବାଛିବାର ଭାର କାହା ଉପରେ ରହିବ ? ମୁଁ ନିଜେ ସେ ଭାର ନେବାକୁ ଚାହେଁ ନି କାରଣ ଗୋଟିକୁ ବାଛୁ ବାଛୁ ମୁଁ ନାକେଦମ ହେଇଚି, ଅନେଶ୍ୱତ କଥା ଛାଡ଼ନ୍ତୁ । ମୁଁ ରଜା ହେଲାବେଳକୁ ଅନ୍ତତଃ ସେମାନେ ବଛାହୋଇ ଉଆସରେ ରହିଥିଲେ ମୋ ପକ୍ଷେ ସୁବିଧା ହବ — ସେମାନଙ୍କୁ ଥରେ ଥରେ କରି ବାହା ହୋଇ ଗୋଟାଏ

ବଡ଼ ବେଦୀରେ ସମସ୍ତଙ୍କୁ ଏକାଠି ବସେଇ ଥରକରେ ବାହାଘରର କାମ ଛୁଟେଇ ଦବାଟା ମୁଁ ପସନ୍ଦ କରିବି । ମୁଁ ମୋର ଗୋଟିଏ ରାଣୀକୁ ନେଇ ପାରନ୍ତୁ ନା । ବାକି ଅନେଶ୍ୱତ ଜଣ ବାହାହେଲେ ସେ ସମ୍ଭାଳି ପାରିବି ସେ କଥା କହୁନି, ତେବେ ରଜାହୋଇ ନିଜର ସ୍ୱାଧୀନତା ହରଉଚି ସେତେବେଳେ, ଭଲ କରି ନ ହରେଇବି କାହିଁ ? ସେଇଯୋଗୁ ମୁଁ ଅଗରୁ କହୁ ରଖୁଚି ମୋ ପାଖକୁ ହାତୀ ଆସିବା ପୂର୍ବରୁ ଅନେଶ୍ୱତ ରାଣୀ ଯେପରି ସଜଡ଼ା ହୋଇଥିବେ । ତା ନ ହେଲେ ମୁଁ ରଜା ହେବି ନି ଜମା । ବର୍ତ୍ତମାନ ଭାବିବାର କଥା ହାତୀ ମିଳିବେ କୋଉଠି !!

ଅନେକ ସ୍ଥାନରେ ଚାଲିବାକୁ ରାସ୍ତା ନଥାଏ ଏବଂ ଅନେକ ନଈରେ ପୋଲ ନଥାଏ, ସେଥିପାଇଁ ଆଉ ଗୋଟାଏ ଉପାୟ ହେଉଛି ସୂତା ବଣ୍ଡିଲର ଗୋଟିଏ ଅଗକୁ ଗୋଟିଏ ଗଛରେ ବାନ୍ଧି ବାକି ସୂତା ଅଣ୍ଟାରେ ପୁରେଇ ପହଁରି ପହଁରି ଓ ସୂତା ଫିଟେଇ ନଈ ଆର କୂଳକୁ ଗଲେ ଦଉଡ଼ାଟା ସହଜରେ ଜାଣିହେବ । ତାପରେ ସେଇ ସୂତା ମାପରେ ଗୋଟିଏ ମୋଟା ଓ ଶକ୍ତ ଦଉଡ଼ି ବଳିବାକୁ ହେବ । ସେ ଦଉଡ଼ିଟି ସଜିଲ ହେଲା ପରେ, ଦଉଡ଼ିକୁ ଗୋଟିଏ ଉଚ୍ଚା ଗଛରେ ବାନ୍ଧି ଆର ଅଗକୁ ଧରି ପହଁରି ପହଁରି ଆର କୂଳକୁ ଯାଇ ତାକୁ ସେ କୂଳରେ ଗୋଟିଏ ଉଚ୍ଚା ଗଛରେ ଭିଡ଼ିକରି ବାନ୍ଧିବାକୁ ହେବ । ଏହି କାମଟି ସରିଲା ପରେ ପଥର ବୁହାଳି ଲୋକ ନିଯୁକ୍ତ କରିବାକୁ ହେବ । ଯେଉଁମାନେ ସର୍କସରେ ତାର ଉପରେ ଛତା ଧରି ଚାଲନ୍ତି, ସେମାନେ ଏହି କାର୍ଯ୍ୟ ପାଇଁ ଖୁବ୍ ଯୋଗ୍ୟ ଓ ଦକ୍ଷତାର ସହିତ କାର୍ଯ୍ୟ କରି ପାରିବେ । ଛତା ଧରି ତାରରେ ଗଲାଭଳି ସେମାନଙ୍କୁ ପଥର ମୁଣ୍ଡେଇ ଦଉଡ଼ି ଉପରେ ଚାଲିବାକୁ ହେବ । ସେମାନେ ଗୋଟାକୁ ଗୋଟା ପଥର ମୁଣ୍ଡେଇ ପକେଇ ପକେଇ ଆର କୂଳ ପର୍ଯ୍ୟନ୍ତ ଯିବେ । ସେ ପାଖରେ ଯଦି ପଥର ମିଳୁଥାଏ ତେବେ ସେ କୂଳରୁ ଗୋଟିଏ ଗୋଟିଏ ଆଣି ଫେରିଲା ବେଳେ ପକେଇ ପକେଇ ଆସି ପାରନ୍ତି । ପଥର ଜମାହୋଇ ଅତିଶୀଘ୍ର ବନ୍ଧ ହୋଇଯିବ । ପାଣି ଉପରୁ କେତେ ଫୁଟ୍ ଉଚ୍ଚା ପଥର ଜମାହେବା ପରେ ତାକୁ ସିମେଣ୍ଟ ପଲସ୍ତରା କରିନେଲେ ବନ୍ଧ କାମ ସରିଲା । ତାପରେ ଦଉଡ଼ିଟା କାଟିଦେଲେ ବି କିଛି କ୍ଷତି ନାହିଁ ।

ଆଜିକାଲି କିନ୍ତୁ ଉଡ଼ାଜାହାଜ ହେବାଦ୍ୱାରା ବନ୍ଧ ପକେଇବା ଆହୁରି ସୁବିଧାଜନକ ହୋଇଛି । ଉଡ଼ାଜାହାଜରେ ପଥର ବୋହେଇ କରି ଗୋଟିକୁଗୋଟି ଲାଇନରେ ପକାଇଯିବା କଥା

ପାଣ୍ଟୁ୍ୟଟ୍‌ରେ ପଥର ବାଲି ଖସେଇ ପକେଇବା ଦ୍ୱାରା କାର୍ଯ୍ୟ ଅତି-ଶୀଘ୍ର ଶେଷହୋଇ ପାରବ ।

ବର୍ତ୍ତମାନ ଆପଣ ବୁଝି ପାରବେ ଯେ ବନ୍ଧ ବାନ୍ଧିବା କାମ ଯେତେ କଷ୍ଟକର ମନେ ହେଉଥିଲା ବାସ୍ତବରେ ସେପରି କଷ୍ଟସାଧ୍ୟ ନୁହେ ।

ଅନେକ ଲୋକ ପଚାରନ୍ତି କାହିଁକି ନଦୀରେ ବନ୍ଧ ପକାଯାଏ ବା ପକା ଯାଉଚି ? ଓଡ଼ିଆମାନେ କାହିଁକି ବନ୍ଧ ପକେଇଥିଲେ ଓ ଓ ବନ୍ଧ ପକାଉଚନ୍ତି ? ଉତ୍ତରରେ ମୁଁ ପଚାରବି କାହିଁକି ଫୁଲ ଫୁଟେ ? କାହିଁକି ମଣିଷ ଜନ୍ମ ହୁଏ ? କାହିଁକି କୋଇଲି କୁହୁ କୁହୁ ଗାଏ ? ପ୍ରକୃତିର ଲୀଳା ବୁଝିବା ସହଜ ନୁହେଁ । ବନ୍ଧ ବାନ୍ଧିବା ହେଲା ଓଡ଼ିଆ ଜାତିର ପ୍ରକୃତି, ବନ୍ଧ ବାନ୍ଧିବା ଓଡ଼ିଆର ଧାତୁରେ ରହିଚି, ଓଡ଼ିଆର ରକ୍ତରେ ରହିଚି । କାହିଁକି ବନ୍ଧ ପକାଯାଏର ଯୁ। ଅପେକ୍ଷା ଅଉ ବଡ଼ ଉତ୍ତର କଣ ହୋଇପାରେ !

ଆମେ ଯଦି ବିଚାର କରି ଦେଖିବା ତେବେ ପରିଷ୍କାର ବୁଝି ପାରିବା ଯେ ନଈ ସହିତ ଆମର ଓଡ଼ିଆ ଜାତି ପ୍ରାଚୀନ କାଳରୁ ଯେପରି ଘନିଷ୍ଠ ପରିଚିତ ଅନ୍ୟ କେହି ସେପରି ନୁହନ୍ତି । ପ୍ରମାଣ ସ୍ୱରୂପ ଆମେ ଦେଖିବା ଯେ ଆମ ଭାଷାରେ ନଈକୂଳ, ନଈ ସୁଅ, ନଈ ପହଁରା, ନଈ ବଢ଼ି, ନଈ ବାଙ୍କ, ନଈ ଖଣ୍ଡି, ନଈ ତଳିଆ, ନଈ ମୁହାଁଣି, ନଈବାଲି, ନଦୀ ବନ୍ୟା, ବନ୍ୟା ପ୍ରପୀଡ଼ିତ, ନଦୀ ତୀର, ନଦୀ ପ୍ରବାହ ଇତ୍ୟାଦି ଶବ୍ଦ ପ୍ରାଚୀନ କାଳରୁ ବ୍ୟବହୃତ ହୋଇ ଆସୁଛି । ତା ଛଡ଼ା ବସି ଖାଇଲେ ନଈବାଲି ସରେ ପ୍ରବଚନ ଅଛି ଏବଂ ନଦୀ ସ୍ତୁତି କବିତା, ନଈବଢ଼ି ଗୀତ ସବୁଦିନେ ଶିକ୍ଷିତ ସମାଜରେ ଆଦୃତ ହୋଇ ଆସିଚି । ଆମର ଓଡ଼ିଶାର କବିତା ଭଣ୍ଡାର ଦେଖିଲେ, ନଦୀ ସ୍ତୁତି, ବୈତରଣୀ ସ୍ତୁତି, ମହାନଦୀ ସ୍ତୁତି,

ଋଷିକୁଲ୍ୟା ପ୍ରଭୃତି, କାଠଯୋଡ଼ୀ କୂଳେ, କାଠଯୋଡ଼ୀରେ ସନ୍ଧ୍ୟା ଇତ୍ୟାଦି ଅସଂଖ୍ୟ ପଦ୍ୟ ଓ କବିତା ପାଇବେ ଯେଉଁଥିରେ ମୁଦ୍ରିତ କବିମାନଙ୍କର ନଦୀ ବର୍ଣ୍ଣନା ଦେଖିବାକୁ ମିଳିବ । ଓଡ଼ିଆର ନଦ ସହିତ ଗଭୀର ଭାବେ ପରିଚୟ ନ ଥିଲେ ଏସବୁ ସମ୍ଭବ ହୋଇ ପାରି ନଥାନ୍ତା ।

ଅନେକେ କହନ୍ତି ଯେ ପୂର୍ବକାଳରେ ଲୋକମାନେ ନଈ କୂଳକୁ ଯାଇ ବସତି ସ୍ଥାପନ କରୁଥିଲେ । ଯଥା—ମହାନଦୀ କୂଳରେ କଟକ ଓ ସମ୍ବଲପୁର, ବୈତରଣୀ କୂଳରେ ଯାଜପୁର, ସୁବର୍ଣ୍ଣରେଖା କୂଳରେ ବାଲେଶ୍ୱର, ଋଷିକୁଲ୍ୟା କୂଳରେ ଅସିକା, ଲିଙ୍ଗରା କୂଳରେ ଅନୁଗୁଳ, ବୁଢ଼ାବଳଙ୍ଗ କୂଳରେ ବାରିପଦା, ବ୍ରାହ୍ମଣୀ କୂଳରେ ତାଳଚେର ଇତ୍ୟାଦି ଇତ୍ୟାଦି । ପ୍ରମାଣ ସ୍ୱରୂପ ସେମାନେ କହନ୍ତି ଯେ ଆମ ଦେଶରେ ଗୋଟିଏ କଥା ଅଛି— "ନଈ ନ ଦେଖି ଲଙ୍ଗଳା ।" ଅର୍ଥାତ୍ ଓଡ଼ିଆମାନେ ନଈ ନ ଦେଖିଥିବା ସମୟରେ ଲଙ୍ଗଳା ବା ଅସଭ୍ୟ ହୋଇ ରହୁଥିଲେ, ନଈ ଦେଖିଲା ପରେ ଆଉ ଲଙ୍ଗଳା ହୋଇ ରହିଲେ ନାହିଁ, ଅର୍ଥାତ୍ ନଈ କୂଳରେ ବସତି ସ୍ଥାପନ କରି ଅଳ୍ପେ ଅଳ୍ପେ ସଭ୍ୟ ହେଲେ ଓ ଲୁଗାପଟା ବ୍ୟବହାର କରି ଶିଖିଲେ । ଗଙ୍ଗା ନଦୀଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ଓଡ଼ିଆମାନେ ବସତି ସ୍ଥାପନ କରିଥିଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ପୂର୍ବେ ଲୋକେ ନଈକୂଳକୁ ଆସି ବସତି ସ୍ଥାପନ କରିଥିଲେ ।

କେତେକ ଏହିପରି ପଣ୍ଡିତମାନଙ୍କର ମତାମତ ଲିପିବଦ୍ଧ ଅଛି । ଅନେକେ କହନ୍ତି ଯେ ନା, ଲୋକେ ନଈକୂଳକୁ ଯାଇ ବସତି ସ୍ଥାପନ କରିବା କଥା ସତ୍ୟ ନୁହେଁ । ଲୋକେ ପ୍ରଥମେ ଯେ କୌଣସି ସ୍ଥାନରେ ବସତି ସ୍ଥାପନ କରି ପରେ ତାରି ନିକଟରେ

ନଈଟିଏ ଖୋଳୁଥିଲେ । ସେମାନେ କହନ୍ତି ଯେ ବର୍ତ୍ତମାନ ହୀରାକୁଦଠାରେ ମହାନଦୀରେ ବନ୍ଧ ଦିଆଯିବା ଯେପରି ସମ୍ଭବ ହୋଇ ପାରିଛି, ସେହିପରି ପୂର୍ବକାଳରେ ନଈଟିଏ ଖୋଳିବା ସହଜ-ସାଧ୍ୟ ହୋଇ ପାରିଥିଲା । ପୌରାଣିକ ପଣ୍ଡିତମାନେ କହନ୍ତି ଭଗୀରଥ ଗଙ୍ଗାଙ୍କୁ କାନ୍ଧରେ ବସାଇ ହିମାଳୟରୁ ନେଇ ଆସିଥିଲେ । ଭୌଗୋଳିକ ପଣ୍ଡିତମାନେ କହନ୍ତି ଯେ ଗଙ୍ଗା ଜଣେ ମଣିଷ ନୁହନ୍ତି ଯେ ତାଙ୍କୁ କାନ୍ଧରେ ବସେଇ ଆଣିଥିଲେ—କଥାଟାରୁ ପୁରାଣ ଅଂଶ ବାଦ୍ ଦେଇ ବୁଝିବାକୁ ହେବ ଯେ ଭଗୀରଥ ବାସ୍ତବରେ ହିମାଳୟ ଯାଇ ଗଙ୍ଗା ନଦୀକୁ ଖୋଳି ଖୋଳି ଆଣି ବଙ୍ଗୋପ-ସାଗରରେ ପକାଇଥିଲେ ।

ଏଇ ନଈ ଖୋଳିବା କଥା ମୁଁ ପ୍ରଥମେ ବିଶ୍ୱାସ କରୁ ନଥିଲି କିନ୍ତୁ ପ୍ରାଚୀନ ସାହିତ୍ୟ ଗବେଷଣା କରି ବର୍ତ୍ତମାନ ଜାଣି ପାରୁଛି ଯେ ପୂର୍ବକାଳରେ ଲୋକମାନେ ବିଶେଷତଃ ମନ୍ତ୍ରୀମାନେ ନଈ ଖୋଳୋଉଥିଲେ । ଥରେ ଜଣେ ମନ୍ତ୍ରୀ ନଈଟିଏ ନ ଖୋଳିଥିବାରୁ କିପରି ଦୁଇଜଣଙ୍କର ଅକାଳ ମୃତ୍ୟୁ, ନିଜର ମୃତ୍ୟୁ, ରାଜ୍ୟରେ ହାହାକାର ଓ ଅନେକଗୁଡ଼ି ଜଣଙ୍କର ଜୀବନ ବିପନ୍ନର କାରଣ ହୋଇଥିଲେ, ମୁଁ ସେଇକଥା କହୁଛି ଶୁଣନ୍ତୁ—ସେହି ମନ୍ତ୍ରୀଙ୍କର ରାଜାଙ୍କ ସହିତ ଖୁବ୍ ବନ୍ଧୁତ୍ୱ ଥିଲା—ମନ୍ତ୍ରୀଙ୍କର ସ୍ତ୍ରୀଟି ଅପୂର୍ବସୁନ୍ଦରୀ ଥିଲେ । ରାଜା ଅକସ୍ମାତ ଦିନେ ସେହି ସୁନ୍ଦରୀଙ୍କୁ ଦେଖି ତାର ପ୍ରେମରେ ପଡ଼ିଗଲେ । ରାଜା ତାଙ୍କର ଘନିଷ୍ଠ ବନ୍ଧୁର ସ୍ତ୍ରୀ ପ୍ରତି ସମ୍ମାନ ବା ଉପଯୁକ୍ତ ବ୍ୟବହାର ଦେଖାଇବା ପରିବର୍ତ୍ତେ ସେହି ସୁନ୍ଦରୀଙ୍କୁ ଚକ୍ରାନ୍ତ କରି ହରଣଚାଳ କରିବାପାଇଁ ଚେଷ୍ଟା କଲେ । ସେ କୌଶଳ କରି ମନ୍ତ୍ରୀଙ୍କୁ ସ୍ଥାନାନ୍ତର ପଠାଇଲେ ନିଜର କୁଅଭିଳାଷ ପୂରଣ ହେବ ଭାବି, ମନ୍ତ୍ରୀଙ୍କୁ ଏପରି କାର୍ଯ୍ୟରେ ନିଯୁକ୍ତ

କଲେ ଯଦ୍ୱାରା ତାଙ୍କୁ ନିଜର ଘର ଛାଡ଼ି ବହୁ ଦୂରକୁ ଯିବାକୁ ପଡ଼ିଲା । ମନ୍ତ୍ରୀ କିନ୍ତୁ ଏହି ଚକ୍ରାନ୍ତ ବିଷୟ ଜାଣି ପାରିଥିଲେ । ସେଥିଯୋଗୁ ସ୍ୱାମୀଙ୍କୁ ଛାଡ଼ିଯିବା ପୂର୍ବରୁ ସ୍ୱାମୀଙ୍କର ଦରକାରୀ ସମସ୍ତ ଦ୍ରବ୍ୟ ଯେପରି ଘରେ ଥାଇ ମିଳିପାରିବ ତାର ବନ୍ଦୋବସ୍ତ କଲେ ଅର୍ଥାତ୍ କୌଣସି କାର୍ଯ୍ୟରେ ତାଙ୍କୁ ଯେପରି ଘରୁ ପାଦ କାଢ଼ିବାକୁ ନ ପଡ଼େ । ତାପରେ ବିଦାୟ ନେଲାବେଳେ ପତ୍ନୀଙ୍କୁ କହିଲେ— "ବାଡ଼ିରେ ତନ୍ତୀ ମୁଁ ରଖିଛି," ପତ୍ନୀ କହିଲେ—"ହୁଁ ଠି" "ମନକଲେ ଲୁଗା ପିନ୍ଧିବୁ" ସେ ବୋଇଲେ, "ହୁଁ ଠି" । ତାପରେ ନିମ୍ନୋକ୍ତ ଭାବରେ ତାଙ୍କ ଭିତରେ କଥାବାର୍ତ୍ତା ହୋଇଥିଲା ଓ ସେ ପତ୍ନୀଙ୍କ ପାଇଁ କି କି ବ୍ୟବସ୍ଥାମାନ କରିଛନ୍ତି ଗୋଟି ଗୋଟି କରି କହିଗଲେ—

"ବାଡ଼ିରେ କଂସାରୀ ରଖିଛି"
"ବୋଲେ ହୁଁ ଠି"
"ମନ ହେଲେ କଂସା ଆଣିବୁ"
"ବୋଲେ ହୁଁ ଠି"
"ବାଡ଼ିରେ ପାଟେରୀ ରଖିଛି"
"ବୋଲେ ହୁଁ ଠି"
"ମନୋହାରୀ ଚିଜ କିଣିବୁ"
"ବୋଲେ ହୁଁ ଠି" ଇତ୍ୟାଦି ଇତ୍ୟାଦି ।

ତାଙ୍କର ବାଡ଼ି ଭିତରେ କୂଅ ଖୋଳେଇ, ପୋଖରୀ ଖୋଳାଇ, ବଜାର ହାଟ, କଳକାରଖାନା ବସାଇ, ନାରୀର ଅବଶ୍ୟକୀୟ ଯାବତୀୟ ଦ୍ରବ୍ୟ ସେଠାରେ ମିଳିବାର ବନ୍ଦୋବସ୍ତ କରାଇ ଚାଲିଗଲେ, କିନ୍ତୁ ତରତର ହେଉ ବା ଭୁଲ ବଶତଃ ସେ ନଈଟିଏ ଖୋଳିବାକୁ ଭୁଲି ଯାଇଥିଲେ । ରାଜା ଗୁପ୍ତରେ ଅର୍ଥାତ ଜଣେ

ବିଦୂଷୀ ସ୍ତ୍ରୀ ଦ୍ୱାରା ସମସ୍ତ ବ୍ୟବସ୍ଥା କଥା ଶୁଣି ପ୍ରଥମେ ମୁଣ୍ଡରେ ହାତଦେଇ ବସିଥିଲେ, ପରେ ମନ୍ତ୍ରୀଙ୍କ ବନ୍ଦୋବସ୍ତରେ କଣ ତ୍ରୁଟି ଅଛି ବିଚାର କରୁ କରୁ ଜାଣି ପାରିଲେ ଯେ ସେ ନଈଟିଏ ଖୋଳିବାକୁ ଭୁଲି ଯାଇଛନ୍ତି । ତା ପରେ କୌଶଳରେ ନଈରେ ଗାଧୋଇବା ପ୍ରଲୋଭନରେ ମନ୍ତ୍ରୀ-ପତ୍ନୀଙ୍କୁ ଘରୁ ବାହାର କରିଆଣି ଅପଣା ଉଆସରେ ରାଣୀ କରି ରଖିଲେ । ମନ୍ତ୍ରୀ ପରେ ଫେରି ଘଟଣା ବୁଝିପାରି ଯୋଗୀ ବେଶ ଧରି 'ରାଣୀ' ଅର୍ଥାତ ଅପଣାର ପତ୍ନୀକୁ ଦେଖିବାକୁ ଗଲେ । ତା ହାତରୁ ଭିକ୍ଷା ନେଇସାରି ଅପଣା ଗଳାରେ ଛୁରୀ ବସେଇ ଦେଲେ । ତାଙ୍କ ହାଲ ଦେଖି ପତ୍ନୀ ସେଇ ଛୁରୀଟା ଅପଣା ଗଳାରେ ବସେଇ ଦେଲେ । ରଜା ଆସି ରାଣୀଙ୍କୁ ମରି ପଡ଼ିଥିବା ଦେଖି ସେ ମଧ୍ୟ ସେୟା କଲେ । ରଜାଙ୍କର ଅନେକ ଶତ ରାଣୀଙ୍କୁ ବିଧବା ହେବାକୁ ପଡ଼ିଲା । ସେମାନେ ବାହୁନି ବସିଲେ 'ଯୋଗୀ ତ ମଲା ଯୋଗୀଅଣୀ ପାଇଁ, ରଜା ମଲେ କାହିଁ ପାଇଁ ? ଅନେକ ଶତ ରାଣୀ ବିଧବା ହୋଇଲେ ଏକା ଯୋଗୀଅଣୀ ପାଇଁ ।"

( Vide: Tales of Orissa by G. Praharaj
Part—II p. 79.
Sahada Sundari—Vol. I. Old Edition—
Bole Hunti—Vol. I. Page—3. New. )

କିନ୍ତୁ ପ୍ରକୃତ କାରଣ ତାହା ନୁହେଁ । ମନ୍ତ୍ରୀ ନଈଖୋଳି ଯାଇଥିଲେ ଏତେ ଅନର୍ଥ ହୋଇ ନଥାନ୍ତା ।

ବର୍ତ୍ତମାନ ଶସ୍ତ୍ରର କରବାର କଥା ମନ୍ତ୍ରୀ ଏପରି ଭୁଲ କଲେ କିପରି ? ମୋର ମନେ ହେଉଛି ମନ୍ତ୍ରୀଙ୍କୁ ନଈଟିଏ ଖୋଳିବା ପାଇଁ ଯଥେଷ୍ଟ ସମୟ ମିଳିଲା ନା କିମ୍ବା ସ୍ଥାନାଭାବ । ତାଙ୍କର ବାହାର ଅସୂଚନ ଭିତରେ ହାଟ, ବଜାର, ଧୋବା, ଭଣ୍ଡାରୀ,

ଗଡ଼ଉଡ଼, କଳ କାରଖାନା, କୂଅ ପୋଖରୀ ଇତ୍ୟାଦି କରିବା ଦ୍ୱାରା ଅଉ ବୋଧହୁଏ ନଈ ପାଇଁ ଯଥେଷ୍ଟ ସ୍ଥାନ ରହିଲା ନା । ତା ନହେଲେ ମନ୍ତ୍ରୀଙ୍କ ପରି ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିଙ୍କ ପକ୍ଷରେ ଏପରି ତ୍ରୁଟି ସମ୍ଭବପର ନୁହେଁ ।

ଉପର ଲିଖିତ ଆଲୋଚନାରୁ ଆପଣ କି ଶିକ୍ଷା ପାଇଲେ ବା କଣ ବୁଝିଲେ ? କିଛି ନୁହେଁ । ବେଶ୍ ଭଲ କଥା । ତା ନ ହେଲେ ବାସ୍ତବିକ ଯଦି କିଛି ବୁଝି ଥାଆନ୍ତ, ତେବେ ଅଚିରାତ୍ କୌଣସି ମନ-ସମୀକ୍ଷକ ଡାକ୍ତର ପାଖକୁ ଯାଇ ମସ୍ତିଷ୍କର ମାଇନା କରାନ୍ତୁ ।

# ଶ୍ରୀମାନ୍ ଗୋପାଳଚନ୍ଦ୍ର

ମତେ ଶହେ ଛ ଡିଗ୍ରୀ ଜ୍ୱର ହଉ ମୁଁ ସହିବି, ମତେ ଦି' ବାଧା ମାରନ୍ତୁ ମୁଁ ସହିବି, ମତେ ଚର୍ ବଜାରରେ ବେଇଜତ କରନ୍ତୁ ମୁଁ ସହିବି, ମୋର କହିବାର କଥା—ମୁଁ ସବୁ ସହିବି, କିନ୍ତୁ ପିଲା ଛୁଆଙ୍କର ଭେଁଭେଁ ମୋ ଦେଇ ସହି ହବ ନା । ଖାଲି ଯେ ତାଙ୍କର ବେବେଣ୍ଡ୍ରା କାଳିଆ ବୋବାଳିକୁ ମୁଁ ଘୃଣା କରେ ତା ନୁହେଁ, ତାଙ୍କ ସ୍ୱର ପଡ଼ିଲେ ମୋ ନାହିଁ ଡିଏଁ—ଅଜି ନୁହଁ, ବୁଢ଼ା ହବା ଦିନରୁ ପିଲା ଛୁଆଙ୍କ ଉପରେ ମୋର ହାଡ଼େ ହାଡ଼େ ରାଗ ।

ଆପଣ ମୋ କଥାକୁ ଲଘୁ ଭାବରେ ନ ନେଇ ଟିକିଏ ଗୁରୁ ଭାବରେ ବିଚାର କରନ୍ତୁ । ପାଞ୍ଚ ମିନିଟ ଦଶ ମିନିଟ ମୁଣ୍ଡ ଖରଚ କରନ୍ତୁ । ଅଚ୍ଛା ! କହିଲେ, ଏଇ ଯେ ପିଲାଛୁଆଗୁଡ଼ାକ ସେଗୁଡ଼ା ଅମର କି ଦରକାରରେ ଆସୁଚନ୍ତି ? ଆମ ସମାଜର କୋଉ

ଉପକାରରେ ଲାଗୁଛନ୍ତି ସେମାନେ ? ସମାଜର କଲ୍ୟାଣ ପାଇଁ ତାଙ୍କର ସ୍ଥାନ କେଉଁଠି ? ସେଥିରୁ ଗୁଡ଼ାଏ କାହିଁକି ଜନ୍ମ ହେବେ ? ସେମାନେ ବାପ ଭଳିଆ ଟଙ୍କା ରୋଜଗାର କରିବାରେ ସାହାଯ୍ୟ କରୁଛନ୍ତି ନା ମାଆ ଭଳିଆ ରନ୍ଧା ବଢ଼ାରେ ସାହାଯ୍ୟ କରୁଛନ୍ତି ? ବେପାର ବୁଝନ୍ତି, ବାଣିଜ୍ୟ ବୁଝନ୍ତି, ରାଜନୀତି, ଅର୍ଥନୀତି ବୁଝନ୍ତି, ଗୃହବାସ, ଭକ୍ତି, ଧର୍ମ, ସାହିତ୍ୟ, କଳା, ସଙ୍ଗୀତ, ଅଚେସମ୍ଭି ସବୁଯେତେ ଦେଖନ୍ତି ସେଗୁଡ଼ାକ କୋଉ କାମରେ ଲାଗୁଛନ୍ତି ? କି ଉପକାର କରୁଛନ୍ତି !!

ଆପଣ ଯଦି ପିଲାଙ୍କୁଆର ବାପ ମା ହୋଇ ଥାଆନ୍ତି ବା ନିଜକୁ ବାପ ମା ଆସନରେ ରଖି କଥାଟା ଗଭୀର ଭାବେ ଭାବନ୍ତି ତା ହେଲେ ନିଶ୍ଚେ ମୋ ସହିତ ଏକମତ ହେବେ ଯେ ପିଲାଙ୍କୁଆ ଗୁଡ଼ାକ ସମାଜର ଗୁଡ଼ାଏ ଅଦରକାରୀ ବୋଝ ଭଳିଆ—ଅଦରକାରୀ ଜୀବ କହିଲେ ଠିକ୍ ହେବ । ବାଡ଼ଙ୍ଗା ଭଳିଆ ଅଦରକାରୀ । ସେଇଯୋଗୁ ବୋଧହୁଏ ପିଲାମାନଙ୍କୁ ବାଡ଼ଙ୍ଗା ବୋଲି କୁହାଯାଏ ।

ବାପ ମା'ଙ୍କୁ ଜଳେଇ ପୋଡ଼େଇ ଖାଇବାକୁ ସେଥିରୁ ଯେ ଗୁଡ଼ାଏ ଜନ୍ମ ହୁଅନ୍ତି, କୋଉ ବାପ ମା'ମାନେ ଖୁସି ହୁଅନ୍ତି କହନ୍ତୁ ଦେଖି ? ପିଲାଟି ଦିନରୁ ହାଟି ମୁତି, ରଡ଼ି ଛାଡ଼ି, କଲବଲ କରି ଖାଇ ଯାଉଥିବେ—ବଡ଼ ହେଲେ ବଜ୍ଜାତମାନଙ୍କର ଦୁଷ୍ଟାମି ବାହାରୁଥିବ ନୂଆ ନୂଆ—ତାଙ୍କ ପାଇଁ ଦୁଧ ଖଞ୍ଜା କର, ଗାଈ ରଖ—ତାଙ୍କ ପାଇଁ ବଗ ଅଣ ଚିଙ୍କି ଅଣ—ଆଜି ଡାକ୍ତର ଡାକ, କାଲି ଗୁଣିଆ ଡକାଅ—ଆଜି ଅମୁକ ଖାଇବ କାଲି ତମୁକ ଲୋଡ଼ା । ଲକ୍ଷ୍ମୀଛଡ଼ା ଗୁଡ଼ାକୁ ଜନ୍ମ ଦେଇ ତ ବାପ ମା'ମାନେ ସବୁ ସୁଖକୁ ପାଣି ଛଡ଼େଇ ଦେଇ ଥାଆନ୍ତି; ତାଙ୍କୁ ପାଳି ପୋଷି ବଡ଼ କରୁ କରୁ

ଆୟୁଷରୁ ଅବଧି ଶେଷ । ବଡ଼ ହେଲେ ତାଙ୍କ ପାଇଁ ମାଷ୍ଟରଟିଏ
ରଖ, ଆଜି ସ୍କୁଲ ଦରମା କାଲି ଅମୁକ ଚାନ୍ଦା । ହେଲେ ବା କଣ
ପାଠଶାଠ ପଢ଼ି ନାଆଁ ଅର୍ଜିବେ; ନାହିଁ, ବାବୁଙ୍ଗାଗୁଡ଼ାଙ୍କ
ବାଅସ୍କୋପଆଙ୍କପର ବାର ଓଲ ଶୁଣି ପିଣ୍ଡା ହଜଥିବେ—ଆଜି
ଫୁଟବଲ, କାଲି ହକି—ଦିନସାରା ଖେଳବୁଲ ମାଡ଼ ମରାମର, ଚବିଶ
ଘଣ୍ଟା ହେଁ ହେଁ ପେଁ ପେଁ ଧାଆଁ ଧପଡ଼ ଦୌଡ଼ କୁଦ ଲାଗିଥିବ—
ଲଫଙ୍ଗା ଟୁଡ଼ାଙ୍କ ପାଠ ପଢ଼ିବେ କି—ସ୍କୁଲର ବାଙ୍କିର ଯାହା କରିବେ
ଗୁଣ୍ଡାନ୍ତୁ । ବେକାର ହୋଇ ବାପ ଉପାର୍ଜନ ଧ୍ୱଂସ କରୁଥିବେ—
ତାଙ୍କ ସିଗ୍ରେଟ ଫେଣା, ତାଙ୍କ ସଜେଇ, ତାଙ୍କ ବାଇସ୍କୋପ ଦେଖା—
ଛଡର ଡଙ୍କାରଙ୍କ ପର ପାଇଜାମାଟି ମାନ ଗଲେଇ ଦେଇ ବେଶ
ହେଇ ସାଉ ପଢ଼ଶା ଝିଅଙ୍କ ସାଙ୍ଗରେ ଆଖି ମିଟିକା ମାର ପେରେମ
କର ବାପ ଅଜା ଚୌଦ ପୁରୁଷଙ୍କ ମୁହଁରେ ମେଞ୍ଚାଏ ମେଞ୍ଚାଏ
କାଲି ବୋଳୁଥିବେ ରୋଜ ରୋଜ୍ । ଏମିତିଆ ପୁଅଟାଏ ଦେଖିଲେ
ମନେ ହେଉଥିବ ଏ କୁଳାଙ୍ଗାର ଜନ୍ମ ନ ହୋଇଥିଲେ ଭଲ ହୋଇ
ଥାଆନ୍ତା—ଏମିତିଆ ପିଲାଟିକୁ ଅନ୍ତୁଡ଼ିଶାଳରୁ ଲୁଣ ଖୋଇ ଦେଇ
ମୋଡ଼ ମାର ପକେଇଥିଲେ ପାପ ଯାଇଥାନ୍ତା ?

ବୁଝିଲେନା, କଥାଟା ଉପର ଠାଉରିଆ ଭାବରେ ନ ନେଇ
ଟିକିଏ ଗମ୍ଭୀର ଭାବରେ ବିଚାର କରନ୍ତୁ । ଆମେ ଯେ ମୁଣ୍ଡପିଆଳ
ଭୁଣ୍ଡରେ ମାରି ଖଟି ଖଟି ରୋଜ ଉପାସରେ ପେଟକୁ ନ ଖାଇ
ଅଣ୍ଟାକୁ ନ ପିନ୍ଧି ସେଠୁଡ଼ାଙ୍କୁ ଏଠିକୁ ଏଡ଼ୁଟିଏ କରୁ, ପରିଣାମରେ
କଣ ହୁଏ ? ମୁଁ ଏ ବିଷୟରେ ବହୁତ ବାପାଙ୍କ ସାଙ୍ଗରେ
କଥାଭାଷା ହେଇଚି । ପୁଅ କଥା ପଚାରିଲେ କିଏ କହେ, 'ଭାଇନା,
ଆଜିଯାଏ ଦୁଧ କଦଳୀ ଦେଇ ସାପ ଛୁଆଟିଏ ପାଳୁଥିଲି ।' କିଏ
କହେ, 'ଭାଇନା, ମୁଁ କହୁ ନ ଥିଲି ବାଛୁଆଡ଼ ଦ ପସରୁ କୁଣ୍ଡେଇ

ହୁଏ, ପିଲଟା ବିଗିଡ଼ି ଗଲା ।' କିଏ କହେ 'ଭାଇନା, ପିଲଟା ମାଇପ କଥାରେ ପଡ଼ି ଆମର ହୋଇ ରହିଲା ନି, ବାପ ମା ହୋଇକରି ଆମେ ହେଲୁ ସାତ ପରଠାରୁ ପର ।' ଇତ୍ୟାଦି, ଇତ୍ୟାଦି ।

ତେବେ ସବୁ ପିଲା ଏମିତି ନୁହନ୍ତି । କୋଟିକରେ ଗୋଟିଏ ଭଲିଆ ତାଙ୍କ ଭିତରୁ ଅକାଳେ ସକାଳେ ଏମିତି ଗୋଟିଏ ହୀରା ନୀଳା ବାହାରି ପଡ଼ନ୍ତି ଯିଏ କି ବାପ ମା'ଙ୍କ ମୁହଁ ଉଜ୍ଜ୍ୱଳ କରନ୍ତି । ଦେଶର ମୁହଁ ଉଜ୍ଜ୍ୱଳ କରନ୍ତି । ମୁଁ ଏମିତି ଗୋଟିଏ ବାଳକଙ୍କ କଥା ଅଜି ଆପଣମାନଙ୍କୁ କହିବାକୁ ଯାଉଚି—ତାଙ୍କ ନାଆଁ ଶ୍ରୀମାନ୍ ଗୋପାଳଚନ୍ଦ୍ର ମହାପାତ୍ର । ଆମର ଓଡ଼ିଆ ପିଲଟିଏ, ଏଇ ଓଡ଼ିଶା ମାଟିରେ ତାଙ୍କର ଜନ୍ମ । ଆପଣମାନେ ଯଦିଓ ଏ ପର୍ଯ୍ୟନ୍ତ ତାଙ୍କ ସହିତ ପରିଚିତ ହୋଇ ନାହାନ୍ତି, ମୋର ବିଶ୍ୱାସ ତାଙ୍କ କଥା ଶୁଣିଲେ ଆପଣ ତାଙ୍କୁ ଭଲ ନ ପାଇ ରହି ପାରିବେ ନି । ତାଙ୍କ କଥା ଲେଖି ବସିଲେ ରାତି ସରି ପାହିଯିବ, ଲେଖା ସରିବ ନି । ମୁଁ ସେଇଯୋଗୁ କେବଳ ଚୁମ୍ବକରେ ତାଙ୍କର ଗୁଣାବଳୀର ପରିଚୟ ଦେଇ ଦେବାକୁ ଚାହେଁ ।

ଆମ ତୁମ ପରି ଗୋଟିଏ ସାଧାରଣ ଓଡ଼ିଆ ପରିବାରରେ ଗୋପାଳଙ୍କର ଜନ୍ମ । ପିଲାଦିନରୁ ବଡ଼ ହେବା ଯାକେ ଗୋପାଳ ମୁହଁରେ କେହି କେବେ ଟିକେ କାନ୍ଦ ଦେଖିନାହିଁ । ସବୁବେଳେ ହସ ହସ—ଏପରିକି ଅନ୍ତୁଡ଼ିଶାଳରେ ବି ସେ କାନ୍ଦେନି । ଗୋପାଳ ଦିନୁ ଦିନ ବଡ଼ ହେଲା । ଏମିତି ଲକ୍ଷ୍ମୀମନ୍ତ ପିଲଟି, ମାଅ ପେଟରେ ରହିଲା ଦିନଠୁ ଧନ ଦୌଲତରେ ଘର ପୂରି ଉଠିଲା । ପିଲା ଦିନରେ ଗୋପାଳଟି ଦେଖିବାକୁ ଭାରି ସୁନ୍ଦର ହୋଇଥାଏ । ଥାକୁଲ୍ ଥାକୁଲ୍ ହୋଇ ବିଜ୍ଞାପନର ଗ୍ଲାକ୍ସୋ ବେବି ଭଳିଆ । ମୁଣ୍ଡରେ କୁଞ୍ଚି କୁଞ୍ଚିଆ ବାଳ—ଯିଏ ଦେଖେ କୋଳେଇ ପଡ଼େ । ତାକୁ ଦାଉ

ସେତେବେଳ ପେରାମ୍ବୁଲେଟ୍‌ରରେ ବୁଲେଇ ନିଏ ଯିଏ ଦେଖେ ଅନାଏ— ଦେଖଣାହାରୀଙ୍କ ମୁହଁରୁ ଅପଣାଛାଏଁ ବାହାରି ପଡ଼େ— "ଅହା କି ସୁନ୍ଦର କଅଁଳକିଆ ପିଲାଟି !" ଧାଇଯାକର ସବୁ କାନ୍ଦୁରି ପିଲାଙ୍କ ମାଆମାନେ ଗୋପାଳର ବାପ ମାଆଙ୍କୁ ଈର୍ଷା କରନ୍ତି—ନିଜ ପିଲାଙ୍କୁ ଗୋପାଳକୁ ଦେଖେଇ କହନ୍ତି, 'ଦେଖ ସେ ବି ତ ଗୋଟାଏ ପିଲା, ଆଉ ତମେ ନିଅଁଲଗା ଗୁଡ଼ାକ ହେଇଚ ଖାଲି ପ୍ରାଣ ଖାଇବାକୁ ।'

ଗୋପାଳ ବଡ଼ ହୋଇ ପାଠ ପଢ଼ିଲା—ଏମିତି ପିଲା ସବୁଥିରେ ହେଲା ଫାଷ୍ଟ—କୌଣସି କଥାରେ ତାକୁ ଟପି ଯିବାକୁ ଆଉ କେହୁ ନାହାନ୍ତି । ରୂପ କୁହନ୍ତୁ, ଗୁଣ କୁହନ୍ତୁ, ସ୍ପୋର୍ଟସ୍ କୁହନ୍ତୁ, ପାଠ କୁହନ୍ତୁ, ସବୁ କଥାରେ ସମସ୍ତେ ତା ତଳେ—ଘରେ ମେଡାଲ ଦେଖିବେ କେତେ, ପ୍ରାଇଜ୍ ଦେଖିବେ କେତେ, କପ୍ ଦେଖିବେ କେତେ ! ବର୍ଷକୁ ବର୍ଷ ସ୍କଲାରସିପ୍ ତ ଥାଏ । ଆଉ ଏମିତି ସରଳ ପିଲାଟି ବଦମାସି କଣ ଜାଣେ ନା । (ଅବଶ୍ୟ 'ବଦମାସି'ର ଅର୍ଥ କଣ ସେ ଜାଣେ, କାରଣ ଡିକ୍‌ସନାରୀ ତାର ମୁଖସ୍ଥ ।) ଗର୍ବ ବୋଲି ତାର କିଛି ନାହିଁ । ଲୁଗାପଟା, ଖିଆପିଆ ସବୁଥିରେ ସାଦା ହେଲେ ଅନନ୍ଦ । ବାପ ମା ଗୁରୁଜନଙ୍କୁ ଏମିତି ଭକ୍ତି । ସାଙ୍ଗ ପିଲାଙ୍କ ଭିତରେ ଏମିତି ମିଳାପୀ । ଗରିବ ଦୁଃଖୀ ରଙ୍କିଙ୍କ ପ୍ରତି ଏମିତି ଗୋଟାଏ ଦୟା ଦେଖି ପାରିବେ ନି କାହାରି ପାଖରେ । ତା ଗୁଣ ମୁଁ କେତେ କହିବି !

ବି. ଏ., ଏମ୍. ଏ. ସବୁ ପାସ୍ କଲା—ଖାଲି କଲେଜ ପାଠ ନୁହଁ—ଏମିତି ପାଠ ନାହିଁ ଯାହା ସିଏ ଜାଣିନି—ମେଡ଼ିସିନ୍ କୁହନ୍ତୁ, ଇଞ୍ଜିନିଏରିଂ କୁହନ୍ତୁ, ସାଇକୋଲୋଜି କୁହନ୍ତୁ, ସଂସ୍କୃତ କୁହନ୍ତୁ, —ମାନେ ସବୁ ବିଦ୍ୟା—ଘାସ କଟାଠାରୁ ଘୋଡ଼ାଚଢ଼ା ଯାଏ,

ସାଇକେଲ ଟିଉବ୍‌ରେ ପମ୍ପ କରି ପଠେଇବାଠୁ ପାଇଲ୍‌ଟ୍ ହବା ଯାକେ । ଆପଣ ଏସବୁ ଶୁଣିଲେ ହୁଏତ ବିଶ୍ୱାସ କରିବେ ନି, କିନ୍ତୁ ପ୍ରକୃତରେ—ବାସ୍ତବ ସମୟ ସମୟରେ ନବେଲଠାରୁ ମଧ୍ୟ ଅଧିକ ରୋମାଞ୍ଚକ ହୋଇଥାଏ ।

ତାପରେ ଗୋପାଳ ବିଲାତ ଗଲେ—ସେଠୁ ସୁବିଧା କରି ସବୁ ଦେଶରେ ବୁଲି ଆସିଲେ । ନିଜ ଦେଶରେ ତାଙ୍କର ଯେଉଁ ଆସନ ଓ ଯେପରି ସୁଖ୍ୟାତି ହୋଇଥିଲା ବିଦେଶରେ ତାହା ତଳେ ହେଁ ଊଣା ହୋଇନି । ସବୁଠି ଖାତିର, ସବୁଠି ଆଦର, ସବୁଠି ଅଭ୍ୟର୍ଥନା । ଯେଉଁଠି ଗଲେ ଲୋକମାନେ ତାଙ୍କୁ ଘେରି ଗଲେ—ନାଆଁ ନାଁରେ ବିଦେଶମାନେ ହୁରି ପଡ଼ିଗଲା । ଫେରିଲେ ଯେତେବେଳେ, ଦେଶରେ ସମ୍ମାନ ପାଇବା ସଙ୍ଗେ ସଙ୍ଗେ ବଡ଼ ବଡ଼ କାର୍ଯ୍ୟରେ ନିଯୁକ୍ତି ପାଇଁ ଡକରା ଆସିଲା କିନ୍ତୁ ଗୋପାଳ ତାଙ୍କର ସ୍ୱାଭାବିକ ସଦ୍‌ଗୁଣ ବଜାୟ ରଖି ଦେଶ ସେବାରେ ମନ ଦେଲେ । ବାପ ମା ପୁଅକୁ କୁଣ୍ଢେଇ କରି କହିଲେ ଗୋପାଳଅ ତୁ ଆମ ନାଆଁ ରଖିଲୁ । ବାସ୍ତବିକ ଏ ପର୍ଯ୍ୟନ୍ତ ଓଡ଼ିଶାରେ, କେବଳ ଓଡ଼ିଶାରେ ନୁହେଁ ଭାରତରେ ଗୋପାଳଚନ୍ଦ୍ରଙ୍କ ପରି ରୂପବାନ, ଗୁଣବାନ୍, ମେଧାବୀ, ପ୍ରତିଭାଶାଳୀ, ପରିଶ୍ରମୀ, କଷ୍ଟସହିଷ୍ଣୁ, ଦାନୀ, ନିଃସ୍ୱାର୍ଥପର ପ୍ରଭୃତି ସମସ୍ତ ସଦ୍‌ଗୁଣ ସମ୍ପନ୍ନ ବାଳକଟିଏ ଜନ୍ମ ହୋଇ ନାହିଁ । ସେଥିଯୋଗୁ ଆଜି ଆମେ ଧନ୍ୟ ହେଉଛୁ—ଓଡ଼ିଆ ଜାତି ଧନ୍ୟ ହୋଇଛି । ତାଙ୍କ ପାଇଁ ଆଜି ପ୍ରତ୍ୟେକ ଓଡ଼ିଆର ଗର୍ବ ଅନୁଭବ କରିବାର କଥା ।

ସମସ୍ତଙ୍କ ଅପେକ୍ଷା ମୁଁ ଅଧିକ ଗର୍ବ ଅନୁଭବ କରୁଛି, କାରଣ ତାଙ୍କୁ ତୁମଅ ସହିତ ପରିଚିତ କରିବାର ସୁଯୋଗ ମୋତେ ମିଳିଛି ବୋଲି କେବଳ ନୁହେଁ, ଏଇ ସୁଯୋଗ୍ୟ ଶ୍ରୀମାନ୍ ଗୋପାଳଚନ୍ଦ୍ର-

ଙ୍କର ପିତା ହେବାର ସୌଭାଗ୍ୟ ଲାଭ କରଚି ମୁଁ । ବାପ ମୁହଁରେ ପୁଅର ପ୍ରଶଂସା ବା ପୁତ୍ରର କୃତିତ୍ୱକଥା ପିତା ବଖାଣିବା ଅଶୋଭନୀୟ ହେଲେ ମଧ୍ୟ ଏବଂ ଆପଣମାନେ ଶୁଣିବାରେ ଅଭ୍ୟସ୍ତ ନ ଥିଲେ ମଧ୍ୟ, କଲ୍ୟାଣୀୟ ଗୋପାଳ ପାଇଁ ମୁଁ ମୋର ମନର ଆନନ୍ଦ ଗୁପ୍ତି ରଖି ପାରୁନି । ଆପଣମାନେ ଯାହା ଭାବନ୍ତୁ ପଛକେ ବାପ ମାଆଙ୍କୁ ଯଦି କେହି ସୁଖ ଦେଇଥାଏ ବୋଲି କହୁଚ, ତେବେ ସିଏ— ଆମ ଗୋପାଳ । ପିଲାଟି ଦିନରୁ ତାର ଗୋଟିଏ ଗୋଟିଏ ହସ ଆମ ଦି' ପ୍ରାଣୀଙ୍କ ଜୀବନ ମଧୁମୟ କରି ଦେଇଚି । ପୂର୍ବରୁ କହିଚି ଏ ପର୍ଯ୍ୟନ୍ତ ଗୋପାଳ ଭଳି ବାଳକଟିଏ ଜନ୍ମ ହୋଇନାହିଁ; ସତ କହିବାକୁ ଗଲେ ଏ ପର୍ଯ୍ୟନ୍ତ ଗୋପାଳ ମଧ୍ୟ ଜନ୍ମ ହୋଇନାହିଁ—ତେବେ ମୋର ଜ୍ୱଳନ୍ତ ଅନୁଷ୍ଠାନ ଗୋପାଳ ସମସ୍ତ ସଦ୍‌ଗୁଣର ଅଧିକାରୀ ହେବ ବୋଲି ମୋର ଦୃଢ଼ ଆଶା—କାରଣ ତା ନ ହେଲେ ଦୁଧ କଦଳୀ ଦେଇ ସର୍ପ ଶାବକ ପାଳନ କରିବା ମୋ ପକ୍ଷରେ ସମ୍ଭବପର ହେବ ନାହିଁ । ଆପଣମାନଙ୍କ ମଧ୍ୟରୁ ଅନେକେ ହୁଏତ ମତେ ପଚାରି ପାରନ୍ତି ମୁଁ ମୋର ପୁଅର ନାମ ଏମିତି ପୁରୁଣା ଫେସନିଆ ରଖିଲି କାହିଁକି ? ମୁଁ ପିଲାଟିର ନାଆଁ ରମେଶ୍, ହରେଶ୍, ଦୀନେଶ, ସୁହାସ, ବୀରେନ୍, କମଳ ପ୍ରଭୃତି କିଛି ଆଧୁନିକ ରୁଚିର ନାଆଁ ରଖିଥିଲେ କଣ ହୋଇ ନ ଥାନ୍ତା ? ଅବଶ୍ୟ ହୋଇଥାନ୍ତା, ମୁଁ ମାନୁଚି, କମଳ କାହିଁକି ବିମଳ, ନିର୍ମଳ, ପରିମଳ ଯାହା କିଛି ରଖିଲେ ହୁଅନ୍ତା, କିନ୍ତୁ ହେବନି ବା ହେବା ସମ୍ଭବ ନୁହେଁ । କାରଣ ମୁଁ ଏ ପର୍ଯ୍ୟନ୍ତ ହାତରୁ ଦି'ହାତ ହୋଇନି, ମୋର ମୂଳରୁ ମାଇପ ନ ଥିଲାବେଳେ ପୁଅ ନାଆଁ ଗୋପାଳଆ ନ ଦେଇ ଆଉ କିଛି ଦେବା ଆପଣମାନେ କେବେ ଶୁଣିଚନ୍ତି କି ?

# ଅନ୍ତନାଡ଼ୀ

ମେଅଁଡ଼ ଠୋକା ଖଣ୍ଡେ ତା ଆଗରେ ମୋ ମୁଣ୍ଡ କଟିଗଲା । କହୁଲା ବାପା ! ବହୁ ଗୟୂଥି ଭୁଲ ଅଉ ବହ ଗୟାଥା, ବହୁ ଗୟୀଥି, ବହେ ଗୟେଥେ, ଠିକରେ ହବ ଓ୍ବହ୍ ଗୟାଥା; ଓ୍ବହ ଗୟୀଥି, ଓ୍ବେ ଗୟେଥେ—ରାଷ୍ଟ୍ରଭାଷା । ସ୍ବର ବର୍ଣ୍ଣରେ ଏକାର ବଫଳା ଦବା ମୋ ମାଷ୍ଟ୍ରେ ମତେ ପଢ଼େଇ ନ ଥିଲେ । ହେଲା ବା ମୋର ଭୁଲ, ଏ ବୟସରେ ରାଷ୍ଟ୍ରଭାଷା ଶିଖି ପିଲା ଛୁଆଙ୍କ ଆଗରେ ଅପ୍ରସ୍ତୁତ ହେବୁ କିଆଁ ? ଆମ ବାପ ଅଜା ଚୌଦ-ପୁରୁଷ ରାଷ୍ଟ୍ରଭାଷା ନ ଶିଖି କଣ ଅଜ ଚଳିପାରୁ ନ ଥିଲେ ! ନା ସେ ଭାରତ ଭ୍ରମଣ କରୁ ନ ଥିଲେ ! କାଶୀ, ବାରାଣସୀ, ମଥୁରା, ବୃନ୍ଦାବନ, କୋଉଠିକି ଯାଉ ନ ଥିଲେ ସିଏ ! ନା ଗୟା ଯିବେ ବୋଲି ତାଙ୍କୁ ବହ ଗୟାଥା ଶିଖିବାକୁ ହେଉଥିଲା ! ମୁଁ ତ ପୁଣି ରାଷ୍ଟ୍ରଭାଷା ନ ଶିଖିକରି ଖାଣ୍ଟି

ଓଡ଼ିଆ ପାଠରେ ଗୁରୁ ତୀର୍ଥ ମାରଦେଇ ଆସିଲୁ । ଦେଶ ଦେଖିବା ଅଟକି ଗଲା ନା ଦକ୍ଷିଣିଆଙ୍କ ସାଙ୍ଗେ କଥାବାର୍ତ୍ତା କରିବା ଅଟକି ଗଲା ? ମତ ଯାହା ଲାଗୁଛି ଭାରତସାରା ଗୋଟାଏ ରାଷ୍ଟ୍ରଭାଷା କରିବା ଦ୍ୱାରା ଆମେ ଆମର ପ୍ରାଚୀନ ସଂସ୍କୃତି, କଳା ଇତ୍ୟାଦିକୁ ପୋଡ଼ି ଖାଇ ବସିଯିବୁ । ପ୍ରଦେଶର ଯେଉଁ ସବୁ ନିଜତ୍ୱ ରହିଥିଲା ତା ଆସ୍ତେ ଆସ୍ତେ ଲୋପ ପାଇଯିବ । ବିଭିନ୍ନ ଭାଷାଭାଷୀ କଥାବାର୍ତ୍ତା ଓ ଭାବ ଆଦାନ ପ୍ରଦାନ କରିବା କଣ ଏଡ଼େ ଅଡୁଆ ଯେ ସେଥିପାଇଁ ଗୋଟାଏ ରାଷ୍ଟ୍ରଭାଷା ଲୋଡ଼ା ହେଲା ? ମୋର ମନେ ଅଛି ମୁଁ ଦାକ୍ଷିଣାତ୍ୟ ଯାଇଥାଏ । ସାଙ୍ଗରେ ଅଇଁ୯ ମିତ୍ରେ ଥାଆନ୍ତି । ଆମେ ଗୋଟାଏ ଷ୍ଟେସନରେ ଓହ୍ଲାଇଲୁ । ଓହ୍ଲାଇବା ମାତ୍ରେକେ ଦଶ ବାରଜଣ ଲୋକ ଆମକୁ ଘେରିଗଲେ । ଜଣେ କହିଲା "ଭଣ୍ଡ୍ରୁ ଏଣ୍ଣି ଏଣ୍ଣି ଅନ୍ନନାଡ଼ୀ ହୋଟେଲଣ୍ଡି ଚେସ୍ତୁ ନେଣ୍ଡି" ଯାହାର ଅର୍ଥ ଆପଣମାନେ ହୋଟେଲରେ ରହିବେ ଯଦି ମୋ ସହିତ ଆସନ୍ତୁ । ଆଉ ଜଣେ କହିଲା "ଇଲେ ସଣ୍ଡି ନାଡ଼୍ଡୁ ମୁଣ୍ଡୁ ସୁଣ୍ଡୁ ଅନ୍ନନାଡ଼ୁ" ଅର୍ଥାତ ତା' ସଙ୍ଗରେ ନ ଯାଇ ମୋ ସଙ୍ଗରେ ଆସନ୍ତୁ । ତା'ପରେ ସେମାନେ ସମସ୍ତେ ଆମକୁ ନିଜ ହୋଟେଲକୁ ଟାଣିଲେ, ତଦ୍ୱାରା ତାଙ୍କର ପରସ୍ପର ମଧ୍ୟରେ ବାକ୍‌ଯୁଦ୍ଧ ଚାଲିଲା ଏବଂ ତାଙ୍କ ଭିତରୁ ଜଣେ ବଳୁଆ ଜୋର କରି ଗଣ୍ଠିରି ଓଟାରି ନେଇଯିବାରୁ ଆମେ ତା' ପଛେ ପଛେ ଆସି ତା' ହୋଟେଲକୁ ଆସିଲୁ ! ଆମକୁ ଗୋଟାଏ କୋଠରୀ ଦେଖାଇ ଦିଆଗଲା । ଆମେ ଟିକିଏ ବିଶ୍ରାମ କଲୁ । ତା'ପରେ ଜଣେ ବାବୁ ଗୋଟିଏ ରେଜିଷ୍ଟର ଆଣି କହିଲେ—"ଅନ୍ନନାଡ଼ୀ ନାମାଣ୍ଡି ପିଲେ ଗୁଷ୍ଟୁ ନାରସ୍ୱାଣ୍ଡୁ" ଆମେ ନାଆଁ ଦସ୍ତଖତ କରିଦେଲୁ । ତା'ପରେ ପଗ୍ଗୁରିଲୁ କଡ଼ା କେତେ ? ସେ ଠିକ୍ ବୁଝି ପାରିଲା ନି ପ୍ରଥମେ, ତାପରେ ମୁଁ

ହାତରେ ଟଙ୍କା ବଢ଼େଇବାର ମୁଦ୍ରା ପ୍ରଦର୍ଶନ କରିବାରୁ ସେ କହିଲା "ସାମିନାଲବୁଙ୍ଗ୍ ଙ୍ଗ୍ ରୁଣ୍ଡ ପଟଙ୍କାଣ୍ଡ ଅନ୍ତ୍ୟଇଲ୍ଲି" ଅଉ ଅଙ୍ଗୁଠିରେ 'ଭଥାକାଲି' ମୁଦ୍ରା ଦେଖାଇ ବୁଝାଇ ଦେଲା ଜଣକୁ ଦୁଇ ଟଙ୍କା କରି ଦ' ଜଣକୁ ଚାରି ଟଙ୍କା । ତାପରେ ଆମେ ଯେଉଁ ଦୁଇ ଦିନ ସେଠି ରହିଲୁ ପରସ୍ପର ଭାଷା ବୁଝିବାରେ ଆଦୌ ଅସୁବିଧା ହୋଇ ନାହିଁ । 'ପାଣି ଅଣ' 'ଭାତ ଅଣ' କହି ସଦା ଆମେ 'ଛଇନାର'ର ମୁଦ୍ରା ଦେଖାଉ ସେମାନେ 'ଅନ୍ତନାଡ଼ି' 'ଟୁଣ୍ଡ୍ର ମୁଣ୍ଡ୍ର' କହି କଥିତ ମୁଦ୍ରା ପ୍ରଦର୍ଶନ କରି ଖାଇବାପାଇଁ ନେଇ ଆସନ୍ତି । ଆମେ ଗୋଟିପୂଅ ମୁଦ୍ରା ଦେଖେଇ କାନ୍ଥ କହିଲେ ସେମାନେ 'ମଣିପୁରି' ମୁଦ୍ରା ଦେଖାଇ ତାହା ପାଳନ୍ତି । ରାଷ୍ଟ୍ରଭାଷା ଚାଲିବା ଦ୍ୱାରା ସେହି ପ୍ରାଚୀନ ଭଙ୍ଗୀ ଓ ମୁଦ୍ରା ସବୁ ବଞ୍ଚିବ ବୋଲି ମୋର ଆଶା ହେଉ ନାହିଁ । *

* ଉପର ଲିଖିତ ଭାଷାରେ 'ଅନ୍ତନାଡ଼ୀ' ଅନ୍ତନାଡ଼ୀ ନ ହୋଇ ପିଉନାଡ଼ୀ ହେବ ବୋଲି ସଦ୍ୟ କେହି ଭାଷାବିତ୍ କହନ୍ତି ମୋର ସେଥିରେ ଆପତ୍ତି ନାହିଁ । 'ପିଉନାଡ଼ୀ' 'ଗୁଣ୍ଡ୍ର ମୁଣ୍ଡ୍ର' ସବୁ ମୋତେ ଏକା ଭଳି ଶୁଭେ । ମତେ ଯେମିତି ଶୁଭିଛି ମୁଁ ସେଥିପାଇଁ ଲେଖିଛି ।

— ଲେ:

# ପ୍ରେମ ଓ ବିବାହ

ଆପଣ ବାହା ହେବେନି ବୋଲି ଜିଦ୍ ଧରିଛନ୍ତି କାହିଁକି ? ବିବାହ ପ୍ରତି ଆପଣଙ୍କର ଏତେ ଘୃଣା ମଧ୍ୟ କେଉଁଥି ପାଇଁ ? ଆପଣ ଖୁଆଡ଼େ କହୁଥିଲେ ଯେ ଆପଣ ଜଣଙ୍କ ସହିତ ପ୍ରେମ କରିବାକୁ ରାଜି ଅଛନ୍ତି କିନ୍ତୁ ବିବାହ କରିବାକୁ ଜମା ପ୍ରସ୍ତୁତ ନୁହନ୍ତି । ମୋର ମନେ ହେଉଛି ଆପଣ ବିବାହ ବିରୁଦ୍ଧରେ ନାନା କଥା ଶୁଣିଛନ୍ତି ଏବଂ ସେଇଥିରେ ଆପଣଙ୍କ ମନ ଖଟା ହୋଇ ଯାଇଛି । ବହିରେ ହୁଏତ ପଢ଼ିଛନ୍ତି ପ୍ରେମ କରୁଥିଲା ବେଳେ ସ୍ୱର୍ଗରେ ଥିଲାଭଳି ଆନନ୍ଦ ମିଳେ କିନ୍ତୁ ବିବାହ ପରେ ମିଳେ ନରକର ଯନ୍ତ୍ରଣା ! ଅନେକ ଲୋକ ଉପଦେଶ ଦିଅନ୍ତି, "ବିବାହ ପୂର୍ବରୁ ଯାହା ମଜା କରି ନେବ କରି ନେଇଥାଅ, ବାହାଘର ପରେ ସବୁ ସରିଲା ।" ମୁଁ ଏମିତି କଥା ମଧ୍ୟ ଶୁଣିଛି । ବିବାହ ବିରୁଦ୍ଧରେ କାହିଁକି ଯେ

କରିବାକୁ ପଡ଼େ ଆଉ ନିଜେ ଜଣେ ଥଳିବାଲା ବୋଲି ଦେଖାଇବା ପାଇଁ ନିଜର ଉପାର୍ଜନ ତୁଳନାରେ ଅଧିକ ବଡ଼ଲୋକି ଖର୍ଚ୍ଚ କରିବାକୁ ରକ୍ଷା ମିଳେ । ବିବାହ ପରେ ଆଉ ସିନେମା ଦେଖାଇ ନେବାର ଆବଶ୍ୟକତା ପଡ଼େ ନି, ଉପହାର ଦେବାର ଜରୁରତ ପଡ଼େ ନି ଆଉ ଫୁଲ ଉପହାର ଦେବା କଥା ଛାଡ଼ିଲେ—ଧୂଣାକ୍ଷରେ କଳ୍ପନା କରିବାକୁ ସୁଦ୍ଧା ପଡ଼େ ନି ।

ପ୍ରେମ କରୁଥିଲାବେଳେ ମନ ଭିତରେ ଦୁଶ୍ଚିନ୍ତା, ଭୟ, ଆଶା ନିରାଶାର ଝଡ଼ ତୋଫାନ ଚାଲିଥାଏ ମନରେ ଶାନ୍ତି ନ ଥାଏ କିମ୍ବା ରାତିରେ ନିଦ ନ ଥାଏ କିନ୍ତୁ ବାନ୍ଧା ହୋଇ ପଡ଼ନ୍ତୁ, ନିଶ୍ଚିନ୍ତ । ରାତିରେ ନିଦ ଯେମିତି ହୁଏ, ମନରେ ସୁଖ ବି ଆସେ ସେମିତି । କୌଣସି କଥାରେ ଅଜ ବ୍ୟସ୍ତ ହବାକୁ ପଡ଼େ ନି—ଧୀରେ ସୁସ୍ଥେ ଜୀବନ ଚାଲେ ।

ମୁଁ ସେଇଯୋଗୁ ଆପଣଙ୍କୁ କହୁଚି ଏଇ ପ୍ରେମ ପ୍ରେମ କଥା ଭୁଲି ଅତିଶୀଘ୍ର ବାନ୍ଧା ହୋଇ ପଡ଼ନ୍ତୁ ।

## ଶୀଳାଜିତ୍

ସୁଖବର ! ବୈଦ୍ୟମାନେ, ବୈଦ୍ୟରାଜମାନେ, ଆୟୁର୍ବେଦ ଶାସ୍ତ୍ରୀ କବିରାଜମାନେ, ଆୟୁର୍ବେଦାଚାର୍ଯ୍ୟ, ଭିଷକାଚାର୍ଯ୍ୟ, ଭିଷକ୍‌ରତ୍ନ, ବୈଦ୍ୟରତ୍ନମାନେ, ଗୁଣୁଗୁଣୁକିଆ ବଇଦମାନେ ଆଉ ମହନ୍ତମାନେ ଖୁଶି ହେବେ ଯେ ଆୟୁର୍ବେଦ ଶାସ୍ତ୍ର ଉପରେ ସରକାରଙ୍କର ଶୁଭଦୃଷ୍ଟି ପଡ଼ୁଛି । ଆୟୁର୍ବେଦ ଚର୍ଚ୍ଚା, ଆୟୁର୍ବେଦ ପ୍ରସାର ଦିଗରେ ସରକାର ଚେଷ୍ଟା ଆରମ୍ଭ କଲେଣି । ଭାରତର ଲୁପ୍ତ ଗୌରବ ପୁଣି ଫେରି ଆସୁଛି । କେଡ଼େ ଆନନ୍ଦର କଥା !! ବିଦେଶୀ ଔଷଧ ଆଉ ରହିବ ନାହିଁ । ଆମର ଦେଶୀ ଚେରମୂଳ ଔଷଧ ଏଣିକି ବ୍ୟବହାର କରାହେବ । ଜ୍ୱର ହେଲେ ଆଉ ସେଇ ବଇକ୍ରୁଟିଆ ପିତା କୁଇନାଇନ ଆମକୁ ଖାଇବାକୁ ପଡ଼ିବ ନା— ଆମର ଚିରେଇତା ରହୁଚି । ଆମର କ୍ୱାଥ ରହୁଚି, ତ୍ରିଫଳା ରହୁଚି ।

ଆମକୁ ଆଉ ସେଇ ଦାନ୍ତଭଙ୍ଗା ବିଦେଶିଆ ବିଲାତି ଔଷଧର ନାଆଁ ଗୁଡ଼ାକ ମନେ ରଖିବାକୁ ପଡ଼ିବ ନି—ସେଇ ଭାର୍ମିନେଟିଭ୍ ମିକ୍ଷ୍ଚର୍, 'ସଲ୍ ଫାନିଲାମାଇଡ୍ ଟାବ୍‌ଲେଟ୍', ଗ୍ଲୁକୋଜ, ଭିଟାମିନ୍ କମ୍ପ୍ଲେକ୍‌ସ', 'ଗ୍ଲାଇକୋଡ଼ିନ', 'ଅଣ୍ଟି ଟାଇଫଏଡ୍' 'ପେନସିଲିନ୍' ପ୍ରଭୃତି ଆମ ଦେଶପାଇଁ ନୁହେଁ । ଆମର ଖାଣ୍ଟି ଦେଶୀ ଔଷଧ ରହିଚି । ଆମର ସ୍ୱର୍ଣ୍ଣ ଘଟିତ ମକରଧ୍ୱଜ ରହିଚି, ସକଳ ଜ୍ୱର ନିବାରଣ, ସର୍ବବ୍ୟାଧି ବିଡାଡ଼ନ ପାଇଁ ହଜାର ରକମର ସୁଧା, ସାଲସା ରହିଚି, ଆମର ବୃହତ୍ ଗୁଡ଼ୁଚ୍ୟାଦି ତୈଳ, ମେଥି ମୋଦକ, ପ୍ଲୀହା କୁଲାନ୍ତକ, ଚ୍ୟବନପ୍ରାସ, ମଦନାନନ୍ଦ ମୋଦକ, ଶତାବରୀ ରସାୟନ ପ୍ରଭୃତି ଅଛି, ଯାହାର ଉଚ୍ଚାରଣ ଆମ ତୁଣ୍ଡରେ ଯେମିତି ସହଜ ମନେହୁଏ ସେବନ କରିବା ପାଇଁ ମଧ୍ୟ ସେମିତି ଉପାଦେୟ । ତା ଛଡ଼ା ଆମ ଦେଶରେ ରୋଗ ଯାହାର ନାଆଁ ମଧ୍ୟ ବିଦେଶୀ ଶାସନ ପ୍ରଭାବରୁ ଲୁଚି ଯିବାକୁ ବସିଥିଲା ପୁଣି ତାର ପୁନରୁଦ୍ଧାର କରାଯିବ । ଆଉ ସେଇ ଫାଇଲେରିଆ, ମେଲେରିଆ, ନିମୋନିଆ, ଅଜମା, ଡିସ୍‌ପେପ୍‌ସିଆ, ଆପେଣ୍ଡିସାଇଟିସ୍, ଥାଇସିସ୍, ଟି. ବି. ପ୍ରଭୃତି ରହିବ ନି । ତାର ସ୍ଥାନ ଅଧିକାର କରିବେ ଆମର ଆଦର୍ଶ ସନ୍ନିତ୍, ଗୁଳ୍ମ, ଅମ୍ଳପିତ୍ତ, ଆମବାତ, ଗଣ୍ଠିବାତ, ପ୍ରଦର ଗୋଦର, କୁଷ୍ଠ ଓ ଉପଦଂଶ ପ୍ରଭୃତି । କେଡ଼େ ଆନନ୍ଦର କଥା !!

ଆମକୁ ଆଉ ଇଞ୍ଜେକସନ୍ କେହି ଫୋଡ଼ି ପାରିବେ ନି, ଟୀକା ଦେବାପାଇଁ ଆମର ହାତରୁ ପୁଳାଏ ମାଂସ କେହି ଗୁଞ୍ଚିନେଇ ପାରିବେ ନି । ଅପରେସନ୍ କରି ଆମର ଦେହ ହାତ କାଟିକୁଟି ସିଲେଇ କରିବାର ଅଧିକାର ଆଉ କାହାରି ରହିବ ନାହିଁ । ବିନା ଅସ୍ତ୍ର ଚିକିତ୍ସାରେ କେବଳ ଗୋଟିଏ ଗୋଟିଏ ଔଷଧର ଅନୁପାନ, ଅନୁପାତ ଭେଦରେ ସମସ୍ତ ପ୍ରକାର ବ୍ୟାଧି ନିବାରିତ ହେବ ।

ବିଦେଶୀ ଔଷଧ ବିଜ୍ଞାନର ଉନ୍ନତି ଫଳରେ ଯେପରି ଗୋଟିଏ ବଟିକା ବା ଗୋଟିଏ ବିନ୍ଦୁ ଔଷଧରେ ସମସ୍ତ ଦ୍ରବ୍ୟ-ଗୁଣର ଶକ୍ତିକୁ କେନ୍ଦ୍ରୀଭୂତ କରାଯାଇଥିଲା ବର୍ତ୍ତମାନ ଆୟୁର୍ବେଦ-ଦ୍ୱାରା ସେ ପରିଶ୍ରମରୁ ଅବ୍ୟାହତି ମିଳିଲା । ଆମେ ବେଶ୍ ଖାଣ୍ଟି ଚେର ମୂଳ ଆଣି ହାଣ୍ଡି ହାଣ୍ଡି କ୍ୱାଥ, ଗଣ୍ଡା ଗଣ୍ଡା ମୋଦକ ଖାଇ ପାରିବା, ତଦ୍ୱାରା ଖାଣ୍ଟି ଜିନିଷ ପାଇଲେ, ଏଣେ ଖାଇବାକୁ ଖାଇବା ହେଲା ଆଉ ଔଷଧର ଫଳ ମଧ୍ୟ ପାଇଲେ ।

ବର୍ତ୍ତମାନ ଆୟୁର୍ବେଦ ଚର୍ଚ୍ଚା ପାଇଁ ଗୁରୁତର ଆନ୍ଦୋଳନ ଚାଲିଛି—ବହୁ ସଭା ସମିତି ବସିଲାଣି । ଗୋଟିଏ ଆୟୁର୍ବେଦ ଗବେଷଣା କେନ୍ଦ୍ର ବସିବାର ମଧ୍ୟ ସ୍ଥିର କରାଯାଇଛି । ଯେପରି ମନେହେଉଛି ଏହି ଚେଷ୍ଟା ଯଦି ଫଳବତୀ ହୁଏ (ନ ହେବାର କୌଣସି କାରଣ ନାହିଁ) ଆମ ଦେଶରେ ଆଉ ଏଲୋପାଥି ଡାକ୍ତରଖାନା ରହିବ ନାହିଁ । ଯେଉଁ ଡାକ୍ତରଖାନା ଅଛି ସେ ସବୁକୁ ଆୟୁର୍ବେଦଖାନା ଓ ଚିକିତ୍ସାଳୟ କରାଯିବ । ଡାକ୍ତରମାନେ ଡାକ୍ତରୀ ଛାଡ଼ି ବୈଦ୍ୟବୃତ୍ତି, କବିରାଜି କରିବେ—ନର୍ସ, କମ୍ପାଉଣ୍ଡରମାନେ ମୋଦକ କରିବା, ଚୂର୍ଣ୍ଣ ତିଆରି କରିବା କିମ୍ବା ଜଳ ଧରି ଔଷଧ ବାଟିବା କାର୍ଯ୍ୟରେ ଲଗାଯିବେ । ମେଡ଼ିକାଲ ସ୍କୁଲ କଲେଜ ପ୍ରଭୃତି ସମସ୍ତ ଡେଇଁ କରାହେବ ।

ଏହି ଉଦ୍ଦେଶ୍ୟ ସଫଳ ହେଲେ ଆମର ପ୍ରତ୍ୟେକ ଦେଶବାସୀଙ୍କର ଆୟୁର୍ବେଦ ଚର୍ଚ୍ଚାର ଉନ୍ନତି ଦିଗରେ ସାହାଯ୍ୟ କରିବା ଉଚିତ । ବିଦେଶୀ ରାଜାଙ୍କ ଶାସନ ଫଳରେ ଏ ଦିଗରେ ଚର୍ଚ୍ଚା ନ ଥିଲା । ସେଥିପାଇଁ ଅନେକ ଔଷଧମୂଳ ଲୁଚି ଯାଇଛି । ଅନେକ ଚେର ମୂଳ ନାଆଁ ଜାଣିଥିଲେ ସୁଦ୍ଧା ସେ ଗଛ ମଧ୍ୟ ଆମେ ଚିହ୍ନି ପାରୁନୁ —ଆୟୁର୍ବେଦ ଶାସ୍ତ୍ରରେ ନାଆଁ ରହିଛି କିନ୍ତୁ ସେ କି ଗଛ

କେହି ଚିହ୍ନି ପାରୁନାହାନ୍ତି—ଅତମଧ୍ୟ ଅନେକ ଦ୍ରବ୍ୟଗୁଣ ବିଷୟ କେତୋଟି ମାତ୍ର ଲୋକଙ୍କୁ ଜଣା ଅଛି । ସର୍ବସାଧାରଣଙ୍କ ଆଗରେ ତାହା ପ୍ରକାଶ କରାଯାଇନି କିମ୍ବା କୌଣସି ପୁସ୍ତକରେ ପ୍ରକାଶ କରାଯାଇନି । ସେ ଔଷଧ ପାଇଁ ସେହି ଲୋକଙ୍କ ପାଖକୁ ଯିବାକୁ ହେବ—ସେ ଔଷଧର ନାଆଁଟି ଗୁପ୍ତ ରଖିଥିବେ—ମଲା ପୂର୍ବରୁ ସେ ଔଷଧ ନାଆଁ ଯଦି କହିଗଲେ ତ ରହିଲା, ନ ହେଲେ ତାଙ୍କ ସଙ୍ଗେ ସଙ୍ଗେ ଔଷଧଟି ମଧ୍ୟ ଲୋପ ପାଇଲା । ଏହି ସବୁ କାରଣରୁ ଏ ଦିଗରେ ଗବେଷଣା ଏକାନ୍ତ ଆବଶ୍ୟକ । ନିଜର କର୍ତ୍ତବ୍ୟ ଭାବି ମୁଁ ମଧ୍ୟ ଏ ଦିଗରେ ଗବେଷଣା ଆରମ୍ଭ କରିଥିଲି ଆଉ ଆପଣମାନଙ୍କ ଆଶୀର୍ବାଦରୁ ସାମାନ୍ୟ କୃତକାର୍ଯ୍ୟ ମଧ୍ୟ ହେଲିଣି । ମୁଁ ଚର୍ଚ୍ଚା କରିଥିଲି—ଶିଳାଜିତ୍—ଶିଳାଜିତ୍‌ର ଉତ୍ପତ୍ତି ଏ ପର୍ଯ୍ୟନ୍ତ ଅଜ୍ଞାତ ଥିଲା । ଶୁଣି ଖୁସି ହେବେ ଯେ, ଶିଳାଜିତ୍‌ର ଉତ୍ପତ୍ତି ଆଉ ଆମ ପାଇଁ ଅଜ୍ଞାତ ବୋଲି କୁହାଯିବ ନାହିଁ । ତେବେ କଥା ହେଉଛି, ଆମେ ଯଦି ବର୍ତ୍ତମାନଠାରୁ ସାବଧାନ ନ ହେବା, ତେବେ ମାତ୍ର କେତେ ବର୍ଷ ଭିତରେ ଶିଳାଜିତ୍ ଦୁଷ୍ପ୍ରାପ୍ୟ ହେବାର ଆଶଙ୍କା ଯଥେଷ୍ଟ ଦେଖାଯାଇଛି ଓ ଆୟୁର୍ବେଦର ଯଥେଷ୍ଟ କ୍ଷତି ହେବାର ବି ସମ୍ଭାବନା ରହିଛି ।

ଶିଳାଜିତ୍ କଣ ? ଶିଳାଜିତ୍ (ଯାହାକୁ ସଂସ୍କୃତରେ ଶିଳାଜତୁ ବୋଲି ମଧ୍ୟ କୁହାଯାଏ) ହେଉଛି ପାର୍ବତ୍ୟ ତରଳ ଉପଧାତୁ ବିଶେଷ । ଗ୍ରୀଷ୍ମକାଳରେ ପାର୍ବତ୍ୟ ଧାତୁ ଉତପ୍ତ ହେଲେ, ପଥରମାନଙ୍କରୁ ଏହି ନିର୍ଯ୍ୟାସ ବାହାରେ ବୋଲି କହନ୍ତି । କେହି କେହି କହନ୍ତି ଏହା ଜାନ୍ତବ ତୈଳ ବିଶେଷ ଏବଂ ମୋଟ ଉପରେ ଏହାର ଉତ୍ପତ୍ତି ଅଜ୍ଞାତ ।

ଚରକରେ ଲେଖାଅଛି—

"ନ ସ୍ତ୍ରି ରୋଗୋ ଭୁବମାନବାନାଂ
ଶିଳା ଜତୁର୍ଯଂ ନ ଜୟେତ୍ ପ୍ରସହ୍ୟ ।"

ସୁଶ୍ରୁତରେ ଲେଖାଅଛି—

"ନ ସ୍ତ୍ରି ରୋଗୋ ମଞାପି
ନିହନ୍ୟାତ୍ ଶିଳାଜତୁ ।"

ଯାହାର ଅର୍ଥ ପୃଥିବୀରେ ଏପରି କୌଣସି ରୋଗ ନାହିଁ ଯାହା ଶିଳାଜତୁ ଦ୍ୱାରା ଭଲ ନ ହେବ । ଅନୁପାନ ବିଶେଷରେ ଏହା ଅଶ୍ମରୀ, ଜୀର୍ଣ୍ଣଜ୍ୱର, ମେହ, ସ୍ନାୟବିକ ଦୌର୍ବଲ୍ୟ, ଅର୍ଶ, ଧାତୁକ୍ଷୟ, ଆମବାତ, ଗଣ୍ଠିବାତ, କୁଷ୍ଠ, ଅଗ୍ନିମାନ୍ଦ୍ୟ, ବାତାଜୀର୍ଣ୍ଣ, ରକ୍ତପିତ୍ତ, କାଶ, ଯକ୍ଷ୍ମା, କୃମି, ଅପସ୍ମାର, ଗ୍ରହଣୀ, ପକ୍ଷାଘାତ, ପ୍ରଦର, ବାତ, ପ୍ରସୂତ ରୋଗର ଉପକାରୀ ।

ଏତେ ବଡ଼ ଦରକାରୀ ଆୟୁର୍ବେଦୀୟ ଔଷଧ କିନ୍ତୁ ଉତ୍ପତ୍ତି ବିଷୟରେ କେହି କିଛି ଜାଣନ୍ତି ନାହିଁ । ଏ କଥା ଅବଶ୍ୟ ସତ୍ୟ ଯେ ଶିଳାଜତୁ ପ୍ରସ୍ତରର ନିର୍ଯାସ କିନ୍ତୁ ହିମାଳୟ ବା ବିନ୍ଧ୍ୟ ପର୍ବତ ପରି ବଡ଼ ପର୍ବତର କେଉଁ ଅଂଶରେ ଶିଳାଜତ୍‌ର ଝରଣା ବହୁଛି କେହି ଏ ପର୍ଯ୍ୟନ୍ତ ଦେଖି ନାହାନ୍ତି—ଶିଳାଜତୁ ବା ଶିଳାଜତ୍‌ର ଉତ୍ପତ୍ତି ସମସ୍ତଙ୍କ ପାଇଁ ରହସ୍ୟମୟ । ତଥାପି ଶିଳାଜତ୍ ମିଳେ । ଶିଳାଜତୁ, ମୃଗନାଭି ପ୍ରଭୃତି ବିକିବାକୁ ଅନେକ ଦବାଇବାଲା ଅଛନ୍ତି । ମୁଁ ଏ ବିଷୟରେ ଗବେଷଣା କରି ଓ ବହୁ ଦବାଇବାଲାଙ୍କଠାରୁ ତଥ୍ୟ ସଂଗ୍ରହ କରି ବର୍ତ୍ତମାନ ଏତିକି ଅନୁମାନ କରି ପାରିଛି ଯେ ମାଙ୍କଡ଼ମାନଙ୍କ ବ୍ୟତୀତ ଅନ୍ୟ କେହି ଶିଳାଜତୁର ଉତ୍ପତ୍ତି ସ୍ଥାନ ଏପର୍ଯ୍ୟନ୍ତ ଦେଖି ନାହାନ୍ତି । ମାଈ ମାଙ୍କଡ଼ ଗର୍ଭବତୀ ହୋଇ-

ଥିବା ସମୟରେ ଅଣ୍ଡିରା ମାଙ୍କଡ଼ ବିନ୍ଧ୍ୟ ବା ହିମାଳୟ ପର୍ବତକୁ ଯାଇ ଶିଳାଜିତ୍ ଆଣି ପତ୍ନୀକୁ ଦିଏ । ଶିଳାଜିତ୍‌ରେ ଏମିତି ଅଦ୍ଭୁତ ଗୁଣ, ତାହା ଖାଇବାଦ୍ୱାରା ଗର୍ଭବତୀ ମାଙ୍କଡ଼ୀର ଦେହରେ ପୁଷ୍ଟି ଆସେ ଓ ଗର୍ଭବତୀ ହୋଇଥିଲେ ସୁଦ୍ଧା ଏ ଗଛରୁ ସେ ଗଛ ଅନାୟାସରେ ଡେଇଁପାରେ ଏବଂ ଆଦୌ କ୍ଲାନ୍ତି ଅନୁଭବ କରେ ନାହିଁ ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଶିଳାଜତୁ ସଂଗ୍ରହ କରିବା ପାଇଁ ମର୍କଟ ବିନ୍ଧ୍ୟ ପର୍ବତକୁ ଗଲାବେଳେ ତାର ଅନୁସରଣ କରି ଶିଳାଜତୁ ଭଣ୍ଡାର ଦେଖିନେବା ମନୁଷ୍ୟ ପକ୍ଷରେ ସମ୍ଭବ କି ନା ? ଆଦୌ ସମ୍ଭବ ନୁହେଁ, କାରଣ ମର୍କଟ ବୃକ୍ଷ ଉପରେ ଯେଉଁ ରାସ୍ତାରେ ଯାଏ ମନୁଷ୍ୟ ଯାଇ ପାରିବ ନାହିଁ । ତା'ଛଡ଼ା ଆମ ଦେଶରେ ଟାର୍ଜେନ୍ କାହାନ୍ତି ? ଅତଏବ ମାଙ୍କଡ଼ମାନଙ୍କଠାରୁ ଶିଳାଜିତ୍ ଆଦାୟ କରିବା ବ୍ୟତୀତ ଅନ୍ୟ କୌଣସି ଉପାୟ କାର୍ଯ୍ୟକାରୀ ହୋଇ ପାରିନାହିଁ । ଶିଳାଜିତ୍ ଗୋଟିଏ ଶକ୍ତିଶାଳୀ ରସାୟନ ହୋଇଥିବା ହେତୁ ତାହା କୌଣସିମତେ ନଷ୍ଟ ହୁଏ ନାହିଁ । ଶିଳାଜିତ୍ ଖାଇଥିବା ଗର୍ଭିଣୀ ମର୍କଟୀ ମଳ ତ୍ୟାଗ କଲା ପରେ ସେହି ମଳକୁ ଧୋଇ ଏବଂ ଶୋଧନ କରି ସଂଗ୍ରହକାରୀମାନେ ଶିଳାଜିତ୍ ପାଆନ୍ତି ଏବଂ ଦେଶ ଦେଶ ବୁଲି ବିକ୍ରି କରୁଥାଆନ୍ତି । ଅନେକ ଦବାଇଖାନା ସଂଗ୍ରାହକ ଓ ବିକ୍ରେତା ହୋଇଥିବା ଯୋଗୁଁ ଏ ବିଷୟରେ ଅଳ୍ପ ଅବିଶ୍ୱାସର କୌଣସି କାରଣ ନାହିଁ ।

ମତେ ବଡ଼ ଦୁଃଖର ସହିତ ଏତକ କହିବାକୁ ପଡ଼ୁଛି ଯେ ବର୍ତ୍ତମାନ ଆମ ପ୍ରଦେଶରେ ବାନର ହତ୍ୟା ଚାଲିଛି । ସେଦିନ ଖବରକାଗଜରେ ଦେଖିଲି ଏ ଦେଶରୁ ବହୁ ସଂଖ୍ୟକ ବାନର ଆମେରିକାକୁ ରପ୍ତାନି କରାହେବା ଯୁଗ ଅପେକ୍ଷା ପରଭାଗର

ବିଷୟ ଅଉ କଣ ଥାଇପାରେ ! ଆୟୁର୍ବେଦ ତଥା ଲୁପ୍ତ ଗୌରବର ପୁନରୁଦ୍ଧାର ଯଦି ବାସ୍ତବିକ ଆମ୍ଭମାନଙ୍କର ଉଦ୍ଦେଶ୍ୟ ହୋଇଥାଏ, ଶିଳାଜିତ୍ ପରି ସକଳ ରୋଗର ମହୌଷଧିକୁ ଆମେ ବର୍ଜନ କରି ପାରିବା ନାହିଁ । ବାନର ବଧ ବା ବାନର ବିତାଡ଼ନ ଦ୍ୱାରା ଆମେ ବହୁପରିମାଣରେ ଦୁଷ୍ପ୍ରାପ୍ୟ, ଦୁର୍ମୂଲ୍ୟ ଶିଳାଜିତ୍ ହରାଉଛୁ ସିନା ! ଗୋଟିଏ ମର୍କଟୀ ହତ୍ୟା କରିବା ଦ୍ୱାରା କେତେ ତୋଳା ଶିଳାଜିତ୍ ଅକାରଣରେ ନଷ୍ଟ କରାଗଲା ତାର ଖବର କିଏ ରଖିଛି ? ମର୍କଟିଙ୍କୁ ବଧ ନ କରି କେବଳ ମର୍କଟ ବଧ କଲେ ହୁଅନ୍ତା କିନ୍ତୁ ଶିଳାଜିତ୍ ଅହରଣ ପାଇଁ ମର୍କଟର ପରିଶ୍ରମ ଅଦୌ ଊଣା ନୁହେଁ, କାରଣ ବନ୍ଧ୍ୟ ପର୍ବତକୁ ଯାଇ ଶିଳାଜିତ୍ ଆଣିବ କିଏ ?

ମାଙ୍କଡ଼ର ବଂଶ ଧ୍ୱଂସ କରାଯାଉଛି କାରଣ ସେମାନେ ଫସଲ ନଷ୍ଟ କରୁଛନ୍ତି କିନ୍ତୁ ମୁଁ ପଚାରୁଛି, ଗୋଟିଏ ମାଙ୍କଡ଼ ଯେତେ ଫସଲ ନଷ୍ଟ କରେ ସେହି ତୁଳନାରେ ଅଧିକ ମୂଲ୍ୟର ଦୁଷ୍ପ୍ରାପ୍ୟ ଶିଳାଜିତ୍ ଦିଏ ନାହିଁ କି ? ମାଙ୍କଡ଼କୁ ମାରି ଫସଲ ଦିଗରେ ଆମେ ଯାହା ଲାଭବାନ୍ ହେଉ ତାଙ୍କୁ ନ ମାରି ତାଙ୍କଠାରୁ ଶିଳାଜିତ୍ ଅଦାୟ କରି ପାରିଲେ ସେହି ତୁଳନାରେ ତେର ବେଶୀ ଲାଭବାନ୍ ହୁଅନ୍ତୁ ନା କି ? ଏହା ଧୀର ଭାବରେ ବିଚାର କରିବାର କଥା । ସରକାର ବାନର ବଧରେ ଅର୍ଡର ଦେଇଛନ୍ତି, ସେଥିଯୋଗୁ ଏ ବିଷୟରେ ପାଟିତୁଣ୍ଡ କରିବାର କିଛି ନାହିଁ କିନ୍ତୁ ଜଣେ ନାଗରିକ ଏବଂ ଆୟୁର୍ବେଦର ସମର୍ଥକ ହିସାବରେ ଓ ଆୟୁର୍ବେଦର ଭବିଷ୍ୟତ ଦୃଷ୍ଟିରେ ଆମର ତୁଣ୍ଡ ଫିଟାଇବାର ନିଶ୍ଚୟ ଅଧିକାର ଅଛି । ମୁଁ ସେଇଯୋଗୁଁ ଯୋଡ଼ହସ୍ତରେ ଅନୁରୋଧ କରୁଛି, ସରକାର ତଥା ଦେଶବାସୀମାନେ ବାନର ବଧରୁ ବିରତ ହୁଅନ୍ତୁ । ଶିଳାଜିତ୍ ନଷ୍ଟ କରିବାର ନୁହେଁ । ତଦ୍ୱାରା ଆୟୁର୍ବେଦର ଯାହା କ୍ଷତି ଘଟିବ ତାହା

କଦାପି ପୂରଣ ହୋଇ ପାରିବ ନାହିଁ । ଅମର ଶକ୍ତିକୁ ବାନର ବଧରେ ପ୍ରୟୋଗ ନ କରି ବରଂ ଶିଳାଜିତ୍ ସଂଗ୍ରହରେ ବ୍ୟୟ କଲେ ଭଲ ହୁଅନ୍ତା ବୋଲି ମନେ ହେଉଛି । ସେଥିପାଇଁ ମର୍କଟୀ ବସ୍ତା ସଂଗ୍ରହ କରି ଧୋଇ ଶୋଧନ କରିଦେଲେ ହେଲା । ଏତିକି କଣ ଅସ୍ମମାନେ ପାରିବା ନାହିଁ ? ଅବଶ୍ୟ ସେଥିପାଇଁ ବହୁତ ପରିଶ୍ରମ କରିବାକୁ ପଡ଼ିବ, କାରଣ କଏ ମର୍କଟୀର ବା କଏ ମର୍କଟର ଜାଣି ପାରିବା ନାହିଁ । ସେଥିପାଇଁ କଷ୍ଟ କରି ଉଭୟକୁ ଧୋଇ ଦେଖିବାକୁ ପଡ଼ିବ—ତେବେ କଷ୍ଟ ନ କଲେ କଣ କୃଷ୍ଣ ମିଳନ୍ତି ?

---

## * ଶିଳାଜିତ ସମ୍ବନ୍ଧରେ ଜଣେ ପାଠକଙ୍କ ଅଭିମତ

ମୋ ମତରେ ମାଙ୍କଡ଼ମାନଙ୍କୁ ଫାଶବସାଇ ଧରି ଚିଡ଼ିଆଖାନାରେ ରଖିଲପରି ମାଈ ଓ ଅଣ୍ଡିରା ମାଙ୍କଡ଼ଙ୍କୁ ଧରି ଫାରମ୍ କରି ରଖାଯାଉ ଠିକ୍ Poultry farm କଲଭଳିଆ । ମାଈ ମାଙ୍କଡ଼ ଗର୍ଭହେଲେ ଅଣ୍ଡିରା ମାଙ୍କଡ଼ ନିଶ୍ଚୟ ଶିଳାଜିତ ଆଣିବାକୁ ଯିବ । ତା ସାଙ୍ଗରେ ଫାରମର କେବଳ ସେହି କାର୍ଯ୍ୟରେ

---

*"Humour can, in the proper hands be made as dull and as respectable as philology or epistemology." ପାଠକ ଶ୍ରୀ ଚନ୍ଦ୍ରାମଣି ଜେନା, ବାଲେଶ୍ୱରଙ୍କ ଅଭିମତ ଉକ୍ତକୋଠୀର ହାସ୍ୟରସ ସୃଷ୍ଟିକରି ଏହି ଉକ୍ତିର ସାର୍ଥକତା ପ୍ରମାଣିତ କରିପାରିଛି । ତାଙ୍କପ୍ରତି କୃତଜ୍ଞତା ଜଣାଇ ତାଙ୍କର ଲେଖାଟି ଏଥି ସହିତ ଯୋଡ଼ିଲି—(ଲେଖକ)

ନିଯୁକ୍ତଥିବା ଲୋକ ଯିବେ । ଯେଉଁଠାରେ ଗତହେବ ବା ଦୁର୍ଗମ ରାସ୍ତା ପଡ଼ିବ ସେଠାରେ ମାଙ୍କଡ଼ଙ୍କୁ ଅଟକାଇ ରଖି ରାସ୍ତା ସୁଗମ ହୋଇପାରିଲାଭଳି ବନ୍ଦୋବସ୍ତକରି ପୁଣି ମାଙ୍କଡ଼ସହ ଶିଳାଜିତ୍ ଅନୁସନ୍ଧାନରେ ବାହାରିବେ । ଏହିପରି ବାରମ୍ବାର ଚେଷ୍ଟା ସତ୍ତ୍ୱେ ଯଦି ଶିଳାଜିତ୍‌ର ସନ୍ଧାନ ନ ମିଳେ, ତେବେ ପୂର୍ବପରି ମାଈ ମାଙ୍କଡ଼ଙ୍କ ମଳ ଶୋଧନକରି ଶିଳାଜିତ୍ ସଂଗ୍ରହ କରିବାକୁ ପଡ଼ିବ । ଅବଶ୍ୟ ଏଣେତେଣେ ବୁଲି ଯେଉଁ ଗଛରେ ମାଙ୍କଡ଼ ଥିବେ ସେହି ଗଛ ମୂଳରୁ ତାଙ୍କର ମଳ ଆଣିବା ଅପେକ୍ଷା ଫାରମ୍‌ରୁ ସଂଗ୍ରହକରିବା ଅଳ୍ପ ଆୟାସସାଧ୍ୟ । ଏହା ବ୍ୟତୀତ ସମୟ ଓ ଅର୍ଥର ଅଯଥା ଅପବ୍ୟୟରୁ ରକ୍ଷାମିଳିବ । ଏଥିରେ ମୋ ସହିତ ସମସ୍ତେ ଏକମତ ହେବେ । ଏହା ସଙ୍ଗେସଙ୍ଗେ ଫାରମରେ ସ୍ଥାନ ସଙ୍କୁଳାଣ ହେଲାଭଳି ମାଙ୍କଡ଼ ରଖି ବାକି ମାଙ୍କଡ଼ମାନଙ୍କୁ ଆମେରିକା ବା ଅନ୍ୟ ଯେଉଁ ଦେଶ ଚାହିଁବ ସେଠାକୁ ରପ୍ତାନି-କରି ମୋଟା ଟଙ୍କା ମଧ୍ୟ ଅଦାୟ ହୋଇପାରିବ ।

ବର୍ତ୍ତମାନ ପ୍ରଶ୍ନ ହେଉଛି ଏମିତି ମାଙ୍କଡ଼ ଫାରମ ଖୋଲିବ କିଏ ଓ ସେଥିପାଇଁ ଅର୍ଥ ଆସିବ କୁଆଡ଼ୁ ? ମୋ ମତରେ ଜନସାଧାରଣ ମାଙ୍କଡ଼ମାନଙ୍କଦ୍ୱାରା ଯେଉଁ ପରିମାଣରେ ଉପକୃତହେବେ, ତାହା ସମ୍ୟକ୍‌ଭାବରେ ଉପଲବ୍‌ଧି କଲାପରେ ସରକାରଙ୍କ ତରଫରୁ ପ୍ରତ୍ୟେକ ଜିଲ୍ଲାରେ ବା ମହକୁମାରେ ଗୋଟିଏ ଗୋଟିଏ ଫାରମ ଖୋଲି ଶିଳାଜିତ୍‌ପରି ମହାର୍ଘ ପଦାର୍ଥର ସଂଗ୍ରହକାର୍ଯ୍ୟ କଲେ ଲୋକେ ସ୍ୱତଃପ୍ରବୃତ୍ତ ହୋଇ ସମବାୟସୂତ୍ରରେ ବା ବ୍ୟକ୍ତିଗତଭାବରେ ଏହିପରି ଫାରମ ଖୋଲିବାକୁ ଅଗ୍ରସର ହେବେ । କେହି ଫାରମ ଖୋଲିବା ଦିଗରେ ଅଗ୍ରଣୀହୋଇ ନ ବାହାରିଲେ ସରକାର ତାହାକୁ ଏକ-

ସୃଷ୍ଟି କରିଦେବେ । ଶିଳାଜିତ୍ ସଂଗ୍ରହକର ବନ୍ଦୀ ଓ ମାଙ୍କଡ଼ର ବିପ୍ରାନ୍ତିଦ୍ୱାରା ସରକାରଙ୍କ ତହବିଲକୁ ପ୍ରତିବର୍ଷ ଖୁବ୍ ମୋଟା ଅଙ୍କର ଟଙ୍କା ଯିବ । ହଁ ଏଠାରେ ପ୍ରଶ୍ନ ହୋଇପାରେ ଜନୈତିକର ପରିକଳ୍ପନାକୁ କାର୍ଯ୍ୟକାରୀ କରିବାରେ ଯେଉଁଠାରେ ଟଙ୍କାର ଅଭାବ, ସେଠାରେ ଏପରି ଫାରମ ତିଆରିପାଇଁ ଟଙ୍କା ଆସିବ କୁଆଡ଼ୁ ? ମୋ ମତରେ ଜନୈତିକର ପରିକଳ୍ପନାମାନଙ୍କ ମଧ୍ୟରୁ ଏ ମଧ୍ୟ ଗୋଟିଏ । ଏହାଛଡ଼ା ଆମ ଓଡ଼ିଶା ସରକାର ଅଧିକ ଶସ୍ୟ ଉତ୍ପାଦନ ବିଭାଗରେ ପ୍ରତିବର୍ଷ ଯେତେ ଟଙ୍କା ଖର୍ଚ୍ଚ କରୁଛନ୍ତି, ତାର ଏକ ଦଶମାଂଶରୁ ଅଳ୍ପ ଟଙ୍କା ଖର୍ଚ୍ଚ କଲେ ଓଡ଼ିଶାର ପ୍ରତି ଜିଲ୍ଲାରେ ଏହିପରି ଗୋଟିଏ ଗୋଟିଏ ବଡ଼ ଫାରମ ଖୋଲିହୋଇପାରିବ ।

ଆଶାକରେ ଆମର ଲୋକପ୍ରିୟ ସରକାର, ଓଡ଼ିଶାର ଶ୍ରେଷ୍ଠୀ ଓ ଲକ୍ଷପତିମାନେ ଏହି ମହାର୍ଘ ଧାତୁର ସଂଗ୍ରହପାଇଁ ଅଗ୍ରସର ହୋଇ ବାହାରିବେ ।

# କନିଆଁ ଲୋଡ଼ା

ମାନନୀୟ ସଂପାଦକ ମହୋଦୟ

ସମୀପେଷୁ—

ଆପଣଙ୍କୁ ଗୋଟାଏ ଘରୋଇ ଅନୁରୋଧ କରିବାକୁ ଯାଉଛି, ଆଶାକରେ ରଖିବେ । କହନ୍ତୁ, ଯଦି ରଖିବେ ତେବେ ଯାଇ କହିବି । ରଖିବେଟି କି ?

କଥାଟା ଆପଣା ମୁହଁରେ କହିବାକୁ ଟିକିଏ ଲାଜ ଲାଜ ଲାଗୁଛି—କଥାରେ ଅଛି ଅଂଡ଼ରସୁଅ ମୁହଁରେ ଲାଜ । ମୁ ଯାହା ଜାଣୁଛି, ମୁହଁ ନ ପିଟେଇଲେ ଚିରଦିନ ଅଭିଆଡ଼ା ରହିବାକୁ ପଡ଼ିବ ।

ମୁଁ ବାହା ହବାକୁ ମନ କରିଛି ଅଉ ମୋପଇଁ ଗୋଟିଏ କନିଆଁ ଲୋଡ଼ା । ମୋ ଇଚ୍ଛା ଆପଣଙ୍କ ପତ୍ରିକାରେ ଗୋଟିଏ ବିଜ୍ଞାପନ ଦେବି । ବିଜ୍ଞାପନ ଦେଲେ ମନଲାଖି ଝିଅଟିଏ ପାଇପାରିବି ବୋଲି

ଖୁବ୍ ଅଣା । ବିଜ୍ଞାପନରେ ଭଣ ଲେଖାଯିବ, ସେଇକଥା ଭାବି ଭାବି ଅଡ଼ୁଆରେ ପଡ଼ିଯାଇଚି—ମାନେ ମନକଥି ଟିଏ କହୁଚିଲେ ମୁଁ ଯାହା ଭାବୁଚି, ସେ କଥାଗୁଡ଼ାକ ବିଜ୍ଞାପନରେ ଲେଖିହଜନି; କାରଣ ବିଜ୍ଞାପନରେ ଯେମିତି ଚୁମ୍ବକରେ ଲେଖା ଯାଉଥାଏ, ତା ଭିତରେ ମୋ ମନକଥାଗୁଡ଼ାକ ପୂରେଇ ପାରୁନି । ଆପଣଙ୍କୁ ଅନୁରୋଧ, ଆପଣ ମୋ କଥାଗୁଡ଼ାକ ଦୟାକରି ଶୁଣନ୍ତୁ ଅଉ ଗୋଟିଏ ବିଜ୍ଞାପନ ଲେଖି ଦିଅନ୍ତୁ ।

ମୁଁ ଅପଣଙ୍କୁ କେତେଦିନରୁ କହିବି କହିବି ବୋଲି ଭାବିଲିଣି କିନ୍ତୁ ପାରୁନାହିଁ । ଅଜି ସକାଳେ ଧୋବଣୀ ଲୁଗା ଦେଇଯାଇଚି । ଧୋବଣୀ ଲୁଗା ଦିଆନିଆ ବାହାଘର କଥା କେମିତି ମନେପଡ଼େ ଜାଣନ୍ତି ତ !

ବର୍ଷକରେ ଥରେ ଅଧେ ବିଛଣା ଚଦର ବଦଳା କରିବାକୁ ପଡ଼େ ଅଉ ସେଇ ଦୁଃଖରେ ମୁଁ ବାହା ହବାକୁ ଭାବୁଚି ସେ କଥା ନୁହେଁ । ଯେ କଷ୍ଟ ଦିହସହି ଅ ହେଇଗଲିଣି—ମୁଁ କହୁଚି ବୋତାମ-ଗୁଡ଼ାକପାଇଁ । ଯାଁ ବୋଲି ଧୋବଣୀ ଅଜି କିଛି ପ୍ରଥମ ଲୁଗା ଦିଅନି କିମ୍ବା ବୋତାମଗୁଡ଼ାକ ଅଦୃଶ୍ୟହବା ଅଉ କୌଣସି ନୂଆ କଥା ନୁହଁ । ତେବେ ମୁଁ ବୋତାମର ଅଭାବ ଅନୁଭବ କରିପାରୁ ନଥିଲି ତାର କାରଣ ହଉଚି ମୋ ବେକ ପାଖରେ ଯଉଁ ଭୁଡ଼ିଟା ଥିଲା ତା'ଦ୍ୱାରା କାମ ଚଳେଇ ନଉଥିଲି । କିନ୍ତୁ ଭୁଡ଼ି ଯେତେହେଲେ ଭୁଡ଼ି, ସିଏ ତ ଅଉ ସିଙ୍ଗ ବୋତାମ କିମ୍ବା ସିପ ବୋତାମ ହେଇନି, ଅଠକାଳ ବାରମାସି ତା ଉପରେ ଏତେ ରଗଡ଼ ପଡ଼ିଲେ କେତେ ସହିବ ? କାଲି କାମିଜ ଉତାରଲା ବେଳକୁ ଭୁଅଡ଼େ ଝଡ଼ିପଡ଼ିଚି ମୁଁ ଖୋଜି ଖୋଜି ହଇରାଣ— ତା ଛଡ଼ା ମିଳିଲେ ବି ସିଏ ଅଉ କୋଉ କାମକୁ ଲାଗିବ କୁହନ୍ତୁ ।

ଖାଲି ବୋତାମ ସିଲେଇ କରିଦବା ପେଇଁ ମୁଁ ବାହା ହବାକୁ ଭାବୁଚି ସେ କଥା ନୁହେଁ । ଘରେ ମାଇକିନିଅ ଝିଅଟିଏ ଥିଲେ ସୁତାଖିଏ, ଛୁଞ୍ଚଟାଏ, ହେୟାର ପିନ୍‌ଟାଏ, ସେଫ୍‌ଟିପିନ୍‌ଟାଏ, କିଛି ନା କିଛି ଗୋଟାଏ ହାତ ପାଖରେ ମିଳିଯିବ କାମିଜରେ ଲଗେଇ-ଦବାକୁ । ଅବଶ୍ୟ ବାକି ରହୁଚି ସଇତାଟା—ବେଳେବେଳେ ଅନ୍ତରଜଏବେଳେ ପିତା ନ ଥିଲାବେଳେ ସେଇଥିରେ ଚଳେଇ-ଦଉଚି, ଗାଡ଼ା ସିଲେଇ, ପାର୍ସଲ୍ ବନ୍ଧା କେତେବେଳେ କୋଉ କାମରେ ଲାଗିଯାଉଚି । ସେ ପୁଣି ଛଅ ଖିଅରୁ ଅସି ଦୁ'ଖିଅରେ ରହୁଲାଣି । ସେଥିରୁ ଯଦି ପୁଣି ଛୁଣ୍ଡେଇ ଛୁଣ୍ଡେଇ କାମିଜରେ ଲଗାଏ କେତେଟା ଦିନ ବା ଚଳେଇବ କୁହନ୍ତୁ । ଯଜ୍ଞୋପବୀତ ଯୋଡ଼େଇହେଲେ । ଅଜିକାଲି ପିନକଣ୍ଡାଟିଏ ଦେଖିବା ତ ମାତ୍ର ସପନ ହେଇଛି—ମୁଁ ସେଇଯୋଗୁ ଭାବୁଚି ବାହା ହବାକୁ । ବାପାଙ୍କ ଉପରେ ଏ ଭାର ଦବନି କାହିଁକି ନା ବାପ ମା ଯୋଡ଼େଇହେଲେ ବାପ ମା, ମରହଟିଆ ମଣିଷ । ମୋ ମନଲାଖି ଝିଅ ସିଏ ପାଇବେ କି ? ନାହିଁ । ସେ ତାଙ୍କ ମନଲାଖି ଝିଅ ପାଇବେ । ମୁଁ ଅଙ୍କ-ଯନେକରନ୍ତୁ ତାଙ୍କ ପସନ୍ଦମତେ ବାହା ହେଇଗଲି, ତାକୁ ଗୋଟିଏ ମରହଟିଆ ଝିଅ ଘରକୁ ଅସିଲା । ତାକୁ ଖଣ୍ଡିଏ ସାଇମଲ୍‌ଟେନିଅସ୍ ଇକ୍ୟୁଏସନ ପଢ଼ଉନଲା କିମ୍ବା ଗୋଟିଏ ପାଇଥାଗୋରେସ ଥିଓରେମ୍ ଦିଅଗଲା କିମ୍ବା Decline & fall of Roman Empiro ବିଷୟରେ କଣ ଜାଣି ବୋଲି ପ୍ରଶ୍ନ କରାଗଲା କିମ୍ବା ୧୭୨୮ ଖ୍ରୀଷ୍ଟାବ୍ଦରେ କଣ ହୋଇଥିଲା ଯଦି ପଚାରୁ କିମ୍ବା ବଲଶେଭିକ୍ ଗଭର୍ଣ୍ଣମେଣ୍ଟ, ଲେନିନ, ଟ୍ରଟ୍‌ସ୍କିଙ୍କ ସମ୍ବନ୍ଧରେ ଯଦି ପ୍ରଶ୍ନ କରାଯାଏ, ତେବେ ସେ କି ଜବାବ ଦବ କୁହନ୍ତୁ ? ସେମିତି ଧୁଙ୍ଗା ହେଇ ବସିରହିବ କିମ୍ବା ଅତିବଡ଼ ଯଦି କିଛି ଜଣାଥାଏ

ତେବେ ଚନ୍ଦ୍ରଗୁପ୍ତ ଓ ମୌର୍ଯ୍ୟ ଡାଇନାଷ୍ଟି ବିଷୟରେ କିଛି କହିବ, ଷ୍ଟୁଲକଂସ୍, ଦଶମିକ, ଭଗ୍ନାଂଶ କହିବ, ପ୍ରତାପରୁଦ୍ର ବିଷୟରେ କିଛି କହିବ । ମୁଁ କହୁଚି ସେମାନେ ଜାଣିଲେ କୋଉ କାମକୁ ? କାହିଁ ପ୍ରତାପରୁଦ୍ର କାହିଁ William the Conquror !! ବୁଝିଲେ ନା ଦିନ ବଦଳିଗଲାଣି; କାଲି ଯିଏ ନୂଆ ଥିଲା ଆଜି ସିଏ ପୁରୁଣା ।

ଗୋଟାଏ ଉଦାହରଣ ଦଉଚି । କେଇ ବର୍ଷ ଆଗରୁ ଟୋକା-ମାନେ ଖୋଜୁଥିଲେ ଯେ ଆମପାଇଁ ଏମିତି କନ୍ୟାଟିଏ ଲୋଡ଼ା ଯିଏ ଫେଲ୍ ଯାଇଥିବ—ଯୋଉ ଝିଅ ଯେତେ ବେଶି ଫେଲ୍ ଯାଇଚି ତା' ମୂଲ୍ୟ ସେତେ ବେଶି ବଢ଼ି ଯାଉଥିଲା । ମନେକରନ୍ତୁ ଯିଏ ବର୍ଷେ ଫେଲ୍ ଯାଇଚି ତାକୁ ବାହା ହବାକୁ ଯଦି ଦଶଜଣ ଟୋକା ଇଚ୍ଛା କରୁଥିଲେ, ଯିଏ ପାଞ୍ଚବର୍ଷ ଯାଇଚି ତା ପେଇଁ ପଚିଶଜଣ—ସେମିତି ଯିଏ ଜୀବନତମାମ ଫେଲ୍ ଖେଳୁଚି ତାକୁ ବାହାହବା-ପାଇଁ ସାରା ଭାରତର ପ୍ରଗତିଶୀଳ ଯୁବକମାନଙ୍କ ଭିତରେ ଦଙ୍ଗଲ ପଡ଼ିଯାଉଥିଲା । ସେତେବେଳର ଅବସ୍ଥା ଥିଲା ଭିନ୍ନ । ସେତେବେଳେ ଯଦି ଗୋଟିଏ ଝିଅ ପଡ଼ିଆରେ ବା ନର୍ଦ୍ଦମାରେ ହାତତିଆରି ବୋମାଟାଏ ପକେଇଦେଲା କିମ୍ବା ସାହେବଟାଏ ଖୁନ୍ କରିଦେଲା, ତେବେ ତାର ଯୋଗ୍ୟତା ବଢ଼ିଯାଉଥିଲା । ସେମିତି ଝିଅ ବାହାହୋଇ ଟୋକାଏ ଆପଣାକୁ ଧନ୍ୟ ଧନ୍ୟ କହୁଥିଲେ । କିନ୍ତୁ ଆଜିକାଲି ସେକଥା କାହିଁ ? ସେ ଦିନ ମୋର ଗୋଟିଏ ସାଙ୍ଗ ବାହାହେଲା, ସାଙ୍ଗଟି ଆଧୁନିକ ଅତି ପ୍ରଗତିଶୀଳ—ମଧୁଶଯ୍ୟା ଦିନ ରାତିରେ ନୂଆ ସ୍ତ୍ରୀକୁ ପଚାରିଲା—"ପ୍ରିୟେ, ତମେ କେବେ ଫେଲ ଯାଇଚ ? ତମେ କେତେଜଣ ଲୋକ ଖୁନ୍ କରିଚ !" ପ୍ରିୟେ କି ଉତ୍ତର ଦେଲେ ମୁଁ ଜାଣେନା । ତେବେ ଧଡ଼୍ କରି କବାଟ ମେଲି କରି ଫଡ଼୍ କରି ସେ ଘରୁ ବାହାରି ପଳେଇଲେ । ମୋ ସାଙ୍ଗ

ମଧୁଶଯ୍ୟା ଏକା ଏକା କଟେଇଲି । ଅଣ୍ଡିରପୁଅ ଜୀବନରେ ଏକା ଏକା ମଧୁଶଯ୍ୟା କରିବାଠଉଁ ଦୁଃଖମାନିଆ କଥା ଆଉ କଣ ଥାଇପାରେ ? ମୁଁ ସେଇଯୋଗୁ କହୁଚି ବିବାହଟା ଆମର ଆଧୁନିକ ମତୋଭାବ ସାଙ୍ଗରେ ଖାପ ଖାଉବାଟା ଖୁବ୍ ଭଲ ।

ମୁଁ ଏଥର ଘରକୁ ଯାଇଥିଲି । ମୋ ବୋଉ କହିଲା, "ଏଁ, ଅନେମ ଥାଉଁ ଥାଉଁ ତୁ ଅପେ ଅପେ ବୋହୂ ଦେଖିବୁ—ସେ କଥା ହେଇପାରିବ ନି । ତୋ କହିଲା ଭଳିଆ ଝିଅ କଣ ମିଳିବେ ନି ? ମୁଁ ତୋ ପାଇଁ କନିଆଟିଏ ଦେଖିଚି—ମୁକୁନ୍ଦବାବୁଙ୍କ ଝିଅଟା, କଲେଜରେ ପଢ଼ୁଛି, ଭାରି ସୁନ୍ଦରୀ ପିଲା ।" ମୋ ବୋଉର ବିଶେଷ ଅନୁରୋଧରେ ମୁଁ ଦିନେ ବୋହୂ ଦେଖିବାକୁ ଯାଇଥିଲି, ଏଇଥିପାଇଁ ଯେ ଦେଖିବା ମୋ ବୋଉ କେମିତି ବୋହୂ ଠିକ୍ କରିଚି ? ମୁଁ ମୋ ସାଙ୍ଗ ଭୁବନବାବୁଙ୍କୁ ସାଙ୍ଗରେ ନେଇ ଯାଇଥାଏ । ବୋହୂଦେଖା ହେଲା । ଝିଅଟି ପ୍ରକୃତରେ ଖୁବ୍ ସ୍ମାର୍ଟ—ଆ'ଅତେ ଅନେଇଲାବେଳକୁ ମୋର ମନେହେଲା ଅଜ୍ଞ ମୁଁ ଖିଅର ହୋଇଥିଲି ଧ ! ଅବଶ୍ୟ ଖିଅର ହେଇଥିଲି, ବୋହୂ ଦେଖିଯିବା ବେଳେ ଓଲଟା ଖୁବ୍ ମୋର ଚଞ୍ଚଳହେଇ ଖିଅର ହେଇଥିଲି କିନ୍ତୁ ତା ଅଗରେ ମତେ ଲାଗିଲା ଯେମିତି ମୋର ବୁଢ଼ ସାଲୁବାଲୁ ହେଉଚି—ଧୋବଲୁଗା ଧୋବପଞ୍ଜାବି ସେଦିନ କାଢ଼ି ପିନ୍ଧି ଯାଇଥିଲି କିନ୍ତୁ ମତେ ଜଣାପଡ଼ିଲା ଯେ ଆମ ଧୋବଣୀଟା ଏତେଦିନ ଯେମିତି ଖାଲି ଠକେଇ ଆସିଚି । ମୋ କହିବାର କଥା ଯେ ସେ ଝିଅଟି ଯେମିତି ସୁନ୍ଦର ସେମିତି ପରିଷ୍କାର ପରିଚ୍ଛନ୍ନ । ମୋର ବେଶ୍ ମନକୁ ପାଇଲା । ମୁଁ କେତେଗୁଡ଼ାଏ ପ୍ରଶ୍ନ ଟିପିନେଇ ଯାଇଥିଲି—ଇତିହାସ, ବିଜ୍ଞାନ, ଗଣିତ, ସ୍ୱାସ୍ଥ୍ୟବିଷୟ ପ୍ରଭୃତିରୁ ପଚାରିଲି, ସିଏ ସବୁ ଠିକ୍ ଉତ୍ତର ଦେଇଦେଲା—

ଯାହା ପଚାରିଲି ତା ଉତ୍ତର ଦେଲା ଆଉ ଯାହା ନ ପଚାରିଲି ତା ଉତ୍ତର ବି । ତା'ପରେ ମୁଁ କେତେଗୁଡ଼ା ଜେନେରାଲ ନଲେଜରୁ ପ୍ରଶ୍ନ ପଚାରିଲି । ପ୍ରଶ୍ନଗୁଡ଼ାକ ଏମିତିଆ ଯେ ତମେ କି ତେଲ ଲଗାଅ ? ତମେ ନାକ ଫୋଡ଼େଇ ନ କାହିଁକି ? ତମେ କେତେ ଅଣା ଟିକେଟରେ ସିନେମା ଦେଖି ଯାଅ ? ତମ ଓଠ ଏତେ ନାଲି ହେଉଚି କିଆଁ ପ୍ରଭୃତି । ତାର ଉତ୍ତର ସେ ଯାହା ଦେଲା ଆପଣଙ୍କୁ ଲେଖିଲାଭଳିଆ ନୁହଁ । ତେବେ ମୋଟଉପରେ ମୋର କନିଆଟି ପସନ୍ଦ ହେଲା ଏବଂ ମୁଁ ରାଜିଅଛି ବୋଲି କହିବାକୁ ବସିଚି, ଭୁବନବାବୁ ମୋ କାନରେ ଗୋଟାଏ କଥା କହି-ଦେଲେ । ମୁଁ କହିଲି "ସତରେ ତ ।" ତା'ପରେ ସେଇ ଝିଅଟିକି କହିଲି ଯେ, "ତମେ ଏଇ ଯେଉଁ ସାର୍ଟ ବା ବ୍ଲାଉଜ ବା ଯାହା କିଛି ପିନ୍ଧିଚ ସେଇଟା ବଦଳାଇ ଆଉ ଗୋଟାଏ ଛୋଟ ହାତବାଲା ବ୍ଲାଉଜ ପିନ୍ଧି ଆସ ।"

ସେ ମୁହଁକୁ କଟମଟ କରି ଅନେଇ କହିଲା, "କାହିଁକି ?"

ମୁଁ କହିଲି—"ମୁଁ ତମ କହୁଣୀ ଦେଖିବି ।"

ସେ—"ତା ହେଇ ପାରିବ ନି ।"

ମୁଁ—"ନ ହବ କାହିଁକି ?"

ସେ—"କହୁଣୀ ଦେଖିବାର ଆପଣଙ୍କର କିଛି ଅଧିକାର ନାହିଁ ।"

ମୁଁ ଦାନ୍ତ ଦେଖେଇ ହସିଲି । ଅଧିକାର ନାହିଁ ? ଅମର ବାପଅଜାମାନେ ବୋହୂ ଦେଖିବାକୁ ଗଲାବେଳେ ତାକୁ ବସେଇ, ଉଠେଇ, ଚଲେଇ, ନଚେଇ, 100 yards race, high jump, long jump ପ୍ରଭୃତି କେତେ ରକମର ପରୀକ୍ଷା

ନଉଥିଲେ ଅଛ ଅଜ୍ଞ ଏ କଲେଜରେ ପଢ଼ିଲେ ବୋଲି ଯୁଆଙ୍କ କହୁଣୀ କ ଦେଖିବାର ଅଧିକାର ଅମର ନାହିଁ ? *

ମୁଁ କହିଲି—"କହୁଣୀ ନ ଦେଖିବାଯାଏଁ ମୁଁ କିଛି କହିବ ନ ।"

ସେ କହିଲା—"ନ କହିଲେ ନାହିଁ ।"

ତା'ପରେ କଥାକୁ ପାଣିକଥା ହେଇଗଲା । ଠୋକା ରାଗରେ ତମ୍‌ତମ୍ । ଭୁବନବାବୁ ମୋ ମୁହଁକୁ ଅନେଇଲେ, ମୁଁ ତାଙ୍କ ମୁହଁକୁ । ସେ ଠୋକା ଗୋଡ଼ରେ ଗଟେଲ ପିନ୍ଧିଥିଲା—ଦାଣ୍ଡ ଦରଜା ବ ଖୋଲିଥିଲା—ପେଟକୁ ମାରୁଛି ବୋଲି କହି ଅଟେ ଧଡ଼ିଙ୍କି ଧଉଁ ବାହାରି ଅସିଲା । ସେ ବାହାଘର କଥା ସେଇଠି ରହିଲା—ସେଇଦିନଠୁ ବାହାଘର କଥାଟା ମୁଁ ନିଜ ହାତକୁ ନେଇ ଅସିଛି । ମାନେ ପ୍ରେମ କରିବା କଥା ନୁହେଁ ।

ପ୍ରେମ କରି ଯେ ବାହାହେବ ସେ କଥା ତ ଜୀବନରେ ହେଲନି—କୌଣସି ଝିଅ ତ କଥା କହିବାକୁ ଚାନ୍‌ସ ଟିକିଏ ଦେଉନାହାନ୍ତି—ଯଦି ବା କାହା ସହିତ ପରିଚୟ ହେଲା, ତେବେ

---

* ଆମ ଭୁବନବାବୁ କହନ୍ତି ଯେ, ସ୍ଲିଭ୍‌ଲେସଥିବା ବ୍ଲାଉଜ ଯୋଉମାନେ ପିନ୍ଧନ୍ତି, ଜାଣିବ ଯେ ସେମାନେ ତାଙ୍କ କହୁଣୀରେ ଟିକା ଲୁଚେଇଛନ୍ତି—ଏ କାଳରେ ଯେତେବେଳେ ସ୍ୱାମୀ, ସ୍ତ୍ରୀ, ଯୁବକ, ଯୁବତୀମାନେ ହାତରେ ହାତ ଧରାଧରି ହେଇ ବାହାରିଲେ, ଯେଉଁମାନେ ଟିକା ଲୁଚେଇ-ଥିଲେ, ସେମାନେ ଡରିଲେ, କାରଣ ସମସ୍ତେ ତାଙ୍କ ଟିକା ଦେଖି ଥଟ୍ଟା କଲେ । ସେଇଥିପାଇଁ ଟିକା ଲୁଚେଇ ସୁନ୍ଦର ଆଧୁନିକା ହେଇ ସଦାକୁ ବାହାରିବା ପାଇଁ ଏଇ ସ୍ଲିଭ୍‌ଲେସ ବ୍ଲାଉଜ ଫେସନ ବାହାରିଛି; ମନେହେଉଛି ଯେମିତି ସତ ।

ବର୍ଷେ ଛ’ ମାସଯାକେ ଖାଲି ‘ନମସ୍କାର’ ‘ନମସ୍କାର’ କହିବା ବ୍ୟତୀତ ଆଉ କିଛି ତ କହିହଉନି । ମୋ ପକ୍ଷରେ ପ୍ରେମ କରି ବାହାହେବା କଥା ମିଛ । ବିଜ୍ଞାପନ ବ୍ୟତୀତ ଅନ୍ୟ ଉପାୟ ନାହିଁ— ବର୍ତ୍ତମାନ ବିଜ୍ଞାପନରେ କ’ଣ ଲେଖାଯିବ ! ମୋପାଇଁ କପରି କନିଆ ଲୋଡ଼ା ? ବାହା ହେବାପାଇଁ ଅନେକ ଝିଅ ଅଛନ୍ତି କିନ୍ତୁ ଆମେ କାହା ବେକରେ ମାଳ ପକେଇବାକୁ ଯିବୁ ? ଆଧୁନିକ ଯୁବକର କପରି କନିଆ ଲୋଡ଼ା ? କପରି ?

ଆମେ କେବଳ କନିଆ କହିଲେ ଭୁଲି ଯାଉନି, ଆମେ ତା’ର ରୂପ, ଗୁଣ, ଯୋଗ୍ୟତା ସବୁ ବିଚାର କରୁ । ପ୍ରଥମେ ଦେଖନ୍ତୁ ବୟସ । ବୟସ କେତେ ହେଇଥିବା ଉଚିତ । ଆଜିକାଲି ଝିଅମାନେ ଯେମିତି ବୟସ ଊଣାକରି କହୁଛନ୍ତି ଏବଂ ବୁଢ଼ୀ ଧରବୁଢ଼ୀମାନେ ଯେମିତି ଟୋକୀ ସାଜି ପାରୁଛନ୍ତି, ମୁଁ କହୁଛି ବୟସଟା ପନ୍ଦର ବର୍ଷରୁ କମ୍ ହେଇଥିଲେ ଭଲ । ତେବେ ଯଦି ଯୌତୁକ ବେଶି ମିଳୁଛି କିମ୍ବା କନିଆଟି ପାଖରେ ବେଶି ଟଙ୍କା ଅଛି, ତେବେ ବୟସ ଯେତେ ହେଇଥାଉ ପଛେ କିଛି କ୍ଷତି ନାହିଁ । ମନେକରନ୍ତୁ ଜଣକ ପାଖରେ ୧,୦୦,୦୦୦ ଟଙ୍କା ଅଛି, ସେମିତି କ୍ଷେତ୍ରରେ ବୟସ ଯେତେ ବେଶି ହେଇଥିବ, ସେତେ ଭଲ । ସେ ଯଦି ଛେଗ୍ରା, ଲୁଳା, କାଣୀ, ଗ୍ଲେଟୀ ହୋଇଥାଏ ତେବେ ମଧ୍ୟ କିଛି କ୍ଷତି ନାହିଁ ।

ଦାନ୍ତ—କେତୋଟି ଥିଲେ ଭଲ । ଯଦି ସବୁଗୁଡ଼ାକ ପଡ଼ି-ଯାଇଥାଏ ଏବଂ ନକଲି ଦାନ୍ତ ବସେଇଥାଏ, ତେବେ ତା ଭିତରେ କେତୋଟି ସୁନାଦାନ୍ତ ଯଦି ଥାଏ ତେବେ ମୁଁ ପସନ୍ଦ କରିବି ।

ଆଖି—ଆଖିକୁ ଯଦି କମ୍ ଦୃଶ୍ୟ ହଉଥାଏ, ତେବେ ଭଲକଥା । କାରଣ ମୋ ଚେହେରା ସେମିତି କିଛି ସୁନ୍ଦର ନୁହେଁ ।

ବାଳ—ମୁଣ୍ଡରେ ବାଳ କିଛି ଥାଉ, ତେବେ ଟଙ୍କା ଯଦି ବହୁତ ଥାଏ ନାଣ୍ଡି ହୋଇଥିଲେ ବି କିଛି କ୍ଷତି ନାହିଁ ।

ଅସଲ କଥାହେଉଛି ଟଙ୍କାଟା ବେଶିଥିବା ଦରକାର । ଯୌତୁକଟା ଯେତେ ବେଶି ହବ ମୋ ପକ୍ଷରେ ସେତେ ଭଲ । ମନେକରନ୍ତୁ ଯଦି ଟଙ୍କା ମିଳିବାର ଆଶା ନାହିଁ, ତେବେ ସେ ରୂପରେ ରମ୍ଭା, ତିଲୋତ୍ତମା କମ୍ବା ହେଡ଼ିଲେମାର୍; ନାସିମ୍ ବାହା ନା ବାହାବଲି ହୋଇଥିବା ଅବଶ୍ୟକ ।

ବିଦ୍ୟା—ଯଦି ଟଙ୍କା ନ ଥାଏ ତେବେ ବିଦ୍ୟାଥିବା ଦରକାର । ତା ଛଡ଼ା ଯଦି ନର୍ସିଂ, ମିଡ୍ୱାଇଫେରି, ଷ୍ଟେନୋଗ୍ରାଫି, ଟିଚରସିପ୍ କିଛି ଜଣା ଥାଏ ବା ଟ୍ରେନିଂ ନେଇଥାଏ ତେବେ ଅତୁଳ ଭଲକଥା—ତା ହେଲେ ମୁଁ ତାକୁ କୋଉ ନା କୋଉ କାମରେ ଲଗେଇ ଦେବି—ତା ପରେ ବିବାହ ଖର୍ଚ୍ଚ, ଘର ଫର୍ନିଚରପାଇଁ ଟଙ୍କା ସଞ୍ଚିତ କରିବାକୁ ତାକୁ ସହଜ ହେବ ।

ଯ୍ୟା ଛଡ଼ା ସିଏ ଯଦି ମଟର ଡ୍ରାଇଭିଂ ଜାଣିଥାଏ ଅଉ ସ୍କୁଟର, ପ୍ରିଷ୍ଟାସ୍ତ, ବସ୍ତୁ, ବବୁର୍ଚ୍ଚିଙ୍କୁ କଣ୍ଟ୍ରୋଲ କରି ପାରୁଥାଏ, ତା ହେଲେ ସେଇଟା ଅଧିକା ଗୁଣ ବୋଲି ବିବେଚନା କରାହବ—ଯ୍ୟାଁ ବୋଲି ମୁଁ କହୁନି ଯେ ଅବିକା ତା ଲୋଡ଼ା ହବ । ଅବିକା ସାଇକେଲ ଚଳାଇବା ତଥା ମଧ୍ୟ ସ୍ୱଳ୍ପ ଭଲଅ ଲାଗିବ—ସତ କହିବାକୁ ଗଲେ ଅବିକା ରାନ୍ଧି ପାରୁଥିବ, ହାଣ୍ଡି ଧୋଇ ପାରୁଥିବ, ବାସନକୁସନ ମାଜି ପାରୁଥିବ, ଘର ଲିପାପୋଛା କରି ପାରୁଥିବ,

ବାଡ଼ିବଗିଚାରେ ପାଣି ଦେଇ ପାରୁଥିବ—ସେଇ ଗୁଣସବୁ ଲୋଡ଼ା । ତେବେ କେତେବେଳେ ତୋର କଥା କିଏ କହିବ ?

ଆପଣ ମୋ ମନ କଥା ତ ଅଳ୍ପ ବହୁତ ଜାଣି ପାରିବେଣି, ବର୍ତ୍ତମାନ ବିଜ୍ଞାପନଟିଏ ଲେଖି ଦିଅନ୍ତୁ—ବିଜ୍ଞାପନ ଖର୍ଚ୍ଚ ମୋ ଯୌତୁକ ପଇସାରୁ ଦେଇଦେବି ଆଉ ସେଥିପାଇଁ ଆପଣ କିଛି ମନେ କରିବେ ନା ନିଶ୍ଚୟ । ଅଚ୍ଛା ଆଜି ଏତିକି, ନମସ୍ତେ ।

ଆପଣଙ୍କର
ଦେବ ମହାପାତ୍ର

ଦେବ ବାବୁ,

ତମ ଚିଠି ପାଇଲି—ତମ ଚିଠି ପଢ଼ି ମୁଁ ଯାହା ଜାଣିଲି, ତମର କନିଆଁ ତ ଲୋଡ଼ା ନୁହେଁ, ତମର ଡାକ୍ତରଟିଏ ଲୋଡ଼ା । ତମେ ଶୀଘ୍ର ରାଞ୍ଚିର ଟିକଟ କାଟ ।

ତମର
ସଂପାଦକ

# ଶୁଭ ବିବାହ

ମୋ ବାହାଘର କଥାଟା ସନ୍ଦର୍ଭ ବର୍ତ୍ତମାନ ପୁରୁଣା କଥା ହୋଇଗଲାଣି, କେମିତି କଣ ହୋଇଥିଲା ବୋଲି ଅନେକ ଜାଣିବାକୁ ଇଚ୍ଛା କରନ୍ତି । ତା ଛଡ଼ା ଏଇ ତିନି ବର୍ଷ ଭିତରେ ଏହି ପତ୍ରିକାରେ ମୋର ବରାବର ଅନୁପସ୍ଥିତ ପଡ଼ୁଥିବାରୁ ସମ୍ପାଦକ, ପରିଚାଳକଙ୍କଠୁଁ ଆରମ୍ଭକରି ବହୁ ପାଠକ ପାଠିକା ବହୁ ଚିଠି ଲେଖି, ମତେ ବହୁ ପ୍ରଶ୍ନ ପଚାରି, ମୋ ଦାମ୍‌ଟା ମୋ ପାଖରେ ଟିକିଏ ବଢ଼େଇ ଦେଇଛନ୍ତି । ପ୍ରଶ୍ନ-ଗୁଡ଼ାକ ଏମିତିଆ—"ଆପଣ ଏତେଦିନ ଯାଏ ଥିଲେ କେଉଁଠି ?" "ଲେଖାଲେଖି କଣ ବନ୍ଦ କରିଦେଲେ ଏକାବେଳେ ?" "ସଦ 'ହିଁ' କୋଉଥିପାଇଁ 'ହଁ' ବା ସଦ 'ନା' କୋଉଥିପାଇଁ 'ନାଁ' ?" "କନିଆ ଲୋଡ଼ା ବିଜ୍ଞାପନର ଫଳାଫଳ କ'ଣ ହେଲା ?"

"ଏମିତି ତୁଳନାତ୍ମକ ଚାହିଁକି ?" ଇତ୍ୟାଦି ଇତ୍ୟାଦି (ଅବଶ୍ୟ ଉପରେ ବନ୍ଧୁପାଠକର ଅର୍ଥ ମୋର ପରିଚିତ କେତେ ଜଣ ବନ୍ଧୁ, ବନ୍ଧୁ ଶବ୍ଦର ଅର୍ଥ କେତୋଟି ଶବ୍ଦ ଅଉ ପାଟିଆ ଶବ୍ଦଟି କେବଳ କଥାର ଲଥା ହିସାବରେ ବ୍ୟବହୃତ ହୋଇଛି ବୁଝିବାକୁ ହେବ) ।

ମୋ ପାଖରେ ଏକମାତ୍ର ଉତ୍ତର ବା କୈଫିୟତ ହଉଛି, ମୁଁ ବାହା ହେଇପଡ଼ିଛି ଅଉ ସେଥିପାଇଁ ଖୁବ୍ ବ୍ୟସ୍ତ ଅଛି, ମାନେ ଅପଣ ଯାହା ଭାବୁଛନ୍ତି ସେ ସେନ୍ସରେ ନୁହେଁ । କଥା ହଉଛି ବର୍ତ୍ତିମାନ ଜଣଙ୍କଅ କଥା ତ ନୁହେଁ ତା ଛଡ଼ା ଦିନଟା ଜମା ଚବିଶ ଘଣ୍ଟା ।

'ଜନଅ ଲେଖା' ବିଜ୍ଞାପନର ଯେଉଁ ବିଷମ ଫଳ ଫଳିଲା, ସେ କଥା ତ ଅପଣଙ୍କୁ ଅଜଣା ନାହିଁ—ଜନଅଗୁଡ଼ାକ ଚଢ଼ିଯାଇ ମଟେ ଚଟି ବସାଇବାକୁ ବସିଲେ—ତାଙ୍କ 'ବରବସ୍ତ'ରେ ମୁଁ ଦେଖିଲି ମୋ ନମ୍ବର ବିଲ୍‌କୁଲ୍ ନ ପଡ଼ିପାରେ, ସବୁ ପଛର ସବା ପଛ ବେଞ୍ଚରେ । ଏମିତି ହେଲା ମନଭିତରେ ପ୍ରେମଗୁଡ଼ାକ ଦହଠାକୁ ମାଦା ଭରଦେଲାବେଳକୁ ଜଣେ ବେହୁ ଜୁଟିଲେ ନି ଯାହାକୁ ବାହାହେଇ ମନଠାକୁ ଟେଙ୍ଗା କରିବି ମାନେ ଦିନୁଦିନ ବାହାଘରର ଅଶାଟା ବିଲ୍‌କୁଲ୍ ଉଭେଇବାକୁ ବସିଥିଲା । ଏମିତି ସମୟରେ ହଠାତ୍ ଦିନେ ପୁରୀରୁ ଗୋଟିଏ ସମ୍ବନ୍ଧ ଅସିଲା । ମୋ ଖୁଡ଼ିଙ୍କ ମାମୁଙ୍କ ଶଶୁରଙ୍କର ଜଣେ ସାଙ୍ଗ ପଠେଇଥାନ୍ତି—ଖବରଟା ଶୁଣି ମୋ ଛାତି ଭିତରେ ବସନ୍ତ ବହିଲା, ଫୁଲ୍ ଫୁଟିଲା, ପତର କଅଁଳିଲା, ଚଢ଼େଇଗୁଡ଼ାକ କଟର ମିଟେର କରି ଗାନ ଅଡ଼ଡ଼ା ପକେଇଲେ—ତେବେ କି କି ଫୁଲ୍ ଅଉ କୋଉ କୋଉ ଚଢ଼େଇ ତାର ନାଆଁ ଦେଉନି କାରଣ ମୁଁ କହିବାକୁ ଚାହେଁ

ସେ ବାସ୍ତବିକ ମୋ ମନରେ ସଚ୍ଚା କବିତା ଦେଖାଗଲା, ଗଦ୍ୟ କବିତା ନୁହେଁ । ତେବେ ଦୁଃଖର କଥା ସେ ସବୁ ଅଲ୍‌ବଧନ-ପାଇଁ ; କାରଣ କନ୍ୟାପକ୍ଷ ପାର୍ଟିର ଗୋଟିଏ ଫଟୋ ସେଠେଇ ଥାଆନ୍ତି ଆଉ ଟିପ୍ପଣୀ ଥିବ--ଫଟୋଟି ବଷ୍ଟ୍ ଫଟୋ ମାନେ ଅଣ୍ଟାଠୁଁ ଉପରକୁ । ତେବେହେଲେ ଦେଖିବାକୁ ମନ୍ଦ ନୁହେଁ ମାନେ ମୋ ଭଳିଆ ପିଲାପାଇଁ ବେଶ୍, ତେବେ ମୁଁ ଯାହା ଜାଣିବାକୁ ଚାହେଁ ଏମିତି ଫଟୋରୁ ତା କଣ ବୁଝାଯିବ ! ମୁଁ ତାଙ୍କୁ ଲେଖିଲି, "ଫଟୋ ଦେଖିଲି, ତେବେ ଏ ଫଟୋ ନ ପଠେଇ ବରଂ ଯଦି ଝିଅର ଅଣ୍ଟାଠୁ ତଳର ଫଟୋଟିଏ ପଠେଇ ଥାଆନ୍ତେ ଭଲ ହୋଇଥାଆନ୍ତା । କାରଣ ସେଇଟା ଦେଖିବା ମୋର ବେଶି ଦରକାର ।" ଚିଠିର ଉତ୍ତର ବା ଫଟୋ କିଛି ପାଇଲି ନି; ତେବେ ଖୁଡ଼ୀଙ୍କ ମାମୁଙ୍କ ଶଶୁରଙ୍କ ସାଙ୍ଗ ଖବର ପଠେଇ ଥିଲେ ଯେ ଏମିତି ଟୋକାଙ୍କୁ ଝିଅଦବା ଅପେକ୍ଷା ଝିଅକୁ ସମୁଦ୍ରକୁ ଠେଲିଦବା ତେର ଭଲ । (ତାର କାରଣ ବୋଧହୁଏ ସମୁଦ୍ରଟା ତାଙ୍କ ଘର ପାଖରେ କିନ୍ତୁ ତାଙ୍କ ଘର ପୁରୀରେ ନ ହୋଇ ଯଦି କଟକରେ ହୋଇଥାଆନ୍ତା ତେବେ ପଇସା ଖର୍ଚ୍ଚ କରି ପୁରୀ ଯାଇ ସମୁଦ୍ରରେ ଠେଲିବା ଅପେକ୍ଷା ମହାନଦୀ କିମ୍ବା କାଠଯୋଡ଼ିରେ ଠେଲିବା ନିଶ୍ଚୟ ତେର ଭଲ ହୁଅନ୍ତା । ମନେକରନ୍ତୁ ତାଙ୍କ ଘର ପାଖରେ ନଈ ନାହିଁ କି ସମୁଦ୍ର ନାହିଁ, ତେବେ କଣ କୂଅରେ ଠେଲିବା ବା ପୋଖରୀରେ ଠେଲିବା ତେର ଭଲ ହୁଅନ୍ତା ନି ? ମନେକରନ୍ତୁ ତା ବି ନାହିଁ ତେବେ କୋଉଠିକି ଠେଲନ୍ତେ ? (ଅବଶ୍ୟ ମୁଁ ଖାଲି ଫାଜିଲାମି କରୁଚି ପ୍ରଶ୍ନର ଉତ୍ତର ଭାବିବା କିଛି ଦରକାର ନାହିଁ ) ମୋର ଅଗାଧ କଣ ବୁଦ୍ଧି ହେଲାନି—ପୁରୀରେ ଗୋଦର ଗୋଡ଼ ବେଶି କିଏ ନ ଜାଣେ ! ବାହାହେବା ପୂର୍ବରୁ ଝିଅ ଗୋଦରୀ କି ନା ଜାଣିବାର ବା ଦେଖିବାର ଆମର ଅଧିକାର ଅଛି ନା ନାହିଁ ?

ସବୁଅଡ଼ୁ ଫେଲ ମାରବା ଦ୍ୱାରା ମୋ ମନରେ ବେଜାଏ ରାଗହେଲା —କାହିଁକି ନ ହବ ? ମୁଁ ତ କାଠ ନୁହେଁ କି ପଥର ନୁହେଁ ? ମୁଁ ସମ୍ପାଦକଙ୍କୁ ଗୋଟିଏ କଡ଼ାକଡ଼ ଚିଠି ଲେଖିଲି ଯେ ଆପଣଙ୍କ ପତ୍ରିକାରେ ମୋର ବେଇଜ୍ଜତ ହୋଇଛି । ସେଇଯୋଗୁ ମତେ କନିଆଁ ମିଳୁନି । ଭବିଷ୍ୟତରେ ମିଳିବା ଆଶା ବି କମ୍ । ଦେଖୁଛି ଯାହାର ଅର୍ଥ ଶେଷରେ ମତେ ବ୍ରହ୍ମରାକ୍ଷସ ହେବାକୁ ପଡ଼ିବ । ଆପଣ ଏଇକ୍ଷଣି ଯଦି ମୋପାଇଁ କନିଆଁଟିଏ ଠିକ୍ କରିଦିଅନ୍ତି, ଭଲକଥା, ତା ନ ହେଲେ ବ୍ରହ୍ମରାକ୍ଷସ ହେଲା ପରେ ଆପଣଙ୍କୁ ଦେଖିନେବି । ରାତରେ ଏମିତ ଡରାଇବି ଯେ ଶୋଇ ପାରିବେ ନି । ସେ ଚିଠିଏ ଘରସୁଅଗିଆ :ମଣିଷ । ଚିଠି ପାଇ ଡର ଯାଇଥିବେ ବୋଧହୁଏ । ତେବେ ଭୟତା ପ୍ରକାଶ ନ କରି ଲେଖିଲେ, "ଦେବବାବୁ, ଧୈର୍ଯ୍ୟଧର । ଅଣ୍ଡିରପୁଅ ଜୀବନରେ ଧୈର୍ଯ୍ୟତା ବଡ଼ ଜିନିଷ । ଅସମ୍ଭାଳ ହୁଅ ନି, ଆମେ ତମପାଇଁ କନିଆଁଟିଏ ଠିକ୍ କରିଦେବା, କାରଣ ପ୍ରେମ କରିବା ଅପେକ୍ଷା ଅନ୍ୟକୁ ପ୍ରେମ ଚଟେଇବାରେ ଆମକୁ ବେଶି ଆନନ୍ଦ ଲାଗେ ।"

ଅଉ ସତକୁ ସତ ଠାକୁରେ ତାଙ୍କୁ ଚିରଜୀବୀ କରିଥାନ୍ତୁ । ମତେ ପ୍ରେମ ଚଟେଇଲେ ସେଇ । ବାରପଦାର କନିଆଁଟିଏ ଠିକଣା କରିଦେଲେ । ବାହାଘର ପୂର୍ବରୁ ଅଧୁନିକ ରୀତିରେ ଦେଖାଚାହାଁ କଥା ଭାଷା କରାଇବା ପାଇଁ ଆମ ବୁଢ଼ିଙ୍କି ଭଦ୍ରକ ଡକାଇଥାନ୍ତି— କିନ୍ତୁ ସମ୍ପାଦକଅଣି ଠେଙ୍ଗେଇଲେ ବା ସାଇ ପଡ଼ିଶା କଣ କହନ୍ତି କହିଲେ ଯୋଉଥିପାଇଁ ଭଦ୍ରକରେ ପହଞ୍ଚ ମୁଁ ଦେଖିଲି ପ୍ରସ୍ତାବଟି ବନ୍ଦ କରାଯାଇଚି, ମାନେ ଦେଖାଚାହାଁ କଥା ହବ ନି । ତାଙ୍କ କୋଠାରେ ସେଇ ରାତରେ ଗୋଟାଏ ନାଟ ହବାର ଥାଏ, ସେଇଟି ଦେଖେଇ ଦେବେ । ସେଠି ମାଇପ ମିଣିପଙ୍କ ପାଇଁ ଅଲଗା ଅଲଗା ଜାଗା

ଟିକ୍ କଷ୍ଟ ହୋଇଥାଏ । ମଝିରେ ଗୋଟାଏ ଜାଲ୍ ଟଙ୍ଗା ହୋଇଥାଏ ପର୍ଦ୍ଦା ଭଳିଆ ମାଛଜାଲ ହବ ବୋଧହୁଏ । ଆମେ ଯାଇ ବସିଲୁଁ । ସମ୍ପାଦକ ମୋ ଜଙ୍ଘରୁ ଫୁଲାଏ ମାଉଁସ ଚିମୁଟି କହିଲେ, "ସେଇ ଯିଏ ଗୋଲାପି ଶାଢ଼ୀ ପିନ୍ଧିଚି ସିଏ କଣ ପସନ୍ଦ ?" ମୁଁ ଗୋଲାପୀ ଶାଢ଼ୀଆଡ଼କୁ ଗୋଟାଏ ବାଙ୍କ ଚାହାଣୀ ପକେଇ କହିଲି, "ହଁ ଆଜ୍ଞା ଖୁବ୍ ପସନ୍ଦ ।" ଦେଖିଲି, ଖୁବ ସୁନ୍ଦର ଝିଅଟି ଯଦିଓ ବୟସରେ ଟିକିଏ ବଡ଼ ମନେ ହେଉଥାଏ — ମୋ ମନରେ ଏତେ ଆନନ୍ଦ ହେଲା ତାକୁ ଦେଖି — ଖାଲି ଆଖି ଦି'ଟା ତା'ଆଡ଼କୁ ଟାଣି ହୋଇ ଯାଉଥାଏ — ଭବିଷ୍ୟତର ରଙ୍ଗରଙ୍ଗିଆ କଳ୍ପନା ମନରେ ଭାସି ଆସୁଥାଏ । ମୁଁ ଭାବୁଥାଏ, ଆଜି ଆମେ ଏମିତି ଅଲଗା ଅଲଗା ହୋଇ ବସି ନାଟ ଦେଖୁଚୁ; ଆଉ ଦିନ କେତେଟା ପରେ ଆମେ ଯେତେବେଳେ ଏକାଠି ହୋଇଯିବୁ ଆମ ନାଟ କିଏ ଦେଖିବ ! ମୋର ମନେହେଲା ବାହାଘର ପୂର୍ବରୁ ଟିକିଏ 'ଲଭ'ର ସୂତ୍ରପାତ କରିବା ଦରକାର । ମୁଁ ସୁବିଧା ଖୋଜୁଥାଏ । କେମିତି କଣ କରିବି ? ଏମିତି ସମୟରେ ସ୍ତ୍ରୀ ଲୋକଙ୍କ ପାଖରେ ଥିବା ପେଟ୍ରୋମାକ୍ସ ଲାଇଟ୍‌ଟା ଲିଭି ଆସିଲା । ମୁଁ ପମ୍ପ୍ ଦେବା ବାହାନାରେ ଲାଇଟ ପାଖକୁ ଚାଲିଗଲି । ପମ୍ପ୍ ଦେଉଥାଏ, ଆଉ ଗୋଲାପୀ ଶାଢ଼ୀଆଡ଼େ ଗୋଟିଏ ପ୍ରେମ ଚାହାଣୀ ପକାଉଥାଏ; ଯେମିତି ମୋର ଆଗ୍ରହ ଅଛି ଅଥଚ ଉଦାସୀନ । ସିଏ ବି ମୋ ଆଡ଼େ ବଲ ବଲ୍ କରି ଅନେଇଛି । ମୁଁ ଯେତେ ପ୍ରକାର ଚାହାଣୀ ଜାଣେ ମାନେ ବଙ୍କା, ତେରଛା, ସିଧା, ଗୋଲ, ତେଜ ଖୋଲାଣିଆ ସବୁ ଚାହାଣୀରେ ଚାହିଁଲି । ତା'ପରେ ଗୋଟିଏ ଆଖି ବନ୍ଦକରି ମିଟିକା ମାରି ଚାହିଁଲି; ତା'ପରେ ଦି ଆଖିଯାକ ବନ୍ଦକରି । ତା'ଛଡ଼ା ମୋ ଭାବଭଙ୍ଗୀଦ୍ୱାରା ତା ମନରେ ମୋତେ ପାଇବା-ପାଇଁ ଗୋଟିଏ ପ୍ରବଳ ଇଚ୍ଛା ସୃଷ୍ଟି କରେଇ ଦେଇ ଚାଲି ଆସିଲି,

ବାହାହୋଇ ପାରବେ କି ନାହିଁ ଏଥିପାଇଁ ଓଡ଼ିଶାର ସବୁ ବାଡ଼ୁଅ ସୁଅଡ଼ିଅମାନେ ଦୋଷ ଛଡ଼େଇ ବାହାହୋଇ ପଡ଼ୁଥାନ୍ତି । ଟ୍ରେନରେ ବର ଯେମିତି ଖୁନ୍ଦାଖୁନ୍ଦି, ଜନାନା ଡବାରେ କନିଆ ସେମିତି ଖୁନ୍ଦାଖୁନ୍ଦି—ଜାଣିକରି ଚାଉଳ ଗଦାହୋଇ ଯିବାର କଥା—ଆମ ଡବାରେ ଯେତେ ବର ଥିଲେ ଆମଭିତରେ ଅନେକ ଆଲୋଚନା ପଡ଼ିଲା । ଗୋଟାଏ ବିଷୟରେ ସମସ୍ତଙ୍କର ଦୁଃଖ ହେଲା ଯେ—ବାହାଘର ଦିନ କିଛି ଖାଇବାକୁ ହବ ନି, ଖାଡ଼ାଖାଡ଼ା ଉପାସ । ଯେଉଁମାନେ ବାହାହୋଇ ଫେରୁଥିଲେ କହିଲେ, "ଆମେ ଲୁଚେଇ ଲୁଚେଇ ଖାଇ ଦେଇଚୁ ।" ମୁଁ କହିଲି, "ଆପଣଙ୍କ ସାଙ୍ଗରେ ମାକୁର୍ଣ୍ଣି ବୋଧହୁଏ କେହି ଆସି ନ ଥିବେ । ମୋ ସାଙ୍ଗରେ ମୋ ଖଚୁଆ ସାନଭାଇ ମାକୁର୍ଣ୍ଣି ହୋଇ ସବୁକଥା ଫୋଡ଼ିବାପାଇଁ ପଠା ହେଇଚି, ମୁଁ ଲୁଚେଇକରି ଖାଇବାର ବାଟ ନାହିଁ ।" ଗାଡ଼ି ଭିତରେ ଅନେକ ଦୁଃଖ କଲେ ଯେ ସ୍ତ୍ରୀ ଲୋକଙ୍କ ଡବାରୁ ଆପଣା କନିଆକୁ ବାଛିବା ଭାରି ମୁସ୍କିଲ ହବ କାରଣ ଏମିତି ଅନେକ ଭୁଲ ହୋଇ-ଗଲାଣି । ଏତେଗୁଡ଼ାଏ କନିଆ ଖୁନ୍ଦହୋଇଥିବାରୁ ଆଉ ସମସ୍ତେ ଓଢ଼ଣା ପକେଇଥିବାରୁ କିଛି ଜାଣି ହଉନି । କିଏ କାହାକୁ ଓହ୍ଲେଇ ନେଇ ଚାଲିଯାଉଚି । ତା'ଛଡ଼ା ଯାହାର କନିଆ ଟିକିଏ ଅସୁନ୍ଦର ଦେଖିବାକୁ ସିଏ ଇଚ୍ଛାକରି ଭୁଲରେ ଆଉ ଜଣକୁ ଓହ୍ଲେଇନେଇ ଘରକୁ ଚାଲିଯାଇ ଯେତେବେଳେ ଦେଖୁଚି ଯେ ସେ ଭୁଲରେ ନିଜର କନିଆଟାକୁ ନେଇଆସିଚି, ସେ ମୁଣ୍ଡରେ ହାତଦେଇ ବସୁଚି—ଠିକ୍ କରି ଭୁଲଟା କରିପାରିବା କେମିତି ସେ ବିଷୟରେ ଆମର ବିଚାର ପଡ଼ିଲା । ତେବେ ମୋ ମନରେ ଗୋଟାଏ ଡର ପଶିଲା ଯଦି ଭୁଲ ହୋଇଗଲା ତେବେ ?

ଆମ ଗାଡ଼ି ରୁପ୍‌ସାରେ ପହଞ୍ଚିଲା ପାଞ୍ଚ ତାରିଖ ସକାଳେ—ସେଇଟି ଗାଡ଼ି ବଦଳ କରିବାର କଥା । ସମସ୍ତେ ଓହ୍ଲାଇ ପଡ଼ିଲେ—ମୁଁ ଟିକିଏ ବର ଭଲିଆ ଧୀରେ ସୁସ୍ଥେ ଓହ୍ଲାଉଥିଲି, ଆମ ପୁରୋହିତ କହିଲେ, "ଘିଅ ଟିଣଟା ରହିଗଲା"—ମୁଁ ଘିଅ ଟିଣଟା ଉଠାଉଥିଲି, ଗାଡ଼ି ଛାଡ଼ିଦେଲା । ତତ୍ର ବରଯାତ୍ରୀ, ପୁରୋହିତେ, ଭଣ୍ଡାରି ସବୁ ପାଟି କରୁଥାନ୍ତି, 'ଓହ୍ଲାଇ ପଡ଼', 'ଡେଇଁ ପଡ଼', । ମୁଁ କିନ୍ତୁ ପାଏ ବାଟ ପଳେଇ ଚାଲିଲିଣି । ମୋ ପାଖ ପାସେଞ୍ଜରମାନେ କହିଲେ, "ନାଇଁ ଡେଇଁ ନା—ଜୀବନ ଆଗ ନା, ବାହାଘର ଆଗ, ବଞ୍ଚିଥିଲେ କେତେ ଝିଅ ମିଳିବେ ।" ମୁଁ ଡେଇଁଲି ନା, ଝରକାରୁ ବରଯାତ୍ରୀଙ୍କୁ ଅନେଇ ଦେଖୁଥାଏଁ କପୂର ଉଡ଼ିଗଲେ ଜନା କେମିତି ଦିଶେ । ମୁଁ ମୋ ଜାଗାରେ ବସି ଭାବିଲି ବର୍ତ୍ତମାନ କଣ କରିପାରିବି ? କହିଲି "ଟ୍ରେନ୍ ଟାଣି ଦେବି କି ?" ମୋ ପାଖରେ ଆଉ ଗୋଟିଏ ବର କହିଲା, "କି ଦରକାର ? କନିଆ ପକ୍ଷ ସିନା ମୁଣ୍ଡ ଘୂରେଇବେ, ଆପଣଙ୍କର ଭାବିବାର କଣ ଅଛି ? ତା ଛଡ଼ା ବାହାଘରରୁ ସେତିକି ଦୂରକୁ ପଳେଇବ ସେତିକି ଭଲ । ମୋର ବାଲେଶ୍ୱରଠାରେ ଓହ୍ଲାଇବାର ଥିଲା । ମୁଁ ଶୋଇପଡ଼ିଲି, କେହି ଉଠେଇଲେ ନା । ମୁଁ ଏଯାକେ ଆସିଲିଣି—ଇଚ୍ଛାଅଛି କଲିକତାଟା ଦେଖିନେଇ ଆସିବି । ହୁଏତ ଆଜି କେବେ ସୁବିଧା ନପଡ଼ି ପାରେ ।" ମୁଁ କିନ୍ତୁ କହିଲି "ମୋ ଦେଇ ତା ହୋଇ ପାରିବ ନା । ମୁଁ ବାହା ନ ହୋଇ ଫେରିବି ନା କେବେହେଲେ ।"

ମେଲ୍ ଗାଡ଼ିଟା ଜ୍ଲେଟ ଷ୍ଟେସନରେ ନ ରହି ରହିଲା ଆସି କଣ୍ଟେଇ ରୋଡ଼ରେ— ମୁଁ ଘିଅଟିଣ ସହିତ ଓହ୍ଲାଇ ପଡ଼ିଲି—ଷ୍ଟେସନ ମାଷ୍ଟର ଟିକେଟ ମାଗି ବସିଲେ—ମୋର ସବୁ କୈଫିୟତ

ଶୁଣି ସୁଦ୍ଧା ନରେନ୍ଦ୍ରବାବୁ—କହୁଲେ ପୁଲିସରେ ଦେବ—ତା'ପରେ ଅବଶ୍ୟ ହୋମ ଘିଅଟା ଶୁଙ୍ଘି ସେମିତି ଜାଣିଲେ ଖାଣ୍ଟି ଗୁଆଘିଅ, ଅଧଟିଣେ ରଖିଲେ ଟିକେଟ ବାବଦକୁ । ବର୍ତ୍ତମାନ କଥାହେଲା ମୁଁ ଫେରିବି କେମିତି ? ଏକୁଟିଆଟି ବେବେଶ ହୋଇ ବୁଲି ଥାଏ— ଅବଶ୍ୟ ଷ୍ଟେସନ ମାଷ୍ଟର ମୋର ବହୁତ ଲୋକଙ୍କ ସାଙ୍ଗରେ ବନ୍ଦୋବସ୍ତ କରେଇ ଦେଲେ ଯେ ଇଏ ବାରିପଦା ବାହାହୋଇ ଯାଉଥିଲେ ଓଭରକେରେଡ୍ ହୋଇ ରୁପ୍‌ସାରୁ ଫେରିକି ଆସିଛନ୍ତି ଆଉ ସେଟିକା ଲୋକ ମଧ୍ୟ ଟିକିଟିକି କରି ମୋ'ଠୁ ପଚାରି ବୁଝି ନେଉଥାନ୍ତି । ସମୟ କଟିପାରୁ ଥାଏ—ରୁପ୍‌ସା ଆଡ଼କୁ ଗୋଟାଏ ଘ'ଣ୍ଟା ଗାଡ଼ିରେ କିନ୍ତୁ ଏତେ ଭିଡ଼ ଯେ ଥାନ ପାଇଲି ନି—ଖାଲି ବସି ଜଣ କହିବ ଭାବି ଟିକିଏ କଣ୍ଟେଇବେଢ଼ ବଜାର ଆଡ଼େ ବୁଲି ଆସିଲି—ସେଟିକା ଲୋକେ ଯଦିଓ ଆପଣା ଭିତରେ ଓଡ଼ିଆ କଥାଭାଷା ହେଉ ଥାଆନ୍ତି ମୋତେ ବଙ୍ଗଳାରେ ଉତ୍ତର ଦେଉ ଥାଆନ୍ତି ମୁଁ ଓଡ଼ିଆରେ ପଚାରିଲେ ବି । ଓଡ଼ିଆମାନେ ଏତେ ସୁନ୍ଦର ବଙ୍ଗଳା କହି ପାରୁଛନ୍ତି ବୋଲି ମୁଁ ସେତିକି ଆଶ୍ଚର୍ଯ୍ୟ ହେଉଥାଏ, ମୋତେ ବଙ୍ଗାଳି ଭାବୁଛନ୍ତି ବୋଲି ସେତିକି ଗର୍ବ କରୁଥାଏ ମନରେ । ସେଠି ଦେଖିଲି ମାଛ ଖୁବ୍ ଶସ୍ତା—ମୋ ବାପାହେବଙ୍କ ବାହାଘର ଭୋଜିପାଇଁ ମାଛ ଖୋଜି ଖୋଜି ପାଉନଥିଲେ—ଶସ୍ତାରେ ମିଳୁଛି ଆଉ ଭୋଜିପାଇଁ ବଡ଼ କାମରେ ଲାଗିବ ବୋଲି ମୁଁ ଦଶଟଙ୍କା ଦେଇ ବୋଝେ ମାଛ କିଣି ଷ୍ଟେସନ ଫେରିଲି ।

ମୋ ଭାଗ୍ୟ ଭଲ ଷ୍ଟେସନରେ ଦେଖିଲି ଗୋଟାଏ ମିଲିଟାରି ଗାଡ଼ି ଠିଆ ହୋଇଛି । ଅମର୍ଦା ଯିବାପାଇଁ ଗୋରା ସାହେବମାନଙ୍କ ଗାଡ଼ି—ମୁଁ ଜଣକୁ କହିଲି, "ମୋର ଏମିତି ବାହାଘରପାଇଁ ଯିବାର ଥିଲା ବାରିପଦା—ରୁପ୍‌ସାରେ ଗାଡ଼ି ଛାଡ଼ିଦେବ । ମୁଁ ଏଠିକି

ପଳେଇ ଅସିଛୁ, ମୋତେ ଫେରସ୍ତ ଅମର୍ଦା ପର୍ଯ୍ୟନ୍ତ ନେଇଯିବ କି ?" ସିଏ କହିଲା, "ଅମ କାପ୍‌ଟେନଙ୍କୁ କୁହ"—କାପ୍‌ଟେନଙ୍କୁ କହିଲି—କାପ୍‌ଟେନ ଅଉ ତା ପାଖରେ ଯେତେ ଗୋରା ସିପେହି ଥିଲେ ତାଙ୍କର ଭାରି ଅଦର ଦେଖିଲି । ମତେ କହିଲେ, "ଅସ ଅସ ପଣ୍ଡୁଛି କଣ ?" ମୁଁ ଘିଅ ଟିଣ ଅଉ ମାଛଟୋଙ୍କ ଧରି ତାଙ୍କ ମେଳରେ ବସିଗଲି—ଅବଶ୍ୟ ସେତେବେଳକୁ ମୋ ବରବେଶ ଫିକା ପଡ଼ି ଗଲାଣି—ଚନ୍ଦନ ଟୋପି ଲିଭି ଗଲାଣି, ଫୁଲମାଳ ମଉଳି ଗଲାଣି—ସିଲ୍‌କ ପଞ୍ଜାବୀ ମସିଅ ହୋଇଗଲାଣି । ଗାଡ଼ି ଛାଡ଼ିଲା । ସାହେବଗୁଡ଼ା ମତେ ଘେରିଗଲେ । କହିଲେ, "ତମେ ବର ତାହେଲେ ! ଏମିତ ଏକୁଟିଅ ଏଟିକି ଆସିଲ କେମିତ କୁହ ସବୁ କଥା ।" ମୁଁ କହିଲି, "କାଲି ସକାଳେ ମୋର ବାହାଘର ହବାର ଅଛି ବାରପଦାରେ । ଭୁବ୍‌ସାରେ ମୁଁ ଓହ୍ଲାଇ ଓହ୍ଲାଇ ଗାଡ଼ି ଛାଡ଼ିଦେଲା ।" ସେମାନେ ପଚାରିଲେ—"ସାଙ୍ଗରେ ଏସବୁ କଣ ନେଇଚ ?" ମୁଁ କହିଲି, "ହୋମପାଇଁ ଘିଅଟିଣ ଆଉ ଭୋଜପାଇଁ ମାଛ ।" ପୁଣି ପଚାରିଲେ, "ତମ ଧର୍ମରେ କଣ ବରମାନଙ୍କର ଏସବୁ ନେବାର ବିଧି ?" କହିଲି, "ନାହିଁ ଯେ ମାଛ ଶସ୍ତା ଦେଖିଲି ବୋଲି ନେଇ ଆସିଲି ଅଉ ଘିଅଟିଣ ପୁରୋହିତେ ଛାଡ଼ି ଆସିଥିଲେ ଟ୍ରେନରେ ।" ତାପରେ ଦେଖିଲି ଟ୍ରେନ ଯୋଉଠି ରହୁଥାଏ ଥୋକାଙ୍କୁ ଥୋକା ସାହେବ ମୋତେ ଘେରଯାଇ କେମିତ କଣ୍ଟେଇ ରେଉ ଆସିଲି ପଚାରୁଥାନ୍ତି । କି ମାଛ ନେଇଚ ବୋଲି ପଚାରୁଥାନ୍ତି । ଆଉ ସବୁ ଶୁଣି ସାହିଲପରେ ଡାକୁଥାନ୍ତି ହେ ଟମ, ହେ ଜକ୍, ହେ ହେନ୍‌ରି, ଆସ ଗୋଟିଏ ବର ଯିଏ ଭୁବ୍‌ସାରୁ ଓହ୍ଲାଇ ଓହ୍ଲାଇ କଣ୍ଟେଇରେଉ ଯାଇଥିଲେ ଆଉ କେତେ ଜିନିସ ନେଇଛନ୍ତି ସାଙ୍ଗରେ ଦେଖିବ ଆସ । ଟମ୍ ଜକ୍ ତୁରନ୍ତ ମୋ ମୁହଁରୁ ସବୁ କଥା ଶୁଣି ତାଙ୍କ ସାଙ୍ଗଙ୍କୁ ଡାକିବେ ହେ ଜନ୍, ହେ ଜର୍ଜ, ଆସ

ଦେଖିଯାଅ ଗୋଟିଏ ବରକୁ । ତା'ପରେ ମତେ ଅନୁରୋଧ କରିବେ, "ୟାଙ୍କୁ ସବୁକଥା କୁହ ।" ମୁଁ କହେ, "ମୁଁ ବାହା ହେବାକୁ ଯାଉଥିଲି ବାରିପଦା, ରୂପ୍‌ସାରେ ଓହ୍ଲେଇ ପାରିଲି ନି — କଣ୍ଟୋଇବେଡ଼ରେ ଗାଡ଼ି ରହିଲା — ସାଙ୍ଗରେ ମାଛ ଆଉ ଘିଅ ଟିଣ ନଥିଲି ଇତ୍ୟାଦି ।" ମୁଁ ଯାହା ଦେଖିଲି ସାହେବମାନଙ୍କର ଏତେ ଆଗ୍ରହ, ଗାଡ଼ି ଅମର୍ଦାରେ ପହଞ୍ଚିବା ଭିତରେ ଥର ଥର କରି ପ୍ରାୟ ସବୁ ସାହେବ ମୋଠୁ ସବୁ କଥା ଶୁଣି ନେଇଛନ୍ତି, ମୋ ବରବେଶ କଥା, ରୂପସାଠୁ କଣ୍ଟୋଇବେଡ଼ କଥା, ଘିଅ କଥା — ମାଛ ଦର କେତେ ଇତ୍ୟାଦି ଇତ୍ୟାଦି — ଆଉ ତାଙ୍କର ଏତେ ଆନନ୍ଦ ହଉଥାଏ । ମୁଁ ଅମର୍ଦାରେ ମାଛବୋଝ ଘିଅଟିଣ ଧରି ଓହ୍ଲେଇଲା ପରେ ଟ୍ରେନ-ଯାକର ସାହେବ ମତେ ଅଭିନନ୍ଦନ, ଶୁଭେଚ୍ଛା, ବଧାଇ ଜଣାଇଲେ ଆଉ ମୁଁ କେଇ ପାହୁଣ୍ଡ ଆଗେଇଚି ତାଙ୍କର ଲାଗିଲା ହସର ରୋଳ । ତାଙ୍କ ହସ ଶୁଣି ମୋର କେମିତି ଗୋଟାଏ ସନ୍ଦେହ ହେଲା, ସେମାନେ ମତେ ଥଟ୍ଟା କରୁଥିଲେ କି ଅଉ ?

ଅମର୍ଦାରୋଡ଼ରୁ ଗୋଟାଏ ବସ୍ ଯାଏ ବାରିପଦା ସବୁଦିନେ କିନ୍ତୁ ସେଦିନ ମୁଁ ଯାଉଚି ବୋଲି ଆଗରୁ ଚାଲି ଯାଇଥିଲା — ଖତମ ହୋଇ ଗଲାଣି । ସେଇଯୋଗୁ ଚାଲିକରି ଯିବା ଛଡ଼ା ମୋର ଅନ୍ୟ ଉପାୟ ନ ଥିଲା । ତା'ଛଡ଼ା ସକାଳୁ ନ ପହଞ୍ଚିଲେ ବାହାହୋଇ ହେବ କି ନା ସନ୍ଦେହ — ମୁଁ ଭାବିଲି ନାରୀର ପ୍ରେମପାଇଁ ମଣିଷ ଅନେକ କଷ୍ଟ କରେ; ମୁଁ କଣ ଏତେ ଅଯୋଗ୍ୟ ଯେ ପଚିଶ ତିରିଶ ମାଇଲ ଚାଲି ପାରିବି ନି ? ମାଛ ବୋଝ ଘିଅଟିଣ ମୁଣ୍ଡେଇ ବାହାରି ପଡ଼ିଲି । ଅବଶ୍ୟ ବିବାହେଚ୍ଛୁ ପ୍ରଜାପତି, ବିବାହେଚ୍ଛୁ ପ୍ରଜାପତି କହି କହି ଆସୁଥାଏ । କେତେ ବଣ ଜଙ୍ଗଲ ନଈ ନାଳ ପାରି ହୋଇ ରାତିଟା ଯାକ ଚାଲି ଚାଲି ସକାଳ ଦଶଟା ବେଳକୁ ବାରିପଦା

ଯାଗରେ ପହଞ୍ଚିଗଲି—ଯେମିତ ଶୁଣିଲି ଏଇଟା ବାବୁପଡ଼ା ମୋ ଆନନ୍ଦର ସୀମା ରହିଲା ନି—ବାସ୍ତବିକ ଯେଉଁ ସହରର ଗରମ ମୃତ୍ତି ଇତିହାସପ୍ରସିଦ୍ଧ ସେଠି ପାଦ ଦେଲେ ଆନନ୍ଦ ଲାଗିବାର କଥା । ତା'ଛଡ଼ା ମୋ ଜୀବନ-ସଙ୍ଗିନୀ ଏଇଠି ବାଲ୍ୟକାଳ କଟେଇ-ଚନ୍ତି । ହୁଏତ ଏଇ ମଣ୍ଡପରେ କାଉକାଉ, ବୋହୂଗ୍ରୋସି, ଲୁଚକାଲି, ପୁଞ୍ଚି ଖେଳିଥିବେ କେତେଥର, ହୁଏତ ଏଇ ନଈରେ କେତେଥର ଗାଧୋଇଥିବେ—ହୁଏତ ଏଇ ରାସ୍ତାରେ କେତେ ଗୁଲିବୁଲି ପାଦ-ଚିହ୍ନ ପକେଇ ଯାଇଥିବେ । ମୁଁ ଧୂଳିରୁ ଟିକିଏ ନେଇ ସାଇତି ରଖିଲି, ନଈରୁ ପାଣି ମୁନ୍ଦାଏ ପିଇଲି—ବେଶ ତୃପ୍ତ ଲାଗିଲା । ତା'ପରେ ଶ୍ୱଶୁରଙ୍କ ନାଁ ପଚାରି ପଚାରି ଖବର ନେଇ ଜାଣିଲି ଯେ ଆମ ବରଯାତ୍ରୀ ଚଂଟା ଧର୍ମଶାଳାରେ ରହିଛନ୍ତି । ଶ୍ୱଶୁରଘର କୁଆଡ଼େ ଖୁବ ବ୍ୟସ୍ତ ହୋଇ ପଡ଼ିଚନ୍ତି, ଝିଅ ବାଡ଼ ଅପାଣି ଗାଧୋଇ ଯାଉଛି । ବାହା ନ ହେଲେ କୁଆଡ଼େ ସେ ଝିଅକୁ ଆଉ କେହି ବାହା ହେବେ ନି—ମୁଁ ଯଦି ନ ପହଞ୍ଚେ ମୋ ବଦଳରେ ବର ହୋଇ ବାହା ହବାପାଇଁ କୁଆଡ଼େ ଦୁ' ଗୁରୁଜଣ ଲୋକ ଠିକଣା ବି କରି-ଯାଇ ସାରଣ ।

ମୁଁ ଧର୍ମଶାଳାରେ ପହଞ୍ଚି ଦେଖିଲି ମୋ ବାପାହେରକା ମୁଣ୍ଡରେ ହାତଦେଇ ବସିଚନ୍ତି । ତାଙ୍କ ଭିତରେ କଥା ପଡ଼ଚି କେମିତି ଶୁଝିବା—ମାନେ ଯୌତୁକ ବାବଦକୁ ଯେତେଗୁଡ଼ାଏ ଟଙ୍କା ନେଇଥିଲେ ସେଥିରୁ କୁଆଡ଼େ ଅନେକ ଖର୍ଚ୍ଚ କରି ହେଇଚି ରେଳଭଡ଼ା, ଭୋଜି , ବନ୍ଦୋବସ୍ତ ଇତ୍ୟାଦିରେ । ବର୍ତ୍ତମାନ କଥା ପଡ଼ିଛି କେମିତି ଫେରେଇବା ? ମୁଁ ଯାଇ ପହଞ୍ଚି କହିଲି, "ଫେରେଇ-ବାର ଆବଶ୍ୟକତା ନାହିଁ, ହେଇ ମୁଁ ଅସିଛି ।" ସମସ୍ତଙ୍କ ମନରେ ଆନନ୍ଦ ହେଲା । ସାଙ୍ଗେ ସାଙ୍ଗେ ଶ୍ୱଶୁର ଘରକୁ ଖବର ପଠାଗଲା—

ଶଙ୍ଖ ବାଜି ଉଠିଲା । ଫେର ମତେ ବରବେଶ କରାଗଲା । ତା’ପରେ ଶଙ୍ଖ ବଜେଇ ଆମେ ବାହାରିଲୁ ପ୍ରୋସେସନ୍ କରି କରି—ମାନେ ଯୁଦ୍ଧଯୋଗୁ ବାଜାବାଦ୍ୟଗୁଡ଼ାକ ସମସ୍ତେ ଯୁଦ୍ଧ ଗୁଣ୍ଡର ସାହାଯ୍ୟାର୍ଥ ଫୋର୍ସରେ ଚାଲିଯାଇଥାନ୍ତି । ତା’ଛଡ଼ା ମଃବରରେ ପେଟ୍ରୋଲ ମିଳୁ ନ ଥାଏ । ସେଥିଯୋଗୁ ଚାଲି ଚାଲି ଅଡ୍‌ଡାରେ ବାହାରିଲୁ । ଶଶୁର ଘର ଆମକୁ ଓ୍ୱେଲ୍‌କମ୍ କରି ନେଲେ ଆଉ ସଙ୍ଗେ ସଙ୍ଗେ ବାହାଘର କାମ ଆରମ୍ଭ ହେଲା । ତେବେ ସେଟିକା ଲୋକେ ମୋତେ ପଚାରିଲେ କୁଆଡ଼େ ଚାଲି ଯାଇ ଥିଲେ ? ତାଙ୍କୁ କହିଲି ଯେ ମୁଁ ଆଗରୁ ଆସିବାଟା ପସନ୍ଦ କରେ ନା । ଠିକ୍ ଟାଇମରେ ପହଞ୍ଚିଯାଏ—ମାନେ ଭାରି ପଙ୍କଚୁଆଲ୍; ତା’ପରେ ଟିକିଏ ଗର୍ବରେ କହିଲି ଯେ ମୁଁ କଣ୍ଟ୍ରୋଇରେଡ଼ ଯାଇଥିଲି ବିଚ୍ଛୁକ୍ଷ ଉତ୍କଳ ସମସ୍ୟା ବିଷୟରେ ସେଠାରେ ବଙ୍ଗାଳିମାନଙ୍କ ପ୍ରଭାବ କେତେ ବେଶି ସ୍ପଷ୍ଟ କରିବାପାଇଁ ।

ତାପରେ ବାହାଘର କାର୍ଯ୍ୟ ଆରମ୍ଭ ହେଲା—ମୋର ଯାହା ମନେ ପଡ଼ୁଛି ମତେ ଅନେକ ଥର ଚାଉଳ ଅଞ୍ଜୁଳା କରିବାକୁ ହୋଇଥିଲା, ଅନେକ ଥର ଲୁଗା ପାଲଟିବାକୁ ହୋଇଥିଲା, ଅନେକ ମାଇପେ ମୋ ଗୋଡ଼ ଧୋଇଥିଲେ—ତାପରେ ମତେ ଗୋଟାଏ ଘରକୁ ନେଇ ମୋ ହାତରେ ଘାସ ଆଉ ବିଛୁଆତି ପତ୍ର ବାନ୍ଧି ଦେଇଥିଲେ—କହିଲେ ସାତ ଦିନ ଯାଏ ଏଗୁଡ଼ା ଫିଙ୍ଗିବ ନି କିମ୍ବା କାହାରିକୁ ନମସ୍କାର କରିବ ନି—ସାତ ଦିନ ବିଛୁଆତି ପତ୍ର ବାନ୍ଧିବା କେତେ କଷ୍ଟ ମୁଁ ଅଙ୍ଗେ ଲିଭେଇଛି କିନ୍ତୁ ନମସ୍କାର ବିଷୟରେ ମୁଁ ବେଙ୍କାଏ ଖୁସି ହେଉଥାଏ । ଭାବୁଥାଏ ଏତିକି-ବେଳେ ଆମ ହେଡ଼ମାଷ୍ଟରେ, ହେଡ଼ ପଣ୍ଡିତେ ହେବରକା ଆସନ୍ତେ କି ମୁଁ ସେମିତି ଗାଦିରେ ବସିଥାନ୍ତି, ଇମା କେସ୍ୱାର କରନ୍ତାନି ହାତ

ଜଗେଇବାକୁ । ଅଉ ସାତଘନଯାକ ଖାଲି ଗୁରୁଜନମାନେ ଆସୁ-ଥାଆନ୍ତେ କି !

ତା'ପରେ ବାହାଘର ହେଲା—ମୁଁ ହୋମ କଲି । ତେବେ ବେଶି ନୁହେଁ ତାହାଙ୍କ ନା ବେଶି ଦିଅ ନ ଥିଲା—ତା'ପରେ ହାତଗଣ୍ଠି ପଡ଼ିଲା । ଗୋଟାଏ ଡାଳ ଉପରେ ମୋ ହାତ ଅଉ କନିଆ ହାତ ରଖି ଜଡ଼ାଏ ପଇତା ସୂତାରେ ଖୁବ୍ ଭିଡ଼ି ବାନ୍ଧି ଦେଲେ—ଏତେ କଷିକରି ବାନ୍ଧି ଦେଇଥାଆନ୍ତି ଯେ ବାଧୁଥାଏ—ତା'ପରେ ପୁରୋହିତ-ମାନେ ଅନେକ କଣ ଶ୍ଳୋକ ବୋଲୁଥାଆନ୍ତି । ମୁଁ ସେଗୁଡ଼ା ଯେତେ ବୁଝିବାକୁ ଚେଷ୍ଟାକରୁଥାଏ ବୁଝି ପାରୁ ନ ଥାଏ । ବାବୁପଦାର ଯେତେ ସାନ ପିଲାଙ୍କୁଅ ସମସ୍ତେ ବେଦୀ ପାଖରେ ବସି ଗୋଟାଏ ଚର୍ଚ୍ଚା ଚଳେଇଥାଆନ୍ତି । ମୋ କାନଟା ସେଇ ଅଡ଼କୁ ଲାଗି ଯାଉଥାଏ । ତାଙ୍କ ଭିତରେ କଥା ପଡ଼ୁଥାଏ, "ଏଇ ବର କଣ୍ଟ୍ରୋଲ-ଗେଟ୍ ଯାଇଥିଲେ, ତା ହେଲେ ସବୁ ଲୋକିଙ୍କଠୁ ଏଇ ବେଶି ବୁଦ୍ଧିଆ ପଡ଼ିଲେ ।" "ବିଶ୍ଵନାଥ-ଜଙ୍ଗଲ-ସମସ୍ୟା ସମାଧାନପାଇଁ ସେଟିଙ୍କୁ ଯାଇଥିଲେ ।" ଆଉ ଜଣେ କହିଲା, "ଭାଇ, ଇଏ ତ କ'ଣ ସକାଳେ ଗୋଟାଏ ବୋଙ୍ଗ ମୁଣ୍ଡେଇ ଅସୁଥିଲେ ମୁଁ ଦେଖିଛି ।" ମୁଁ ଯେମିତି ସେ ଲୋକ ନୁହଁ ସେମିତି ଅନ୍ୟ ରକମ ମୁହଁ କରି ଅନ୍ୟ ଅଡ଼େ ଲୁହିଁଲି—ସେ ପାଖରେ ମାଇପେ ଲୁଡ଼ା ହୋଇଥିଲେ ଅଉ ବହୁତ ଝିଅ ମଧ୍ୟ ।

ବାସ୍ତବିକ ବାବୁପଦାକୁ ଯାହା ହଲବଲ୍ କହନ୍ତି ସତକଥା—ମୁଁ ଭୋଟିକଅଡ଼େ ମୂର୍ଖ ହୋଇ ଅନେଇ ରହୁଥାଏ—ବିବାହ ତାର୍ଫ ସରିଲା । ତା'ପରେ କନିଅକୁ ମତେ ଗୋଟାଏ ଜାଗାରେ ବସେଇ କଉଡ଼ି ଖେଳେଇଲେ ମାନେ ଦଶ ପଚିଶ ନୁହେଁ । ସିଏ ହାତ ମୁଠାରେ ଲୁଚେଇବ ମୁଁ ଖୋଲିବି, ମୁଁ ଲୁଚେଇବି ସେ

ଖୋଲିବ—ଜନିଅର ଧ' ହାତରେ ଖୋଲିବାର ଅଧିକାର ଅଛି । ମୋତେ କିନ୍ତୁ ବାଁ ହାତର କାଣି ଅଙ୍ଗୁଠିରେ କେବଳ ଖୋଲିବାକୁ ପଡ଼ିବ—କେତେ ଅନ୍ୟାୟ ଦେଖୁଛନ୍ତି ତ ?—ମୁଁ ଫେଲ୍ ମାରିଲି । ତା'ପରେ ଚନ୍ଦା ଅଦାୟ କାମ ଆରମ୍ଭ ହେଲା—ସବୁ ସ୍ତ୍ରୀଲୋକଙ୍କଠୁଁ ମୁଁ ବହୁତଗୁଡ଼ାଏ ଟଙ୍କା ଅଦାୟ କଲି । ତା'ପରେ ଖିଅପିଅ ଆରମ୍ଭ ହେଲା । ଯେଉଁଠାକୁ ମୁଁ ଆଗ୍ରହରେ ଚାହିଁ ରହିଥିଲି । ବକ୍ତ୍ରେ ଭୋଜନ ପକାଇବା ପରେ ଟିକିଏ ପ୍ରାଣ ଆସିଲା—ତା'ପରେ ସେ ଦିନ ଆଉ କିଛି ହେଲାନି ।

ତେବେ ମୋର ଶଳାଶାଳୀ ଇତ୍ୟାଦିଙ୍କ ସାଙ୍ଗରେ ଚିହ୍ନା ପରିଚୟ ହେଲା, ସାଇପଡ଼ିଶା ଝିଅମାନଙ୍କ ସାଙ୍ଗରେ ବି । ମୁଁ ଯାହା ଦେଖିଲି ବାରିପଦାରେ ଲୋକମାନେ ପାନରେ ଚୂନ ଆଉ ଲଙ୍କାମରିଚ ଇତ୍ୟାଦି ଖାଆନ୍ତି । ଆମ ଆଡ଼େ ସେମିତି ଖାଆନ୍ତି ନି ବୋଲି ମୋର ଟିକିଏ ଅସୁବିଧା ହେଉଥିଲା ଅବଶ୍ୟ ତେବେ ଖାଇନେଲି । ସେଠି ଦେଖିଲି ଛୋଟ ଛୋଟ ଝିଅମାନେ ବି ସଂସ୍କୃତ ଜାଣିଚନ୍ତି—ମତେ ଜଣେ କହିଲା ହେପ୍ଣ ବପ୍ଣର ତୁପ୍ଣମପ୍ଣର ମୁପ୍ଣଣ୍ଡରେ ଖାପ୍ଣଲି ଗୋପ୍ଣବପ୍ଣର ଅପ୍ଣଛି ।" ମୁଁ କହିଲି, "ମୁଁ ସଂସ୍କୃତ ଜାଣେନି । ଭର୍ନାକୁଲର ଆଡ଼ିସନାଲ ନେଇଥିଲି"—ତାଙ୍କ ହସ ଦେଖିବେ କଣ ? ତାଙ୍କ ଭିତରେ ଏମିତି ସଂସ୍କୃତ ଚଳେଇଥାଆନ୍ତି, ମୁଁ ଜମା ବୁଝି-ପାରୁ ନ ଥାଏ । ମୋ ବିରୁଦ୍ଧରେ କିଛି କହୁଥିବେ ବୋଧହୁଏ । ସେଠି ମୋତେ ସବୁ ଗଇଁ ବୋଲି ଭାବୁଥିଲେ ମୋର ଶଳା ଶାଳୀ ଲେଖା ଯିଏ—ଭଣେଇର ସଂସ୍କୃତ ବୋଧହୁଏ ଗଇଁ ହୋଇଥିବ । ତା ପରଦିନ ଆମର ସବୁ ବିଦା ହୋଇ ଆସିବାର ହେଲା । ଶ୍ୱଶୁରଙ୍କର ଯାହା ଯାହା ଦେବାର ଥିଲା ସବୁ ଭାଗଜ ଦେଖି ମିଳେଇ

ନିଅଗଲା—ତା'ପରେ ଆମେ ସବୁ ଯାଇ ମଣ୍ଡପରେ ବସିଲୁ । ଜଣେ କିଏ କହିଲା, କନିଆ ତ ଆସିଲା ନି—କନିଆ ଆସିନି ଅଥଚ ତାହାର ମନେ ବି ନାହିଁ । ଆମେ ଯାଇ କହିଲୁ, କନିଆକୁ ପଠାନ୍ତୁ । ସେଇଠି କଜିଆ ଆରମ୍ଭ ହେଲା—ମାନେ ସାଧାରଣ ବାହାଘରରେ ଯାହା ହୋଇଥାଏ । ସେମାନେ କହିଲେ, ଆମେ ପଠେଇବୁ ନି । କାରଣ, କନିଆ ଦବା କଥା ଲିଷ୍ଟରେ ନଥିଲା —ବାସ୍ତବିକ ଆମେ ଦେଖିଲୁ ଟଙ୍କା ସୁନା ବାସନ ଟରଙ୍କ ଟେବୁଲ ସବୁ ଲେଖା ଅଛି କିନ୍ତୁ କନିଆ କଥା ଲେଖା ହେଇନି—ମୁଁ କହିଲି, ଲେଖା ନହେଲେ କଣ ହେଲା ମୁଁ ବାହା ହେଇଚି, ମୁଁ ମୋ ସ୍ତ୍ରୀକୁ ନେଇ ପାରିବି ନି ? ଅବଶ୍ୟ ସ୍ତ୍ରୀ କହିବାକୁ ଟିକିଏ ଅଡୁଆ ଲାଗୁଥାଏ । ତାଙ୍କ ପକ୍ଷ କହିଲେ, ଲାଜ ମାଡ଼ୁନି ସ୍ତ୍ରୀକୁ ନବା କଥା ଉଠଉଚ ? ପୋଷି ପାରିବ ତ ? ଝିଅ ଅରକ୍ଷଣୀ ଦୋଷ ଛଡ଼ାଇବାକୁ ଆମେ ବାହା ଦେଇଥିଲୁ, ତାର ଅର୍ଥ ନୁହେଁ ଯେ ଆମେ ଝିଅକୁ ତମ ସାଙ୍ଗରେ ପଠେଇବୁ । ମୁଁ କହିଲି, ମୁଁ ପୋଷି ନ ପାରିଲେ ଆମ ବାପା ଅଛନ୍ତି ପୋଷିବାକୁ । ଯା ବୋଲି ମୁଁ ମୋ ସ୍ତ୍ରୀକୁ ଛାଡ଼ିଦେଇ ଯାଇ ପାରିବି ନି—ମୁଁ ବାହାହେଲି ତେବେ କେଉଁଥିପାଇଁ ? ତା'ପରେ ଅନେକ ବାଦ ବିବାଦ ଚାଲିଲା —ମୋ ବାପା କହିଲେ ଏତେ କଜିଆ କାହିଁକି, ଝିଅ ତାଙ୍କ ପାଖରେ ଥାଉ, ଚାଲ ଆମେ ଯିବା । ମୁଁ କିନ୍ତୁ ଏକା ଜିଦ୍ କଲି—ସୁଇସାଇଡ୍ କରିବି ବୋଲି ଡରେଇବାରୁ ଦି' ପକ୍ଷଯାକ ରାଜି ହେଲେ—ମାନେ ଝିଅ ଆସିଲା ଆମ ସାଙ୍ଗରେ ।

ବାହା ହେଇକରି କନିଆକୁ ସାଙ୍ଗରେ ଆଣିବା ଏତେ ସହଜ କଥା ନୁହେଁ କାରଣ ଆପଣା ଘରକୁ ଫେରିବା ପର୍ଯ୍ୟନ୍ତ ଗଇଁଠାଳ ଧନ୍ଦାଙ୍କ ଦେହରେ ପଡ଼ିଥିବ, ସେଇଯୋଗୁ ଅଲଗା ଅଲଗା

ବସି ଯାଇ ପାରିବ ନି, ମାନେ—ଟ୍ରେନରେ ପାଇଖାନାକୁ ଯିବା ଏତେ ସୁବିଧାଜନକ ନୁହେଁ—ଯାହାହେଉ ଘରର ପହଞ୍ଚିଲୁ । ସେଠି ଭୋଜି ଫୋଜିରେ କେଇଟା ଦିନ ମଜାରେ କଟିଲା ସନ୍ଦର୍ଭ ଗୃହଳ-ଅଞ୍ଜୁଳା କଉଡ଼ି-ଖେଳା ପ୍ରଭୃତି ଦିନ ହେଉଥାଏ । ତାପରେ ହେଲା ମଧୁଶଯ୍ୟା—ସେ ରାତି କଥା ମୁଁ କେବେ ଭୁଲି ପାରିବି ନି କାରଣ ସେ ଦିନ ମୋ ସାଙ୍ଗମାନେ ଭାଙ୍ଗ ବାଟିଥିଲେ, ମୁଁ ଦି ତିନି ଗ୍ଲାସ ପିଇ ଦେଇଥିଲି । ରାତିରେ ଏତେ ବଢ଼ିଆ ନିଦ ହେଲା ଯେ ମୁଁ ମଧୁଶଯ୍ୟା କେମିତି ହେଲା ଜାଣି ପାରିଲି ନି—ଶୋଇ ପଡ଼ିଥିଲି । କିନ୍ତୁ ଯାହା ଦେଖୁଚି, ସେଇ ବୋଧହୁଏ ଗୋଟାଏ ରାତି ମୁଁ ଭଲ କରି ଶୋଇଚି ।

ତା ପରଠୁ ତ ରାତିରେ ମୋର ନିଦ ହଉନି—ତା' ଛଡ଼ା କାମ ବୋଲି କାମ ଏତେ କାମ । ସକାଳୁ ସଞ୍ଜଯାଏ ଲାଗିପଡ଼ି କାମ ଛୁଟୁନି, ମାନେ ଜଣକିଆ କଥା ତ ନହେଁ । ହଁ ଗୋଟାଏ କଥା ମନେପଡ଼ୁଚି, ମୋ ବାହାଘରବେଳେ ମୋ ଶାଳୀ ସ୍ମୃତି ମତେ ଗୋଟାଏ ମାନସାଙ୍କ ପଚାରିଥିଲା, "ଦେବ ବାବୁ, ଏକରେ ଏକ ମିଶିଲେ କେତେ କି ?" ସହଜ ପ୍ରଶ୍ନଟା ବୋଲି ମୁଁ କହିଦେଲି 'ଦୁଇ' । ସେ କହିଲା, "ଏଇଯିଣା ସିନା ଦୁଇ, ଆରବର୍ଷକୁ ଦେଖିବ ଏଇ ଦିନକୁ ତିନି ହୋଇଯିବ ।" ମୁଁ ସେତେବେଳେ ବୁଝି ନଥିଲି । ବର୍ତ୍ତମାନ ଦେଖୁଛି ଏକରେ ଏକ ମିଶିଲେ ଦୁଇ ନୁହେଁ—କି ତିନି ନୁହେଁ—ଚାରି ଏବଂ ଆଉ କେତେ ମାସରେ ପାଞ୍ଚ ହେବାର ସମ୍ଭାବନା ।

# ମଧୁଶଯ୍ୟା

( ସାବଜୀ ଲେଖୁଛି )

ବଉଳ:ଲୋ,

ଆଜି କେତେ ଆନନ୍ଦରେ ମୁଁ ତୋ ପାଖକୁ ଏଇ ଚିଠି ଲେଖିବସିଛି ତୁ ବୁଝି ପାରିବୁ ନା, ମୁଁ ବୁଝୁଛି । ବଉଳ ଲୋ, ଯାହା କହନ୍ତି ବାହା ନହେଲେ ଆଖି ଫିଟେ ନା ବୋଲି ସତକଥା ଏକା । ଅଚ୍ଛା କହିଲୁ ବଉଳ, ଗୋଟିଏ ଓଡ଼ ମୁଲା, ତାର ଅଧ ତୁଳା, ତାର ଅଧ ଧାନ ଅଉ ତାର ଅଧ ପାନ କହିଲେ ତୁ ଧଣ ବୁଝୁଚୁ ? କିଛି ବୁଝି ପାରୁ ନଥିବୁ—ନୁହେଁ ? ଅଚ୍ଛା କହିଲୁ ଦେଖି, ସୁପରଫସ୍‌ଫେଟ୍‌ କାହାକୁ କହନ୍ତି ? ଜୀବନରେ ଏତେ ଜାଣିବାର ଅଉ ଶିଖିବାର ଅଛି ତୁ କଳ୍ପନା କରି ପାରିବୁ ନା ବଉଳ । ମତେ ଲାଗୁଛି ସେମିତି ମୁଁ ଆଜି ଗୋଟାଏ ନୂଆ ଜୀବନ ପାଇଛି ।

କାଲିର ରାତି ଆମ ଦୁହିଁଙ୍କ ଜୀବନରେ ଗୋଟିଏ ଅଭୁଲା ରାତି—ପହିଲି ରାତି ଫୁଲଶଯ୍ୟା, ମଧୁଶଯ୍ୟା ! ମୋର ପତିଙ୍କ ସଙ୍ଗରେ ମୋର ଭେଟ ହୋଇଥିଲା କାଲି ନୂଆ କରି ଆଉ ପ୍ରଥମ କରି । ସତେତେ କହିଲ, ଯାହା କହନ୍ତି ପତି ପରମ ଗୁରୁ, ମୋର ସ୍ୱାମୀ ସେ'ଯୁ—ଠିକ୍ ଗୋଟିଏ ଗୁରୁଭଲିଅ । ଗଭର୍ଣ୍ଣମେଣ୍ଟ ଏଗ୍ରିକଲ୍‌ଚର ଫାରମରେ ଓଭରସିଅର ହେଲେ କଣ ହେଲା ତାଙ୍କର ଏତେ ଜ୍ଞାନ ! ଠିକ୍ ଯେମିତି ମାଷ୍ଟରଟିଏ ।

ରାତିରେ ତାଙ୍କ ଭାଉଜଙ୍କୋଉ ମତେ ନେଇ ଶୋଇବା ଘର ଭିତରକୁ ଠେଲି ଦେଇ କହିଲେ, "ହେ ବଟିଗୁ ବାବୁ ତମ ବାଗୁଅଣିକୁ ନିଅ ।" ଆଉ କବାଟଟା ଅଉଜେଇ ନେଲେ—ମତେ ଖୁବ୍ ଲାଜ ମାଡ଼ୁଥାଏ । ସିଏ ବସିଥାନ୍ତି ଖଟ ଉପରେ ହାତରେ ଫୁଲଟିଏ ଧରି ଠିକ୍ ଇତିହାସ ବହିର ଅକବର ଭଳିଆ । ଉଠି ଆସି କବାଟରେ ଖିଲି ଦେଇଦେଲେ ଆଉ ମତେ ନେଇ ଖଟ ଉପରେ ବସେଇଲେ । ଗୋଟା ସୁଦ୍ଧା ଥରୁ ଥାଆନ୍ତି ସିଏ । ସିଏ କାହିଁକି ଥରୁଥାନ୍ତି ବୋଲି ମୁଁ ପଚାରିଲି, "ତମ ଦେହ ଭଲ ଅଛି ତ ?" ସିଏ କେତେ କଷ୍ଟରେ କହିଲେ, "ହିଁ"; ତାପରେ ଛେପ ଢୋକି ଡରିଲା ଭଳିଆ କହିଲେ, "ଆଜି ଆମର ମଧୁଶଯ୍ୟା ନା ?" ମୁଁ ତ ଜାଣେ ମଧୁଶଯ୍ୟା ବୋଲି ଅଉ ସେ ବି ତ ଜାଣନ୍ତି, କାହିଁକି ପଚାରିଲେ କେଜାଣି, ମୁଁ ସେମିତି ଚୁପ ରହିଲି । ସିଏ ପୁଣି କେତେବେଳ ଯାଏ ଚୁପ ହୋଇ ରହିଲେ, ତା'ପରେ ହଠାତ୍ ମତେ ପଚାରିଲେ, "ତାସ ଖେଳିବା ?" ତାଙ୍କର କେତେ ବୁଦ୍ଧି, ତାସ ଖେଳିଲେ ସମୟ କଟିଯିବ ବୋଲି ବୋଧହୁଏ ସେମିତି ପଚାରିଲେ କିନ୍ତୁ ମତେ ତ ତାସ ଖେଳି ଆସେ ନା, ମୁଁ ସେଇଯୋଗୁ କହିଲି, "ମୁଁ ଜାଣେ ନା ତାସ ଖେଳ,

ଖାଲି ଦଶ ପଚିଶ ଅଉ ବାଘ ବଜାର ଖେଳ ଜାଣେ ।" ପୁଣି କେତେବେଳେ ସିଏ ପଚାରିଲେ, "ଅଜି ଅମର ମଧୁଶଯ୍ୟା ନା ?" ମୁଁ ଏଥର ମୁଣ୍ଡ ଟୁଙ୍ଗାରି ଦେଲି । ସିଏ ଟିକ୍ ସାହସ କରି ପଚାରିଲେ, "ମଧୁ କହିଲେ କଣ ବୁଝୁଚ ?" ମୁଁ କହିଲି 'ମହୁ' । ସିଏ କହିଲେ, "ମହୁ ଖୁବ୍ ମିଠା ନା ?" ମୁଁ 'ହୁଁ' ମାରିଲି । ସେଥିରୁ ସିଏ କହିଲେ, "ଆଉ କଣ ମିଠା ଲାଗେ କହିଲ ଦେଖି ?" ମୁଁ କଣ ଜାଣିନି ନା, ମୁଁ କହିଦେଲି "ଚିନି, ଗୁଡ଼, ଆମ୍ବ ।" ସିଏ ଖୁବ୍ ଖୁସିହେଲେ—ତାଙ୍କର ଭୟ ଆସ୍ତେ ଆସ୍ତେ ଛାଡ଼ି ଯାଉଥାଏ ଜଣାପଡୁଥାଏ । ସିଏ କହିଲେ "ଆମ୍ବ କେମିତି ଗୁପ ହୁଏ ଜାଣିଚ ?" ମୁଁ ଆମ୍ବ ଗୁପ କଥା କଣ ଜାଣିଚି ଯେ କହିବି ? ମୁଁ କହିଲି, "ନାଁ ଘରେ ତ ପାଠ ପଢ଼ା, ରନ୍ଧାବଢ଼ା ଆଉ ସିଲେଇ ଶିଖିବାରେ କଟିଲା, ଅମ୍ବଗୁପ କଥା ମୁଁ ଜମାରୁ ଶିଖିନି ।" ତୁ ଆଶ୍ଚର୍ଯ୍ୟ ହବୁ ବଜଲ, ମୁଁ ଶିଖିନି ବୋଲି ସିଏ ଜମାରୁ ଦୁଃଖ କଲେ ନି । ମତେ କହିଲେ "ଶୁଣିବ ?" ମୁଁ କହିଲି, "ଆଚ୍ଛା କୁହ ।" ସିଏ ମୋର ମଥାଟି ନେଇ ତାଙ୍କ କୋଳରେ ରଖିଲେ—ମୋର ସାରା ଦେହରେ ବିଜୁଳି ଖେଳିଗଲା ପରି ଲାଗୁଥାଏ—ମୁଁ ଏଇ ମୁହୂର୍ତ୍ତଟିର କେତେ କଳ୍ପନା କରିଥିଲି, ସ୍ୱାମୀଙ୍କ କୋଳରେ ମଥା ରଖି ଶୋଇଥିବି, ସିଏ ମତେ ଆଦର କରୁଥିବେ, ଆଉ କଥା ଶୁଣାଉଥିବେ, ମୁଁ ଶୁଣୁଥିବି । ସିଏ କହିଲେ, "ଏଗ୍ରିକଲ୍‌ଚର୍ ବା କୃଷିବିଦ୍ୟା ଶିଖିବାକୁ ହେଲେ ପ୍ରଥମେ ତିନୋଟି କଥା ଉପରେ ଦୃଷ୍ଟି ଦେବାକୁ ହୁଏ ।" "କଣ କଣ ?" ମୁଁ ପଚାରିଲି ଆଗ୍ରହରେ । ସିଏ କହିଲେ, "ପ୍ରଥମ ହେଉଚି ଇମ୍ପ୍ଲିମେଣ୍ଟସ୍, କୋଡ଼, କାଙ୍କ, ଲଙ୍ଗଳ, ମଇ, କୋଦା ପ୍ରଭୃତି ତାର ବ୍ୟବହାର କଣ ଜାଣିବା ଦରକାର ତାପରେ ଦ୍ୱିତୀୟରେ କଳଦ—"

"ବଳଦ ? ବଳଦଙ୍କ ବିଷୟରେ କଣ ଜାଣିବାକୁ ହୁଏ ?" ମୁଁ ପଗ୍ଭରିଲି । ବଳଦ କିପରି ହୃଷ୍ଟପୁଷ୍ଟ ହେବ, ତାଙ୍କର କିପରି ଯତ୍ନ ନବାକୁ ହବ, ତାଙ୍କୁ କୁଣ୍ଡା, ତୋରାଣି, ବିରି, କୋଳଥ ପ୍ରଭୃତି କିପରି ଖାଇବାକୁ ଦବାକୁ ହେବ ଇତ୍ୟାଦି କେତେ କଥା ବୁଝେଇ ଦେଲେ ସିଏ । ତା' ପରେ ସିଏ କହିଲେ ଦ୍ବିତୀୟ ହଉଚି ଜମି—ମାଟି କେମିତିଆ, ବାଲି ମାଟି ନା ପଙ୍କ ମାଟି । ପଙ୍କୁଆ ମାଟିରେ ପଙ୍କ ଶୁଖିଯାଇ କିପରି ଗଛ ମରିଯାଇ ପାରେ ଆଉ ବାଲି ମାଟିରେ ମାଟି ମିଶାଇ କେମିତି ଉର୍ବର କରିବାକୁ ହୁଏ ଘଣ୍ଟାଏ କାଳ ବୁଝେଇ କହୁଥାଆନ୍ତି—ମୁଁ ତନ୍ମୟ ହୋଇ ଶୁଣୁଥାଏ ।

ତାପରେ ସେ ତାଙ୍କର ମୁହଁ ମୋ ମୁହଁର ଖୁବ୍ ପାଖକୁ ନେଇ ଆସି କହିଲେ ଏଇ ତିନିଟା ବିଷୟ ଜାଣିବା ପରେ ଚାଷ କଥା ଶିଖିବ । ମାଟି କେମିତି ଗୁଣ୍ଡା କରିବ ? ତାଙ୍କର ତାତଲା ନିଶ୍ୱାସ ମୁଁ ଅନୁଭବ କରି ପାରୁଥାଏ । ବଲଲ ଲେ, ତୁ ଶୁଣିଲେ ଆଶ୍ଚର୍ଯ୍ୟ ହବୁ ମାଟିଗୁଣ୍ଡା କରିବା ଏତେ ସହଜ କଥା ନୁହେଁ ଯେ । କୋଉ ଫସଲ ପାଇଁ ମାଟି କେତେ ଗୁଣ୍ଡା ହବ ତାର ନିୟମ ଅଛି । ଧାନ ପାଇଁ ଯେତେହବ, ଅଖୁ ପାଇଁ ତାଠୁ ବେଶି, ମୁଳା ପାଇଁ ତ ମାଟି ପାଉଡର ଭଳିଆ ହବା ଦରକାର । ସିଏ କହିଲେ, "ଷୋଳ ଏ ଓଡ଼ ମୂଳା, ତାର ଅଧ ତୁଳା, ତାର ଅଧ ଧାନ ଅଉ ତାର ଅଧ ପାନ ।" କେଡ଼େ ସୁନ୍ଦର ଗୀତଟିଏ ମୁଁ ତ ଆଗରୁ କେବେ ଶୁଣି ନ ଥିଲି । ମୁଁ ତାଙ୍କର ଉପରେ ଟିକିଏ ହାତମାରି ଦେଇ କହିଲି "ଅଚ୍ଛା, ତା'ପରେ ?"

ସିଏ କହିଲେ—"ଚାଷ ପରେ ଜମିକୁ ଉର୍ବର କରିବାପାଇଁ ସାର ଦବାକୁ ହୁଏ । ଖତ, ପିଡ଼ିଆ, ହାଡ଼ଗୁଣ୍ଡି, ଏମୋନିୟମ୍-

ସଲଫେଟ୍, ସୁପରଫସଫେଟ୍ ପ୍ରଭୃତି ବିଦେଶୀ ସାର ଏବଂ କମ୍‌ପୋଷ୍ଟ୍ ।"

"କମପୋଷ୍ଟ କଣ ?" ମୁଁ ତାଙ୍କ ମୁହଁକୁ ଅନେଇ ପଚାରିଲି । ବଇଲ, ତୁ କହୁଲୁ ଭଲ କମପୋଷ୍ଟ କଣ ? ତୁ ଜାଣି ନଥିବୁ—କମପୋଷ୍ଟ ହେଉଛି ଗୁଅ । ହଁ ସତେଟଲେ ବଇଲ, ତୁ ଶୁଣିଲେ ବିଶ୍ୱାସ କରିବୁ ନି—କାଲି ସିଏ କେତେ ସୁନ୍ଦର ବୁଟେଇ ଦଉଥିଲେ ଏଇ ସହର ଗୁଅ ଯାହାକୁ ଅମେ ଘୃଣା କରୁଛୁ ତାକୁ କେମିତି ମ୍ୟୁନିସିପାଲିଟି ମଇଳା ଗାଡ଼ିରେ ନେଇ ଗୋଟାଏ ଗାତରେ ପୋତନ୍ତି । ଆଉ ଦୁଇ ତିନି ମାସ ପରେ ସେଗୁଡ଼ା କେମିତି କମ୍‌ପୋଷ୍ଟ ହୋଇ ସବୁଠୁ ଭଲ ସାର ହେଉଛି ଆଉ ଆମର ଏତେ ଉପକାରରେ ଆସୁଛି—ସେଇକଥା—ଖୁବ ଇଣ୍ଟରେଷ୍ଟିଂ, ନୁହେଁ ?

"କାଇଁ ଅଙ୍ଗୁରଚାଷ କଥା ତ କିଛି କହିଲ ନି ?" ମୁଁ ତାଙ୍କର ପାପୁଲିଟା ଚିପି ଦେଇ ପଚାରିଲି । ସିଏ ଅଙ୍ଗୁର ଭଳିଆ ମିଠା ସ୍ୱରରେ କହିଲେ—"ଅଙ୍ଗୁର ମଞ୍ଜି ସଂଗ୍ରହ କରିବାଟା ହେଉଛି ବଡ଼ କଥା । ପାଚିଲେ ଅଙ୍ଗୁରଗଛ କାଟି ତିନି ତିନି ପବ ରଖି ଟୁକୁରା ଟୁକୁରା କରି କାଟିଦବ, ଅଗ କେଣ୍ଡା ନାହିଁ, ତା ପରେ ତାକୁ ଆଣି ଅନ୍ଧାର ଜାଗାରେ ରଖିବ ।"

"ଅନ୍ଧାରେ କାହିଁକି ରଖିବ ?" ମୁଁ ପ୍ରଶ୍ନକଲି । ସିଏ କହିଲେ, "ଅନ୍ଧାରେ ନ ରଖିଲେ ତାର ଆଖିଗୁଡ଼ା ମରିଯିବ । ସେଇଯୋଗୁଁ ଗୋଟାଏ ଅନ୍ଧାର ଜାଗାରେ ଗାତ କରି ମଞ୍ଜିସବୁ ରଖି ତା ଉପରେ ଲୁଠା ଦେଇଦେବ ଆଉ ପାଣି ଦେବ । ଜମିରେ ସେ ମାଟି ଗୁଣ୍ଡା କରି ଲାଇନ ଲାଇନରେ ଗୋଡ଼ି କରି ଦୁଇ ଦୁଇ ଫୁଟ ଛାଡ଼ି ମଞ୍ଜି ପୋତିଦବ—ଆଉ ପାଣିଦେଲେ ପୁଣି ତିନିଦିନ ପରେ ପାଣି ଦବ । ଏତୋଇଶ ଦିନରେ ଗଛ ହେବ—ଛମାସ ଭିତରେ

ଅଖୁ ହେଇଯିବ ।" ସେ ଏତେ ସୁନ୍ଦର ବୁଝଉଥାଆନ୍ତି, ଜାଣିଚୁ ବଉଳ ! ଏବର୍ଷ ଅଖୁ ହେଇଗଲା ତାକୁ କାଟି ଦେଲ, ଶୁଖିଲା ପତ୍ରରେ ନିଆଁ ଲଗେଇ ଦେଲ, ଆରବର୍ଷ ଜାଣିଁକି ମାର୍ଚ୍ଚଶିର ବେଳକୁ ପୁଣି ସେଇ ଚେରରୁ ଗଜାହେବ ଆଉ ଦ୍ୱିତୀୟ ବର୍ଷର ଅଖୁ ପ୍ରଥମ ବର୍ଷଠଉଁ ଅଧିକ ମିଠା ହବ—ପୋଡିଲା କୁଆଡ଼େ ବା ଏମିତି ହୁଏ ।

ସିଏ କେତେ ଉତ୍ସାହିତ ହେଇ କହି ଚାଲିଥାଆନ୍ତି ତୁ ଦେଖିଥିଲେ ଆଶ୍ଚର୍ଯ୍ୟ ହେଇଥାଆନ୍ତୁ । କିନ୍ତୁ ସେସବୁ ଜୀବନ-ସ୍ପନ୍ଦନ ତୁଳନାରେ ସ୍ୱତ୍ତ୍ୱଟା କେତେ ଛୋଟ ! ହଠାତ୍ ସକାଳ ହେଇଗଲା – କାଉ କା କା ଡାକିଲା, ମୁଁ ଉଠିଲି ଯିବାକୁ । ସିଏ କହିଲେ ଅନ୍ୟବି କେତେ କଥା ବାକି ରହିଗଲା—ମୁଁ ବୁକୁରେ କେତେ ଆଶା ନେଇ ତାଙ୍କ ଦେହରେ ଘଷିହେଇ ଠିଆ ହେଇ ପଚାରିଲି, "କି କଥା ?"

ସେ ଆଦରରେ ନରମ ଗଳାରେ କହିଲେ, 'ଗ୍ରାଫ୍ଟିଂ ବା କଲମ କିପରି କରାଯାଏ ସେ ବିଷୟରେ ଅନେକ କଥା ଜାଣିବାର ଅଛି ।''

ବଉଳରେ, 'ପତି ପରମ ଗୁରୁ' ବୋଲି ମୁଁ ଜାଣିଛି କିନ୍ତୁ ପତ୍ନୀର ଧୈର୍ଯ୍ୟର ତ ଗୋଟାଏ ସୀମା ଅଛି । ମୁଁ ଆଉ ନିଜକୁ ଚୁପି ରଖି ପାରିଲି ନି । ସ୍ପଷ୍ଟ ପଚାରିଲି ''ପ୍ରେମ କଣ ଜାଣିଚ ?"

ସେ କହିଲେ—''ହଁ ଜାଣେ ସ୍ତ୍ରୀର ଯତ୍ନ ନେବା ହେଉଚି ପ୍ରେମ । ସ୍ତ୍ରୀମାନଙ୍କୁ ଲମ୍ବୁ ସବୁଜ ଲତା କୁହାଯାଏ—ବୃକ୍ଷ ଲତାର ହେପାଜତ ଆମଠୁ ବେଶି କିଏ ଜାଣେ ? ଗଛଟିଏ ଗଜା ହେଲା, ତାକୁ ସେଉଚ କେମିତି, ଘାସ ବାଛ, ମାଟି ଚଷି କମାଣ କରିବ କେମିତି, ସାର ଦବ କେମିତି ? ମନେକର ଆଉ

ସେଥିରେ ପୋକ ହେଲ, ତାକୁ ଦେଖିବ କେମିତି ଇତ୍ୟାଦି କଥା ଆମଠୁ ବେଶି କିଏ ଜାଣେ ? ତମେ ଦେଖିବ ମୁଁ ସେମିତି ତମର ଯତ୍ନ ନେବି । ହଁ ଭଲମ କରିବା କଥା କହୁଥିଲଟି, ଅବିକା ତ ସକାଳ ହେଲଣି ପୁଣି ଆଜି ରାତିରେ କହିବି ।"

ବଉଳଲେ, ସେ ଆଜି ରାତିରେ କହିବେ କେମିତି ଗ୍ରାଫ୍ଟିଂ କରାଯାଏ । ସ୍ଲିଟି କଲମି, ଯୋଡ଼ି କଲମି ଜଣି ସବୁ କଥା ସିଏ ଆଜି ବୁଝେଇ ଦେବେ ରାତିରେ—ତାଙ୍କୁ ପାଇ ମୁଁ ଧନ୍ୟ ହୋଇଛି, ସ୍ତ୍ରୀ ଜୀବନ ମୋହର ସାର୍ଥକ ହୋଇଛି । ମତେ ଏତେ ଆନନ୍ଦ ଲାଗୁଛି ବଉଳ, ଇଚ୍ଛା ହଉଛି ହାତରେ କାଚ ଆଉ ମୁଣ୍ଡରେ ସିନ୍ଦୂର ନେଇ ଆଜି ତେଉଁ ଯଜ୍ଞନ୍ତୁକ କୁଅରେ ସତି ହବା ଆଗରୁ !

। ଇତି ।

ତୋର ସାବିତ୍ରୀ

# ତମରିପାଇଁ ଗୋ ପ୍ରିୟେ

ପ୍ରିୟେ—

କେଉଁଠି ଅଛ ତୁମେ ? ହାଣ୍ଡିଶାଳରେ କଣ କରୁଛ ? ରନ୍ଧାବଢ଼ା ପରେ କରିବ, ଆସ, ଆସ, ଦେଖ ତୁମପାଇଁ କଣ ଆଣିଛି ! ଆସମ ଟିକିଏ, ଦେଖମ ଟିକିଏ ! ମୋ ହାତ ଆଡ଼େ ଟିକିଏ ଅନେଇଲ !!

ହଁ ତୁମରି ପାଇଁ ଆଣିଛି—ପାଞ୍ଜି—ନୂତନ ପଞ୍ଜିକା—ତୁମର ଜନ୍ମଦିନର ଉପହାର । ମୋର ଅନ୍ତରର ସମସ୍ତ ଶୁଭେଚ୍ଛା ସହିତ ଦେବି ତୁମକୁ ଏଇ ପାଞ୍ଜି । ତୁମର ହୃଦୟ ଆନନ୍ଦରେ ନାଚି ଉଠୁନି କି ?

ଓଃ କଣ କରୁଛ ! ନା, ନା, ତା କରନା, ମୋ ହାତରୁ ଏମିତି ଟାଣି ନିଅନା, ଚିରିଯିବ ଯେ ! ସୁନାଟା ପରା, ରାଣୀଟା ପରା,

ଏମିତି ଅମାନିଆ ହୁଅନ୍ତ ? ତୁମର ପାଇଁ ଅକ୍ଷତ, ତୁମକୁ ନିବେଷ୍ଟ ଦେବ, ତମେ ବୁକୁରେ ଜଡ଼ାଇ ଧରବ ।

ମୁଁ ଘରେ ନ ଥିଲେ ତମର ସମୟ କଟେନି ବୋଲି କହୁଥିଲ ନା ତମେ ? ଏଣିକ ! ଏଣିକି ଯେ ତୁମର ସାଥି ହେବ ଏଇ ପାଞ୍ଜି, ତମେ ପଢ଼ିବ । ସକାଳେ ପଢ଼ିବ, ସଞ୍ଜରେ ପଢ଼ିବ, ରାତି ଉଜାଗର ହୋଇ ପଢ଼ିବ । ପ୍ରତି ପୃଷ୍ଠା, ପ୍ରତି ଧାଡ଼ି, ପ୍ରତି ଅକ୍ଷର ପଢ଼ୁ ପଢ଼ୁ ତମର ମୁହଁରେ ଫୁଟି ଉଠିବ ଅସୀମ ତୃପ୍ତି । ତମେ ଅନନ୍ଦାତିଶଯ୍ୟରେ ବିଭୋର ହୋଇ ଉଠିବ ।

ପଢ଼ୁ ପଢ଼ୁ ତମର ଆଖି ଆଗରେ ଭାସି ଆସିବ ଶତ ଶତ ରୋଗର ଛବି । ଜ୍ୱର, ସନ୍ନିପାତ, ବହୁମୂତ୍ର, ବାତ, ଶୋଥ, କୃମି, ଉପଦଂଶ, ଅପସ୍ମାର, କର୍ଣ୍ଣକଣ୍ଡୁ, ଦନ୍ତଶୂଳ, ପ୍ରଦର, ସ୍ୱପ୍ନଦୋଷ, ପ୍ଲୀହାବୃଦ୍ଧି, ବାନ୍ତି, ଅଗ୍ନିମାନ୍ଦ୍ୟ, ବସନ୍ତିକା, ରକ୍ତ ଝାଡ଼ା, ମୂତ୍ରକୃଚ୍ଛ୍ର, ଶ୍ୱେତ କୁଷ୍ଠ ପ୍ରଭୃତି ଜଣା ଅଜଣା କେତେ ରୋଗ ତମର ମାନସପଟରେ ପ୍ରତିବିମ୍ବିତ ହେବେ ଠିକ୍ ରୁପେଲି ପର୍ଦ୍ଦାରେ ଚଳଚିତ୍ର ଫୁଟି ଉଠିଲା ପରି । ତମେ ହୁଏତ ଗୋଟାଏ ଅଜଣା ଅଶଙ୍କାରେ ଶିହରି ଉଠିବ କିନ୍ତୁ ଜାଣିରଖ ମୋ ରାଣି, ତମ ମନରେ ଏଇ ଭୟଟା ହବ ବୁଦ୍‌ବୁଦ୍ ପରି କ୍ଷଣସ୍ଥାୟୀ । ମାତ୍ର କେଇଟି ସେକେଣ୍ଡ ପରେ ସବୁରୋଗହାରୀ ଗୋଟିଏ ଗୋଟିଏ ଅବ୍ୟର୍ଥ, ଅମୋଘ, ଆଶୁଫଳପ୍ରଦ ଔଷଧ ଯେତେବେଳେ ରୂପାୟିତ ହୋଇ ତୈଳ, ବଟିକା, ଭସ୍ମ, ଘୃତ ବା ସାଲସା ଆକାରରେ ଦେଖା ଦେବେ, ସେତେବେଳେ ଜାଣିନେବ ତମର ଆଶଙ୍କାରେ କିଛି ମାନେ ହୁଏନା ।

ସବ୍‌ଜଜ୍, ମୁନସଫ୍ ପ୍ରଭୃତି ପାଞ୍ଚସହସ୍ର ବ୍ୟକ୍ତିଙ୍କ ଦ୍ୱାରା ପରୀକ୍ଷିତ ଓ ପ୍ରଶଂସିତ ହୃଦପ୍ରକାଶ କଥା ପଢ଼ୁ ପଢ଼ୁ ତୁମର ମୁଖ-

ମଣ୍ଡଳ କମନୀୟ ଓ କାନ୍ତିଯୁକ୍ତ ହୋଇ ଉଠିବ । ମହାଦେବ ଲିଙ୍ଗେଶ୍ୱରଙ୍କୁ ବହୁ ପ୍ରମଦା ପ୍ରସଙ୍ଗରେ ଯେଉଁ ଶ୍ରୀ ମଦନାନନ୍ଦ ମୋଦକ ଦେଇଥିଲେ ତାର ଅଦ୍ଭୁତ କ୍ଷମତା କଥା ପଢ଼ୁ ପଢ଼ୁ ତମେ ଉତ୍ତେଜିତ ହୋଇ ଉଠିବ । କିନ୍ତୁ ଯେତେବେଳେ କେତକୀ କୁସୁମ କଥା ପଢ଼ିବ, ତମର ମସ୍ତିଷ୍କ ଶୀତଳ ହୋଇଯିବ ଆଉ ତମର ଇଚ୍ଛା ହବ ପଢ଼ିବାକୁ ଲୋମନାଶକ ଚୂର୍ଣ୍ଣ କଥା । ଏକ ଶିଶିର ମୂଲ୍ୟ ଟ୦୫, ମାସୁଲ ଟ୦୩ ସ୍ୱତନ୍ତ୍ର ।

ତମକୁ ସ୍ୱପ୍ନମୟୀ କରଦେବ ଏଇ ପାଞ୍ଜି । ବିଦେଶରୁ ଅମଦାନୀ ସବଜିମଞ୍ଜି କଥା ପଢ଼ୁ ପଢ଼ୁ ତମକୁ ଲାଗିବ ଯେମିତି ସତେ ଅମ ବାଡ଼ିରେ ବନ୍ଧାକୋବି, ଫୁଲକୋବି, ସାଲଗମ, ବିଟ୍, ଗାଜର କେତେ କାତର ପନିପରିବା ଗଜେଇ ଉଠିଛି । ନାନାବିଧ ଦେଶୀ ବିଦେଶୀ ଫଳଫୁଲର ଚାଷ ଅମ ବଗିଚାକୁ ସୁଶ୍ୟାମଳା କରି ଦେଇଚି ।

ଅଭାବ ଅନାଟନ ଭୁଲିଯିବ ତୁମେ ପ୍ରିୟେ । ତୁମ ପାଇଁ ଗୋଟାଏ ହାରମୋନିୟମ, ଗୋଟାଏ ଉଅଚ, ଗୋଟାଏ ଅରସି ଅଉ ହୁନା, ଗୋଲପ, ମୋତିଅ ଅଦ ଅତର କିଣିବାକୁ ତମର ଇଚ୍ଛା ହବ । ମୋ ପାଇଁ ଗୋଟାଏ କଲଗୁର, ଗୋଟାଏ ଟର୍ଚ୍ଚଲଇଟ୍, ଏକଫଳା ଗ୍ଲୁ, ବନସି କଣ୍ଟା ଅଉ ବେହେଲ କିଣିବାକୁ ବି ତମର ଇଚ୍ଛା ହବ । ଅଉ ତମର ବି ଇଚ୍ଛା ହେବ କିଣିବାକୁ ଅମ ଘରପାଇଁ ଗୋଟାଏ ହୋମିଓପାଥି ବାକ୍ସ ଅଉ ଗୋଟାଏ ଥର୍ମାମିଟର । ଅଉ ଅମର ଯଦି ଟୋକିଏ ପୁଅ ହୁଏ ତା ପାଇଁ ଗୋଟାଏ ପୁଟବଲ, ଅଉ ଟୋକିଏ ପିତଳ ବଂଶୀ—ଏ, ମୁଁ କଣ ଏମିତି କହୁଲି ଯେ ତମେ ଏତେ ଲାଜରେ ପଡ଼ଗଲ ? ଅମର ଅଉ କଣ ପୁଅ ହବନି ? ସବୁଦିନେ ଏମିତି ଏକା ଏକା ଥିବା ?

ହସିବ ପରେ, ଆସ ଛବି ଦେଖିବା; ମୋ ପାଖକୁ ଲାଗିହୋଇ ବସ । ହେଇ ଦେଖ, ସାରିବାଦ୍ୟ ସାଲସା ଖାଇ ଗୋଟାଏ ଲୋକ କେମିତି ଗଛଟାକୁ ଢ଼'ଫାଳ କରି ଚିରି ଦେଉଛି, ଆଉ ହେଇ ଦେଖ, ଜଣେ କେମିତି ଏକା ଏକା ହାତୀ ଆଉ ସିଂହ ସାଙ୍ଗରେ ଲଢ଼େଇ କରି ପରାସ୍ତ କରି ଦେଉଛି । ଏଇଟି ଏଡ଼ାଠି କେତେ ଛବି ଦେଖମ, ସ୍ନାନଯାତ୍ରା, ଗୁଣ୍ଡିଚାଯାତ୍ରା, ଦୋଳଯାତ୍ରା, ଠାକୁରେ ଫଗୁ ଖେଳୁଚନ୍ତି । କେତେ ଛବିରେ ଭରା ଏଇ ପାଞ୍ଜି ଆଉପୁଣି କେତେ ଗୀତ ଦେଖିଲଣି ନା !! ବାଃ, ବାଃ ମାତୃରକ୍ଷା, ବିଦ୍ୟାରମ୍ଭ, ନୌକାଯାତ୍ରା, ନବାନ୍ନ, ଚୂଡ଼ାକର୍ମ, ମଙ୍ଗଳପାଗ, ଯାତ୍ରା ନିଷିଦ୍ଧ ସବୁରିପାଇଁ ଗୋଟିଏ ଗୋଟିଏ ଗୀତ, କି ସୁନ୍ଦର ! ତମେ ଗୀତ ଗାଇବାକୁ ଭଲ ପାଅ ପରା ରାଣୀ ମୋର । ତମେ ଗାଇବ ଆଉ ତାଳେ ତାଳେ ଫୁଟି ଉଠିବ ଅପୂର୍ବ ଝଙ୍କାର—ମୁଁ ମୁଗ୍ଧ ହୋଇ ଶୁଣିବି—

"ବୁଧ ଗୁରୁ ଶୁକ୍ର ସୋମବାରରେ
ନନ୍ଦାରିକ୍ତା ଭିନ୍ନ ତଥି ମଧ୍ୟରେ
ଶତଭିଷା ମୂଳା ତିନି ଉତ୍ତର
ବିଶାଖା ମୃଗ ରୋହିଣୀ ଅବର
ଅନୁରାଧା ପୁଷ୍ୟା,
ହସ୍ତାଦି ବୃକ୍ଷାରୋପଣେ ପ୍ରଶଂସା ।"

ଆହା ! କି ମଧୁର ! ହେଇ ଦେଖ ପ୍ରିୟେ, ସ୍ଥାନବିଶେଷେ ପଲ୍ଲୀପତନ ଫଳ—'ମସ୍ତକେ ପଡ଼ିଲେ ରାଜ୍ୟଲାଭ, ହସ୍ତରେ ଐଶ୍ୱର୍ଯ୍ୟ, କର୍ଣ୍ଣରେ ଭୂଷଣ ଲାଭ, ଚକ୍ଷୁରେ ଦର୍ଶନ, ନାସାରେ ସୁଗନ୍ଧପ୍ରାପ୍ତି, ମୁଖରେ ମିଷ୍ଟାନ୍ନ, କଣ୍ଠଦେଶେ ବସ୍ତ୍ର, ସ୍ତନରେ ସୌଭାଗ୍ୟ, ବକ୍ଷ-ସ୍ଥଳେ ସୁଖ—'

ପଢ଼ୁ ପଢ଼ୁ ତମର ଇଚ୍ଛା ହବ ପଞ୍ଜୀଟିଏ ଥରେ ତୁମର ହାତର ଥାନ ଅଥାନରେ ପଡ଼ି ଯାଉନ୍ତା କି । ମୁଁ କେତେ ଆଦରରେ କେତେ ଶ୍ରଦ୍ଧାରେ ତମକୁ ଏଇ ପାଞ୍ଜି ଉପହାର ଦେଉଚି ତୁମେ ବୁଝି ପାରୁଚ କି ପ୍ରିୟେ ? ମନ ମୋର ଆଜି କବିତାମୟ ହୋଇ ଉଠିଚି—କବିତା ଲେଖନ୍ତି କିନ୍ତୁ ଭାଷା ପାଉନି । ଭାଞ୍ଜି ବୋଲି ଗୋଟିଏ ଶବ୍ଦରେ ଛନ୍ଦ ମିଳାଇ କେତେ ଧାଡ଼ି ଲେଖିବି ସେ !!

ଆଜି ତମର ଜନ୍ମଦିନ । ତମ ପାଇଁ, ମୋ ପାଇଁ, ଆମ ଦି'ଜଣଙ୍କ ପାଇଁ କେଡ଼େ ଆନନ୍ଦର ଦିନ—'ଆଜି ଅମାବାସ୍ୟା ଦ୩୨।୦, ଅଶ୍ୱିନ ନକ୍ଷତ୍ର ଦ୫୨।୩୯ ମେଷଚନ୍ଦ୍ର ଦ୬୦ ଯୋଗିନୀ ଈଶାନେ ପୂର୍ବେ ଯାତ୍ରାଦି ଶୁଭକର୍ମ ନାସ୍ତି । ପଶ୍ଚାତ୍ ଓ ପାପଚନ୍ଦ୍ର, ଦୋଷ ଗତ ଦିବସ ରାଶିମାନଙ୍କର ଚନ୍ଦ୍ର ଶୁଦ୍ଧି । ଦ୫୨।୩୯ ଗତେ ନରଗଣ ବିଂଶୋତ୍ତରୀ ଓ ଅଷ୍ଟୋତ୍ତରୀ ଶୁକ୍ରଦଶା ଗତେ ପାଦାଦୋଷ ଫଳ କୃଷିହାନି । ଗଣ୍ଡଦୋଷ ଫଳଂ ସ୍ତ୍ରୀ କୁଟିଳା ଗୋ କାଞ୍ଚନ ଦାନ ।'

କି ସୁନ୍ଦର । ତମେ ପଢ଼ିବ, ପ୍ରତିଦିନ, ପ୍ରତିମିନିଟ, ପ୍ରତି ସେକେଣ୍ଡର ଫଳାଫଳ ଜାଣି ପାରିବ ତମେ—ଗତ, ବର୍ତ୍ତମାନ, ଭବିଷ୍ୟତ ସବୁକଥା ଜାଣି ପାରିବ ତମେ ସର୍ବଜ୍ଞ ହବ । ଆମର ପ୍ରତି କାର୍ଯ୍ୟ କଳାପର ଶୁଭାଶୁଭ ବିଚାର କରି ତମେ ତମର, ମୋର ଆଉ ଆମର ଭାବି ପିଲାପିଲିଙ୍କର ଜୀବନର ଗତି ନିୟନ୍ତ୍ରଣ କରିବ ।

ସାହିତ୍ୟ, ସଙ୍ଗୀତ, କଳା, ଦର୍ଶନ, ଜ୍ୟୋତିଷ, ବିଜ୍ଞାନ ସବୁ ଶାସ୍ତ୍ରରେ ଭରା ଏଇ ପାଞ୍ଜି— ଯା'ଠାରୁ ବଡ଼ ଉପହାର କିଛି ହୋଇ ପାରେନା । ତମର ଜନ୍ମ ତିଥିରେ ମୋର ଭଲ ପାଇବାର ଶ୍ରେଷ୍ଠ ନିଦର୍ଶନ ସ୍ୱରୂପ ଦେଉଚି ତମକୁ ଏଇ ପାଞ୍ଜି—ତମେ ଗ୍ରହଣ କର ।

ଅଚ୍ଛା, ବିଜନମଧ୍ୟରେ ମତେ ତମେ କଣ ଦଉଚ ? କଣ ? ପାନ ଖଣ୍ଡିଏ ! ନା, ନା ତା ହୋଇ ପାରିବ ନି । ପାଞ୍ଜି ଦେଖୁନ— ଆଜି ସେ ତାମ୍ବୁଲ ଭକ୍ଷଣ ନିଷେଧ !! ଅଉ କିଛୁ ମଧୁର ଅ···

---

# ସିଗାରେଟ୍

ଯ୍ୟା' ଭିତରେ ପଣ ପତ୍ରିକାରେ 'ସିଗାରେଟ୍ ପ୍ରିୟା' 'ସିଗାରେଟ ପ୍ରିୟା' 'ସିଗାରେଟ ପ୍ରିୟା' ଇତ୍ୟାଦି ସେତେସବୁ ଲେଖା, କବିତା ଇତ୍ୟାଦି ବାହାରିଲାଣି, ପଢ଼ିକରି ମୋର ମନ ହେଲାଣି ସିଗାରେଟ ପ୍ରିୟା କରିବାକୁ ଆଉ ହରଦମ ପ୍ରିୟା ଓଠରେ ଓଠ ମିଶେଇବାକୁ । (ଓଠ ବୋଲି କହୁଛି କାହିଁକିନା ସିଗାରେଟ ପ୍ରିୟାର ଯେଉଁ ଅଂଶଟା ଆମେ ଓଠରେ ଚୁମ୍ବୁ ସେଇଟା ନିଶ୍ଚୟ ପ୍ରିୟାର ଓଠ ହୋଇଥିବ ନା ନୁହେଁ ? ଯଦି ନ ହୋଇଥାଏ ତେବେ ସେଇଟା ପ୍ରିୟାଙ୍କର କଣ ?) ଅବଶ୍ୟ ଯାର ଅର୍ଥ ନୁହେଁ ସେ ପ୍ରିୟା ଓଠରେ ଓଠ ମିଶେଇବା କଥା ମୁଁ ଆଗରୁ ଭାବିନି ବା ସିଗାରେଟ ଟଣା କଥା ବହୁ ପୂର୍ବରୁ ଚିନ୍ତା କରିନି । ଦେଖିବାକୁ ଗଲେ ସିଗାରେଟ ଟିଏ ଆଜିକୁ ମୋର ମନ ବଳାଇଲାଣି ଖୁବ୍,

କୁଅଧକୁ । ତେବେ ସେତେବେଳେ ଅରମ୍ଭହେଲ କାଠି ଟଣା ତାଙ୍କ ଟଣା ଦ୍ୱାରା । ତା'ପରେ ଅଳ୍ପେ ଅଳ୍ପେ ବଡ଼ହେବା ପରେ ପେନ୍‌ସିଲ ଟଣା, ରକ୍‌ଖଡ଼ ଟଣା ଶିଖିଲି । ଅହୁରି ଟିକିଏ ବଡ଼ହେବା ପରେ ଥରେ ଦିଅଲି ଅମାବାସ୍ୟା ବେଲକୁ କାଉଁରିଅ କାଠି ଟଣା ଶିଖିଲି । ସେଇ ବୋଧହୁଏ ମୋର ପ୍ରଥମ ଟଣା ସୋଉଥିରେ ସିଗାରେଟ ଅର୍ଥାତ କାଉଁରିଅ କାଠିରେ ନିଆଁ ଲଗାଇ ଧୂଆଁ ଟାଣିଲି ଓ ଛାଡ଼ିଲି । ତାପରେ ଅହୁରି ଅନେକ ଥର ସିଗାରେଟ୍ ମାନେ କାଉଁରିଅ ଟାଣିଛି । ତେବେ ପ୍ରକୃତରେ ସତ ସତ ସିଗାରେଟ ହାତରେ ଦେଖିଲା ମାଟ୍ରିକ ପଢ଼ିଲା ବର୍ଷ । ମୋ ସାଙ୍ଗ ସୁହାସ ତା ବାପାଙ୍କ ଡବାରୁ ଗୋଟାଏ ଚୋରେଇ କରି ଆଣିଥିଲା, ଆମେ ତିନିଚାରିଜଣ ସାଙ୍ଗ ଗୋଟାଏ ନିଛାଟିଆ ଜାଗାକୁ ଯାଇ ଗୋଟାଏ ବଡ଼ ପଥର କଡ଼ରେ ଲୁଚି ସେଇ ସିଗାରେଟ୍‌ଟିକୁ ସମସ୍ତେ ମିଶି ଗୋଟାଏ ଗୋଟାଏ ଦମ୍ ଟାଣିଥିଲୁ । ଖୁବ ମଜାହେଲା ଅବଶ୍ୟ । ତେବେ ମୋର କେମିତି ମୁଣ୍ଡ ଝାଁ ଧରିନେଲା । ନାକବାଟେ ଧୂଆଁ ବାହାରିଲା ଆଉ ଦି-ଆଖିରୁ ବି ପାଣିଗଡ଼ିଲା ଆଉ କାଶି କାଶି ବେଦମ ହୋଇଗଲି । ତାପରେ ଅହୁରି ଅନେକ ଥର ସାଙ୍ଗମେଳରେ ଚେଷ୍ଟା କରିଛି କିନ୍ତୁ ହୁଏନି, କାଶି କାଶି ଅଣ୍ଟାଏତ ହୋଇପଡ଼େ, ଟାଣିପାରେ ନି । ସେଇ ସ୍କୁଲଦିନରୁ ଆଜିପର୍ଯ୍ୟନ୍ତ ପ୍ରାଭୃତରେ ଅଭ୍ୟସେ ସିଗାରେଟ୍ ଟାଣିନି ଏମିତି କଥା ନୁହେଁ, ଅନେକ ଥର ଟାଣିଛି—ମାନେ ଟାଣିବାକୁ ଚେଷ୍ଟା କରିଛି କିନ୍ତୁ ଦୁଃଖର କଥା ଆଜଯାଏ ସିଗାରେଟ ଖିଅ ଅଭ୍ୟାସ କରି ପାରିଲି ନି । ...କାଲି ଦୁନିଅର ଗତ ବା ରଙ୍ଗଢଙ୍ଗ ସେମିତି ଦେଖୁରେ ମୋର ଚେଷ୍ଟା ପରେ ଚେଷ୍ଟା ତେଲେଇ ଅଧ୍ୟବସାୟ ଦ୍ୱାରା ଯେତେ ଶୀଘ୍ର ସମ୍ଭବ ସିଗାରେଟଟା ଅଭ୍ୟାସ କରିନେବା ଦରକାର । ଏଣେ ମନ

ଡାକ୍ତର ଚେଷ୍ଟାରେ ବି ହେଲା ନାହିଁ ତେବେ ବି ହୋଇପାରୁନ । ମୁଁ ଯାହା ଦେଖୁଚି ମୋର ଶରୀରର ଗଠନ ଏମିତ ଭାବରେ ଯେ ସିଗାରେଟ ଟାଣିଲେ ଧୂଆଁଗୁଡ଼ାକ ବରାବର ସିଧାଯାଇ ମୋର ଆଖିରେ ପଶେ ଅଉ ସେଇଯୋଗୁ ଆଖିପୋଡ଼େ ଓ ଆଖିରୁ ପାଣି ବାହାରେ । ମୁଁ ଅନେଇ ପାରେନ । ବୋଧହୁଏ ଅନ୍ୟମାନଙ୍କ ତୁଳନାରେ ମୋ ଆଖିଗୁଡ଼ାକ ଟିକିଏ ପଦାକୁ ବାହାରି ଆସିଚି କିମ୍ବା ମୋ ଆଖିରେ ଏମିତ କିଛି ପଦାର୍ଥ ଅଛି ଯାହା ଧୂଆଁ ପକ୍ଷରେ ଚୁମ୍ବକର କାର୍ଯ୍ୟ କରେ । ତା’ଛଡ଼ା ତାହାଙ୍କ ଦେଖାଣି ମୁଁ ପାଟିବାଟେ ଧୂଆଁ ଛାଡ଼ିବା ପୂର୍ବରୁ ଧୂଆଁଗୁଡ଼ାକ ସବୁ ମନକୁ ମନ ନାକବାଟେ ବାହାରି ଆସେ ଯୋଉଥିପାଇଁ ନାକ ଭିତରଟା ଜଳେ । ପାଟି ନାକ ଭିତରେ ଧୂଆଁ ପାଇଁ କୌଣସି ପ୍ରତିବନ୍ଧକ ନଥିବ ବୋଧହୁଏ । ସବୁଠୁ ବେଶି କଷ୍ଟହୁଏ କାଶ ଯୋଗୁ । ଅପଣ ଜଣେ ଭାବୁଚନ୍ତି ମୋ ତଣ୍ଟିରେ କିଛି ଦୋଷ ଅଛି । ସିଗାରେଟ ଟାଣିକରି ମୋର ଭଲଅ କାଶିବାର ମୁଁ ଦୁନିଆରେ ଅଉ କାହାରିକି ଦେଖିନି । ଜଣ କରିବ ସେଥ୍ୟା ଭାବୁଚି । ସିଗାରେଟ୍ ନ ଟାଣି ପାରି ସାଙ୍ଗ ମେଳ ଭଦ୍ର ସମାଜରେ ଯେମିତ ଭାବରେ ଅପ୍ରସ୍ତୁତ ହଉଚି ଅଉ ମଲମୁଣ୍ଡିଆ ବୋଲି ଗଣାଯାଉଚି ସେଇଟା ବନ୍ଦ କରିବା ନିହାତ ଦରକାର । ସମସ୍ତେ ଷ୍ଟାଇଲ୍ ଉପରେ ଟାଣୁଥିବେ ମଝିରେ ମୁଁ ଯେମିତ ବାଚ୍ଛା ହୋଇ ପଡ଼େ, ମତେ ବେଳାଏ ଲଜ୍ଜା ଲାଗେ । ବାସ୍ତବିକ ସିଗାରେଟ୍ ଯେଉଁ ଷ୍ଟାଇଲ୍‌ରେ ଟଣାଯାଏ ଅଉ ଯେଉଁ ଢାଇଢାରେ ମୁହଁରୁ ଧୂଆଁ ଛଡ଼ାଯାଏ ସେଇ ପଷ୍ଟର ବା ପୋଜ୍‌ଟା ମୋ ମନରେ ବେଶି ଅଙ୍କି ହୋଇ ରହୁଚି । ସେଇଥିପାଇଁ ମୋର ସିଗାରେଟ ଅଭ୍ୟାସ କରିବାପାଇଁ ବିଶେଷ ଇଚ୍ଛା । ମୁଁ ଟାଣିବାକୁ ବସିଲେ ମତେ କେନ୍ତୁ ଠିକ ପୋଜ୍ ଦେଇ ଆସୁନାହିଁ । ଦୁ’ ଓଠର

ଠିକ୍ ମଝିରେ ନ ରହୁଲେ ସିଗାରେଟ ମୋ ଓଠରେ ରହେନି ଖସିପଡ଼େ କିନ୍ତୁ ପୋଜ୍‌ରେ ରଖିବାକୁ ହେଲେ ବାଁ କଡ଼ ବା ଡାହାଣ କଡ଼ ଅଡ଼େ ବଙ୍କେଇ କରି ରଖିବା ଦରକାର । ମୁଁ ସେମିତି କଲେ ଜମାରୁ ଧୂଆଁ ଓଟାରି ପାରେନି । ତା'ପରେ ସିଗାରେଟ ଓଠରେ ଧରି ହାତ ଛାଡ଼ିଦେଇ ସିଗାରେଟ୍ ଟାଣିବା ଏବଂ ସେଇପରି ଓଠରେ ଝୁଲନ୍ତା ସିଗାରେଟ ଥାଇ କଥାବାର୍ତ୍ତା କରିବା ମୋର ଏଇଟା ବେଶି ଶିଖିବାର ଇଚ୍ଛା । କିନ୍ତୁ ମୋଦ୍ୱାରା ହୋଇ ପାରୁନି । ହାତ ଛାଡ଼ିଦେଇ କେବଳ ଓଠରେ ସିଗାରେଟ ଧରି ରଖି ହେଉନି । ଖସିପଡ଼ୁଛି ଏବଂ ଲଗାଇ ଥାଇ କଥାବାର୍ତ୍ତା କଲେ ପାଟିରେ କଦଳୀ ପୂରେଇ କଥା କହୁଲେ ଯେମିତି ଶୁଭେ ସେମିତି ଶୁଭୁଛି । କେତେଦିନ ଅଭ୍ୟାସ କଲେ ଆସିଯିବ କହିପାରୁନି । ମୋର ବନ୍ଧୁ ରବିନ୍ ବାବୁ ିଏକ ବର୍ଷର ମତେ ସିଗାରେଟ ଖାଇବାପାଇଁ ଉତ୍ସାହ ଦେଇ ଆସୁଚନ୍ତି, କହନ୍ତି ଯେ ଅଳ୍ପ କେତେଦିନ ଅଭ୍ୟାସରେ ପଡ଼ିଗଲେ ିଗାରେଟ ଉପରେ କଣ୍ଟ୍ରୋଲ ଆସିଯିବ । ଦେଖାଯାଉ ବର୍ତ୍ତମାନ ାଲି କାଶଟା ନ ହୁଅନ୍ତା ଆଉ ଆଖି ନାକରୁ ପାଣି ନ ବାହାରନ୍ତା କି ।

ମୋର ସିଗାରେଟ୍ ଟଣା ଶିଖିବାର ଆଉ ଗୋଟାଏ ବଡ଼ କାରଣ ହେଉଛି ଘରଅଡ଼ୁ ଚାପ ପଡ଼ୁଛି । ଆମ ଘରଣୀ ଜୋଉ ନଭେଲରେ ପଢ଼ିଥିଲେ କେଜାଣି ଯେ ଝିଅମାନଙ୍କୁ ପୁଅଙ୍କର ସିଗାରେଟ୍ ଟଣା ବେଶ୍ ଲାଗେ । ସେଇଦିନୁ ତାଙ୍କୁ ବେଶ୍ ଲାଗିଲେ । ତା'ଛଡ଼ା ହାଉଅରେ ଦାମୀ ସିଗାରେଟ ଧୂଆଁର ଖୁସ୍‌ବୁ 'ସିଗାରେଟ୍ ଧୂଆଁର କୁଣ୍ଡଳୀ', 'ପ୍ରିୟଙ୍କ ଓଠର ଟବାକୋ ଗନ୍ଧ,' 'ସୁରଭିତ ଧୂଆଁ,' 'ପରିଚିତ ବ୍ରାଣ୍ଡ ସିଗାରେଟ୍ ଗନ୍ଧରୁ ପ୍ରଣୟୀର ଉପସ୍ଥିତି,' 'ସିଲଭର ଏଶ୍ ଟ୍ରେ' ଇତ୍ୟାଦି ଲେଖା ତାଙ୍କ ମନରେ ଖୁବ୍ ଦାଗ ଆଙ୍କିଛି ।

ସେଥିପାଇଁ ମୋର ସିଗାରେଟଖିଆ ସାଙ୍ଗମାନଙ୍କ ପ୍ରଶଂସା ଆଉ ସେମାନଙ୍କ ଘର କେତେ ପରିଷ୍କାର ପରିଚ୍ଛନ୍ନ ମୋ ଆଗରେ ଅନେକ ଥର କହିଲେଣି—ତାଙ୍କ ଇଚ୍ଛା ମୁଁ ବିଡ଼ିଆ ଛାଡ଼ି ବର୍ତ୍ତମାନ ସିଗାରେଟ ଧରେଁ । ମୋର ଛେଳିପରି ବସିବସି ପାନଖାଇ ପାଟି ପାକୁ ପାକୁ କରିବା ସିଏ ପସନ୍ଦ କରନ୍ତି ନା । ତା'ଛଡ଼ା ପଚ୍ ପଚ୍ କରି ଯୋଉଠି ନା ସେଇଠି ପିକ ପକେଇବାଟାକୁ ସିଏ ଘୃଣା କରନ୍ତି । ସେଇଯୋଗୁ କୁଆଡ଼େ ଆମଘର ଏତେ ଅସନା ! ମୁଁ ତାଙ୍କୁ କହେ ଯେ ମୁଁ କଣ କରିବି, ମୋର କଣ ସିଗାରେଟ ଟାଣିବାକୁ ଇଚ୍ଛା ନାହିଁ ନା ଚେଷ୍ଟାରେ ମୋର ତ୍ରୁଟି ଅଛି ! ସିଗାରେଟ ପାଟିରେ ଦେଲାବେଳକୁ କଫ ଶରୀର ଯୋଟିଗଲା ପରି ଆଖି ନାକରୁ ପାଣି ବାହାରିବା ଦ୍ୱାରା ଆଉ କାଶ ହେବା ଯୋଗୁ ସିନା ମୁଁ ଖାଇପାରୁନି । ଅଉ ଓଠରୁ ଟୋବାକୋ ଗନ୍ଧ କଥା, ମୁଁ ଯେଉଁ ଗୁଣ୍ଡି ଖାଏ ସେଥିରୁ କଣ ଟୋବାକୋ ବା ଧୂଆଁପତ୍ରର ଗନ୍ଧ ମୋ ଓଠରୁ ପାଅ ନି ? ସିଏ କହନ୍ତି ଯେ କାହିଁ ଚୂଆ ମିଶା ବାଇଗଣି ଧୂଆଁପତ୍ର ଚୂର୍ଣ୍ଣର ଦୁର୍ଗନ୍ଧ, ଆଉ କାହିଁ ଭର୍ଜିନିଆ ଟୋବାକୋର ସୁରଭି !! ତାଙ୍କ ମତରେ ଗୁଣ୍ଡିଖିଆ ଦେଶୀରତାର ପରିଚୟସୂଚକ କିନ୍ତୁ ସିଗାରେଟ୍ ଖିଆଟା ସଭ୍ୟତାର ନିଦର୍ଶନ; ଅବଶ୍ୟ ଏ କଥାଟା ମତେ ମାନି ନବାକୁ ଭି ପଡ଼େ । କାହିଁକି ନା ଖାଲି ତାଙ୍କଠୁଁ ନୁହେଁ ମୁଁ ଅହୁରି କେତେ ଲୋକଙ୍କଠୁଁ ଶୁଣିଛି ଯେ ଧୂଆଁପତ୍ରଟା ଯେତେ ରକମ ବ୍ୟବହାର କରାଯାଏ ଏବଂ ଯେତେ ପ୍ରକାରର ଧୂଆଁ ଟଣାଯାଏ ସବୁଠାରୁ ସିଗାରେଟ ପିଅ ଦ୍ୱାରା ବେଶି ସଭ୍ୟତା ବୁଝାପଡ଼େ, ଅଉ ରୁଚିଟି ବେଶ୍ ପରିଷ୍କାର ସଫାସୁତରା ରୁଚି—କାରଣ ଧୂଆଁପତ୍ରର ଗୁଣ୍ଡି, ଚୂନଦୋକ୍ତା, ନାସ, ଗୁଡ଼ାଖୁ ଇତ୍ୟାଦି କେଉଁ ମହୁରଟି ଅଭ୍ୟାସ ସାହା ଦଦରେ

ପ୍ରଗତିର ଗନ୍ଧ ବାଜନ୍ତି । ତା'ପରେ ଧୂଆଁ ହିସାବରେ ବିଡ଼ି, ସିଗାର୍, ସିଗାରେଟ୍ ପାଇପ୍, ହୁକ୍କା ଚିଲମ ଇତ୍ୟାଦି ଗୋଟି ଗୋଟି ଯଦି ଦେଖିବାକୁ ଯିବା ବଡ଼ କଥା ତ ନ କହିବା ଭଲ କାରଣ ତଦ୍ୱାରା ଦରିଦ୍ର ରୁଚି ପ୍ରକାଶପାଏ—ହୁକ୍କାରେ ସେମିତି ବାର ପଥର କରିବାକୁ ପଡ଼େ ଆଉ ପକେଟରେ ପୁରେଇ ନବା ଅଣିବା ସୁବିଧାଜନକ ନୁହେଁ—ଚିଲମରେ ଗଞ୍ଜା, ଚରସ ପ୍ରଭୃତି ଟାଣିବା ନିଶା ଭିତରେ ଗଲା—ଚୁରୁଟ୍ ବା ସିଗାର ଟାଣିଲେ ପାଟି ବେଶି ଗନ୍ଧାଏ ଆଉ ପାଇପ୍ ବରାବର ସଫା ନ ଥିଲେ ପାଟିରୁ ଟେଳ ବାହାରେ ଭୀଷଣ ଅଜ ଗନ୍ଧ ବି କରେ—ଏଇସବୁ ବସ୍ତୁର ତଳେ ସିଗାରେଟ୍ ଉଦ୍ଭାବନଦ୍ୱାରା ମଣିଷର ସୁରୁଚି ଆଉ ସଭ୍ୟତା କେମିତି ଅଟେଳ ଯାଇଚି ଦୃଷ୍ଟିଂକୁ ବାଜି ରହିବ ନାହିଁ । ବାସ୍ତବରେ ଧୂଆଁ ପାନ ଓ ଧୂମ୍ରପାନ ଇତିହାସରେ ସିଗାରେଟ ଟେରଦାନ ସର୍ବୋତ୍ତମ ବାଞ୍ଛସ୍ତମ୍ଭ କହାଇ ରହିବ । ସିଗାରେଟର ଶୁଭ୍ରତା, କମନୀୟତା, ଗୋଲ ଗୋଲ ପତଳା ପତଳା ଚେହେରା ଆଉ ଖାଣ୍ଟି ଉର୍ଦ୍ଧିନୀୟା ଧୂଆଁ ପାନର ପରିବେଶତା ଦେଖିଲେ ଯେ କେହି ମୁଗ୍ଧ ହୋଇଯିବ । ତା'ଛଡ଼ା ଜନସାଧାରଣଙ୍କ ରୁଚି ଅନୁଯାୟୀ ମୋଟା, ସରୁ, ବେଶି ଲମ୍ବା, କମ ଲମ୍ବା, ମଡ଼ି ମଡ଼ିକା, ସୋଲ୍‌ଜା ଦିଆ, ଲୁଲା ଦିଆ ଇତ୍ୟାଦି ବହୁତ ରକମର ମନମାଫିକ ସିଗାରେଟ ମିଳୁଚି ଏବଂ ଇଚ୍ଛା କଲେ ଆପେ ସିଗାରେଟ ବନେଇ ନେଇ ଖାଇବାର ଉପାଦାନ ମଧ୍ୟ ମିଳି ପାରୁଚି—ଏଇ ସିଗ୍ରେଟ ବ୍ୟାପକତା ଓ ସବତ୍ତରର ସିଗାରେଟର ଆଦର ଦେଖିଲେ ଆମେ ଯଦି ସିଗାରେଟ ଆଦର ନକରୁ ତେବେ ଦୁନିଆର ପ୍ରଗତି ତୁଳନାରେ ଆମେ କେତେ ପଛରେ ପଡ଼ିରୁ ବୁଝାଯାଉନି କି ? ଆମେ ଯଦି ନିଜର ଉନ୍ନତି ଲୋଡ଼ୁଁ ବା ଦେଶର ଉନ୍ନତି ଲୋଡ଼ୁଁ, ତେବେ

ଦୁନିଆ ସହିତ ତାଳ ଦେଇ ଅମର ପାଦ ପକେଇବା ଦରକାର ।

ମୁଁ ଯାହା ଶୁଣିଛି ଦୁନିଆର ସବୁ ବଡ଼ ବଡ଼ ଲୋକମାନେ ସିଗାରେଟ ପିଅନ୍ତି—ବଡ଼ ବଡ଼ ଲେଖକ, ରାଜନୀତିଜ୍ଞ, କବି, ଚିତ୍ରକର, ବୈଜ୍ଞାନିକ, ଦାର୍ଶନିକ ଇତ୍ୟାଦିଙ୍କର ସିଗାରେଟ୍ ଅଭ୍ୟାସ ଅଛି ଏପରିକି ମହାତ୍ମା ଗାନ୍ଧୀ, ମହାତ୍ମା ଗାନ୍ଧୀ ନୁହଁନ୍ତି । ଜବାହରଲାଲ, ମୌଲନା ଆଜାଦ ପ୍ରଭୃତି ନେତାମାନେ ସିଗାରେଟ ନ ଖାଇଲେ ଚଳି ପାରିବେ ନି । ଯୁଦ୍ଧବେଳେ ଶୁଣିଥିଲି ମିଳିତ ଶକ୍ତି ଅର୍ଥାତ ଚର୍ଚ୍ଚିଲ, ଷ୍ଟାଲିନ, ରୁଜଭେଲ୍ଟ, ସିମୁର୍ଟ ଧୂମ୍ରପାନ କରୁଥିବାରୁ ଦୁନିଆରେ କପରି ଶାନ୍ତି ଓ କଲ୍ୟାଣର ପ୍ରତୀକ ଥିଲେ ଆଉ ହିଟଲର, ମୁସୋଲିନ, ଟୋଜୋ ପ୍ରଭୃତି ଧୂମ୍ରପାନ ନକରୁ-ଥିବାରୁ ଦୁନିଆରେ କପରି ଅମଙ୍ଗଳ ଓ ଅଶାନ୍ତି ଆଣିଥିଲେ । ସେମାନେ ସିଗାରେଟ ନ ଖାଉଥିବା ହେତୁ କେମିତି ଶାସ୍ତି ପାଇଲେ ତାହାରି ଅଜଣା ନାହିଁ । ସିଗାରେଟ ଯାହିଁକି ଖାଆନ୍ତି ଓ ଖାଇଲେ କଣ ଉପକାର ହୁଏ ଏ ବିଷୟରେ ଅନେକ ଅନେକ କଥା କହନ୍ତି—ମୋଟ ଉପରେ ନିକୋଟିନ ରକ୍ତ ଭିତରକୁ ଯିବାରୁ କଲିଜା କଳା ହୋଇଯାଏ ଓ ସ୍ନାୟୁ ଗୁଡ଼ାକ ଦୁର୍ବଳ ହୋଇଯାଏ । ତଦ୍ୱାରା ବରାବର ସିଗାରେଟ ଖାଇ ସ୍ନାୟୁ ଗୁଡ଼ିକ ଚଞ୍ଚଳ କରିବାର ଆବଶ୍ୟକତା ପଡ଼େ ଯଦ୍ୱାରା ମନରେ ଫୁର୍ତ୍ତି ଆସେ । ସିଗାରେଟ ଖାଇଲେ ମନର ଭାବନା ସବୁ ମନ ଭିତରେ ଦେଖା ନଦେଇ ଧୂଆଁର କୁଣ୍ଡଳୀ ଭିତରେ ସ୍ପଷ୍ଟ ହୋଇ ଦେଖା ଦିଅନ୍ତି ବୋଲି କବି ଲେଖକମାନେ ବେଶି ସିଗାରେଟ ଖାଆନ୍ତି ବୋଲି ଶୁଣାଅଛି । ତାଛଡ଼ା ଖାଲି ବସିବା ଅପେକ୍ଷା ସିଗାରେଟ ତାହାର କର କଲେଇ ଧୂଆଁ ଛାଡ଼ିଲେ କହୁ ନା କହୁ କାମରେ ବ୍ୟସ୍ତ

ରହିବାକୁ ପଡ଼ିଲା, ଯଦ୍ଦ୍ୱାରା ସମୟ ବେଶ୍ କଟିଯାଏ । ସିଗାରେଟ୍ ଅଭ୍ୟାସ କରିବାଦ୍ୱାରା ଅଚିହ୍ନା ଲୋକ ସହିତ ମଧ୍ୟ ଅଳ୍ପକରେ ବନ୍ଧୁତା ହୋଇଯାଏ ଅଜ ଦିଅସିଲି ମାଗିବା ବାହାନାରେ ସେ ତାହାର ସହିତ କଥା ଆରମ୍ଭ କରିହୁଏ । ସିଗାରେଟ ଖିଆଳିମାନଙ୍କ ଭିତରେ ଖୁବ୍ ଶୀଘ୍ର ଦୋସ୍ତି ହୋଇଥାଏ । ମୁଁ ଦେଖିଛି ସିଗାରେଟ ଯଦି ଠିକ୍ ପୋଜରେ ଧରି ଗମ୍ଭୀର ଭାବରେ ଟଣାଯାଏ, ତା'ହେଲେ ସହଜରେ ନିଜର ଗୁରୁତ୍ୱ ଗାମ୍ଭୀର୍ଯ୍ୟ ବିଶିଷ୍ଟତା ପ୍ରକଟିତ ହୋଇପାରେ, ସେମିତିକି ଦୁନିଆରେ ଜଣେ କେହି ବିଶିଷ୍ଟ ବ୍ୟକ୍ତି ଏବଂ ଅନେକ ସମୟରେ ବଡ଼ ଲୋକ ବୋଲି ମଧ୍ୟ ମନେ ହୋଇଥାଏ । ମୋର ସିଗାରେଟ ଅଭ୍ୟାସ କରିବା ଇଚ୍ଛା ପଛରେ ଏଇ ଆକାଂକ୍ଷାଟି ବେଶି ରହିଛି ଯେ ମତେ ଯେମିତି ଜଣେ କେହି ବିଶିଷ୍ଟ ବ୍ୟକ୍ତି ବୋଲି ସମସ୍ତେ ଭାବିବେ ଅଜ ମୋର ସିଗାରେଟ ଟଣାର କାଇଦା ଦେଖି ଲୋକେ ବଲବଲ କରି ମୋ ଆଡ଼େ ଅନେଇ ରହିବେ ଆଁ କରି । ଏପର୍ଯ୍ୟନ୍ତ ଠିକ୍ ଭାବରେ ଟାଣି ପାରୁ ନ ଥିବାରୁ ମୋ ସିଗାରେଟ ଟଣା କାହାରି ଉପରେ ପ୍ରଭାବ ବିସ୍ତାର କରି ନାହିଁ । ତେବେ ଦିନେହେଲେ ନିଶ୍ଚୟ କରିବ । ବର୍ତ୍ତମାନ ମୁଁ ସିଗାରେଟ ଟାଣିଲେ କେହି ମୋ ପ୍ରତି ଲକ୍ଷ୍ୟ କରୁ ନାହାନ୍ତି । ତାଙ୍କୁ କ'ଣ ଅସମ୍ଭବ ଲାଗୁଛି କେଜାଣି ଅନେକ ତ ମୁହଁ ବୁଲେଇ ଦଉଚନ୍ତି ଆଉ ବିଶେଷତଃ ଝିଅମାନେ ଏବଂ ଟୋକୀମାନେ କାହିଁକି ଯେ ମୋ ସିଗାରେଟ ଟଣା ଦେଖି ଚିମୁଟା ଚିମୁଟି ଠାରଠାରି ହୋଇ ଆପଣା ଭିତରେ ମୁଚକି ମୁଚକି ହସନ୍ତି ବୁଝିପାରେ ନା । ବୋଧହୁଏ ମୋର କାଶ ଯୋଗୁ ଥରକୁଥର ସିଗାରେଟ ତଳକୁ ଖସି ପଡ଼ୁଥିବା ଓ ଗୋଟେଇ ଆଣୁଥିବା ଲକ୍ଷ୍ୟ କରି ହସୁଥାଇ ପାରନ୍ତି । ମୁଁ ମୋର ବନ୍ଧୁ ମେଳାରେ

ସିଗାରେଟ୍ ଖିଆ ଆଲୋଚନା ବେଳେ ଶୁଣିଛି ଯିଏ ଯେତେ ବେଶି ସିଗାରେଟ୍ ଖାଏ ବୋଲି ଜଣାଯାଏ ତାର ସେତିକି ବାହାଦୁରି ଜଣାପଡ଼େ । ମନେ କରନ୍ତୁ ଜଣେ ଦିନକୁ ଗୋଟାଏ ପାକେଟ ଟାଣିଲେ ଆଉ ଜଣେ ଯଦି ଦି'ପାକେଟ ଟାଣେ ତେବେ ତାକୁ ଉଚ୍ଚ ଆସନ ଦିଆଯିବ । ସେଇଯୋଗୁଁ ଯିଏ ଦିନକୁ ଗୋଟାଏ ଡବା ଟାଣେ ତାର ଆସନ ସବୁଠୁଁ ଉଚ୍ଚରେ ଗଣାହେବ । ତା ଛଡ଼ା କେତେ ଦାମୀ ସିଗାରେଟ ପିଅନ୍ତି ସେଇଟା ମଧ୍ୟ ବିବେଚନା କରାଯାଏ । ଆମ ରଞ୍ଜନ୍ ବାବୁ ସମସ୍ତଙ୍କୁ ଟପନ୍ତି କାରଣ ସେ ଦିନକୁ ପ୍ରାୟ ଦୁଇଡବା ସିଗାରେଟ ଖତମ କରନ୍ତି । ସଂହାର ମାନେ ପ୍ରାୟ ସାଢ଼ ଟଙ୍କାର ସିଗାରେଟ । ରଞ୍ଜନ୍ ବାବୁ ହେଉଛନ୍ତି ଯାହାକୁ କହନ୍ତି ଚେନ୍‌ସ୍ମୋକର । ତାଙ୍କର ସିଗାରେଟ ଲଗାଇବାକୁ ଦିଆସିଲି ଦରକାର ପଡ଼େ ନା; ସେ ସିଗାରେଟରୁ ଗୋଟାଏ ପରେ ଗୋଟାଏ ଧରାଇ ପିଇ ଥାଆନ୍ତି ଅନବରତ । ମୁଁ ସିଗାରେଟ ଅଭ୍ୟାସ କଲେ ସେମିତି ଶିଖିବି ଭାବିଛି — ସେଥିପାଇଁ ଆମ ଘରବାଲୀ ବଜେଟ ପକାଇବାକୁ ପଡ଼ିଲେ ମତ୍ ଯାଉଛେ, ତା ନହେଲେ ଦିନକୁ ଅଣାକର ପାନ ଦୁଇ ଖଣ୍ଡି ପିଇ ଚାଲି ଯାଉଛି ସାଢ଼ ଟଙ୍କା ମୋତେ ଦେବ କିଏ ? ରଞ୍ଜନ୍ ବାବୁଙ୍କ ପତ୍ନୀ ଗ୍ରାଜୁଏଟ୍ ହେଲେ ସୁଦ୍ଧା ମୁଁ ଯାହା ଦେଖୁଛି ଆମ ଘରଣୀଙ୍କ ତୁଳନାରେ ସଭ୍ୟତା ଶିଖିନାହାନ୍ତି । ରଞ୍ଜନ ବାବୁଙ୍କ ସିଗାରେଟ୍ ଖିଆ ହେତୁ ତାଙ୍କର କେତେକାଳ ହେଲା — ତାଙ୍କ ସାଙ୍ଗରେ ଦେଖା ହେଲେ ଧନଗତ ସିଗାରେଟ ଖିଆର ଦୁର୍ଗନ୍ଧ ବିଷୟରେ ଲେକ୍‌ଚର ଦିଅନ୍ତି — ଘରସାରା ଖଣ୍ଡିଆ ସିଗାରେଟ, ନିଆଁ, ଧୂଆଁ, ପାଉଁଶ ଦେଖି ଦେଖି ସଫା କରି କରି ସେ ବ୍ୟତିବ୍ୟସ୍ତ ହୋଇ ପଡ଼ିଲେଣି — ମୁଁ ସିଗାରେଟ ଖାଏ ନା ବୋଲି ମୋ ପ୍ରଶଂସା ତାଙ୍କ ଅଗରେ ଶୁଣିବେ

କେତେ । ମନେଉଛ ବରାବର ଲଗାନ୍ତୁ ଯେ ମୁଁ କେମିତି ଚେଷ୍ଟା କରି କହୁ ବୋଲି ରଞ୍ଜନ ବାବୁଙ୍କ ସିଗାରେଟ ଖିଆ ଛଡ଼େଇବ — ମୁଁ ସିଗାରେଟ ଖିଆଟା ପସନ୍ଦ କରୁଥିଲି ବେଳେ ମୁଁ ବା କଣ କହୁ ଅଭ୍ୟାସ ଛଡ଼େଇବି ? ଧନେ ତାଙ୍କ ସ୍ତ୍ରୀ ସିଗାରେଟର ଅପକାରିତା ବିଷୟରେ ମତେ ଏମିତି ବୁଝେଇ ଦେଲେ ଯେ କିଛି ସମୟ ପାଇଁ ବାସ୍ତବିକ ମୋ ମନରେ ଧାରଣା ହୋଇଗଲା ସିଗାରେଟ ଖାଇବା ଖରାପ । ସେ କହୁଲେ ଯଦ ଧନଙ୍କୁ ସତେଟା ଙ୍କା॰ରଖା ଯାଥିଲା ତେବେ ମାସକୁ ପ୍ରାୟ ୨୧୦ ଟଙ୍କା ରହୁଲା । ବର୍ଷକୁ ପ୍ରାୟ ଟ୨୫୨୦ ବଞ୍ଚି ଯାଆନ୍ତା ଅଉ ବ ଡନବର୍ଷ ଭିତରେ ଗୋଟାଏ ଭଲ ପକ୍କା କୋଠା ତୋଳା ଯାଇପାରନ୍ତା । ବାସ୍ତବିକ ତାଙ୍କ କଥା କେତେ ସତ ଭାବି ଭାବି ମୁଁ ଘରକୁ ଅସିଲିବେଳେ ଦେଖିଲି ହାକିମ ପଡ଼ାରେ ନୂଆ କୋଠାଟା ତିଆରି ହୋଇଛି, ତା'ରି ସାମନାରେ ଜଣେ ମୋଟା ଭଦ୍ରଲୋକ ଛୁଡ଼ା ହୋଇ ଗୋଟାଏ ମୋଟା ଚୁରୁଟ ଟାଣୁଚନ୍ତି । ତାଙ୍କୁ ଟିକିଏ ଉପଦେଶ ଦେବା ବାହାନାରେ ମୁଁ ଯାଇ ପହୁଞ୍ଚି କହିଲି, "ଆଜ୍ଞା, କ୍ଷମା କରିବେ ଆପଣ ଏଇ ଯୋଉ ଚୁରୁଟ ପିଉଚନ୍ତି ତାର ଦାମ୍ କେତେ ହେବ ?" ସେ ମୁହଁ ବାଙ୍କେଇ ମତେ ଆଡ଼େଇ ଦବାକୁ ବସିଥିଲେ; ମୁଁ କହିଲି, ''କିଛି ଭାବବେ ନା । ମୁଁ ଅପଣଙ୍କ ଭଲପାଇଁ କିଛି କହିବାକୁ ଚାହେଁ ବୋଲି ପଚାରୁଛି ।" ସେ ମତେ କୃପା ଦୃଷ୍ଟିରେ ଚାହିଁ କହିଲେ, ଟାରଣା ଗୋଟି ।

"ଅପଣ ଧନଙ୍କୁ ଏମିତି କେତେଟି ଚୁରୁଟ୍ ଖାଆନ୍ତି ?"

"ପ୍ରାୟ ପଚାଶ ତରଣ ଖଣ୍ଡ ହବ ।"

"ଆଏଁ, ତିରିଶ ଖଣ୍ଡ ବାରଣା ହିସାବରେ ଯାହାର ମାନେ ପନ୍ଦର ଆଉ ସାତ ଅଧେ ମାନେ ପ୍ରାୟ ଟ୨୨୩ର ଚୁରୁଟ ଆପଣ ଧନକୁ ଉଡ଼େଇ ଦଉଛନ୍ତି ?"

"ହଁ ।"

"ଯାହାର ଅର୍ଥ ବାଇଶ ଗୁଣିତକ ୩୦ ମାନେ ପ୍ରାୟ ସାତଶ ଟଙ୍କାର ଚୁରୁଟ ଅପଣ ମାସକୁ ପିଅନ୍ତି ?"

"ସେୟା ହବ ବୋଧହୁଏ ।"

ମୁଁ କହିଲି, "ବୁଝିଲି ମହାଶୟ, ଅପଣ ଯଦି ଚୁରୁଟ ଛାଡ଼ି ଦିଅନ୍ତେ ବର୍ଷେ ଦୋଟାକ ଭିତରେ ଅପଣ ଏ ଯେଉଁ ଦେଖୁଛନ୍ତି ହୋମହଲ୍ ନୂଆ କୋଠା ସେମିତି କୋଠାଟିଏ ତୋଳେଇ ପାରନ୍ତେ ।"

ସେ ମତେ ପଚାରିଲେ, "ଅପଣ ଚୁରୁଟ ଖାଅନ୍ତି ?"

ମୁଁ କହିଲି, "ଚୁରୁଟ ସିଗାରେଟ କିଛି ମୋର ଅଭ୍ୟାସ ନାହିଁ ।" ସେଥିରୁ ପଚାରିଲେ, "ଏ କୋଠାଟି କଣ ଅପଣଙ୍କର ?"

ମୁଁ କହିଲି "ନାହିଁ ।"

ସେ କହିଲେ, "ଏ କୋଠାଟି କିନ୍ତୁ ମୋର ।"

ତାଙ୍କୁ ଅଉ ଉପଦେଶ ଦେବା ଉଚିତ ନଭାବି ମୁଁ ଯେଠ ଖସିଲି । ତେବେ ତାଙ୍କ ସହିତ ଅଳାପରୁ ମୁଁ ଯେଉଁ ନୀତି-ଶିକ୍ଷା ପାଇଲି, ଏଇକ୍ଷିଣା ସିଗାରେଟ୍‌ଟା ବାଧ୍ୟମତ ଅଭ୍ୟାସ କରି ସିଗାରେଟ୍ ପ୍ରିୟ କରିବା ଚେଷ୍ଟାରେ ଲାଗି ପଡ଼ିଛି । ମାର୍କା ପାକଟା ଜଳେଇବାକୁ ହବ ନା ବେ-ମାର୍କା ପାଖ ଜଳେଇବାକୁ ହବ ସେଇଟା ମୋର ଭୁଲ୍ ହୋଇ ଯାଉଛି । ଦ'ଦିନ ତଳେ ଏ ସିଗାରେଟ କିଣିଥିଲି ଭାଗ ହବା ଯୋଗୁ ଅଜାଣେ ୧ସଇଟି ଟାଣି ପାରିଲି ନାହିଁ—ଅନେକଥର ଜଳେଇ ଲଭେଇ ସେଇଟି ମୁହଁରୁ

ମୁକ୍ତି ହେଇ ଏପର୍ଯ୍ୟନ୍ତ ପକେଟରେ ପଡ଼ିଚି । କେମିତି ସରେଇବି ବୁଦ୍ଧି ଦିଶୁନି । ଲଟେଇଲକ୍ଷଣି ଟାଣି ଟାଣି ଅନ୍ତନାଡ଼ି ବାହାରି ଆସିଲା ପରି ଲାଗୁଚି । ପିଅଜ ପାଣି ଆଖିରେ ପଡ଼ିଲା ପରି ଆଖି ପୋଡ଼ି ଧା' ଧାର ଲୁହ ବାହାରି ପଡ଼ୁଚି । ସେଥିପାଇଁ ହତାଶ ହବାକୁ ପଡ଼ୁଚି । ସିଗାରେଟ ଝିଅ କଣ ମୋର ଅଭ୍ୟାସ ହୋଇ ପାରିବ ନାହିଁ ? ମୁଁ କଣ କରିବି ? ଆପଣ କଣ କହୁଚନ୍ତି ? ସମସ୍ତେ ସିଗାରେଟ ପ୍ରିୟା କହୁଚନ୍ତି, ମୁଁ ବି ସିଗାରେଟ ପ୍ରିୟା କରେ—କଣ ଭଗବାନଙ୍କର ଅଭିପ୍ରେତ ନୁହେଁ ? ତାହାଙ୍କ ମତେ ଏମିତି ଦୁଃଖ ଦେଉଚନ୍ତି ? ମୋର ତ ଅଧ୍ୟବସାୟରେ ତ୍ରୁଟି ନାହିଁ । ଯାହା ହେଉ, ମୁଁ ପାରୁ-ପର୍ଯ୍ୟନ୍ତ ଚେଷ୍ଟା କରିବି । ଯଦି ନିହାତି ଦେଖିଲି ଯେ ଭଗବାନଙ୍କର ଇଚ୍ଛା ନୁହେ ମୁଁ ସିଗାରେଟ ପ୍ରିୟା ଓଠରେ ଓଠ ମିଶାଇବି ଆଉ ସେଇ ରକ୍ତ ମାଂସ ମଣିଷ ପ୍ରିୟାର ଓଠରେ ଓଠ ମିଶାଇ ସନ୍ତୁଷ୍ଟ ରହିବା ମୋ ଅଦୃଷ୍ଟରେ ଲେଖା ହେଇଚି, ତେବେ ବାଧ୍ୟ ହେଇ ସେତିକିରେ ସନ୍ତୁଷ୍ଟ ରହିବି ତା' ଛଡ଼ା ଅନ୍ୟ ଉପାୟ କିଛି ଦେଖୁନି ।

# ଗୃହ ବିଜ୍ଞାନ

ବିବାହ ପରେ କାହିଁକି କେତେ ଝିଅ ପୁଣି ଯାଇ କଲେଜରେ ନାଁ ଲେଖାନ୍ତି ?

ଏହି ପ୍ରଶ୍ନ ଅନେକେ ପଚାରନ୍ତି । ମୋ ମନ ଭିତରେ ବି ଏଇ ପ୍ରଶ୍ନ ଅନେକ ଥର ଦେଖା ଦେଇଛି । ଆଜି କିନ୍ତୁ ମୁଁ ତାର ଉତ୍ତର ଦେବାପାଇଁ ସକ୍ଷମ ହୋଇ ପାରିଛି, କାରଣ ବିବାହର ତିନିଟି ମାସ ନ ପୂରୁଣୁ ସ୍ତ୍ରୀ ମୋର ଯାଇ କଲେଜରେ ନାଁ ଲେଖାଇଛନ୍ତି । ଅବଶ୍ୟକତା ଦୃଷ୍ଟିରୁ ଦୁହିଁଙ୍କର ସମ୍ମତିରେ ଏହି ବ୍ୟବସ୍ଥା କରାଗଲା । ବାସ୍ତବିକ ମୁଁ ଯାହା ଦେଖୁଛି, ସ୍ତ୍ରୀ କଲେଜରେ ନ ପଢ଼ିଲେ ବୈବାହିକ ଜୀବନର ଚରମ ସୁଖ କଦାପି ଲାଭ ହୋଇ ପାରିବ ନାହିଁ । ଅଉ ଯିଏ ଏ କଥାର ପ୍ରତିବାଦ କରିବେ ମୁଁ ନିଶ୍ଚୟ କହିବି ସେ ଗୋଟିଏ ବର୍ଣ୍ଣାନ୍ଧର ପାସ୍ ଝିଅ ବାହା

ହୋଇଛନ୍ତି । ତାଙ୍କ ସ୍ତ୍ରୀ କଟକ ଗାର୍ଲ୍ସ ସ୍କୁଲରେ କଦାପି ମାଟ୍ରିକ ପଢ଼ି ନାହାନ୍ତି ।

ବିବାହ ପରେ ମୁଁ ସ୍ତ୍ରୀଙ୍କୁ ମୋର ଚାକିରି ସ୍ଥାନକୁ ନେଇ ଆସିଥିଲି । ଦୁଇ ବଖରା ଘର, ରୋଷେଇ ଘର, କୂଅ ପାଇଖାନା ସବୁ ସୁବିଧା ଅଛି । ଭଡ଼ା ୨୦ ଟଙ୍କା । ଚାକିରି ବାହାରେ ରହି ନ ପାଏ । ଦରମା ଅଶୀ ଟଙ୍କା ଭିତରେ ତ ପୁଣି ଚଳିବାକୁ ହେବ । ସେ ଆଉ ମୁଁ ଦୁଇ ଜଣ । ଭାବିଥିଲି ବେଶ୍ ଆନନ୍ଦରେ ଦିନଗୁଡ଼ିକ କଟିବ । ସେୟା ବି ହେଲା । ସେ ମୋତେ ଯେତିକି ଭଲ ପାଆନ୍ତି ମୁଁ ତାଙ୍କୁ ତାଠୁ ବେଶି ଭଲପାଏ । ବେଶ୍ ଆନନ୍ଦରେ ଦିନଗଡ଼ିକ କଟେ—କିନ୍ତୁ···କିନ୍ତୁ ରାତିଗୁଡ଼ିକ ନୁହେଁ—ମାନେ ଯାହା ସ୍ୱାଭାବିକ ଆମେ ତାଠାରୁ ଦୂରରେ ରହୁଚୁ ବୋଲି ମନେ ହଉଥିଲା । ଭାବିଲି, ହୁଏତ ନୂଆ ବୋଲି ଏମିତି ଅଟମଳ ଘଟୁଛି କିନ୍ତୁ ପରେ ବୁଝିଲି, କାରଣ ତା ନୁହେଁ—କାରଣ ଅନ୍ୟ କିଛି···

ଦିନେ କଣ ଗୋଟାଏ କଥାରେ ମୁଁ ଟିକିଏ ଅଭିମାନ କରିପାରି କହିଲି, "ତମ ହୃଦୟରେ କଣ ଟିକିଏ ହେଲେ ପ୍ରେମ ନାହିଁ ?"

ସେ କହିଲେ—"ପ୍ରେମଟା କଣ ହୃଦୟରେ ଥାଏ ? ହୃଦୟଟା ପରା ଗୋଟାଏ ଯନ୍ତ୍ର । ଧମନୀ ସହିତ ସଂଯୋଗ ଥିବାରୁ ତା'ଦ୍ୱାରା ସାରା ଶରୀରରେ ରକ୍ତ ସଞ୍ଚାଳିତ ହୁଏ । ପ୍ରେମଟା ହୃଦୟର କଥା ନୁହେଁ—ମସ୍ତିଷ୍କର କଥା । ମସ୍ତିଷ୍କ ତିନି ଭାଗରେ ବିଭକ୍ତ । ସେରିବ୍ରାମ୍, ସେରିବେଲମ୍ ଆଉ ମେଡୁଲା ଅବଲଙ୍ଗେଟା । ସେରିବ୍ରାମ୍ ଦ୍ୱାରା ପ୍ରେମ, ସ୍ନେହ, ଦୟା, ମାୟା, ଅନୁଭବ ଶକ୍ତି, ସ୍ମୃତିଶକ୍ତି, ବୁଦ୍ଧିଶକ୍ତି, ଇଚ୍ଛାଶକ୍ତି, ଘ୍ରାଣ, ସ୍ପର୍ଶଜ୍ଞାନ, ସ୍ୱାଦ ଏଇସବୁ ସୃଷ୍ଟି ଓ ପରିଚାଳିତ ହୁଏ । ସେରିବେଲମ୍ ଦ୍ୱାରା ଚାଲିବା,

ଦୌଡ଼ିବା, କଥା କହିବା କାମ ହୁଏ । ମେଡ଼ୁଲା ଅବଲଙ୍ଗେଟାରେ ଆଘାତ ଲାଗିଲେ ମନୁଷ୍ୟର ଚେତନା ଲୋପ ପାଇଯାଏ ।"

ମୋର ଅଭିମାନ ଉଭେଇ ଯାଇଥିଲା । କୌତୁହଳୀ ହୋଇ ପଚାରିଲି, "ତମେ ଏ ସବୁ କଥା ଜାଣିଲ କେମିତି ?"

"ଆମର ପଢ଼ା ହୋଇଥିଲା ଏନାଟମିରେ ।"

"କାଇଁ ଆମ ବେଳକୁ ତ ଏନାଟମି ପଢ଼ା ହଉ ନ ଥିଲା ।" ଅତି ଆଗ୍ରହର ସହିତ ପଚାରିଲି,—"ଏନାଟମିରେ କଣ ସବୁ ପଢ଼ କହିଲ ଦେଖି ।"

"ଏନାଟମି ହେଲା ଶରୀରତତ୍ତ୍ୱ—ଆମ ଦେହରେ ୨୦୬ଟି ହାଡ଼ ଅଛି । ହାଡ଼ ସବୁ ଖଣିଜ ଓ ଜାନ୍ତବ ପଦାର୍ଥ ସଂମିଶ୍ରଣରେ ଗଢ଼ା ହୋଇଥାଏ । ହାଡ଼ର ନାଆଁ ସବୁ ପଢ଼ାହୁଏ...ସ୍କଲ, ଭର୍ଟିବ୍ରାଲ, ଇ-ବୋନ୍, ହିପ୍-ବୋନ୍, ଆର୍ମ-ବୋନ୍, ରିବ୍ସ-ବୋନ୍, ଫିଙ୍ଗାର-ବୋନ୍, ବ୍ରେଷ୍ଟ-ବୋନ୍, କଲର-ବୋନ୍, ସିନ୍-ବୋନ୍, ଥାଇ-ବୋନ୍, ଅଲ୍‌ନା, ରିବସ୍ ଏମିତି ସବୁ ବୋନ୍‌ର ନାଆଁ— ତାପରେ କେତେଟି କି ଜଏଣ୍ଟ ଅଛି—ଏଲ୍‌ବୋ ଜଏଣ୍ଟ, ଏଙ୍କଲ୍ ଜଏଣ୍ଟ, ସୋଲଡର୍ ଜଏଣ୍ଟ, ହିପ୍ ଜଏଣ୍ଟ, ରିବ୍ସ ଜଏଣ୍ଟ ଏ ସବୁ ଶିଖାହୁଏ । ତାପରେ—ଆମେ ନିଶ୍ୱାସ ପ୍ରଶ୍ୱାସ ନେଉ କିପରି ? ଫୁସ୍ ଫୁସଦ୍ୱାରା । ହାର୍ଟର ଦୁଇ ପାଖରେ ଦୁଇଟି ଫୁସ୍‌ଫୁସ୍ ଅଛି । ସେଗୁଡ଼ିକ ସ୍ପଞ୍ଜ ଭଳିଆ ବାୟୁପୂର୍ଣ୍ଣ ଯନ୍ତ୍ର । ତା'ଦ୍ୱାରା ଶ୍ୱାସ ପ୍ରଶ୍ୱାସ କାମ ହୋଇ ରକ୍ତ ସଂଶୋଧନ ହୁଏ ।

ପାକସ୍ଥଳୀରେ କେମିତି ଖାଇବା ଜିନିଷ ପରିପାକ ହୁଏ, ତା ବି ପଢ଼ା ଯାଇଛି । ଖାଇବା ଜିନିଷ ଦାନ୍ତଦ୍ୱାରା ଚୋବାହୋଇ ଗଳନଳୀ ଭିତରେ ଦେଇ ପାକସ୍ଥଳୀରେ ପ୍ରବେଶ କରେ । ଇସୋଫେଗାସ ଦେଇ ପାକାଶୟକୁ ଗଲେ ପାକାଶୟରୁ ପେପ୍‌ସିନ୍ ନାମକ ଅମ୍ଳରସ

ନିର୍ଗତ ହୁଏ । ତଦ୍ୱାରା ଖାଇବା ଜିନିସ ଜୀର୍ଣ୍ଣ ହୁଏ—ସେଥିରୁ ରକ୍ତ ହୁଏ । ଅବଶିଷ୍ଟ ପିତ୍ତର ରସରେ ହଳଦିଆ ବର୍ଣ୍ଣ ହୋଇ ମଳ ଆକାରରେ ନିର୍ଗତ ହୁଏ । ଅନାବଶ୍ୟକୀୟ ଜଳୀୟ ଅଂଶ ଝାଳ ଓ ମୂତ୍ର ହୁଏ ।

"ଏଇସବୁ ନାନାକଥା ଏନାଟମିରେ ପଢ଼ାହୁଏ ।"

ସ୍ତ୍ରୀଙ୍କର ଜ୍ଞାନର ଗଭୀରତା ଦେଖି ଆନନ୍ଦିତ ହେଲି—ଶିକ୍ଷିତା ସ୍ତ୍ରୀକୁ ବିବାହ କଲେ ଏସବୁ ହେଲା ବଡ଼ ଲାଭ ।

କହିଲି—"ତମେ ଏତେକଥା ଜାଣିଚ ଶୁଣି ଖୁସି ଲାଗୁଚି—ଆମ ବେଳକୁ ଏନାଟମି ଗୋଟାଏ ସବ୍‌ଜେକ୍ଟ ନ ଥିଲା; ନହେଲେ ମୁଁ ବି ଶିଖି ଥାଆନ୍ତି ।"

"ଏନାଟମି ତ ଗୋଟାଏ ଅଲଗା ସବ୍‌ଜେକ୍ଟ ଭାବେ ପଢ଼ାଯାଏ ନା—ଡୋମେଷ୍ଟିକ୍ ସାଇନ୍‌ସରେ ଏନାଟମି ହେଲା ଗୋଟାଏ ବିଷୟ । ମୋର ଡୋମେଷ୍ଟିକ୍ ସାଇନ୍‌ସ ଅପ୍‌ସନାଲ ଥିଲା । ଡୋମେଷ୍ଟିକ୍ ସାଇନ୍‌ସ ବା ଗୃହ ବିଜ୍ଞାନରେ ଆମର ପଢ଼ାହୁଏ ଏନାଟମି, ହାଇଜିନ୍, ରୋଗୀର ସେବା, ଶିଶୁ ପାଳନ, କୁକିଙ୍ଗ୍, ଘରସଜା, ଘର ମେନେଜମେଣ୍ଟ; ସିଲେଇ ଅଉ ପ୍ରାକ୍‌ଟିକାଲ ।"

ତାଙ୍କ ମୁହଁରୁ ଗୋଟିଏ ଗୋଟିଏ କଥା ବାହାରିଲା ବେଳକୁ ମୋ ଆଖି ଆଗରେ ଭବିଷ୍ୟତର କେତେ ରଙ୍ଗୀନ ଛବି ଫୁଟି ଯାଉଥାଏ । ବାସ୍ତବିକ୍ ସୁଗୃହିଣୀ ହେବା ସକାଶେ "ଗୃହ ବିଜ୍ଞାନ" ଶିକ୍ଷା କରିବା ଏକାନ୍ତ ଆବଶ୍ୟକ । ତାହେଲେ ପାରିବାରିକ ଜୀବନ ସୁଖମୟ ହେବ । ରନ୍ଧାବଢ଼ା କରିବା, ବେରାମ ହେଲେ ସେବା କରିବା, ପିଲାଛୁଆଙ୍କୁ ମଣିଷ କରିବା, ଘର ଚଳେଇବା ଇତ୍ୟାଦି ସବୁ ଶିକ୍ଷା ବେଶ୍ କାମରେ ଲାଗିବ । ମୁଁ ଖୁବ୍ ଖୁସି ହୋଇ ଉଠିଲି

କିନ୍ତୁ ମୋର ଆନନ୍ଦ ବେଶି କ୍ଷଣସ୍ଥାୟୀ ହେଲା ନାହିଁ । ମୋ ସ୍ତ୍ରୀ ପ୍ରତ୍ୟେକ ବିଷୟରେ କ'ଣ କ'ଣ ପଢ଼ିଛନ୍ତି ଯେତେବେଳେ ଗୋଟି ଗୋଟି କରି ବୁଝେଇ ଦେଲେ ମୋର ଆନନ୍ଦ ଲିଭିଗଲା ।

ହାଇଜିନ୍‌ରେ ପଢ଼ାହୁଏ ଡି.ଡି.ଟି. ଦ୍ୱାରା ଘରକିର କେମିତି ଡିସଇନ୍‌— ଫେକ୍‌ସନ୍ କରାଯିବ—ଫିନାଇଲଦ୍ୱାରା ଧୋଇବ, ପୋଛିବ—ପରିଷ୍କାର ପରିଚ୍ଛନ୍ନତା—ଲୁଗାପଟା ବିଛଣା କେମିତି ସଫା ରଖାଯିବ—ଭେଣ୍ଟିଲେସନର ବ୍ୟବସ୍ଥା, ଦାନ୍ତ ପରିଷ୍କାର କରିବା—ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା—ସକାଳେ ବୁଲିଯିବା ଇତ୍ୟାଦି ।

ରୋଗୀର ସେବାରେ ପଢ଼ାହୁଏ ଟାଇଫଏଡ ରୋଗୀର କିପରି ବିଛଣା କରିବ—କଲେରା, ବସନ୍ତ ରୋଗୀର କିପରି ସେବା କରିବ—ବୋନ୍ ଫ୍ରାକ୍‌ଚର ହେଲେ କଣ କରିବ ଏଇସବୁ । ଜ୍ୱର, ମୁଣ୍ଡବଥା, କାଶ, ଶର୍ଦ୍ଦି; କାଛୁକୁଣ୍ଡିଆ ଏ ସବୁ ହେଲେ କଣ କରିବ ତା ପଢ଼ା ଯାଇ ନା ।

ଶିଶୁପାଳନରେ ପଢ଼ାହୁଏ ପିଲାକୁ କେମିତି ଗାଧୋଇ ଦେବ, ଖୁଆଇବ, ବୋତଲରେ କେମିତି ଦୁଧ ଦେବ, ତାକୁ କେମିତି ନାପ୍‌କିନ ପିନ୍ଧାଇବ, ତାର କନାପଟା କେମିତି ସଫା ରଖିବ, ତାର ଶର୍ଦ୍ଦି, କାଶ ନ ହେବାପାଇଁ କିପରି ନଜର ରଖିବ, ତାକୁ ପ୍ରତ୍ୟେକ ଦିନ କେମିତି ବୁଲେଇବାକୁ ନେବ ଇତ୍ୟାଦି ।

କୁକିଙ୍ଗ୍ କ୍ଲାସରେ ଶିଖା ଯାଉଛି ପଲଉ ମାଂସ ରାନ୍ଧିବା ଓ ପୁଡ଼ିଙ୍ଗ୍ ତିଆରି କରିବାର ପ୍ରଣାଳୀ । ଭାତ, ଡାଲି, ତରକାରି କେମିତି ରାନ୍ଧିବାକୁ ହୁଏ ତା ପଢ଼ା ଯାଉ ନା । ମୋ ସ୍ତ୍ରୀ ବରାବର ହଷ୍ଟେଲରେ ରହି ପାଠ ପଢ଼ି ଥିବାରୁ ଘରେ ମଧ୍ୟ ଶିଖିବାର ସୁଯୋଗ ପାଇ ନାହାନ୍ତି । କିନ୍ତୁ କଣ କରାଯିବ !

ଘର ସଜାସଜିରେ ପଢ଼ା ଯାଇଛି କୋଉଟି ଡ୍ରଇଁ ରୁମ୍ ହେବ, ବାଥ ରୁମ୍, କିଚେନ, ସର୍ଭେଣ୍ଟସ କ୍ୱାଟର, ଡ୍ରେସିଙ୍ଗ ରୁମ୍, ଡାଇନିଙ୍ଗ୍ ରୁମ୍, ଷ୍ଟୋର ରୁମ୍, ଅଫିସ ରୁମ୍ ବା ଷ୍ଟଡ଼ି ଗେଷ୍ଟ ରୁମ୍ କୋଉଟି ହେବ ଏବଂ ପ୍ରତ୍ୟେକ ରୁମ୍ କିପରି ଭାବରେ ଫରନିସ୍ କରିବାକୁ ହେବ ଏହି ବିଷୟ । ଦୁଇଟି ରୁମ ଗୋଟିଏ କିଚେନ ଭିତରେ ଏତେଗୁଡ଼ିଏ ରୁମ୍‌ର ବ୍ୟବସ୍ଥା କରିବା କଥା ପଢ଼ା ଯାଇ ନା । ହାଉସ୍ ମେନେଜ୍‌ମେଣ୍ଟରେ ପଢ଼ାଯାଇଛି ଟ୨୫୦୯ରୁ ଟ୫୦୦୯ ମାସିକ ଆୟକୁ କିପରି ଖର୍ଚ୍ଚ କରିବ । ଘରଭଡ଼ା, ଔଷଧପତ୍ର, ଲୁଗାପଟା—ଖାଦ୍ୟ ଜଳଖିଆ—ଆମୋଦ ପ୍ରମୋଦ ଧୋବାଭଣ୍ଡାରୀ—ଇନ୍‌ସ୍ୟୁରେନ୍ସ—ଇଲେକ୍‌ଟ୍ରିକ୍ ଖର୍ଚ୍ଚ—ଅତିଥି ଅଭ୍ୟାଗତ—ଦାନ ଖୈରାତ—ସଞ୍ଚୟ ଏମିତି ସବୁ ବାବଦ ବାବଦରେ କେମିତି ଖର୍ଚ୍ଚ କରିବାକୁ ହେବ । ଟ୨୫୦୯ରୁ ତଳକୁ ପଢ଼ା ଯାଇନାହିଁ ସେଥିଯୋଗୁ ଟ୮୦୯ ପାଇଁ ବଜେଟ୍ ତିଆରି କରିବା ତାଙ୍କଦ୍ୱାରା ସମ୍ଭବ ନୁହେଁ ।

ସିଲେଇରେ ଶିଖାଯାଇଛି ଉଲ୍‌ରେ ମୋଜା, ଟୋପି, ଫ୍ରକ୍ କେମିତି ସିଲେଇ କରିବ ।

ପ୍ରାକ୍‌ଟିକାଲରେ ଶିଖାଯାଇଛି ଶଙ୍ଖ ମଲ ମଲ ପଥର, ହାତୀଦାନ୍ତ ପ୍ରଭୃତିରୁ କିପରି ଭେସଲିନ୍ ଦେଇ ଦାଗ ଛଡ଼େଇବ । ଉଲ୍ ସିଲ୍‌କର ପୋଷାକ କେମିତି ଧୋଇ ଇସ୍ତ୍ରୀ କରିବ । ସିଲ୍‌କରୁ କେମିତି ଲହୁ ଦାଗ ଛଡ଼େଇବ ଇତ୍ୟାଦି ।

ସ୍ତ୍ରୀଙ୍କର ଗୃହ ବିଜ୍ଞାନ ଓ ଶିକ୍ଷା ଅଗରେ ମୁଁ ଖୁବ୍ ସାନ ଦିଶିଲି । ମନ ଉଣା ହୋଇଗଲା ତଥାପି ଉପଯୁକ୍ତ ସମୟ ଭାବି କହିଲି; "ତମର ସ୍କୁଲ କର୍ମକର୍ତ୍ତାଙ୍କର ଆକାଂକ୍ଷା ଆଦର୍ଶ ଖୁବ୍ ଉଚ୍ଚ । ସେମାନେ ସିଲବସ ଏମିତି ଗଢ଼ିଛନ୍ତି ସେମିତି ତାଙ୍କର ଛାତ୍ରୀମାନେ

ମାଜିଷ୍ଟ୍ରେଟ୍, କଲେକ୍ଟର, ଡେପୁଟି ମାଜିଷ୍ଟ୍ରେଟ, ପ୍ରଫେସର, ମନ୍ତ୍ରୀ, ଜମିଦାରମାନଙ୍କ ଘର ଚଳାଇ ପାରିବେ । ଡ୍ରଇଂ ରୁମ, ଡ୍ରେସିଂ ରୁମ୍, ଷ୍ଟଡ଼୍ ସର୍ଭେଣ୍ଟସ କ୍ୱାର୍ଟରରେ ଚଳିବେ—ପଲାଉ, ମାଂସ, ପୁଡ଼ିଙ୍ଗ୍ ଖାଇବେ, ଉଲ୍ ସିଲ୍କ ପୋଷାକ ବ୍ୟବହାର କରିବେ—ହାତୀଦାନ୍ତ, ମାର୍ବଲର ଜିନିଷ କାରବାର କରିବେ—ମୋ ପରି ଅଶିକ୍ଷିଆ କନ୍ୟାକୁ ବାହାହୋଇ ଦୁଇଟା ରୁମ୍‌ରେ ଚଳି, କପଡ଼ା ଲୁଗା ବ୍ୟବହାର କରି, ଡାଲି ଭାତ ଖାଇଲେ ଏ ଶିକ୍ଷାର ସାର୍ଥକତା କେଉଁଠି ରହିଲା । ତମେ ସେଥିପାଇଁ ବୋଧହୁଏ ସ୍ୱତରେ......"

ସେ ମୋତେ କୋଳରେ କୁଣ୍ଢେଇ ଧରି କହିଲେ, "ନା-ନା-ନା କଦାପି ତା ନୁହେଁ । ମୁଁ ତମକୁ ଖୁବ୍ ଭଲପାଏଁ । ଆମ ସ୍କୁଲର ସବୁ ପିଲା କଣ ବଡ଼ ଘରେ ବାହା ହଉଚନ୍ତି ? ମୋ ବ୍ୟବହାରରେ ମୁଁ ତମ ମନରେ କଷ୍ଟ ଦଉଛି ସେଥିପାଇଁ ମୋତେ କ୍ଷମା କରିବ । ସତ କଥା କହୁଛି ମୁଁ ସେ ବିଷୟରେ କୌଣସି ଶିକ୍ଷା ପାଇନାହିଁ । ସାଙ୍ଗ ପିଲାଙ୍କଠାରୁ ଯାହା କିଛି ଶୁଣି ଶିଖିଛି, ସେ ବିଷୟରେ ମୋର ଆଦୌ ଆସ୍ଥା ନାହିଁ, କାରଣ ସେ ସବୁ ବିଜ୍ଞାନ-ସମ୍ମତ ନୁହେଁ ।"

"ତମେ କହୁଛ ଯେ ଶିଶୁପାଳନ ବିଷୟରେ ଏତେ କଥା ଶିଖିଚ— ତାଙ୍କୁ ଗାଧୋଇଦେବା, ଖୋଇବା, ଯତ୍ନ ନବା ସବୁ ଶିଖିଚ । ସେ ସବୁ ଶିଖି ଲାଭ କଣ ? ଶିଶୁ ଜାତ ହେଲେ ସିନା ସେ ଶିକ୍ଷା ଦରକାରରେ ଆସିବ । ଶିଶୁ ପାଳନ ଶିକ୍ଷା ଦେବା ପୂର୍ବରୁ ଶିଶୁ କେମିତି ଜନ୍ମ ହୁଏ ତା ନିଶ୍ଚୟ ଶିଖାଇ ଥିବେ ।"

"ନା ସେ କଥା ଆମ ସିଲାବସରେ ନାହିଁ । ମାଟ୍ରିକ ପଢ଼ା ଛୋଟ ପିଲା ଆମେ; ସେ ସବୁ ଖରାପ କଥା ବୋଲି ଆମକୁ ଶିଖା

ଯାଏ ନି—ସେ ସବୁ ପଢ଼ା ହୁଏ କଲେଜରେ । ତାଙ୍କ ସିଲବସରେ ଗର୍ଭତନ୍ତ୍ର ଅଛି । ଗର୍ଭ-ସଞ୍ଚାର, ଗର୍ଭ-ଲକ୍ଷଣ, ଗର୍ଭାବସ୍ଥାରେ ଖାଇବା ପିଇବାରେ ନିୟମ ପାଳନ, ଅରୁଚି, ବାନ୍ତି, କୋଷ୍ଠବଦ୍ଧ, ମୁଣ୍ଡବଥା, ଯନ୍ତ୍ରଣା ଏହି ସବୁପାଇଁ କି ସାବଧାନତା ଅବଲମ୍ବନ କରିବ, କଣ ଚିକିତ୍ସା କରିବ ସବୁକଥା କଲେଜରେ ପଢ଼ାହୁଏ । ଆଉ ଏ ସବୁ ମଧ୍ୟ ବେଶ୍ ବୈଜ୍ଞାନିକ ପଦ୍ଧତିରେ ଶିଖାଯାଏ ।"

"ସମସ୍ତେ ତ କଲେଜରେ ପଢ଼ନ୍ତି ନାହିଁ । ମାଟ୍ରିକ ପଢ଼ିଲା ପରେ କି କେତେ ଝିଅ ବାହା ହୋଇ ପଡ଼ନ୍ତି । ଏକଥା କଣ ଡି.ପି.ଆଇ. ଜାଣନ୍ତି ନାହିଁ ? ଏମିତ ଓଲଟା ସିଲବସ ତାଙ୍କ ?"

ଆଉ ବିଚାର କରିବାର ବା ବିଳମ୍ବ କରିବାର କିଛି ନ ଥିଲା । କଲେଜରେ ନାଆଁ ଲେଖାଇ ଦେଇଛି, ଆଉ ତାଙ୍କୁ ଅନୁରୋଧ କରିଛି ଅଲ୍ପ ଅଗ୍ରିମ ଖର୍ଚ୍ଚ ବ୍ୟବସ୍ଥା କରିବା ସକାଶେ ଇକନମିକ୍ସ ବୋଲି କଣ ଗୋଟିଏ ବିଷୟ ପଢ଼ା ହୁଏ କଲେଜରେ, ସେ ବିଦ୍ୟାଟା ଯେମିତ ଶିଖି ଆସିଥିବେ ।

---

# କଲ୍ଲୀ ବେନ୍ତ କଥା

ଛୁନା ଝିଅ ପଲ୍ ଦଦ ଭାତ ଖାଇଦେଲେ ବୋଉ କେତେ କଥା ଶୁଣେଇବ, ଭୁଆଁ ଭୁଇଁ କଥା, ରଜୁଳିଆ ପଦା କଥା, ଗୁଲ ଗୁଦଲି କଥା କଲ୍ଲୀ ବେନ୍ତ କଥା କେତେ କଥା—ଅଁ କଲ ଖାଇଦେଲ୍ ଛୁନାଟା—କଲ୍ଲୀ ବେନ୍ତ କଥା କହିବ । ଅଁ-ଅଁ-ଭୁ ଗୁନ୍ଦା ଗୁନ୍ଦା କଲ୍ ଖାଇଦେ...

ଗୋଟେ ମା ତାର ପୁଅ ତାଏ ଭ୍ରାଲ ଗଲ୍ଦବ—ପୁଅର ନାଅଁ ଅନ୍ତା—ମାଅ ଯାଇ କଲ୍ କାମକଲ୍ ବାଛନ ମାଣ୍ଡ ଧାନ କୁଟ ମାଗି ଯାଚି କଲ୍ ଅନ ପୁଅକୁ ଖୁଆଏ—ଅନ୍ତା ତା ଭଲ ଦୁଷ୍ଟ ଛବୁ-ବେଳେଦୁସ୍ତାମି କଲ୍ଥାଏ ମାଲ୍ ମଲ୍ମଲ୍ । ଦଟନ ଦିନ ହେଇବର ମା କେତେ କଥା ସନ୍ଧକଲ୍ ଅନ୍ତାକୁ ଦେଇଚ—ଅନ୍ତା ଖାଇକଲ ଖୁରି—ମାଅ କଇଲ "ପୁଅଲେ ତୁ ତ କଲ ଖାଇବାକୁ ଖୋଜୁଚୁ

ଆମ ବାଲିଲେ ପନ ପଲ୍‌ବା କଲେ ଖାଅନ୍ତୁ ନା ! ଅନ୍ତା ଭଇଙ୍କ ମତେ ମଞ୍ଜି ଦେଏ ମୁଁ ନେଇ କଲି ପଲ୍‌ବା କଲିବି ।" ମାଆ ଛେଚୁଲ୍ ଗୋଟେ କଲଲ ମଞ୍ଜି ତୋଇଥି ଲଖିଥେଇ ଦେଲା । ଅନ୍ତା ମଞ୍ଜିକି ନେଇ ବାଲିଲେ ପୋତି ଠିକିଏ ପାନି ଦେଇ ମଞ୍ଜିକି କହିଲା, ଯେବେ କାଲିକି ଗଛା ନ ହେଇଥିବୁ ତତେ ମାମୁଁ ଘଲ୍ କତୁଲି ଅନି ଭକ ଭକ କଲି ଦେବି । ଅନ୍ତା ତ କୁସ୍ତ ଚଲେ ତାକୁ ହାନଦ୨ ବୋଲି ଦଲ୍‌ବଲି ମଞ୍ଜି ତା ଅଲଧନ ଗଛା ହୋଇଗଲା ସତଲେ । ଛେଧନ ପାନି ଦେଲା ବେଲେ ଅନ୍ତା କଇଲା 'କାଲିକି ପତଲ ହେଇଥିବୁ ନଇଲେ ତତେ ହାନିବି ।' ଛତକୁ ଛତ ତହିଁ ଅଲଧନ ଗଛାଲ୍ ପତଲ ହେଇଚି — ଛବୁଧନ ଏମିତି ଦଲେଇ-ବାଲ୍ ଅଲ୍‌ପଧନ ଭିତରେ ଲଟା ମ.ଧଲା—କଲ୍‌ଲା କଟ୍ଟିତଏ ହେଲା ଅଜ କଲଲା ପାଚିଲା । ଅନ୍ତା ମନ ଭାଲି ଖୁସି—ଦାଢଲେ ଯିଏ ଯାଏ ତାକୁ ଦାକ୍ କଲଲା ଦେଖାଏ — ଧନେ ଗୋଟେ କୁଅ ଛେ କଲନା ତା ଦେଖି କହିଲା "ହେ କଲଲା ମୁଁ ତତେ ଖାଇବି" କଲଲା କହିଲା "ଯା କୁଅଲେ ଥନ୍ତ ଧୋଇ ଅଣ୍ଟିବୁ ମତେ ଖାଇବୁ" ଛେଚୁଲ୍ କୁଅ ଯାଇ କୁଅକୁ କହିଲା 'ଦେ କୁଅ ଦେ ପାନି, ଧୁଏ ଥନ୍ତ ଧାଇଁ ଧାଇଁ ଖାଏ କଲ୍‌ଲା ବେନ୍ତ ।' କୁଅ କହିଲା "ପାନି ନବୁ କୋଉଥିଲେ ? ଯା କୁମ୍ଭାଲ ଘଲ୍ ଗୋଟେ କଲଛ ଅଣିବୁ ସେ ପାନି ଦେବ । ଛେଚୁଲ୍ କୁଅ କୁମ୍ଭାଲ ଘଲକୁ ଯାଇ କହିଲା ଦେ କୁମ୍ଭାଲ କଲଛ ଗୋଟେ କାଟେ ପାନି ଧୁଏ ଥନ୍ତ, ଧାଇଁ ଧାଇ ଖାଏ କଲ୍‌ଲା ବେନ୍ତ । "କୁମ୍ଭାଲ କହିଲା ବାଲିଲ୍ ମାଟି ଅନ କଲଛ କଲିଦେବି ।" କୁଅ ବଲକୁ ଯାଇ କହିଲା "ଦେ ବାଲ ଦେ ମାଟି, ଗଢ଼ୁ କୁମ୍ଭାଲ କଲଛ ଗୋଟେ କାଟେ ପାନି ଧୁଏ ଥନ୍ତ ଧାଇଁ ଧାଇଁ ଖାଏ କଲ୍‌ଲା ବେନ୍ତ ।" ବଲ କହିଲା ମିଲଗ ପାଖିଲ୍ ଛିଙ୍ଗ ଅନିଲେ

ମତେ ଖୋଲିବୁ । ମିଳିଗ ଖାଖିକୁ ଗଲ୍ଲଲ୍ ଛେ ଭଦ୍ଧଲା ଯା ଦ୍ଧଲିଲ୍ ଘାର ଅନିବୁ । 'ଦ୍ଧଲ ପାଖିକୁ ଗଲାକୁ ସେ ଭଦ୍ଧଲା ଯା ଜମାଲ ଘଲ୍ ଦାଅ ଅନ୍ନାବୁ ଘାଛ ଭାଡବୁ— ଲୁଅ ଛେମିଡ ଯାଇ ଜମାଲକୁ ଭଇଲା "ଦେ ଜମାଲ ଦେ ଦାଅ, ଭାତେ ଘାଛ, ଖୀର ଭାଲ୍ଲିଗାଛ ଦଉ ଦୁଧ, ଖାଉ ମିଲିଗ ଦଉ ଶିଙ୍ଗ, ଖୋଲେ ମାଡ, ଗଧୂ ଲୁମ୍ବାଇ ଭଲଛ ଗୋଡ ଭାଧେ ପାନି ଧୁଏ ଅନ୍ତ ଧାଇଁ ଧାଇଁ ଖାଏ ଭଲ୍ଲି ବେନ୍ତ," ଜମାଲ ମନରେ ଭଦ୍ଧଲା, "ଭୋଇ ଏତେ ପିସାଦ ବନ୍ଧ ଦଉଛ," ଭଦ୍ଧଲା ଭୋଇଥିଲେ ନବୁ ? ଲୁଅ ଭଦ୍ଧଲା ଅନ୍ତରେ ଜମାଲ ଦାଅଭାକୁ ଉତେଇ ଅନ୍ତରେ ଲଗିଦେଲା 'ଲୁଅଃ। ଛଳପଳ ହେଇ ମଲିଗଲା । ତହୁଁ ଅବଦନ ଅନ୍ତା ଭଲିଲାଠା ଲଜ୍ଜ ମଜାରେ ଖାଇଲା—ମୋ ଭଥାଡ ଛଇଲା ।

ଲୁନା ହିଅ ଛବୁ ଖାଇ ଦେଉଛି—

# ବ୍ୟାକ୍ ଗ୍ରାଉଣ୍ଡ

ଚୋଇକ, ଦର ପୋଡ଼ା ଭାତ, ଭଙ୍ଗା ଇଟା, ଅମ୍ବ ଟାକୁଅ । କଣ କହିଲେ ? ନା, ନା, ମିଉଜିୟମ୍ ପିସ୍ ନୁହେଁ,—ମୁଁ ବୈଜ୍ଞାନିକ ନୁହେଁ, କିମ୍ବା ଭୂତତ୍ତ୍ୱ, ପ୍ରତ୍ନତତ୍ତ୍ୱ କୌଣସି ତତ୍ତ୍ୱବିତ୍ ନୁହେ । ତ୍ରିବଂସ୍ତୁଣ ଅଲୋଚନା କରେନି । ଅବର୍ଜନା ସଂଗ୍ରହ ? ହଁ—ଆପଣ କଣ ଯେ କହୁଚନ୍ତି । ଅପଣଙ୍କ ମତରେ ପାଗଳମାନେହିଁ କେବଳ ଏମିତିକା ଜିନିସ ଟେବୁଲରେ ସଜେଇ ରଖନ୍ତି । ମୋଟ ଉପରେ ମୁଁ ଯାହା ଜାଣେ ଅପଣ କେବେ ପ୍ରେମରେ ପଡ଼ି ନାହାନ୍ତି । ଶିଗଲ—ସ୍ତ । ଅପଣ ରହିଛ ଆଣି ନିଅନ୍ତୁ । ମୁଁ କହୁଛି । ସିଗାରେଟ୍ । ଅଚ୍ଛା ଦିଅନ୍ତୁ । ଧନ୍ୟବାଦ ।

ଆଜି କାଲି କେତେ କେବେ ଶିଭ୍ଲଈ ଦେଖିଲେ ହସେ—ମନେ ପଡ଼ି ଯିବେ । ଦପସିଲିଥା ଭୋଜ ନାହିଁ ଅଜି, ଦିଅନ୍ତୁ ମୁଁ

ଭଗବତ—ଧନ୍ୟବାଦ । ଶିଉଲି ଓଃ! କର କହେ ବାଃ ରେ ପ୍ରେମିକ, ତମକୁ ଅଉ କିଛି ମିଳିଲାନି, ଏଇ ଦରପୋଡ଼ା କାଠ କୋଇଲାକୁ ସାଇତି ରଖିଚ ଏତେ ଯତ୍ନରେ ? ଉତ୍ତର ରେ ମୁଁ କହେ 'ଏଇ କୋଇଲା ଭିତରୁ ମୁଁ ଗନ୍ଧେ ଘ୍ରାଣ ପାଇଚି ଯେ !' ଶିଉଲି ହସେ ମୋ ନାକଟା ଟାଣି ନିଏ, ଗୋଡ଼ଟା ମାଡ଼ିଦିଏ ଅଉ କାନଟା ଚିମୁଟି ପକାଏ ଖୁସିରେ ।

ଶିଉଲିକୁ ମୁଁ ଜାଣିଲି ସମ୍ବଲପୁରରେ । ମୋ ବସାକୁ ଲାଗିକରି ତାଙ୍କ ଘର । ସିଏ ଅଉ ତାର ସ୍ୱାମୀ । ହୁଁ ଅପଣ ପଢ଼ୁଲେ ଶୁଣନ୍ତୁ । ତାର ସ୍ୱାମୀ ଯେମିତି ମିଜାଜୀ ନୁହନ୍ତି । ସୁନ୍ଦରୀମାନଙ୍କର ସ୍ୱାମୀମାନେ ସାଧାରଣତଃ ଯେମିତି ହୋଇ ଥାଅନ୍ତି—ସେମିତିଅ । କଣ ଗୋଟାଏ ଟୁର୍ରିଂ ଷ୍ଟକ୍କାର କରନ୍ତି । ମାସକରେ ପନ୍ଦରଦିନ ଘରୁ ଅନୁପସ୍ଥିତ । ଗୋଟାଏ ପିଲା ସୁଦ୍ଧା ନେଇ ଶିଉଲି ରହେ ଏକା । ମୁଁ ମୋର ବାରଣ୍ଡାକୁ ଅସିଲେ ଶିଉଲିକୁ ଦେଖିପାରେ—ସେ ଘରେ କଣ କରୁଚି ସବୁ ଦିଶେ ମତେ । ତା କଳାଅ ଝିଅଟିଏ ଦେଖିବାକୁ ମିଳିଲେ ଅଖି ଫେରେଇ ନେଇ ହେବନି ସହଜରେ, ସେଇ ଯୋଗୁଁ ଘରେ ଥିବା ତକ ମତେ ଏତେ ଗଡ଼ମ ହୁଏ ମୁଁ ଘରଭିତରେ ଜମା ରହି ପାରେନି, ବାରଣ୍ଡାରେ ବସା ଉଠା କରେ । ଶିଉଲି ଅଖିରେ ମୋ ଅଖି ପଡ଼େ କେବେ ମିଶିଗଲେ ମୁଁ ଫେରେଇ ନିଏଁ ମୋ ଅଖି—ଜାଣନ୍ତି ତ ବଦ୍‌ନା ।

ଶିଉଲି ଏକୁଟିଆ ରହି ରହି ହୁଏତ ବିରକ୍ତ ହେଇ ପଡେ, ମୋ ସାଥିରେ ହେଲମେଲ ହେବାକୁ ଇଚ୍ଛା କରେ ମୁଁ କିନ୍ତୁ ବେଶି ପ୍ରଶ୍ରୟ ଦିଏନି—ପର ସ୍ତ୍ରୀ ଯେତେହେଲେ ।

ଅମ ଭିତରେ ଘନିଷ୍ଠତା ଯଦି କୁହାଯାଏ ସେଇଟା ଆରମ୍ଭ ହେଇଥିଲା ଶିଉଲିର ପୁଅ ହୁଲୁ ଟିକିଏ ବଡ଼ ହେଇ ଯିବାର ପରେ

ପରେ । ଶିଉଲି ଝୁନୁକୁ କାଖେଇ ହୁଏତ ଠିଆ ହେଉଛି, ଝୁନୁ ମତେ ଲାଗେ, ତାର ଟିକି ହାତ ଠାରି ଡାକେ ଆଉ ମୁଁ ବି ହାତ ହଲେଇ ଦିଏଁ । ଝୁନୁ ଖୁସି ହୋଇ ମା'ଆ କୋଡ଼ରେ ମୁହଁ ଲୁଚେଇ ଦିଏ— ମା'ଥ ମୋ ଅଡ଼କୁ ଟିକିଏ ଅନେଇ ହସେ—ମୁଁ ବି ହସିଦିଏଁ ସମର୍ଥନ କଲାପରି ।

ଝୁନୁକୁ ନେଇ କରି ଶିଉଲି ସାଥିରେ ବେଶ୍ ଗୋଟାଏ ଆତ୍ମୀୟତା ଜମି ଉଠିଲା—ଝୁନୁ ସାଙ୍ଗରେ ଖଣ୍ଡି ଖଣ୍ଡି କଥା ଆଉ ଆଉ ଶିଉଲି ସାଙ୍ଗରେ ହୁଏ ଅନେକ କଥା । ଶିଉଲିର ବଡ଼ ଆଗ୍ରହ । ମନ ଖୋଲି କଥା ହେବା ପାଇଁ ସତେ ଯେମିତି ତାର ଦମ ଅଟକି ରହିଥିଲା ଏତେଦିନ ।

ଝୁନୁ ପାଇଁ ଯୋଉଦିନ ମୁଁ ଗୋଟାଏ ଡଲ୍‌ର କଣେଇ କିଣି ଆଣିଥିଲି, ଶିଉଲି ଝୁନୁ ତରଫରୁ ମତେ ଧନ୍ୟବାଦ ଜଣେଇ କହିଲା "ଭାଇଁଙ୍କୁ ଏତେ ଖର୍ଚ୍ଚ କରିବାକୁ ଗଲେଣି ।" ଉତ୍ତରରେ ମୁଁ "ନାଇଁ ଅସୁଁ। କଣୁଁ" ଧରଣର କେତେଟା ଅବୋଧ୍ୟ ଅନୁନାସିକ ଶବ୍ଦ ଉଚ୍ଚାରଣ କରି ମୋର ବିନମ୍ରତା ପ୍ରକାଶ କରିଥିଲି । ଅନେକ ରାତିସାଏ ସେଦିନ ଆମେ ଠିଆ ହୋଇ ଗପ କରିଲୁ । ଝୁନୁ ଶୋଇ ପଡ଼ିଲା, ମୁଁ କହିଲି "ଯାଆନ୍ତୁ ଆଜ୍ଞା ଝୁନୁକୁ ଶୋଇ ପକାଇବେ ।"

"ଯାଉଛି ତମେ ଆଜ୍ଞା ଆଜ୍ଞା କେତେ କହୁଛ" ଶିଉଲି ମୁରୁକି ହସି ମତେ ଟିକିଏ ପେଲି ଦେଇ ଚାଲିଗଲା—ମୁଁ ନିର୍ବାକ ହୋଇ ଠିଆ ହୋଇ ରହିଲି । ମୋର ନିଶ୍ୱାସ ବନ୍ଦ ହୋଇଗଲାପରି ଲାଗିଲା ଆଉ ଛାତି ଭିତରେ ସେଇ ଧକ୍ ଧକ୍ । ଶିଉଲି ମତେ ଭଲ ପାଏ !! ସେ ମତେ ଏମିତି ଅର୍ଥପୂର୍ଣ୍ଣଭାବରେ ପେଲି ଦେଲା କାହିଁକି ? ଦୁର୍ବଳତା ମୋ ଆଗରେ ପ୍ରକାଶ କଲା କାହିଁ ? ନା—

ନା  ଏଇ ଅସମ୍ଭବ—ହେଇ ପାରେ ନା—ମୁଁ ଏପରି ସମ୍ବନ୍ଧ ବାନ୍ଧିବାକୁ ଦେବି ନି । ସେ ପର ସ୍ତ୍ରୀ—ଅନ୍ୟ ଜଣକର—ମୁଁ ଏତେ ନୀଚ ହେଇ ପାରିବି ନା । ଘଣ୍ଟାଏ ପର୍ଯ୍ୟନ୍ତ ଦାଣ୍ଡ ଚୌକିରେ ପଡ଼ି ମୁଁ ଛଟପଟ ହେଲି, ଘରେ ଆସି ବିଛଣା ଧରିଲି କିନ୍ତୁ  ମୁଣ୍ଡ ଭିତରେ ଝଡ଼ ବହୁଥିଲା ବେଳେ ନିଦ କଣ ସହଜରେ ହୁଏ ! !

ମୁଁ ପୁଣି ଦାଣ୍ଡକୁ ଉଠି ଅସିଲି—ଅନ୍ଧାରରେ ଶିଉଲି ଘର ପିଣ୍ଡା ଉପରେ ସେ କିଏ ଠିଆ ହେଉଛି ? “ହେ ଏଇ, ଶୁଣ” ମୁଁ ଡାକିଲି ନିମ୍ନ ସ୍ୱରରେ । କଳା ନାରୀ ମୂର୍ତ୍ତିଟା ମୋ ପାଖକୁ ଲଗି ଅସିଲା । କଥା କହିବା ପାଇଁ ବେଳ ନ ଥିବ । ମୁଁ ସେଇ ମୂର୍ତ୍ତିଟାକୁ ଜୋର କରି ଟେକି ନେଇ ଅସିଲି ମୋର ଘର ଭିତରକୁ । କବାଟ କିଳିଦେଲି ଭିତରୁ । ତା ପରେ ଅମେ ଦହେଁ ଦହିଁଙ୍କି ନିବିଡ଼ ଭାବେ ଜାକି ଧରିଥିଲୁ  ଅମର ମୁହଁରେ କଥା ନ ଥିଲା—ଓଠରେ ଓଠ ମିଶି ଯାଇଥିଲା ଯେ ।

ଶେଷରେ ଶିଉଲି ସେତେବେଳେ ତୁନି ତୁନି ଅନୁରୋଧ କରିଥିଲା “ଛାଡ଼, ଯାଉଛି ପୁଅ ଉଠିବ” ମୁଁ ପଚାରି ଥିଲି “କାଲି ଅସିବତ ?” ଉତ୍ତରରେ ସେ ମୋର ନାକଟା ଓପାଡ଼ି ନବାକୁ ବସିଥିଲା ।

ତା ପରଦିନ ସକାଳେ ମୋର ନିଦ ଭାଙ୍ଗିଲା ସେତେବେଳେ ସୁରିଅଡ଼ ମଥେ ଇନ୍ଦ୍ରଧନୁ ପରି ରଙ୍ଗିନ୍ ଦିଶିଲା । ମୁଁ ହାଇମାରି ଉଠିଲି । ଗାଧୋଇବା ପାଇଁ ବାଡ଼ି ଅଡ଼କୁ ଗଲାବେଳକୁ ଛାଇକରେ ବାଜିଲା ମୋ ପିଠିରେ ଖଣ୍ଡେ ଢୋଇଲା—ମୁଁ ଚମକି ପଛ ମୁହଁ ବୁଲେଇ ଚାହିଁଲି—ଶିଉଲି କେତେ ସକାଳୁ ଉଠିଛି—ଦାଣ୍ଡିଶାଳ ଘରେ ଥାଇ ଅପେକ୍ଷା କରୁଥିଲା ମୁଁ କେତେବେଳେ ବାହାରିବି । ମୁଁ ତାଆଡ଼େ ଅନେଇ ହସିଲି, ଅବ୍ୟକ୍ତରେ ଲତଳକ ପିଏ । ସେଦିନ

ଶିଉଳି କେତେଟେ ଲଜ୍ଜା କରିଚ । ସରମରେ ଅନେଇ ପାରୁ ନଥାଏ । ମୋର କନ୍ତୁ ସଙ୍କୋଚ ଭାଙ୍ଗିଯାଇ ଥାଏ—ଅମେ ଦହେଁ ଦହ୍ନଙ୍କି ଭଲ ପାଉ, ଦହେଁ ଦହ୍ନକି ଗ୍ଭହୁଁ—ଏଇ ତ ପ୍ରେମ । ହୁଏତ ସେ ବଦାହୁତା, ଯତ ଜଣ ? ସଂକୀର୍ଣ୍ଣତା ଦୂର୍ହ୍ଣ ଯାଇଥାଏ ମୋ ମନରୁ । ମୁଁ ବେଶ ସାହସର ସହ୍ରତ ଅନେଇ ପାରୁଥାଏ ଶିଉଳି ଅଡ଼େ ।

ସଞ୍ଜବେଳେ ପୁଣି ଅମର ଭେଟ ହୋଇଥିଲା ଯେତେବେଳେ ଅମ ଭିତରେ ବେଶି କଥା ହେଇନ ତ । ଶିଉଳି ମୋର ହାତ ଚପି ଧରିଥିଲା ତା ହାତରେ, ମୁଁ ତାର ଓଠ ଚପି ଧରିଥିଲି ମୋ ଓଠରେ ।

ତାପରେ ସବୁଦନେ ଶିଉଳି ଅସୁଥିଲା—ରାତ ଅଧରେ ଗ୍ଭରିଅଡ଼ ଶୂନଶାନ ହେଲା ପରେ ଶିଉଳି ଅସୁଥିଲା—ମୁଁ ଦାଣ୍ଡ ଦରଜା ଖୋଲି ରଖୁଥିଲି, ଝଡ଼ କରି ଟିକଏ ଅଉଅଜ୍ ହଉଥିଲା ଅଉ ଶିଉଳି ଲୁଚ୍ଚି କରି ମୋ ଉପରେ ଅଜାଡ଼ି ପଡ଼ୁଥିଲା ।

ସକାଳେ ମୁଁ ବାହାରକୁ ବାହାରୁଥିଲି ଯେତେବେଳେ ମୋ ଦଲ୍ଲରେ, ମୁଣ୍ଡରେ ଅସି ବାଜୁଥିଲା ଏଇ କୋଇଲା ଏଇ ଦରପୋଡ଼ା ଭାଠ, ଏଇ ଅମ୍ବଠାକୁଅ ଅଉ ଏଇ ଭଙ୍ଗା ଇଠା ଗୁଡ଼ମର୍ଣ୍ଣିଂ କଲ୍ଲକଲାଅ । ଶିଉଳି, ମୋର ପ୍ରିୟା ଅଲକ୍ଷରେ ଥାଇ ମୋର ଗତବିଧି ଲକ୍ଷ କରୁଚ ଜାଣି ମୁଁ ଖୁବ୍ ଖୁସି ହଉଥିଲି । ମୁଁ ସେଇ କୋଇଲା, ଅମ୍ବଠାକୁଅ, ଦରପୋଡ଼ା ଭାଠ, ଭଙ୍ଗା ଇଠା ସାଉଁଟି ନେଇ ଅସୁଥିଲି ଅଉ ଟେବୁଲ ଉପରେ ସଜାଇ ରଖୁଥିଲି—ପ୍ରିୟାର ଉପହାର ଭାବି । ଅମର ମିଳନ ଅମର ପ୍ରେମ ବଢ଼ି ଗ୍ଭଲିଥିଲା, ଶିଉଳିର ସ୍ୱାମୀ କେଉଁ ଅଛି ମୁଁ ଏକବାରେ ପାଶୋରି ପକେଇଥିଲି । ମନେ ଲାଗୁଥିଲା ଯେମିତ ଅମେ ଦହେଁ ଦହ୍ନଙ୍କ ପାଇଁ ଗଢ଼ା—ଶିଉଳିର ବାହାହ ଯେମିତ କୋଉଠାଏ ମସ୍ତବଡ଼ ଭୁଲ ।

ଶିଉଲି ମତେ କେତେ ଭଲ ପାଉଥିଲା ! ମତେ ପାଇଲେ ତାକୁ ଏତେ ଆନନ୍ଦ ଲାଗୁଥିଲା । ମୋର ନାକଟା ଟାଣି ଦେବ, ଗୋଡ଼ଟା ମାଡ଼ି ଦେବ, ଜଙ୍ଘଟା ଚୁମୁଟି ଦେବ, ହାତଟା ଚିପି ଦେବ, ଖେଳେଇ ହେବ; ସମ୍ମୁଖ ଦେବ—ସେ କଦାଚନ ଜମାରୁ—ଅଦ୍ଭୁତ ତାର ଢଙ୍ଗ ଆଉ ଅଦ୍ଭୁତ ତାର ଖିଆଲ । ଥରେ ଥରେ ହୁରୁକୁ ଗୁଡ଼ିକର ଜମା କରି ସେ ଗଛରେ ଝୁଲି ବାହାରୁଥିଲା ମୋ ସାଙ୍ଗରେ । ଆମେ ଘରରେ ଦୀର୍ଘ ଲଗେଇ ଧରାଧରି ହୋଇ ଯାଉଥିଲୁ—ବ୍ରୁକ୍ସ୍ ହିଲ୍, ବୁଢ଼ାବଙ୍କା ପାହାଡ଼ ନଈକୂଳ, ରେଲ୍ ଷ୍ଟେସନ କେବେ କୁଆଡ଼େ—ଭୟ କଣ ଆମେ ଜାଣୁ ନଥିଲୁ । ଶିଉଲି କେତେ କଥା କହେ ! ତାର ସ୍ବାମୀ କଥା ପଡ଼ିଲେ ସେ ରାଗି ଉଠୁଥିଲା । ତାର ସ୍ବାମୀ ତାକୁ ମାରନ୍ତି, ସେଇ ଯୋଗୁ ତାର ଏତେ ରାଗ ! ଶିଉଲି ଥରେ ଥରେ ଅଶଙ୍କାରେ ଥରି ଉଠୁଥିଲା, ଅମର ପ୍ରଣୟ କଥା ଯଦି ଜଣା ପଡ଼େ ! ମୁଁ ତାକୁ ଅଭୟ ଦଉଥିଲି—ଆଉ ସେଇ କଥାଇ ଠିକ୍ ହେଲା ।

ଥରେ ତାର ସ୍ବାମୀ ଗସ୍ତରୁ ଫେରି କୋଉଠୁ କଣ ଶୁଣିଲେ ଶିଉଲିକୁ ମାରି ମାରି ଦରମରା କରିବା ଉପରେ । ଶିଉଲି ସହୁ ପାରିଲାନି—ହୁରୁକୁ କାଟେଇ ମୋ ଘର ଭିତରକୁ ପଶି ଆସିଲା । ତାପରେ ଦାଣ୍ଡ ଦୁଆରୁ ସେତେ ଧକ୍କା ମାଇଲେ ବି କବାଟ ବନ୍ଦ । ତାର ସ୍ବାମୀ ସାଇପଡ଼ିଶା ଜମା କରି ମୋ ଦାଣ୍ଡରେ ବେଶ ହାଟ ବସେଇ ଦେଲେ—ସେ ପାଟି, ସେ ଗର୍ଜନ, ସେ ଗାଳି—ମୁଁ ଯଦି ସେତେବେଳେ ଦାଣ୍ଡକୁ ବାହାରି ଥାଆନ୍ତି ମୋ ଦେହ ଧୂଳିରେ ମିଶିଯାଇ ଥାଆନ୍ତା । ଶେଷକୁ ପୋଲିସ ଇନ୍ସପେକ୍ଟର ଆସିବା ଦ୍ବାରା ମୁଁ ଦରଜା ଖୋଲିଲି ବାଧ୍ୟ ହୋଇ । ଗୋଟାଏ ମିଟିଂ ବସିଲା ।

ଶିଉଲି ସ୍ପଷ୍ଟ ଜଣାଇ ଦେଲା ଯେ ସେ ତା ସ୍ୱାମୀ ପାଖରେ ରହିବାକୁ ଚାହେଁନି ସେ ମୋ ପାଖରେ ରହିବ ।

ତାର ସ୍ୱାମୀ ଯେପରି ସହଜରେ ଏ କଥାରେ ରାଜି ହୋଇଗଲେ ଜଣାପଡ଼ିଗଲା ଯେ କୋର୍ଟକୁ ନ ଯାଇ କିମ୍ବା ଶିଉଲିର ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ନ ଦେଇ ଶିଉଲିକୁ ଛାଡ଼ପତ୍ର ଦେବା ପାଇଁ ସେ ଇଚ୍ଛା କରି ଏପରି ଚାଲି ଲଗେଇ ଥିଲେ ।

ତାପରେ ହିରୁ, ଶଉଲି ଜିଦ୍ କଲା ହିରୁକୁ ଆପଣା ପାଖରେ ରଖିବ ବୋଲି । ମୋତେ ପଚାରିଲା ଯେତେବେଳେ ମୁଁ ମୋର ପ୍ରେମର ମୂଲ୍ୟ ବଜାୟ ରଖି କହିଥିଲି ଯେ "ମୁଁ ଶିଉଲି ଏବଂ ତାର ପୁଅ ଦୁହିଁଙ୍କି ଗ୍ରହଣ କରିବାକୁ ରାଜିଅଛି"—ଶିଉଲିର ପୁଅ ହେଲେ କଣ ମୋ ପୁଅ ଭଳି ନୁହେଁ ? ସମସ୍ତ ନିଷ୍ପତ୍ତି ହୋଇଗଲା—ଶିଉଲି ଆଉ ମୋପାଇଁ ସମ୍ବଲପୁରରେ ମୁଣ୍ଡ ଟେକି ଚାଲିବା ପାଇଁ ଥାନ ନ ଥିଲା—ହିରୁକୁ ନେଇ ଆମେ ବାହାରି ପଡ଼ିଲୁ । ଦୁଇ ତିନି ବର୍ଷ ଭିତରେ ବଡ଼ ବଡ଼ ସହରରେ ଘୂରି ଘୂରି ଏଇ କଟକ ଫେରି ଆସିଛୁ ହିରୁ ଟିକିଏ ବଡ଼ ହୋଇ ଯାଇଛି କିନ୍ତୁ ତାର ମିଜାଜ ତାର ମାଆ ପରି ହୋଇଛି— ଟଣା, ଓଟରି ଫୋପଡ଼ା, କାମୁଡ଼ା କାମୁଡ଼ି—ଏତେ ଦୁଷ୍ଟ ହେଇଛି କହିଲୁନି, ସବୁବେଳେ ତାର ନୂଆ ନୂଆ କିଛି ଦୁଷ୍ଟାମି ।

"ଓ୍ବ ଅଣିତ ଶିଉଲି—ଅସ ଅସ ମୁଁ ତୁମକୁ ଜଦ୍‌ଲୋକଙ୍କ ସାଙ୍ଗରେ ଚିହ୍ନା କରେଇ ଦିଏଁ । ଯାଙ୍କ କଥା ମୁଁ ତୁମକୁ ସେଦିନ କହୁଥିଲି ।"

ଶିଉଲି—ଅଉ, ମୋ କଥା ତମେ ଯାଙ୍କୁ ଅବକା ଯାହା କହୁଥିଲ ଆଉ ଘଟୁ ମୁଁ ସବୁ ଶୁଣିଛି—ଦେଖନ୍ତୁ ମହାଶୟ ଅପଣ ଲଜ କରନ୍ତୁ ନି, ଆଉ ଯାହା ହିନି ଦରକାର କହନ୍ତୁ—ଅପଣ ଧୈର୍ଯ୍ୟ

ଧରି ଯୁାଙ୍କ ମିଛକଥା ଶୁଣୁଚନ୍ତି ସେଥିପାଇଁ ମୋ ପକ୍ଷରୁ ଧନ୍ୟବାଦ ।

ମୁଁ—ମିଛକଥା ବୋଲି କହୁଚ ଶିଉଳି ? ଦେଖିଲ ଏଇ କୋଇଲା, ଏଇ ଭଙ୍ଗା ଇଟା, ଏଇ ଦରପୋଡ଼ା କାଠ ଆଉ ଏଇ ଆମ୍ବଟାକୁଆ ।

ଶିଉଳି—ହୃଦୟର କାମ ଇଏ—ଅଜି ଖିଆବେଳେ ଏଇ ଘରେ ଖେଳୁଥିଲା । ପୁଅ ଯଦି ଭଲ କାମ କଲା ସିଏ ତୁମର, ଅଉ ପୁଅ ଯଦି ଦୁଷ୍ଟାମି କଲା ସିଏ ମୋର ! ଅଉ ସେଥିପାଇଁ କୋଉ ନା କୋଉ ଟୁରିଂ ଅଫିସର କଳ୍ପନା କର—ନ୍ତି, କେଡ଼େ ଅସଭ୍ୟ ତମେ !

ମୁଁ—ବାସ୍ତବ ଜୀବନରେ ରୋମାନ୍‌ସ ନାହିଁ ଯା ବୋଲି କଳ୍ପନାରେ ବି ରୋମାନ୍‌ସ ରହିବନି ବୋଲି କହୁଚ ତମେ ?

ଶିଉଳି—କିନ୍ତୁ ଅନ୍ୟ ଜଣଙ୍କ ସାମନାରେ ଅପଣାର ସ୍ତ୍ରୀର ଚରିତ୍ରରେ କଳଙ୍କ ଲଗାଇ—ନ୍ତି—

ମୁଁ—ଅନ୍ୟ କିଏ କାହିଁ ଏଠି ଶିଉଳି ? ଏ ତ ମୋ ବନ୍ଧୁ ପାଇଁ ଗୋଟିଏ ଗପ କିନ୍ତୁ ହେ ମୋ ନାଟକଟା ତମେ ସେମିତି ଟାଣି ନଅନି, ଅଟେ ଯାଃ ଫୋଟକାଠା ଚକଟି ପଟେଇଲ ।

# ଶୀତ ଓ ସାହିତ୍ୟ

ଅନେକ ସମୟରେ ମୋର ମନେହୁଏ ମୋ ସ୍ତ୍ରୀ ଯଦି ମତେ ବାହା ନ ହୋଇ ଅଉ କୌଣସି କବି ପତିଙ୍କୁ ବାହା ହୋଇ ଥାଆନ୍ତେ କେଜାଣି ତାଙ୍କ ଜୀବନରେ ସୁଖ ଆସି ଥାଆନ୍ତା କାରଣ ତାଙ୍କ ଆଧୁନିକତା ଆଗରେ ମୋ ଶିକ୍ଷା ଦୀକ୍ଷା କେମିତି ମରହଟି ପୁରୁଣା କାଳିଆ ମନେ ହଉଛି । ମତେ ଲାଗୁଛି ସେମିତି ମୋ କଥା ବାଣୀରେ ପୁରାତନର ଗନ୍ଧ ବାହାରେ । ଅବଶ୍ୟ ମୋର ଦୋଷ ତ୍ରୁଟି କଣ ଜାଣି ନେବାକୁ ମୋର ବାକି ରହୁନି । ମୋ ସ୍ତ୍ରୀଙ୍କ ଭାଷାରେ ମୋ କଥାର ରସବୋଳ ଭିତରେ କୁଆଡ଼େ ଇନ୍ଦ୍ରଧନୁର ମଞ୍ଜୁଳତା ନାହିଁ । କଥାର ରସବୋଳ କଣ ଆଉ ତା ଭିତରେ ଇନ୍ଦ୍ରଧନୁର ମଞ୍ଜୁଳତା କଣ ଥାଏ ବୁଝି ପାରୁନ— ଆପଣ କଣ ବୁଝନ୍ତି ? ବାସ୍ତବିକ ଆଧୁନିକ ସାହିତ୍ୟ ସେମିତି ଅଡ଼େଇ ଲାଗୁଛି ମୁଁ ତା

ସମ୍ଭବତ କ୍ଷମା ତାଳ ଦେଇ ପାରୁନି କାରଣ ମୋର ସାହିତ୍ୟଜ୍ଞାନ ମଧୁବାବୁଙ୍କ ବର୍ଣ୍ଣବୋଧରୁ ସାହିତ୍ୟ ପ୍ରସଙ୍ଗ ପର୍ଯ୍ୟନ୍ତ । ଅନ୍ତବନ୍ତ ଭର୍ଣ୍ଣାକୁଲର ଅଡ଼ସନାଲ ନବାଦ୍ୱାସ ପଢ଼ିଥିଲି ନଳଚରିତ, ଜନକଲତା ଅଜ ଉତ୍କଳର ରତ୍ନରାଜ କହ୍ନୁ ପଦାଙ୍ଗୁଳ ପେଟ ପୋଷିବା ପାଇଁ ସକାଳଠୁ ସନ୍ଧ୍ୟାଯାଏ ଗଧ ଖାଟେଣି ଖାଟିଲି ଦିନଠୁ ବହୁ ପଢ଼ାର ଦେଙ୍ଗାମା ନାହିଁ । ମୁଁ ମାନୁଚି ସେଇଠି ମୋର ମସ୍ତବଡ଼ ଦୋଷ । ଯୁଗ ଭିତରେ ଆମ ଓଡ଼ିଆ ଭାଷାରେ ଯେତେ ଶହ ବା ଯେତେ ହଜାର ନଭେଲ ଛପା ଗଲାଣି ମୁଁ କାହାରି ଖବର ରଖିନି—ଭାଷା କେମିତି ଆଗେଇ ଯାଉଛି ମୁଁ ଜମା ଦୃଷ୍ଟି ଦେଇନି । ସେଇଯୋଗୁ ମତେ ଦଣ୍ଡ ଭୋଗିବାକୁ ପଡ଼ୁଛି । ମୋର ନଭେଲ ରସିକା ପତ୍ନୀଙ୍କ ପାଖରେ ପ୍ରତି ମୁହୂର୍ତ୍ତରେ ଅପ୍ରସ୍ତୁତ ହଉଛି । ମତେ ଲାଗୁଛି ଏବେକାର ଓଡ଼ିଆ ଭାଷା ବୁଝିବାପାଇଁ ଯେମିତି ମୁଁ ଶିକ୍ଷିତ ନୁହେଁ, ଏବେକାର ମଣିଷ ହବାପାଇଁ ଯେମିତି ମୁଁ ଯୋଗ୍ୟ ନୁହେଁ, ମୁଁ ଯେମିତି ବହୁ ପଛରେ ପଡ଼ିଛି । ବର୍ତ୍ତମାନ ଏମିତି ଅବସ୍ଥା ହେଉଛି ବୋଧହୁଏ ନିହାତି ହିନ୍ଦୁଧର୍ମ ବୋଲି ସ୍ୱାମୀ ଭାବରେ ପଡ଼ି ରହିବାକୁ ମତେ ଅନୁମତି ମିଳୁଛି ତେବେ କଏ ଜାଣେ ହଠାତ୍ ସେ କେବେ ସ୍ୱାମୀ ପଦରୁ ତଡ଼ା ନ ଖାଇବି । ତାଛଡ଼ା ଏଡ଼କ ହୁଣ୍ଡା ମୁଁ । ନିଜର ମୂର୍ଖତା ପାଇଁ ପରେ ଏମିତି ଲୁକ୍ କବବସୁଚ ଯୋଉଥିପାଇଁ କମା ଷମା ମିଳୁନି, କାନ୍ଧଲେ ବି ନାହିଁ ଗୋଡ଼ ଧଇଲେ ବି ନାହିଁ ।

ଗଲା ମାସର ଘଟଣା ମୋର ଟିକର ପଡ଼ାକୁ ଠ୍ୟବ୍ ପଡୁଥାଏ । ଗୃହିଣୀ ବେଡ଼ିଂ ଭିତରେ କମ୍ବଳଟା ଦବାକୁ ଭୁଲି ଯାଇଥିଲେ କାରଣ ସାନ ଝୁଆଟା ଦୁଇ ଜର ଦେଇଥିଲା ସେଥିରେ ସେଇ ଯୋଗୁ ଝୁଆଟେଇ ବାଡ଼ିଆଡ଼େ ଶୁଖୁଥିଲା—ବଳଣା ବାଜିଲା

ବେଳେ ମୋର ମନେନାହିଁ ନବାକୁ, ଖିଆଲି ଗୃହିଣୀଙ୍କର ତ ଖିଆଲ ନଥିବାର କଥା । ଟିକର ପଡ଼ାରେ ଜଙ୍ଗଲ ଯୋଗୁ ଦିନରେ ସେଠି ସୂର୍ଯ୍ୟ କିରଣ ପଡ଼େନି, ଥଣ୍ଡା ଟିକିଏ ମାତ୍ରାଧିକ । ରାତିରେ ଡ଼ୁଣ୍ଡେଇ ଢାଳି ବି ରକ୍ଷା ମିଳିଲାନି—ଗୋଟାଏ ରାତି ଭିତରେ ମୁଁ ବରଫ ପାଲଟିବା ଉପରେ । ସେତେବେଳେ ଗୋଟିଏ ପିଅନ ଡାକ ନେବା ଆଣିବା କରେ ଟାଉନରୁ । ମୁଁ ତାହାର ହାତରେ କମ୍ବଳଟା ପଠାଇବା ପାଇଁ ଗୃହିଣୀଙ୍କ ପାଖକୁ ଖଣ୍ଡେ ଚିଠି ପଠେଇଲି ବଡ଼ପୁଅ ମାନେ ୭ବର୍ଷର ଗୋପାଳ ନାଆଁରେ ।

ଟିକର ପଡ଼ା
୨୧-୧-୪୮

ସ୍ନେହର ଗୋପାଳ,

ଏଠାରେ ଭଲରେ ପହଞ୍ଚିଛି କିନ୍ତୁ ଭୀଷଣ ଶୀତ ହେଉଥିବାରୁ କାଲି ରାତିରେ ବଡ଼ କଷ୍ଟ ପାଇଛି । ଆସିଲାବେଳେ କମ୍ବଳଟା ଆଣିବାକୁ ଭୁଲିଗଲି । ସେଠାରୁ ପିଅନ ଫେରି ଆସିଲାବେଳେ ତା ହାତରେ କମ୍ବଳଟା ପଠାଇବାକୁ ବନ୍ଦୋବସ୍ତ କରିବ । ଆଶା କରେ ତୁମେମାନେ ଭଲ ଥିବ । ଖୁବ ସାବଧାନରେ ଜଗି ରହି ଚଳୁଥିବ—ମୁଁ କେବେ ଫେରୁଛି କହି ପାରୁନି । ଆଉ ସବୁ ଭଲ । ସ୍ନେହ ନେବ ।

ତୁମ୍ଭର
ବାପା

ତହିଁ ଆରଦିନ ପିଅନ ଫେରିଲା—କମ୍ବଳ ଆଣି ନ ଥିଲା । ହୁଏତ କୌଣସି ଅସୁବିଧା ବଶତଃ ଗୃହିଣୀ ପଠାଇ ପାରି ନ ଥିଲେ କିନ୍ତୁ ଖଣ୍ଡେ ଚିଠି ପଠେଇ ଥିଲେ—ମୁଁ ତରତରରେ ଖୋଲି ପଢ଼ିଲି । ଲେଖାଥିଲା—

ହେ ମୋର ମନଗହନର ରାଜକୁମାର,

ମୋ ପାଖରୁ ବିଦାୟ ନେଇ ଅପସରିଗଲ ତୁମେ ଚିର ନଭିଲା ମଶାଲଟା ପରି, ମୋ ମନର ସରଳ ସରସ ମଇଦାନ ଉପରୁ ଘୋଡ଼ା ଦୌଡ଼ର ଘୋଡ଼ା ପରି । ମନ ଭିତରଟା ମୋର ପାଉଁଶିଆ ହୋଇଗଲା ଆଉ ବିଶ୍ୱାସୀତ ଉପରେ ନଇଁ ଆସିଲା ତମିସ୍ରର ତୋଫାନ , ଅନ୍ତରର ସୁସ୍ମିତ ଯୂଥିକା ଗଲା ମଉଳି । ଗୋଧୂଳିର ମୂର୍ଚ୍ଛନା ହଜି ରକ୍ତ ଆବର୍ତ୍ତରେ ବିରହୀ ପ୍ରାଣ ମୋର ଛଟପଟ ହୋଇ ଉଠୁଛି । କର୍ମ ଜଞ୍ଜାଳ ଭିତରେ ଡୁବି ରହି ବିରହ ଦୁଃଖ ତୀବ୍ରତା ଭୁଲିବାକୁ ଚେଷ୍ଟା କରୁଚି କିନ୍ତୁ ବ୍ୟର୍ଥତା ସୃଷ୍ଟି କରୁଚି କ୍ଲେଦକମୟ ଜର୍ଜର । ସୁଖ ସ୍ୱର୍ଗ ଆଜି କଳୁଷିତ ହୋଇଚି, ସବୁଜ ଧରା ଶୁଷ୍କ ହୋଇଚି, ସହସ୍ର ଫଣୀର ବିଷାକ୍ତ ନିଶ୍ୱାସରେ ମତେ ଘେରି ରହିଥିଲା ବାୟୁମଣ୍ଡଳ ବିଷାକ୍ତ ହୋଇଚି — ଝଂକାର କୁଟିଳ ଭ୍ରୂକୁଟୀ ଫୁଟି ଉଠିଚି ଆଉ କଳଙ୍କାରୁ ଛୁଟୁଚି ଦଲ୍‌କା ଦଲ୍‌କା ଲହୁ । ଚକ୍ରତାର ଗହନ ଅନ୍ଧକାର ଭିତରେ ଭୋଗୁଚି ଶତ ବୃଶ୍ଚିକ ଦଂଶନର ପୀଡ଼ନ । ମୋର ଏଇ ଅସ୍ଥିର-ତାର ମଉ ନର୍ତ୍ତନ ଦୁଃଖ ଭରା ଦୀର୍ଘଶ୍ୱାସ ଶୁଣି ପାରୁଚକି ପ୍ରିୟ ? ତମର ଅଶ୍ରୁର କୃଷ୍ଣ ଛାୟା ଅମାବାସ୍ୟାର ନିବିଡ଼ ଅନ୍ଧକାର ପରି ଘୋଟି ଆସିଚି, ବନ୍ୟାପରି ଫୁଲି ଉଠିଚି ଆଉ ନିର୍ମମ ଦାବାନଳ ପରି ଜଳି ଉଠିଚି । ମୋର ଅଜସ୍ର ପ୍ରଶ୍ନାକୁଳ ଅନ୍ତର ତାର ସମାଧାନ ପାଇଁ ହାହାକାର କରୁଚି । ଲକ୍ଷ ଲକ୍ଷ ଭାବନା ମୂର୍ଚ୍ଛିତ ହୋଇ ଉଠୁଚି କ୍ଷଣେ କ୍ଷଣେ । ମୋର ସମସ୍ତ ସୁଖ ସ୍ୱଚ୍ଛନ୍ଦ୍ୟକୁ ନିରାଶାର ଗଭୀର ତଳେ ବିସର୍ଜନ ଦେଇ ଦେଲା ପରି ମନେ ହେଉଚି । ତାରୁଣ୍ୟର ସଚେତନତା ଭିତରେ ଆଜି ବାର୍ଦ୍ଧକ୍ୟତାର ବଜ୍ରଡମ୍ବରୁ ବଜାଇ ମୋ ଦେହର ପ୍ରତ୍ୟେକଟି କ୍ଲାନ୍ତିର ସିତକାସ

ଭରି ଦେଇଛି । ମୋ ଯୌବନରେ ବେଗ ଅଛି ଅଥଚ ତାପ ନାହିଁ, ଉଗ୍ରତା ଅଛି ଅଥଚ ଗମ୍ଭୀରତା ନାହିଁ—ଜୀବନର ଅପନ୍ତରା ଚକ୍ରବାଳ ତଳେ ଯେପରି ମୁଁ ବ୍ୟର୍ଥତାର ଖଣ୍ଡିଆ ଭୂତ । ଦୀର୍ଘଦିନ ଅଦର୍ଶନରେ ମନଟା ଛଟପଟ କରୁଛି—କିନ୍ତୁ ନା ମୁଁ ଅଧୈର୍ଯ୍ୟ ହେବିନି, ସାହାରା ପରି ଅଟଳ ହେବି, ହଳାହଳ ପରି ତୀବ୍ର ହେବି, ମୃତ୍ୟୁପରି ନିର୍ମମ ହେବି; ବିପ୍ଳବ ପରି ତେଜସ୍ୱାନ ହେବି । କିନ୍ତୁ ବ୍ୟବଧାନର ବାଧା ନ ମାନି ମନ ଉଡ଼ାଡ଼ କଥା କହିବାକୁ ଇଚ୍ଛା ହୁଏ । ରୁକ୍ଷ ପ୍ରାଣ ସାହାରାରେ ବସନ୍ତର ସରସ ସ୍ପର୍ଶ, ମୁଁଅରଣ ଆଣି କେବେ ପ୍ରିୟ ଅସିବ ? କଣ୍ଠଭରା ତୃଷା ନେଇ ପଠାଇଲ୍ ଏଇ ଅଶ୍ରୁଲିପିର ମିନତି, ମୋ କ୍ଷୁବ୍ଧ ମନର ହାହାକାର, ଅଶ୍ରୁର କବିତା ଦୁଃଖର ଛାୟା ଛବି, ଦୀର୍ଘଶ୍ୱାସର ଡାକ୍ ।

ତମର
ମୁଁ

ଚିଠିଟାର ଅର୍ଥ ସନ୍ଦର୍ଭ ଅକ୍ଷରିକ ଭାବରେ ବୁଝି ନପାରିଲି ଏତକ ବେଶ୍ ଜାଣିଲି ଯେ ମୋ ସ୍ତ୍ରୀ ମତେ ଖୁବ ଭଲପାଆନ୍ତି ଆଉ ମୋଲାଗି ଖୁବ ବ୍ୟସ୍ତ ହେଉଛନ୍ତି କିନ୍ତୁ କମ୍ବଳ କାହିଁକି ନ ପଠାଇଲେ ଯଦି ଗୋଟିଏ ଧାଡ଼ି ଲେଖି ଦେଇ ଥାଆନ୍ତେ ମୋ ମୋ ମନରୁ ସନ୍ଦେହ ଦୂର ହୋଇ ଥାଆନ୍ତା—କୋଉଥି ପାଇଁ ନ ପଠେଇଲେ ? କଣ ପୁଣି ଓଦା ହେଲା ନା ଅଫିସ ପର୍ଯ୍ୟନ୍ତ ପଠେଇବାକୁ ଲୋକ ମିଳିଲେନି ? ମୁଁ ପୁଣି ଚିଠି ଲେଖିଲି ।

ଟିକରପଡ଼ା

୨୨-୪୧-୮

ସ୍ନେହର ଗୋପାଳ,

ତମ ଚିଠି ପାଇଲି— ବ୍ୟସ୍ତ ହବନି । ମୁଁ ଅଳ୍ପଦିନ ଭିତରେ ଫେରିବି—କମ୍ବଳ କାହିଁକି ପଠେଇଲନି ? ମୋ ପାଖରେ ଅନ୍ୟ କୌଣସି ଘୋଡ଼ହବା ପାଇଁ ଗୁଦର ନାହିଁ—ତଳେ ନଡ଼ା ବିଛାଇ ତା ଉପରେ ସତରଞ୍ଜି ପକାଇ ଶୋଉଛି ବଢ଼ଣା ଚଦରଟା ନିହାତି ପାତଳା ହୋଇଥିବା ଯୋଗୁଁ ଶୀତ ସମ୍ଭାଳି ହଉନି—ଶୀଘ୍ର କମ୍ବଳ ପଠାଅ ଯେପରି ମୁଁ ଭାଲି ନିସ୍ତୁ ପାଇବି । ସ୍ନେହ ନେବ ।

ତମର

ବାପା

ପୁଣି ଗୋଟାଏ ସପ୍ତାହ ଶୀତରେ ଥରି ଥରି କଟେଇବା ପରେ ଆର ଦିନ ପିଅନ ଡାକ ନେଇ ଆସିଲା କିନ୍ତୁ କମ୍ବଳ ଆସି ନଥିଲା— ଅବଶ୍ୟ ଗୃହିଣୀଙ୍କ ହାତ ଲେଖା ଗଣ୍ଡେ ଚିଠି ଥିଲା ଫିଟେଇ ପଢ଼ିଲି,

ହେ ମୋର ଦେବତା,

ଭୁଲି ମନ ମୋର—ତମର ହାତଲେଖା ଲିପି ଦେଖି ମନେ ପଡ଼ିଥିଲି ତମେ, ଆଉ ତମର ସ୍ୱରତ ମତେ ବିସ୍ମୃତ ଗର୍ଭକୁ ଠେଲି ନେଇ ପ୍ରଲୁବ୍ଧ କରିଥିଲି ନୂତନ ସୃଷ୍ଟିରେ । ଭୁଲି ଯାଇଥିଲି ଦେବାକୁ କମ୍ବଳ—ଅପରାଧ ପାଇଁ କ୍ଷମା ଚାହେଁ । ଜାଣିଚ ପ୍ରିୟତମ କାଲି ଯେତେବେଳେ ରକ୍ତ ଚୁମ୍ବନ ବୋଳି ସୂର୍ଯ୍ୟ ମୁହଁ ଛପେଇ ଦେଲେ ଦୀର୍ଘ କୃଷ୍ଣଚୂଡ଼ା କଣ୍ଠରେ ଅସ୍ତ ସୂର୍ଯ୍ୟର ଅବିର ରେଶମୀରେ ଜୀବନ୍ୟାସ ପାଇଲା ସନ୍ଧ୍ୟା । ସଦ୍ୟ ଫୁଲର ସୌରଭ ପରି ଗାଢ଼ ନୀଳ ଆକାଶରେ ଅଗଣିତ ତାରା ଦୁଧ ଧଉଳା ଜ୍ୟୋତ୍ସ୍ନା ପଥର ମଧୁର ବିଭୋରତାରେ ଗଗନ ଭୁବନ ପ୍ଲାବନ କରି ଆଲୋକର ବନ୍ୟା ଛୁଟିଥିଲା ସ୍ନିଗ୍ଧ ସନ୍ଧ୍ୟା ବତାସରେ ଯେପରି ତମର ମିଷ୍ଟ ହାସ୍ୟ ମୁଖର ଭାଷା ନୟନର ମଧୁନମ୍ର ଚାହାଣୀ ଛନ୍ଦ ପରି ଚଳ ଚଞ୍ଚଳ ହୋଇ ଉଠୁଥିଲା ଆଜି ଗଛ ନଠାର ଫାଙ୍କୁ ଫାଙ୍କୁ ଚଳ ଚଳ କଳା ଆଖି ଦୋଟିର ସଜଳ କମନୀୟତା ମୋର ସୁଷମା ଭରା ଅଙ୍ଗର ତରଙ୍ଗେ ତରଙ୍ଗେ ମାଦକତାର ବନ୍ୟା ସ୍ରୋତ ପରି ତରଳ ହୋଇ ଯାଉଥିଲା । ଅସାର ଭାବନା ମିଳେଇଗଲା ମାଧୁରିମାର ଗୋଟିଏ ନରମ କୁହେଳି ତଳେ । ଢେଉଖେଳା ସୌରଭ ମଧୁର ଆକାଶତଳେ ମଲ୍ଲୀ ଆବେଶ ମୂର୍ଚ୍ଛିତ ନିର୍ଜନ କୋଠରୀର ଝରକା ଖେଳୁ ଚୋରା ରଜତ ଚନ୍ଦ୍ରିକା ଧୋବ ଧଉଳା ଶଯ୍ୟା ଉପରେ ରୂପର କିରଣ ବୁଣି ବିଛୁରି ଦେଇ କଳ୍ପନାର ସୁନେଲି ସ୍ୱପ୍ନ ମଧୁର ପ୍ରେରଣାର ନବଜାତ ଅଭିନନ୍ଦନ ଉତ୍ସବର ବିଜୟ ଶଙ୍ଖ ବଜାଇ ବିଳାସ ପାଲଟି ସ୍ୱପ୍ନ ମସଗୁଲ, ଅମିତବ୍ୟୟୀ ଧନୀକ ପରି ବେହିସାବ ଭରି ଜରିଗୁଣ୍ଡ ବୁଣି ଚାଲିଥିଲା ।

ଗନ୍ଧମଦନର ଦକ୍ଷିଣା ବତାସ ସ୍ୱଇଚ୍ଛାର ନୃତ୍ୟରେ ମତୁର୍ଯ୍ୟାଳ ମଳୟ, ଅଜସ୍ର ବାୟୁ ମଣ୍ଡଳକୁ ତରଙ୍ଗାୟିତ କରି ଦିଗନ୍ତ ବିଲୀନ ଆକାଶର ନୀଳିମାକୁ ଛୁଇଁବାକୁ ମୃଦୁଗୁଞ୍ଜନରେ ମିଷ୍ଟ ସଙ୍ଗୀତର ସମସ୍ତ ମୂର୍ଚ୍ଛନା ନେଇ, ଓଢ଼ଣାଦେଇ କୁଳ ବୁଅସୁଣୀ ପରି ନମ୍ର ଅପାଙ୍ଗ ଠାଣିରେ ସହସ୍ର କିଶୋରୀ ଲଳିତ୍ୟରେ ଫୁଅର ଛୁଟାଇ, ଫୁଲ୍ଲ ଯୌବନା ବିଜନ ସରଣୀର ପ୍ରତ୍ୟେକ ରେଣୁଟିକୁ ଅଭିସାର ବିହ୍ୱଳତାରେ ଧନ୍ୟାକରି ସବୁଜ କ୍ଷେତେ କ୍ଷେତେ ପ୍ରାନ୍ତରେ ପ୍ରାନ୍ତରେ ଅଲେଖେ, ଅନ୍ଧାରେ, ଫୁଲେ, ପୁଲ୍ଲେ, ପଦେ, ପଦେ, ପାହାଡ଼େ ପାହାଡ଼େ, ବନ ବନାନ୍ତେ ଧୂସରିଆ ଧରଣୀ ଉପରେ ଅପାର୍ଥିବ ପୁଲକରେ ଅରଣ୍ୟର ଗନ୍ଧ ମଦନର ଉଚ୍ଛ୍ୱାସ ତୋଳି ଅସୀମ ବାୟୁ ମଣ୍ଡଳକୁ ମର୍ମରିତ କରି, ନବ ବସନ୍ତର ସୁରଭି ହିଲ୍ଲୋଳରେ ଦିକ୍ ବିଦିକ୍ ପ୍ଲାବନ କରି ପଲ୍ଲବ ଗୁଚ୍ଛ, ମୁଖର ଅସଂଖ୍ୟ ସ୍ପର୍ଶରେ ଦେହ ମନରେ ରୋମାଞ୍ଚ ଆଣି ଦେଉଥିଲା ।

ନର୍ତ୍ତକୀ ଉର୍ବଶୀ ଦୁର୍ବାସାର ଅଭିଶାପରେ ବିମୋହନ ସ୍ଥିର ହୋଇପରି ତନ୍ଦ୍ରା ବିଜଡ଼ିତ ନୟନ ଦୁଇଟି କେତେବେଳେ ମୁଦି ଯାଇଥିଲା ଜାଣେନା, ମିଷ୍ଟ ଆବେଶ ତଳେ ଲୀନ ହୋଇ ଯାଇଥିଲି ହୁଏତ, ହଠାତ୍ ଲଳିତ ସଙ୍ଗୀତର ମୂର୍ଚ୍ଛନା ଭାସି ଆସିଲା ଆଉ କିଏ ଯେପରି ଅଙ୍ଗୁଳି ପରଶର ମଧୁର ଆଲୋଡ଼ନ ଦେଇ କହିଲେ ସ୍ୱାଣୀ ଚକିତ ଚଞ୍ଚଳ ହୋଇ ଉଠି ଦେଖିଲି ଅଗଣନ ଦିନର ସାଗରରେ ସୌନ୍ଦର୍ଯ୍ୟର ଜୁଆର ତୋଳି, ଅସୀମ ମଧୁ ସଞ୍ଚୟରୁ ପ୍ରାଣର କୋରକକୁ ମୁଞ୍ଜରିତ କରି ଅନ୍ଧାର ଭେଦି ସହସ୍ର ରଶ୍ମିର ଦୀପ୍ତି ଝଲସାଇ ଆସିଛ — ତମେ ! ତନୁରେ ଅପୂର୍ବ ସୌନ୍ଦର୍ଯ୍ୟ ଦୀପ୍ତି, ନୟନରେ ଅଚ୍ଛ ଶାନ୍ତିର ଅଞ୍ଜନ ଲାଇ ଓଠତଳେ ଦ୍ୱିତୀୟାର ବଙ୍କା ଚନ୍ଦ୍ରପରି ପତଳା ହସ — ଅନ୍ତର ଅଭୁତ ପୂର୍ବ ଆନନ୍ଦରେ

ପରିପ୍ଲୁତ ହୋଇ ଉଠିଲି ଅଙ୍ଗେ ଅଙ୍ଗେ ଅପୂରନ୍ତ ନୃତ୍ୟ କରି ଉଠିଲି—ଚାରିଆଖିର ଘନ ଘନ ମେଳ ହେଲା—ତମର ସୁକୋମଳ ନିଶ୍ୱାସର ସୁରଭିତ ମଳୟ ମୋର ଶିରା ପ୍ରଶିରାରେ ମଧୁର ଭାବାବେଶ ଆଣିଦେଲା । କଳ୍ପନା କଳି ସୌରଭ ସ୍ନିଗ୍ଧ ପୁଷ୍ପ ମାଧୁରିରେ ଅନ୍ଧ ହୋଇ ଉଠିଲି । ଅଜାଣତରେ ମୋ ମୁହଁରେ ଖେଳିଗଲା ବିହ୍ୱଳତାର ବାଦାମୀ ହସ । ପ୍ରେମର ଉନ୍ମତ୍ତ ଜୁଆର ତୋଳି ପ୍ରୀତିଭରା ନୟନରେ ମୋ ଆଡ଼କୁ ଚାହିଁ ଫେରି କହିଲି, "ରାଣୀ" ! ଆକୁଳ ନୟନ ଟେକି ଆବେଗ ଜଡ଼ିତ କଣ୍ଠରେ କହିଲି "ସଚ୍ଚା କଥାର ଛଳନା ଭିତରେ ମାୟା ଜାଲବୁଣି, ପ୍ରତାରଣା ଆବର୍ତ୍ତି ଭିତରେ ବାନ୍ଧିରଖି, ନିର୍ମମ ଭାବରେ ମୋର ଆଶା ଆକାଂକ୍ଷା ମୂଳରେ ଠୋକର ଦେଇ, ମୋର ପ୍ରୀତି ନିବେଦନକୁ ଉପେକ୍ଷା କରି ଚାଲିଗଲ, କି ନିଷ୍ଠୁର ତମେ ! ମୋର ଯୁବ ଜୀବନ ଅଜସ୍ର ଶୂନ୍ୟତାରେ ଭରି ଉଠିଛି ! ଉନ୍ମନା ମନ ମୁହୂର୍ତ୍ତିରେ ଆକୁଳହୋଇ ଉଠୁଛି ! ମମତାର ସମସ୍ତ ବନ୍ଧନ ରଜ୍ଜୁ ଛିନ୍ନ କରି ତମେ ସବୁଜ ସ୍ନିଗ୍ଧ ବନ ଚକ୍ରବାଳର ଆରପାରିରେ । ତମେ କଣ ସମସ୍ତ ଅନ୍ତର ଜୁରି ମତେ ଭଲ ପାଅନା ?

ତମେ ମୋର ଲଜ୍ଜାସ୍ମିତ ଗଣ୍ଡକୁ ଲୋଭନୀୟ ଆଖିରେ ଚାହିଁରହି, ତମର ତୁଷାର-ଶୁଭ୍ର ବାହୁରେ ମତେ ତମର ସନ୍ନିକଟକୁ ଟାଣିନେଇ, ଉଚ୍ଛୁଳି ଶରୀର ମୋ ଦେହରେ ଜଡ଼ାଇ, ବିଦ୍ୟୁତ କଟାକ୍ଷରେ ସହସ୍ର କାମଦେବର ଫୁଲଶର ନଚାଇ କହିଲ, "ହେ ମୋର କମନୀୟ ସ୍ଥଳ ପଦ୍ମ, ମୁଁ ମୋର ସହସ୍ର ଅନ୍ତର ଜୁରି ତମକୁଇ ଭଲପାଏ ! ମିଳା ମିଶାର ମୋହ ମୋ ପାଖରେ ଢେର ବେଶି ଗୋ ସୁକେଶି ! ଚାହିଁ ଦେଖ ତୁଷାର ସ୍ନିଗ୍ଧ ଚନ୍ଦ୍ରମା ତଳେ ତରଙ୍ଗେ ତରଙ୍ଗେ ଜ୍ୟୋତ୍ସ୍ନାର କି ଅପୂର୍ବ ପଟୁଆର ଆଜି ମୋ

ସାମନାରେ ତମେ, ସାଜିଛ ଦୁର୍ଦ୍ଦାନ୍ତ ରତି, ତମର ଲାବଣ୍ୟଭରା ଅଙ୍ଗ ଭଙ୍ଗୀ, ରେଶମୀ କୁନ୍ତଳ, କଳା କଜ୍ଜଳ ଆଖି, କୋଦଣ୍ଡ ଭ୍ରୂଲତା ଟଳ ଟଳ ଚହଲା କଳା ଡୋଳା, ସୁନ୍ଦର ନାସିକା, ବନ୍ଧୁଳି ଓଠ, କୋମଳ, ଲାବଣ୍ୟ, ସେଫାଳି ଶୁଭ୍ର ଅଙ୍ଗୁଳି, କରକଙ୍କଣର ଗୁଞ୍ଜନ ଯୌବନ ମଖମଲ ମଦଭରା ମାଦକ ପରମଳ, ଅସରଣୀ, ତମର ରୂପ ରଶ୍ମିର ଶୀତଳ ଅଞ୍ଜନ ମୋର ସମସ୍ତ ତନ୍ତୁରେ ଲେପିଦିଅ ମୋର ରୁଦ୍ଧ ରନ୍ଧ୍ର ମଞ୍ଜୀର ମଧୁ ହୋଇ ଉଠୁ ।" ସମସ୍ତ ଚିହ୍ନି ଆମେ ଦୁହେଁ ଫେଣ ଶୁଭ୍ର ଯୌବନର ମାଦକ ସୁରା ପିଇ ସାଧନାର ରସାଳକୁ ସ୍ୱାଦୁରେ ଭରି ଅନ୍ତରଭରା ସ୍ନେହ ସୋହାଗରେ ଅନ୍ତହୀନ ସନ୍ତରଣ କରୁଥିଲେ ହୁଏତ ହଠାତ୍ ସ୍ୱପ୍ନ ଜାଲର କଳ୍ପ ମୃଗତୃଷ୍ଣା ରୁପେଲି ପର୍ଦ୍ଦାର ଚଳଚିତ୍ର ପରି ଅପସରି ଗଲା—ଚେଇଁ ଉଠିଲି । ସେତେବେଳକୁ ସୂର୍ଯ୍ୟ ଦିଗ୍‌ବଳୟ କୋଳରୁ ଉଙ୍କିମାରି ମୋ ଝରକା ବାଟେ ସୁନା ପାଉଅ ପରି ହଳଦୀ କିରଣ ବସାଇ ଦେଉଚି—ଘର ଚଟିଅର ଝଙ୍କାରର ମିଷ୍ଟ ମୂର୍ଚ୍ଛନା ମତେ ବାସ୍ତବ ରାଜ୍ୟକୁ ନେଇ ଆସିଲା । ପଦେ ପଦେ ମଧୁମର୍ମର । ପୁଷ୍ପିତ କାନନେ କାନନେ ଲକ୍ଷ ବିହଗର ମନକ୍ଷଣା ସ୍ୱର୍, ଏସରାଜରେ ସାହାନାର ମଧୁର ଆଳାପ ଭାସି ଆସୁଥିଲା । ଭାବିଲି ଶୋଭାର ପରାଗ ଭୁରଭୁରେ ନା ସାଜିଘରେ ? ପ୍ରଣୟ ପାଗଳ ହୃଦୟର ସମସ୍ତ କାହାଣୀ ଲେଖିବାକୁ ଅବକାଶ ନାହିଁ । ପ୍ରେମ ଅର୍ଦ୍ର ସ୍ମୃତରେ ବିଭୋର ହୋଇ ବସି ବହୁଚି ଭ୍ରତସ୍ତବଣୀ ପରି ।

ତୁମର

ମୁଁ

ଶରୀର ରସ ଗ୍ରହଣ କରିବାକୁ ମୋ ପେଟରେ ଖିଦ୍ୟା ନଥିଲା । ତା ଛଡ଼ା ମୋର ରୋଗ ଭୀଷଣ । ମୁଁ ପୁରୁଣା କାଳିଆ

ହେଲେ ହେଇ ପାରେ କିନ୍ତୁ କମ୍ବଳ ନପଠାଇ ଗୃହିଣୀ ଯଦି ମନେ କରୁଥିବେ ତାଙ୍କ ଚିଠି ମଡ଼ି ମୋ ଶୀତ ପଳେଇବ ତେବେ ସେଇଟା ତାଙ୍କର ଭୁଲ ଧାରଣା ଆଉ ଏମିତିଆ ଭୁଲର କ୍ଷମା ଥାଇ ପାରେନା—ଅଠୁର ଗୋଟାଏ ରାତି ଶୀତରେ କଟାଇବାକୁ ପଡ଼ିବ ଭାବିଲା କ୍ଷଣି ମୋ ମେରୁଦଣ୍ଡ ଶିରେଇ ଉଠିଲା । କାରଣ ରାତିରେ ଦନ୍ତହୀନ ଏମିତି କାଲୁଆ ହୋଇ ଯାଉଥାଏ ଯେ ଅଙ୍ଗୁଠି ଗୁଡ଼ା ପର୍ଯ୍ୟନ୍ତ ବଙ୍କା କରି ହୁଏନି—ମୁଁ କଡ଼ାକଡ଼ି ଶେଷ ଚିଠି ଲେଖିଲି "ଜଲଦି କମ୍ବଳ ପଠାଅ, ତା ନହେଲେ ମୋତେ ନିମୋନିଆ ହେଇ ଯିବାର ସମ୍ଭାବନା" ଭାବିଲି ଏଥର ନିଶ୍ଚେ କମ୍ବଳ ଆସିବ । ପିଅନ ଗଲା, ତାର ଆସିବା ବାଟକୁ ଚାତକ ପରି ଚାହିଁ ରହୁଥାଏ ? ତହୁଁ ଅବଧାନ ପିଅନ ଆସିଲା ଯଥା ସମୟରେ । ମୋ କମ୍ବଳ କାହିଁ ? କମ୍ବଳ ନାହିଁ । ଗୃହିଣୀ ପୁଣି ଥରେ ଭୁଲି ଯାଇଛନ୍ତି । ତେବେ ନିଜର ପୂର୍ବ ଦୋଷ ଜଣାଇ କ୍ଷମା ମାଗି ଚିଠି ଖଣ୍ଡେ ଲେଖିବାକୁ ଭୁଲି ନାହାନ୍ତି । ଚିଠିର ନକଲ ଦେବା କୌଣସି ଆବଶ୍ୟକ ମନେ କରୁନି ତେବେ ତା ଭିତରେ "ରୂପ ପିଅସୀ ଆଗରେ ନିଆଁଗାର ହଳାହଳ' 'ଅଭିଜାତ ସମାଜର ମାୟାମୃଗ', 'ମନପବନ ଘୋଡ଼ା' 'ପ୍ରଳୟଙ୍କରୀ ଟର୍ପେଡୋ' 'ଉଶୃଙ୍ଖଳତାର ଜନ୍ମଭୂତା,' 'ବାଦାମି ହସ,' 'ସରିଜପୁର କାଲିମା' 'ଅଶ୍ରୁଳ ସ୍ୱପ୍ନ' 'ଅରକ୍ଷିତ ଅଞ୍ଚଳ ପରଶ', 'ଗୌରୀଶଙ୍କର ପର ବିରାଟ ଓ ନିବାଡ଼ ଗ୍ରନ୍ଥି,' 'ରସାପ୍ଲୁତ ବିଳାସୀ ଅନ୍ତର' 'ବସୁବସ୍ଥୁସ ବନ୍ଧ୍ୟା ନୁହେଁ,' 'ଧୂସର ରୂପର ନରମି କୁଅସା' 'ଦୂଧ ଧବଳା-ଶେଜ' 'ଓଠଭରା ହସ' ଇତ୍ୟାଦି ଇତ୍ୟାଦି ବହୁ ଗୁଡ଼ାଏ ମର୍ମାର୍ଥ ସାହିତ୍ୟିକ କାବ୍ୟ ଭର୍ତ୍ତି ହୋଇଥିଲା ଯୋଉଗୁଡ଼ା ଖାଲି ମତେ ଦୁର୍ବୋଧ ଆଉ ନିରର୍ଥକ ମନେ ହେଲା ନୁହେଁ, ଏତେ ଶୀତରେ କି

ମୋର ପିଣ୍ଡକୁ ଗରମ କରିଦେଲା— ମଣିଷର ଧୈର୍ଯ୍ୟର ତ ଗୋଟାଏ ସୀମା ଅଛି ! ସହ୍ୟ ଶକ୍ତିର ତ ଗୋଟାଏ ସୀମା ରହିଛି ! ଅଧୁନିକ ଭାଷା ବା ନ ଜାଣିଲି; ମୁଁ ତ ଆଉ କାଠ ପଥର ନୁହେଁ । ମତେ ସନ୍ନିପାତ ଧରିଲା । ଗୃହିଣୀଙ୍କ ପାଖକୁ ରକ୍ତ ଗୁହଳ ଗ୍ରେବେଲ ଖଣ୍ଡେ ଚିଠି ଛାଡ଼ିଲି ।

ଗୋପାଳ,

ମୁଁ କମ୍ବଳ ମାଗି ମାଗି ଥକିଲି । କମ୍ବଳ ପରିବର୍ତ୍ତିରେ ତମେ କୁନ୍ତଳଶ୍ରୀର ସ୍ନିଗ୍ଧ ମନ୍ଦାକିନୀ କାଞ୍ଚନ କାବେରୀ ବସନ୍ତ ମଲ୍ଲିକା ପ୍ରିୟକେଶ ତେଲ ଭାଷାରୁ ଗୁଡ଼ାଏ ପଠେଇଲ । ବର୍ତ୍ତିମାନ ଆଉ କମ୍ବଳ ପଠାଇବାର ଦରକାର ନାହିଁ—ମତେ ସନ୍ନିପାତ ଧରିଛି । ମୁଁ ପୁରୁଣା କୋଟ ହସପିଟାଲକୁ ବୁହା ହେଉଛି—ସେଠି ସରକାରୀ କମ୍ବଳ ମିଳିବ । ଏହିକ୍ଷଣି ଠାକୁରଙ୍କୁ ଡାକ ତା ନହେଲେ ତମର ସମ୍ବଳ ସରିବ ।

ତମର

ବାପା

# ନବ ବର୍ଷର ସଙ୍କଳ୍ପ

ସେଦିନ ମୋର ଗୋଟିଏ ରୂପସୀ ଶ୍ୟାଳିକା କହି ଉଠିଲା, "ଏ ଜୀବନଟା କ'ଣ ଖାଲି ଅଶ୍ରୁଳ ନୟନରେ ଚାହିଁବା ?"

ମୁଁ କହିଲି, "ବୋଧହୁଏ ନୁହେଁ । ଅତି ଶୀଘ୍ର ବିବାହର ଯୋଗାଡ଼ କରି ଯାଉଛି; କେବଳ ସେତିକି ଦିନ ଅଶ୍ରୁଳ ନୟନରେ ଚାହିଁ ରହିବାକୁ ପଡ଼ିପାରେ ।"

ସେ କହିଲା, "ଧେତ୍ ବାହା କିଏ ହେବ ! ଏଇଟା ତ ଆମ ଦେଶରେ ସାହିତ୍ୟ ପ୍ରଶ୍ନ—ପ୍ରବନ୍ଧ ଲେଖିବା ପାଇଁ ପଡ଼ିଥିଲା, ଏ ଜୀବନଟା କ'ଣ ଖାଲି ଅଶ୍ରୁଳ ନୟନରେ ଚାହିଁବା ?"

ମୋ ମନରେ ପ୍ରଶ୍ନଟା କେମିତି ଲେଖି ହୋଇଗଲା ଆଜି ସେଇ ଖବରକାଗଜ ଓଲଟେଇଲାବେଳେ ସେ କଥାଟା ମନକୁ ଆସେ ।

"ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଅଧିବେଶନ ଉଦ୍‌ଘାଟନ କରି କହିଲେ...

"ସ୍ୱର୍ଗତ ସାମ୍ବାଦିକମାନଙ୍କୁ କହିଲେ...

"ଡକ୍ଟର ମହତାବ ଭାଷଣ ଦେଇ କହିଲେ...

"ପ୍ରକାଶ ମନ୍ତ୍ରୀ ଶ୍ରୀ ରାଧାନାଥ ରଥ କହିଲେ...

"ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ରପ୍ରସାଦ ସମ୍ବର୍ଦ୍ଧନାର ଉତ୍ତର ଦେଇ କହିଲେ...

"ଆଇନ ଓ ଶିକ୍ଷାମନ୍ତ୍ରୀ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ କହିଲେ...

"ବ୍ରିଟେନର ପ୍ରଧାନମନ୍ତ୍ରୀ ହାରଲ୍‌ଡ଼ ମ୍ୟାକ୍ ମିଲନ କହିଲେ...

ମୁଁ ଭାବେ, 'ଏ ଜୀବନଟା କଣ ଖାଲି ଅକୁଳ ନୟନରେ ଗୁହିଁବା ?'

ଏ ବିଷୟରେ କ'ଣ କରାଯିବ ଅନେକ ଭାବିଚନ୍ତି ନବବର୍ଷରେ ମୁଁ ଡାଇରୀ ଲେଖିବାକୁ ସଙ୍କଳ୍ପ କରିଛି, ଆଉ ମୁଁ ଦେଖୁଛି ରୋଜ ଡାଇରୀ ପଢ଼ିଲେ ଆକୁଳତାଟା କେତେକ ଅଂଶରେ ଊଣା ହୋଇ ଆସୁଛି ।

ମୁଁ କେମିତି ଡାଇରୀ ଲେଖୁଛି ନମୁନା ଦେଖନ୍ତୁ—

୧।୧।୫୮—ଦେବ ମହାପାତ୍ର ଆସନ୍ତା ଚଉଠ ତାରିଖରୁ ୨ ଦିନ ପାଇଁ ଭୁବନେଶ୍ୱର ଗସ୍ତ କରିବେ । ୩ ତାରିଖରୁ ସେ ନୂଆ ରାଜଧାନୀ ଭିତରେ ଭଲରୁ ଭଲ ସ୍ମୃତି ଅଣିବାର ଚେଷ୍ଟା କରିବେ ଓପରଓଳ ସେ ସହର ପରିକ୍ରମା କରିବେ ଏବଂ ଶିଳ୍ପୀମାନଙ୍କ ସହାୟରେ ଜଗତ ବିଖ୍ୟାତ ବା ଭାରତ ପ୍ରସିଦ୍ଧ ଚୋର ଖୋଜି ଅଣିବା ପାଇଁ ଯତ୍ନ କରିବେ ।

୨।୧।୫୮—ପ୍ରାତଃ କାଳରେ ଦେବ ମହାପାତ୍ର ସ୍ୱହସ୍ତରେ କ୍ଷୌର କାର୍ଯ୍ୟ ସମାପନ କଲାବେଳେ ତାଙ୍କର ମୁଖମଣ୍ଡଳ କ୍ଷତବିକ୍ଷତ ଏବଂ ରକ୍ତାକ୍ତ ହୋଇ ପଡ଼ିଥିଲା । କ୍ଷତ ସ୍ଥାନରେ ଡେଟଲ୍ ଲଗାଇ ସେ ଘୋଷଣା କରିଥିଲେ ଯେ ଭାରତୀୟ ବ୍ଲେଡ୍ ଦ୍ୱାରା କାଟିଲେ ରକ୍ତସ୍ରାବ ହେଲେ କଣ ହେଲା ଏହା ନିସ୍ଚୟ ଶସ୍ତା ।

ଦେବ ମହାପାତ୍ରଙ୍କର ମଇଳା ଲୁଗାପଟା ସଫା କରିବା ସକାଶେ ଗତ କେତେଦିନ ହେଲା ଦୋଳମୁଣ୍ଡାଇର ତେଲଙ୍ଗୁ ରଜକ ଦମ୍ପତିଙ୍କ ବିଶେଷ ପରିଶ୍ରମ ପଡ଼ିଥିଲା । ଆଜି ସକାଳେ ଦେବ ମହାପାତ୍ର ଧୋବାଘରେ ପହଞ୍ଚିବାବେଳେ ରଜକ ଦମ୍ପତି ଉତ୍‌ଫୁଲ୍ଲ ଦେଖା ଯାଉଥିଲେ । ଓ ଲୁଗା ଆଣିବା ବେଳେ ଦେବ ମହାପାତ୍ର ଖୁବ୍ ପ୍ରସନ୍ନ ଦେଖା ଯାଉଥିଲେ । ଉତ୍‌କଣ୍ଠିତ ମହାପାତ୍ରଙ୍କ ହାତକୁ ଲୁଗା ବଢ଼ାଇଦେଇ ରଜକୀ ନିଜର ପାରିଶ୍ରମିକ ଆଦାୟ କରି ନେଇଥିଲା ଗଣ୍ଡି ଦୁଇଅଣା ହିସାବରେ ।

୩।୧।୫୮—ଘରେ ପହଞ୍ଚିବା ପରେ ଦେବ ମହାପାତ୍ରଙ୍କର ପୁତ୍ରକନ୍ୟା ତାଙ୍କ ନିକଟକୁ ଦୌଡ଼ି ଆସିଥିଲେ । ସ୍ତ୍ରୀ ଅଭିବାଦନ ଜଣାଇଥିଲେ । ଶିଶୁପ୍ରିୟ ଦେବ ମହାପାତ୍ର ପକେଟରୁ ଚକଲେଟ ଓ ଲେବେନଚୁସ୍ ପିଲମାନଙ୍କୁ ଦେଇ ଆମୋଦ ଉପଭୋଗ କରିଥିଲେ । ମହାପାତ୍ରଙ୍କ ସ୍ତ୍ରୀ ହସହସ ବଦନରେ ବାପାଙ୍କର ପିଲମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ପୂର୍ଣ୍ଣ ଭାବଭଙ୍ଗୀ ଲକ୍ଷ କରୁଥାଅନ୍ତି । ସମ୍ବର୍ଦ୍ଧନାର ଉତ୍ତର ଦେଇ ଦେବ ମହାପାତ୍ର କହିଲେ ଯେ ଏଠାରେ ସମବେତ ପରିବାର ମଧ୍ୟରେ ଠିଆହୋଇ ସେ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଛନ୍ତି ।

୪।୧।୫୮—ସକାଳୁ ଦେବ ମହାପାତ୍ରଙ୍କ ଅବସ୍ଥା ଉଦ୍‌-ବେଗଜନକ ହୋଇ ପଡ଼ିବାରୁ ସେ ହଜମି ଔଷଧ ଖାଇଥିଲେ ।

ଶ୍ରୀମତୀ ମହାପାତ୍ର ଦେବ ମହାପାତ୍ରଙ୍କୁ ଭେଟି ଗୃହର ସମସ୍ତ ଅଭାବ ଅସୁବିଧା କଥା ଜଣାଇଥିଲେ । ଏହାର ଉତ୍ତରରେ ଦେବ ମହାପାତ୍ର ସମାଧାନ ତୁରନ୍ତ ହେବ ଏବଂ ଶାନ୍ତିପୂର୍ଣ୍ଣ ସମାଧାନର ବିସ୍ତୃତ ଧାରା ପ୍ରକାଶ ପାଇବ ବୋଲି ଜଣାଇଥିଲେ ।

ଘରୋଇ ସମସ୍ୟା ସମ୍ପର୍କରେ ସେ କହିଲେ ଯେ ଖାଦ୍ୟାଭାବ ପରିସ୍ଥିତି ସମ୍ମୁଖୀନ ହୋଇଛୁ—ଯେପରି ଆତ୍ମ ନିର୍ଭର ଶୀଳ ହେବ, ସେ ଦିଗରେ ସେ ଉଦ୍ୟମ କରିବେ ।

ବଡ଼ହିଅ ପାଠ ପଢ଼ିବା ଦ୍ୱାରା ଉପକାର ହେବ ବୋଲି ସେ ଧାରଣା ପୋଷଣ କରନ୍ତି ବୋଲି ଅଭିମତ ଦେଲେ ।

କର୍ମପନ୍ଥା ସଂପର୍କରେ ସେ କହିଲେ ଯେ ଦାରିଦ୍ର୍ୟ ଘୁଞ୍ଚାଇବା ତାଙ୍କର ପ୍ରଧାନ କାମ । ସେଥିପାଇଁ କଠିନରେ ରହି ହାତରେ ରୋଷେଇ ଘର ଚଳିବା ପାଇଁ ସେ ସ୍ଥିର କରିଛନ୍ତି । ସେ ଦୃଢ଼ ଭାବରେ କହିଲେ ଯେ ଏ କାର୍ଯ୍ୟ ଖୁବ୍ ସହଜ ନୁହେଁ ବା ଅଳ୍ପ ସମୟ ମଧ୍ୟରେ ହୋଇପିବା ସମ୍ଭବ ନୁହେଁ । ଏଥିପାଇଁ କେବଳ ଅଭିଯାନ ଚଳାଇବାକୁ ହେବ ।

ଟିଭିସନ ମାଷ୍ଟର ପାଇଁ ଟଙ୍କା ମଞ୍ଜୁର, ଶାଢ଼ୀ କିଣା ଗୃହର ଦରମା ଇତ୍ୟାଦି ନାନା ପ୍ରସ୍ତାବ ସମ୍ପର୍କରେ ଆଲୋଚନା ବେଳେ ବିରୋଧି ଦଳରୁ ବହୁ ବାଦପ୍ରତିବାଦ ହୋଇଥିଲା । ଦେବ ମହାପାତ୍ର କହିଲେ ଯେ ସେ ଦାବୀ ପ୍ରତି ସର୍ବଦା ସମର୍ଥନ ଜଣାଇ ଆସିଛନ୍ତି । ସମସ୍ତ ବିବାଦ ଆପୋଷରେ ତୁଟାଇବାକୁ ଚାହାନ୍ତି ବୋଲି ଆଶା ପ୍ରକାଶ କରିଥିଲେ ।

ସ୍ତ୍ରୀଙ୍କର ଭିଟାମିନ ବି କମ୍ପ୍ଲେକ୍ସ ଖାଇବା ସମ୍ପର୍କରେ ସେ କହିଲେ ଯେ ସ୍ୱାସ୍ଥ୍ୟ ବିକାଶ ଲାଗି ଗର୍ଭାନ୍ତ ନ ହୋଇ ଆୟୁର୍ବେଦ ପଦ୍ଧତିର ପୂର୍ଣ୍ଣ ସୁଯୋଗ ନିଅଯିବା ଉଚିତ ।

ଅର୍ଥନୈତିକ ସମ୍ପର୍କ ଦୃଢ଼ୀଭୂତ କରିବା ବିଷୟରେ ଜନ୍ମ ନିୟନ୍ତ୍ରଣ ଯୋଜନା କାର୍ଯ୍ୟକାରୀ କରିବାପାଇଁ ଅଗ୍ରସର ହେବା ଉଚିତ ବୋଲି ସେ ଦୃଢ଼ମତ ପ୍ରକାଶ କରିଥିଲେ।

୧୦।୧।୫୮—ଦେବ ମହାପାତ୍ର ଅଜି ଉପରଓଳ ସିଠାପୁର ରାସ୍ତାରେ ଯିବା ସମୟରେ ଗୋଟିଏ ବ୍ୟବସାୟୀର ମଧୁର କଣ୍ଠ ସ୍ୱରରେ ଆକୃଷ୍ଟ ହୋଇ ତାହାକୁ ନିକଟକୁ ଡାକିଥିଲେ— ବ୍ୟବସାୟୀଟି କହୁଥିଲା—"ଏତ ଗରମ ଗରମ ମଜାରେ, ଏତ ଥି ବାରମଜା। ସନ୍ଧ୍ୟାରୁ ନଉଅ ଲଗିବ ବଢ଼ିଅ ଏତ ମଜାଙ୍କ ଭିତରେ ରଜାରେ ଏତ ଥି ବାରମଜା।" ଦେବ ମହାପାତ୍ର କହିଲେ—"ଏ କଥା ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ବସ୍ତୁତଃ ଯଥାର୍ଥ ଏବଂ ପ୍ରକୃତରେ ଏହା ସବୁ ମଜାଙ୍କ ମଧ୍ୟରେ ରଜା ହୋଇଥାଏ ତାହାହେଲେ ଦୁଇ ଅଣାର ଦାଅ!"

କେମିତି ଲାଗୁଛି ଡାଇରୀ? ଆପଣ ଏମିତି ଗୋଟାଏ ଡାଇରୀ ଲେଖା ଆରମ୍ଭ କରନ୍ତୁ ଦେଖିବେ, ଅଭୁଲତା କେମିତି ଜମି ଆସୁଛି!